# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, September 2/2019 | ★★★★★★

୪୫ଶ ଭାଗ ୨୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KP
KAMLA PASAND
Anokha Swad
KP GROUP
PAN MASALA
Watch at:
You Tube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨/୨୦୧୯ | Bhubaneswar, Monday, September 2/2019 | ପୃଷ୍ଠା-୧




**ଫିଲ୍ମ ଶୁଟିଂ ସହଜ କହିଲେ ଜୁବେର**

ଟିଭି ଶୋ' ତୁଳନାରେ ଫିଲ୍ମ ଶୁଟିଂ ସହଜ ବୋଲି କହିଛନ୍ତି ବଲିଉଡ୍ ଅଭିନେତା ଜୁବେର କେ. ଖାନ୍।

୦୭

୧୭

**ଯଶସ୍ୱିନୀଙ୍କୁ ସ୍ୱର୍ଣ୍ଣ ପଦକ**

ଆଇଏସ୍ଏସ୍ଏଫ୍ ରାଇଫଲ/ ପିସ୍ତଲ ବିଶ୍ୱକପ୍‌ରେ ଭାରତର ଯଶସ୍ୱିନୀ ସିଂ ଦେଶୱାଲ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ସଙ୍କଟରେ 'ବ୍ୟାଙ୍କ ଅନ୍ ହୁଇଲ୍ସ'

ଅନୀଲ ଦାସ

ଭୁବନେଶ୍ୱର,୧।୯

- ଖର୍ଚ୍ଚ ବୋଝ ବୋହିବାକୁ ଡିସିସିବି ଅମଙ୍ଗ
- ଖର୍ଚ୍ଚ ଦେବାକୁ ମଙ୍ଗୁ ନାହାନ୍ତି ରାଜ୍ୟ ସରକାର
- ଇଣ୍ଟରନେଟ ସାଜିଛି ବାଧକ




ରାଜ୍ୟର ଦୁର୍ଗମ ଅଞ୍ଚଳକୁ ବ୍ୟାଙ୍କ ସୁବିଧା ଯୋଗାଇ ଦେବା ସକାଶେ ରାଜ୍ୟ ସରକାର ଆରମ୍ଭ କରିଥିଲେ 'ବ୍ୟାଙ୍କ ଅନ୍ ହୁଇଲ୍ସ' ଯୋଜନା। ବହୁ ଆଡ଼ମ୍ବରରେ ଆରମ୍ଭ କରାଯାଇଥିବା ଏହି ଯୋଜନା ପ୍ରାୟ ୪ ବର୍ଷ ପରେ ବାଟ ହୁଡ଼ିଲାଣି। ଦୁର୍ଗମ ଅଞ୍ଚଳକୁ ଆଉ ଗଡୁ ନାହିଁ ବ୍ୟାଙ୍କ ଗାଡ଼ି। ଏହି ଯୋଜନା କାର୍ଯ୍ୟକାରୀ କରୁଥିବା ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଡିସିସିବି)ଗୁଡିକ ଖର୍ଚ୍ଚ ବୋଝରେ ଅତିଷ୍ଠ ହେଲେଣି। ଠିକ୍ ଢଙ୍ଗରେ ରକ୍ଷଣାବେକ୍ଷଣ କରାଯାଇ ପାରୁ ନ ଥିବାରୁ ବ୍ୟାଙ୍କ ସେବା ଯୋଗାଇବାକୁ କିଣାଯାଇଥିବା ଗାଡ଼ି ଖତ ଖାଇବାକୁ ମଧ ବସିଲାଣି।

୨୦୧୫ ସେପ୍ଟେମ୍ବର ୯ରେ ରାଜ୍ୟ ସରକାର ଏହି ଯୋଜନା ଆରମ୍ଭ କରିଥିଲେ। ରାଜ୍ୟର ଆଦିବାସୀ ବହୁଳ ଅଞ୍ଚଳ ଏବଂ ବ୍ୟାଙ୍କ ସୁବିଧା ନ ଥିବା ଅଞ୍ଚଳରେ ଏହି ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଥିରେ ଗରିବ ଆଦିବାସୀ ଏବଂ ଚାଷୀମାନେ ଉପକୃତ ହୋଇଥାଆନ୍ତେ। ପ୍ରଥମ ପର୍ଯ୍ୟାୟରେ ୧୬ ଜିଲାର ୨୦ଟି ଆଦିବାସୀ ବହୁଳ ଓ ପଛୁଆ ବ୍ଲକକୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ଏଥିପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆରକେଭିୱାଇ)ରେ ୨୦ଟି ମିନିବସ୍ କିଣିବା ପାଇଁ ୬ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। କେନ୍ଦୁଝର ଜିଲାର ବାଂଶପାଳ ଓ ତେଲକୋଇ, ନବରଙ୍ଗପୁର ଜିଲାର କୋଷାଗୁମୁଡା, କୋରାପୁଟ ଜିଲାର ଦଶମନ୍ତପୁର, ରାୟଗଡା ଜିଲାର ପଦ୍ମପୁର, ସୁନ୍ଦରଗଡ଼ ଜିଲାର ଲାଠିକଟା ଓ କୁଆଁରମୁଣ୍ଡା, ଗଜପତି ଜିଲାର ଆର. ଉଦୟଗିରି, କଳାହାଣ୍ଡି ଜିଲାର କର୍ଲାମୁଣ୍ଡା, ଥୁଆମୂଳ ରାମପୁର, ମୟୂରଭଞ୍ଜ ଜିଲାର ତିରିଙ୍ଗି, ଶ୍ୟାମାଖୁଣ୍ଟା, ସମ୍ବଲପୁର ଜିଲାର ଜୁଜୁମୁରା, ଅନୁଗୋଳ ଜିଲାର ପାଲଲହଡା, ଢେଙ୍କାନାଳ ଜିଲାର ପରଜଙ୍ଗ, ବୌଦ୍ଧ ଜିଲାର କଣ୍ଟାମାଳ, କନ୍ଧମାଳ ଜିଲାର ଦାରିଙ୍ଗବାଡି, ନୟାଗଡ ଜିଲାର ଦଶପଲ୍ଲା, ଗଞ୍ଜାମ ଜିଲାର ଜଗନ୍ନାଥପ୍ରସାଦ ଓ ମାଲକାନଗିରି ଜିଲାର କୁଡୁମୁଲୁଗୁମା ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ପ୍ରତ୍ୟେକ ବ୍ଲକକୁ ଗୋଟିଏ ଲେଖାଏ ମିନିବସ୍ ଯୋଗାଇ ଦିଆଯାଇଛି। ଏହି ଯୋଜନାରେ ଲୋକେ ଘର ପାଖରେ ବ୍ୟାଙ୍କ ସୁବିଧା ପାଇପାରିବେ। ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହ ଏଟିଏମ୍‌ରୁ ପଇସା ଉଠାଇ ପାରିବେ। ଏହାର ତଦାରଖ ଦାୟିତ୍ୱ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ(ଓଏସ୍‌ସିବି) ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଓଏସସିବିରେ ଥିବା ଡାଟା ସେଣ୍ଟର ସହ ତାହାକୁ ସଂଯୋଗ କରାଯିବ। ସମବାୟ ବ୍ୟାଙ୍କ ଖାତାଧାରୀମାନେ ଗାଡ଼ିରେ ଲାଗିଥିବା କିଓସ୍କୋ ଜରିଆରେ ବ୍ୟାଙ୍କ ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ। ଏହାଛଡ଼ା ବ୍ୟାଙ୍କ ଅନ୍ ହୁଇଲ୍ସରେ ଲାଗିଥିବା ଟେଲିଭିଜନ ପରଦାରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ବିଭିନ୍ନ ସ୍କିମ ଏବଂ ସେବା ବିଷୟରେ ତଥ୍ୟ ଉପଲବ୍ଧ ହୋଇପାରିବ। ମୋଟାମୋଟି କହିବାକୁ ଗଲେ ଏହା ଏକ କ୍ଷୁଦ୍ର ବ୍ୟାଙ୍କ ଭଳି କାର୍ଯ୍ୟ କରିବ। କିଷାନ କ୍ରେଡିଟ କାର୍ଡ ପାଇଥିବା ବ୍ୟକ୍ତି ଓ ବ୍ୟାଙ୍କ ଖାତାଧାରୀମାନେ ଏହା ଜରିଆରେ ଟଙ୍କା ଦେଣନେଣ କରିପାରିବେ। ଜିଲା ସମବାୟ ବ୍ୟାଙ୍କ ଉପରେ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି। ଆରମ୍ଭ ବେଳେ ବ୍ୟାଙ୍କଗୁଡିକ ଏହି ଗାଡ଼ିଗୁଡିକୁ ଉତ୍ସାହର ସହ ନେଇଯାଇଥିଲେ। ତେବେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଜନିତ ବ୍ୟୟ ଭାରରେ ବ୍ୟାଙ୍କଗୁଡିକ ନୟାନ୍ତ ହେଲେଣି। ସମୁଦାୟ ୨୦ ଗାଡ଼ିରୁ ୧୪ଟି କାଁଭାଁ ଚାଲୁଥିବା ବେଳେ ୬ଟି ଅଚଳ ହୋଇପଡିଛି। ଦୁର୍ଗମ ଅଞ୍ଚଳରେ ଇଣ୍ଟରନେଟ ସୁବିଧା ନ ଥିବାରୁ ହାଟ ବଜାରଗୁଡିକରେ ବ୍ୟାଙ୍କ ସୁବିଧା ଯୋଗାଇବା ସମ୍ଭବ ହେଉନାହିଁ ବୋଲି ଓଏସସିବି ପକ୍ଷରୁ କୁହାଯାଉଛି। ମାତ୍ର ଅସଲ କଥା ହେଲା, ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଏହି ଯୋଜନାର ଖର୍ଚ୍ଚ ବହନ କରିବା ନେଇ ନାକେଦମ ହେଲାଣି। ବ୍ୟାଙ୍କ ଅନ୍ ହୁଇଲ ସେବା ଯୋଗାଇ ଦେବାକୁ ଦିନକୁ ୩୦ କିଲୋମିଟର ସକାଶେ ୧୫ ଲିଟର ଡିଜେଲ ଓ ଦୁଇଜଣ କର୍ମଚାରୀଙ୍କ ଖର୍ଚ୍ଚ ବାବଦରେ ମାସକୁ ହାରାହାରି ୧୫ରୁ ୨୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏହାଛଡା ଗାଡିଗୁଡିକର ରକ୍ଷଣାବେକ୍ଷଣ ବାବଦରେ ମଧ ଆହୁରି ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ପ୍ରତ୍ୟେକ ଗାଡି ପିଛା ୨ ଲକ୍ଷ ଟଙ୍କା ହିସାବରେ ବାର୍ଷିକ ୪୦ ଲକ୍ଷ ଟଙ୍କା ଦେବାକୁ ବ୍ୟାଙ୍କଗୁଡିକ ରାଜ୍ୟ ସରକାରଙ୍କ ନିକଟରେ ଗତ ଦେଢ ବର୍ଷ ହେବ ଦାବି କରି ଆସୁଛନ୍ତି। ମାତ୍ର ସରକାର ଏ ବାବଦରେ ଟଙ୍କାଟିଏ ସୁଦ୍ଧା ଦେବାକୁ ରାଜି ହେଉନାହାନ୍ତି। ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଏହି ଯୋଜନା ଫେଲ ମାରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ଫନୀ ବାତ୍ୟା ବେଳେ ସେଥିରୁ କିଛି ଗାଡ଼ି ଆଣି ପୁରୀରେ ବ୍ୟାଙ୍କ ସୁବିଧା ଯୋଗାଇ ଦିଆଯାଇଥିଲା। ଗୋଟିଏ ପଟେ ଆର୍ଥିକ ସଙ୍କଟ ଦେଖା ଦେଇଥିବା ବେଳେ ଅନ୍ୟ ପଟେ ଇଣ୍ଟରନେଟ ଅପହଞ୍ଚ ଏହି ଯୋଜନାକୁ ଆହୁରି ବାଟବଣା କରିଛି।

ଏ ସମ୍ପର୍କରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଜଣେ ସମ୍ପାଦକ କହିଛନ୍ତି ଯେ, ଖର୍ଚ୍ଚ ବଢୁଥିବାରୁ ଏହି ଯୋଜନା ଚଳାଇବା ବ୍ୟାଙ୍କ ପକ୍ଷେ କଷ୍ଟକର ହେଉଛି। ସରକାର ଗାଡି ଗୁଡିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ବହନ ନ କଲେ ଏହି ଯୋଜନା ସଫଳ ହେବ ନାହିଁ।

# ୭୫ ମିଟର ଭିତରେ ସୀମିତ ରହିବ ଉଚ୍ଛେଦ

ପୁରୀ ଅଫିସ, ୧।୯

- ଅନ୍ୟ ରାସ୍ତା ସମ୍ପ୍ରସାରଣ ଯୋଜନା ନାହିଁ
- ୨୬ ଦୋକାନୀଙ୍କୁ ଥଇଥାନ
- ୩ରେ ଭଙ୍ଗାଯିବ ବଡ଼ ଆଖଡ଼ା ମଠ



ଶ୍ରୀମନ୍ଦିରର ସୁରକ୍ଷା ଏବଂ ପୁରୀର ବିକାଶ ପାଇଁ ମେଘନାଦ ପ୍ରାଚୀର ଚତୁଃପାର୍ଶ୍ୱର ୭୫ ମିଟର ପରିଧି ମଧ୍ୟରେ ଥିବା ନିର୍ମାଣ ଉଚ୍ଛେଦ କରାଯିବ। ଏହି ପରିସୀମା ମଧ୍ୟରେ ଥିବା ମଠ ଓ ମନ୍ଦିରର ଗାଦିଘର ଏବଂ ଦେବଦେବୀଙ୍କ ବିଜେସ୍ଥଳୀକୁ ସୁରକ୍ଷିତ ରଖାଯାଇ ଅନ୍ୟ ନିର୍ମାଣ ଭଙ୍ଗାଯିବ। କ୍ଷତିଗ୍ରସ୍ତଙ୍କୁ ଥଇଥାନ କରାଯିବ। ଏହି ୭୫ ମିଟର ମଧ୍ୟରେ ହିଁ ଉଚ୍ଛେଦ କାମ ସୀମିତ ରହିବ। ଏହାବାଦ୍ ସହରର ଅନ୍ୟ କୌଣସି ରାସ୍ତାଘାଟ ସମ୍ପ୍ରସାରଣ ଯୋଜନା ନାହିଁ ବୋଲି କହିଛନ୍ତି ଜିଲାପାଳ ବଲୱନ୍ତ ସିଂ।

ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଥିଲେ, ଉଚ୍ଛେଦକୁ ନେଇ ନାନା ପ୍ରକାର ଗୁଜବ ହେଉଛି। ବିଭିନ୍ନ ଗଳିକନ୍ଦିରେ ଉଚ୍ଛେଦ ହେବ, ବଡ଼ଦାଣ୍ଡ ସମ୍ପ୍ରସାରଣ କରାଯିବ ଏମିତି ନାନା ପ୍ରକାର ଆଲୋଚନା କରାଯାଉଛି। କିନ୍ତୁ ଶ୍ରୀମନ୍ଦିରର ସୁରକ୍ଷା ପାଇଁ କ୍ୟାବିନେଟର ନିଷ୍ପତ୍ତି ମୁତାବକ କେବଳ ମେଘନାଦ ପାଚେରିଠାରୁ ୭୫ ମିଟର ମଧ୍ୟରେ ହିଁ ଏହି ଉଚ୍ଛେଦ କାର୍ଯ୍ୟ କରାଯିବ। ପ୍ରଥମ ପର୍ଯ୍ୟାୟରେ ଅସୁରକ୍ଷିତ ନିର୍ମାଣ ଭଙ୍ଗା ଯାଉଛି। ଏହାପରେ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ସର୍ଭେ ପରେ ଆଗକୁ ବଢିବ ପ୍ରଶାସନ। କିନ୍ତୁ କୌଣସି ଲେନ୍ କିମ୍ବା ଜାଗାରେ ରାସ୍ତା ପ୍ରଶସ୍ତ କରାଯିବାର ଯୋଜନା ନାହିଁ। ତେବେ ୭୫ ମିଟର ମଧ୍ୟରେ ଯେତେ ବି ମଠ ଆସିବ ସେଠାରେ ପୂଜା ପାଉଥିବା ଦେବଦେବୀଙ୍କ ବିଜେସ୍ଥଳୀ ଏବଂ ଗାଦି ଘରକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରଖାଯିବ। ଏସବୁକୁ ସଂରକ୍ଷଣ, ବିକାଶ ଏବଂ ଆକର୍ଷଣୀୟ କରାଯିବ। ଏହି ଐତିହ୍ୟର ସଂରକ୍ଷଣ ଲାଗି ରାଜ୍ୟ ସରକାର ସଂରକ୍ଷଣ ସହାୟକଙ୍କୁ ନିଯୁକ୍ତ କରିବାକୁ ଯାଉଛନ୍ତି। ତେବେ ପୂର୍ବରୁ କୌଣସି ଦର୍ଶନାର୍ଥୀ ବା ଶ୍ରଦ୍ଧାଳୁ ମଠଗୁଡ଼ିକୁ ଯାଇ ସେଠାକାର ଦେବଦେବୀଙ୍କୁ ଭଲ ଭାବେ ଦର୍ଶନ କରିପାରୁ ନ ଥିଲେ। ଏବେ ମୁକ୍ତ ପରେ ସମସ୍ତେ ମଠରେ ପୂଜା ପାଉଥିବା ଦେବଦେବୀଙ୍କୁ ☞ପୃଷ୍ଠା-୨

■ ଅର୍ଥନୀତି ନେଇ ମୁହଁ ଖୋଲିଲେ ମନମୋହନ ସିଂହ

# ତ୍ରୁଟିପୂର୍ଣ୍ଣ ପରିଚାଳନାରୁ ମାନ୍ଦାବସ୍ଥା

ନୂଆଦିଲ୍ଲୀ,୧।୯



ଦେଶର ଅର୍ଥନୀତି ଏବେ ଚିନ୍ତାଜନକ ସ୍ଥିତିରେ ରହିଛି। ମୋଦି ସରକାରଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁ ଅର୍ଥନୀତି ମାନ୍ଦାବସ୍ଥାର ବୁଡ଼ିଆଣି ଜାଲରେ ଛନ୍ଦି ହୋଇଯାଇଛି ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡ.ମନମୋହନ ସିଂହ କହିଛନ୍ତି।

ମନମୋହନଙ୍କ କହିବାନୁଯାୟୀ, ଦେଶର ଅର୍ଥନୀତି ଏବେ ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି। ମୋଦି ସରକାର ପ୍ରତିଶୋଧର ରାଜନୀତି ଛାଡ଼ନ୍ତୁ ବୋଲି ମନମୋହନ କହିବା ସହ ବିମୁଦ୍ରୀକରଣ ଓ ଜିଏସ୍‌ଟିକୁ 'ମାନବ ରଚିତ ସଙ୍କଟ' ବୋଲି ଅଭିହିତ କରିଛନ୍ତି। ତାଙ୍କର କହିବାନୁଯାୟୀ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପି ହାର ୫% ରହିବାରୁ ସ୍ପଷ୍ଟ ହେଉଛି ଯେ, ଭାରତର ଅର୍ଥନୀତି ଲମ୍ବା ଅବଧିର ମାନ୍ଦାବସ୍ଥା ଚକ୍ରରେ ଫସିଯାଇଛି। ଦେଶ ଦ୍ରୁତଗତିରେ ବଢ଼ିପାରିବ,କିନ୍ତୁ ମୋଦି ସରକାରଙ୍କ କୁପରିଚାଳନା କାରଣରୁ ଏବେ ମାନ୍ଦାବସ୍ଥା ମାଡି ଆସିଛି। ସେ କହିଛନ୍ତି ଯେ,ମାନବ ରଚିତ ସଙ୍କଟ ଯୋଗୁ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେଇଛି। ଏଥିରୁ ବାହାରିବା ଲାଗି ଚିନ୍ତାଶୀଳ ବ୍ୟକ୍ତିଙ୍କ ସହ ସରକାର ଆଲୋଚନା କରନ୍ତୁ। ଡ.ସିଂହ କହିଛନ୍ତି ଯେ, ବିନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ହାର ମାତ୍ର ୦.୬% ରହିବା ଅତ୍ୟନ୍ତ ଚିନ୍ତାଜନକ ବ୍ୟାପାର। ବିଭିନ୍ନ ପ୍ରତିଷ୍ଠାନକୁ ବରବାଦ୍ କରାଯାଉଛି ଏବଂ ସେମାନଙ୍କଠାରୁ ସ୍ୱାଧୀନତା ଛଡ଼ାଇ ନିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା କେନ୍ଦ୍ର ସରକାରଙ୍କୁ ୧.୭୬ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯିବା ଉପରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ, ଏତେ ବିଶାଳ ପରିମାଣ ରାଶି ଦେବା ପରେ କୌଣସି ବିପଦର ମୁକାବିଲା ବେଳେ ଆର୍‌ବିଆଇ ପରୀକ୍ଷାର ସମ୍ମୁଖୀନ ହେବ। ଘରୋଇ ଚାହିଦା ହ୍ରାସ ପାଇଛି, ବ୍ୟୟ ହାର ୧୮ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିସାରିଲାଣି। ସେହିପରି ଜିଡିପି ଅଭିବୃଦ୍ଧି ହାର ୧୫ ବର୍ଷର ସବୁଠାରୁ ନିମ୍ନରେ ରହିଥିବା ବେଳେ ଟିକସ ଆଦାୟ ଏବେ ସୁଦ୍ଧା ଅନେକ କମ୍ ରହିଛି ବୋଲି ଦେଶର ଅର୍ଥନୀତି ସ୍ଥିତି ସଂକ୍ରାନ୍ତରେ ଉଲ୍ଲେଖ କରି ମନମୋହନ ଏହା କହିଛନ୍ତି। ଜିଏସ୍‌ଟି ଲାଗୁ ହେବା ପରେ ଟିକସ ସଂଗ୍ରହ ବଢ଼ିବ ବୋଲି ଆଶା କରାଯାଉଥିଲା ବେଳେ ତାହା ଦୃଷ୍ଟିଗୋଚର ହେଉନାହିଁ। ଛୋଟ ହେଉ କିମ୍ବା ବଡ଼, ସମସ୍ତ ବର୍ଗର ବ୍ୟବସାୟୀଙ୍କୁ ହଇରାଣ କରାଯାଉଛି। ☞ପୃଷ୍ଠା-୨

# ୫ ନୂଆ ରାଜ୍ୟପାଳ

ନୂଆଦିଲ୍ଲୀ,୧।୯(ପି.ଟି.)

କେନ୍ଦ୍ର ସରକାର ରବିବାର ୫ ରାଜ୍ୟ ପାଇଁ ନୂଆ ରାଜ୍ୟପାଳ ନିଯୁକ୍ତ କରିଛନ୍ତି। ମୁସ୍‌ଲିମ ନେତା ଅରିଫ ମହମ୍ମଦ ଖାନ୍‌ଙ୍କୁ କେରଳ ରାଜ୍ୟପାଳ କରାଯାଇଥିବାବେଳେ ଭାଜପା ନେତା ତଥା ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଗତ ସିଂ କୋଶୟାରୀଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ କରାଯାଇଥିବା ରାଷ୍ଟ୍ରପତି ଭବନ ସୂତ୍ରରୁ ଜଣାପଡିଛି। ସେହିପରି ତାମିଲନାଡୁରେ ଭାଜପା ସଭାପତି ଥିବା ତାମିଲିସାଇ ସୌନ୍ଦରରାଜନଙ୍କୁ ତେଲେଙ୍ଗାନା ରାଜ୍ୟପାଳ କରାଯାଇଥିବାବେଳେ ବର୍ତ୍ତମାନ ହିମାଚଳପ୍ରଦେଶର ରାଜ୍ୟପାଳ ଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ କଲରାଜ ମିଶ୍ରଙ୍କୁ ରାଜସ୍ଥାନ ଗଭର୍ନର ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବନ୍ଦାରୁ ଦତ୍ତାତ୍ରେୟ ହିମାଚଳପ୍ରଦେଶ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଛନ୍ତି।

ଅରିଫ ମହମ୍ମଦ ରାଜୀବ ଗାନ୍ଧୀ ସରକାରରେ ମନ୍ତ୍ରୀ ଥିଲେ। ତେବେ ଶାହବାନୋ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟକୁ ନିଷ୍କ୍ରିୟ କରିବା ☞ପୃଷ୍ଠା-୨

■ ପ୍ରଥମ ଦିନରେ ଗାଡ଼ି ଯାଞ୍ଚ କଡ଼ାକଡ଼ି

# ୧୦ ଗୁଣା ଜରିମାନା ଗଣିଲେ ଉଲ୍ଲଂଘନକାରୀ

ଭୁବନେଶ୍ୱର,୧।୯(ବ୍ୟୁରୋ)



ଭୁବନେଶ୍ୱର ଏଜି ଛକ ନିକଟରେ ଟ୍ରାଫିକ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି।

- ହଠାତ୍ ଏତେ ଟଙ୍କା ଦେବାକୁ ଯାତ୍ରୀ କୁନ୍ଥୁ କୁନ୍ଥୁ
- ପୋଲିସ ପକ୍ଷରୁ କରାଯିବ ସରପ୍ରାଇଜ୍ ଯାଞ୍ଚ

ସାରା ଦେଶରେ ନୂଆ ମୋଟର ଆଇନ ରବିବାରଠାରୁ ଲାଗୁ ହୋଇଛି। ଏହି ଆଇନ ଅନୁସାରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧୦ ଗୁଣା ଜରିମାନା ଆଦାୟ କରାଯାଉଛି। ପ୍ରଥମ ଦିନରେ ରାଜ୍ୟର ବିଭିନ୍ନ ଜିଲାର ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ବିଶେଷକରି କଟକ, ଭୁବନେଶ୍ୱର, ରାଉରକେଲା, ପୁରୀ ଓ ଅନ୍ୟ ସହରଗୁଡ଼ିକରେ ମଧ ପ୍ରଥମ ଦିନରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଥିଲା। ଯେଉଁମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିଲେ ସେମାନଙ୍କଠାରୁ ପୋଲିସ ମୋଟା ରକମର ଜରିମାନା ଆଦାୟ କରିଛି। ଏପରିକି ପ୍ରଥମ ଦିନରେ ମଧ ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ସ୍କୁଲ ପିଲାଙ୍କୁ ପୋଲିସ ଧରି ଜରିମାନା ଆଦାୟ କରିଥିଲା।

ରାଜଧାନୀରେ ଟ୍ରାଫିକ୍ ପୋଲିସ ପକ୍ଷରୁ ରବିବାର ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ଛକର ଦୁଇ ପାର୍ଶ୍ୱରେ ଟ୍ରାଫିକ୍ ପୋଲିସ ଛକି ରହୁଥିଲେ। ବିନା ହେଲମେଟ୍ କିମ୍ବା ସିଟ୍‌ବେଲ୍ଟ ବାନ୍ଧି ନ ଥିବା କାର ଚାଳକଙ୍କୁ ପୋଲିସ ମାଡ଼ି ବସୁଥିଲା। ଏପରିକି ଅନେକେ ନୂଆ ନିୟମ ବିଷୟରେ ଜାଣି ନ ଥିବା, ପରବର୍ତ୍ତୀ ସମୟରେ ଏଭଳି ଭୁଲ କରିବେ ନାହିଁ ବୋଲି କହିଥିଲେ ମଧ ପୋଲିସ ସେମାନଙ୍କୁ ଛାଡ଼ି ନ ଥିଲା। ବିଶେଷ କରି ଭୁବନେଶ୍ୱରର ଏଜି ଛକ, ନାଲ୍‌କୋ ଛକ, ରାଜମହଲ, ପଟିଆ, ରାମମନ୍ଦିର, ସିଆରପି, ଆଚାର୍ଯ୍ୟବିହାର, ଜୟଦେବବିହାର ଛକ ଆଦି ସ୍ଥାନରେ ବଡ଼ଧରଣର ଯାଞ୍ଚ ☞ପୃଷ୍ଠା-୨

**ପରିବର୍ତ୍ତନର ବାର୍ତ୍ତାବହ ହୁଅ: ନବୀନ**

........୩..........

**ଆଜିର ସମ୍ପାଦକୀୟ**

**ବିଦେଶୀ କିଏ**

**ଆଜିର ମନ୍ତବ୍ୟ**

"କଶ୍ମୀର ପ୍ରସଙ୍ଗରେ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସ ନେତାମାନେ ଲଜ୍ଜିତ ହେବା ଉଚିତ।

–ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 01.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 52 | 96 | 106 |
| DKL | 52 | 96 | 106 |
| BDK | 52 | 96 | 106 |
| BLS | 52 | 96 | 106 |
| ANG | 49 | 92 | 102 |
| BHM | 50 | 93 | 103 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers


# ଆଣ୍ଡାମାନରେ ଚାଇନାର ଗୁପ୍ତଚର ଜାହାଜ

ଚେନ୍ନାଇ,୧।୯



- ସଂଗ୍ରହ କରୁଛି ନୌସେନାର ଗୋପନୀୟ ପ୍ରତିରକ୍ଷା ତଥ୍ୟ
- ବାଲିଷ୍ଟିକ୍ ମିଶାଇଲ୍‌ର ଅବସ୍ଥିତି ଠାବ କରିବାରେ ସକ୍ଷମ
- ପାକିସ୍ତାନ ସହ ମିଶି ଭାରତ ବିରୋଧରେ ବ୍ୟବହାର କରିପାରେ ପିଏଲ୍ଏ

ଭାରତର ସ୍ଥଳଭାଗ ପରେ ଜଳପଥରେ ଅନୁପ୍ରବେଶ କରୁଛି ଚାଇନା। ଭାରତୀୟ ମହାସାଗର କ୍ଷେତ୍ର (ଆଇଓଆର୍)ରେ ଚାଇନାର ଆଡ୍‌ଭାନ୍ସ ସର୍ଭିଲାନ୍ସ ଜାହାଜ ପ୍ରବେଶ କରି ନୌସେନାର ଅତ୍ୟନ୍ତ ସମ୍ବେଦନଶୀଳ ତଥା ଗୋପନୀୟ ତଥ୍ୟ ସଂଗ୍ରହ କରୁଛି। ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ନିୟମିତ ଭାବେ ଏହାର ଗୁପ୍ତଚର ଜାହାଜକୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଉପକୂଳକୁ ପଠାଉଥିବା ଜଣାପଡ଼ିବା ପରେ ଭାରତର ପ୍ରତିରକ୍ଷା ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି ହୋଇଛି।

କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକର ରିପୋର୍ଟ ଅନୁସାରେ ନିକଟରେ ଚାଇନା ଏକ ଗୁପ୍ତଚର ଜାହାଜକୁ ଭାରତର ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍ (ଇଇଜେଡ୍)କୁ ପଠାଇଥିଲା। 'ଡାଇଆନ୍‌ୱାଙ୍ଗ୍‌ଜିଙ୍ଗ୍' ନାମକ ଡୋଙ୍ଗ୍‌ଡିଆଓ ଶ୍ରେଣୀର ଏହି ଜାହାଜ ସେଠାରେ କିଛିଦିନ ରହି ଭାରତୀୟ ନୌସେନା ଶିବିରଗୁଡ଼ିକର ଗୋପନୀୟ ତଥ୍ୟ ସଂଗ୍ରହ କରିଥିଲା। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପୂର୍ବାଞ୍ଚଳ ସମୁଦ୍ର ସୀମାରେ ଏହାକୁ ଠାବ କରାଯାଇଥିଲା। କେବଳ ଥରେ ନୁହେଁ, ବରଂ ନିୟମିତ ଭାବେ ପିଏଲ୍ଏର ଜାହାଜ ଆଇଓଆର୍‌କୁ ଆସି ଏପରି ତଥ୍ୟ ଯୋଗାଡ଼ କରୁଛି। ସେଠାକାର କେଉଁ କେଉଁ ସ୍ଥାନରେ ଭାରତୀୟ ନୌସେନା ଘାଟି ରହିଛି ଓ ଯୁଦ୍ଧଜାହାଜ ମୁତୟନ କରାଯାଇଛି ସେନେଇ ଉଚ୍ଚକ୍ଷମତାସମ୍ପନ୍ନ ସର୍ଭିଲାନ୍ସ ଜରିଆରେ ଗୁପ୍ତଚରଗିରି କରିବା ପରେ ଚାଇନାକୁ ତଥ୍ୟ ପ୍ରେରଣ କରୁଛି। ଏହି ଜାହାଜରେ ତିନୋଟି ସାଟେଲାଇଟ୍ କମ୍ୟୁନିକେଶନ ରହିଛି। ଏହାର ବୃହତ୍ ଆଣ୍ଟିନା ବୈଦ୍ୟୁତିକ ଗୋଇନ୍ଦା ସଙ୍କେତକୁ ଅନୁଧ୍ୟାନ ଓ ବାଲିଷ୍ଟିକ୍ ମିଶାଇଲ୍‌ର ଅବସ୍ଥିତିକୁ ଠାବ କରିବାରେ ସକ୍ଷମ।

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ହେଉଛି ନୌସେନାର ଏକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ଘାଟି। ପୋର୍ଟ ବ୍ଲେୟାରରେ ଭାରତୀୟ ସଶସ୍ତ୍ର ବଳର ପ୍ରଥମ ଓ ଏକମାତ୍ର ଟ୍ରାଇ-ସର୍ଭିସ୍ ଥିଏଟର କମାଣ୍ଡ ରହିଛି। ଉକ୍ତ କ୍ଷେତ୍ରରେ ଟାଇପ୍ ୮୧୫ଜି ଶ୍ରେଣୀର ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ସର୍ଭିଲାନ୍ସ ଜାହାଜ ଡାଇଆନ୍‌ୱାଙ୍ଗ୍‌ଜିଙ୍ଗ୍‌ର ଉପସ୍ଥିତି ଭାରତୀୟ ନିରାପତ୍ତା ପ୍ରତିଷ୍ଠାନଗୁଡ଼ିକ ପାଇଁ ବିପଦ ସୃଷ୍ଟି କରିଛି। ଗତ ଡିସେମ୍ବରରେ ମଧ ଏହି ଜାହାଜ ଆଇଓଆର୍‌ରେ ଦୁଇ ସପ୍ତାହ ଧରି ଘୂରି ବୁଲୁଥିଲା ବୋଲି ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚାଇନା ଏହାର ସହଯୋଗୀ ପାକିସ୍ତାନର ଗ୍ୱାଦର ଓ କରାଚୀ ନୌସେନା ଘାଟିର ଆଧୁନିକୀକରଣ କରୁଛି। ଭାରତ ଉପରେ ଗୁପ୍ତଚରଗିରି କରିବା ପାଇଁ ଚାଇନା ଏହି ଘାଟିଗୁଡ଼ିକୁ ବ୍ୟବହାର କରୁଛି। ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀର ସମ୍ପର୍କିତ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ନେଇ ଚାଇନା କ୍ଷୁବ୍ଧ ହୋଇଛି। ଏଭଳି ସ୍ଥିତିରେ ସଂଗୃହୀତ ଗୋପନୀୟ ତଥ୍ୟକୁ ଭାରତ ବିରୋଧରେ ଚାଇନା ଓ ପାକିସ୍ତାନ ବ୍ୟବହାର କରିପାରନ୍ତି ବୋଲି ଆଶଙ୍କା କରାଯାଉଛି। ତେଣୁ ଭାରତୀୟ ଜଳସୀମାରେ ରହଣି କାଳରେ ଏହି ଜାହାଜ ବେଜିଂକୁ କେଉଁସବୁ ଗୋପନୀୟ ତଥ୍ୟ ପଠାଇଛି ଏବଂ ଏହା ପଛରେ କି ଉଦ୍ଦେଶ୍ୟ ରହିଛି ତାହା ଜାଣିବା ପାଇଁ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଖୋଳତାଡ଼ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଅଦ୍ୱିକ
ପରିବାରବର୍ଗ


ଦିପ୍ତୀ ରଞ୍ଜନ
ପରିବାରବର୍ଗ


ରେୟାନ୍
ପରିବାରବର୍ଗ


ରିଧି
ପରିବାରବର୍ଗ


ସୁନେନା
ପରିବାରବର୍ଗ


ସୁଚିସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଅଗଷ୍ଟରେ ଦେଶର କୋଇଲା ଉତ୍ପାଦନ ୧୦.୩% ହ୍ରାସ ଘଟି ୩୪.୭୭ ମିଲିୟନ ଟନ୍ ରହିଛି।

– କୋଲ୍ ଇଣ୍ଡିଆ ଲିମିଟେଡ

ପ୍ରଥମ ପୃଷ୍ଠାରୁ...

## ତ୍ରୁଟିପୂର୍ଣ୍ଣ...

ଟିକସ ଆତଙ୍କବାଦ କମୁନାହିଁ। ନିବେଶକ ସମ୍ପୂର୍ଣ୍ଣ ଭାବେ ନିରୁତ୍ସାହିତ। ଏଭଳି ସ୍ଥିତିରେ ମାନ୍ଦାବସ୍ଥାରୁ ବାହାରି ଆସିବା ଅସମ୍ଭବ ବୋଲି ସେ କହିଛନ୍ତି। ରୋଜଗାରହୀନ ଅର୍ଥନୀତିକୁ ନେଇ ମୋଦି ସରକାରଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ, କେବଳ ଅଟୋମୋବାଇଲ କ୍ଷେତ୍ରରେ ସାଢ଼େ ୩ ଲକ୍ଷରୁ ଅଧିକ କର୍ମଚାରୀ ବେକାର ହୋଇଗଲେଣି। ସେ କହିଛନ୍ତି ଯେ, ଅସଂଗଠିତ କ୍ଷେତ୍ରରେ ବଡ଼ ଧରଣର ନିଯୁକ୍ତି ହ୍ରାସ ପାଇଛି। ଫଳରେ ଅତି ଦୁର୍ବଳ ଶ୍ରେଣୀ ଏହାଦ୍ୱାରା ବେଶି ପ୍ରଭାବିତ। ଗ୍ରାମୀଣ ଭାରତର ଅବସ୍ଥା ଏବେ ଅତ୍ୟନ୍ତ ସାଂଘାତିକ। କାରଣ କୃଷକଙ୍କୁ ସେମାନଙ୍କ ଫସଲର ଉଚିତ ଦାମ ମିଳୁନାହିଁ। ଫଳରେ ଗ୍ରାମାଞ୍ଚଳର ଆୟ କମିବାରେ ଲାଗିଛି। ମୋଦି ସରକାର ମୁଦ୍ରାସ୍ଫୀତି ହ୍ରାସ କରିଥିବା ଡିଣ୍ଡିମ ପିଟୁଥିବା ବେଳେ ଏହାର ପ୍ରଭାବ ଚାଷୀ ଓ ସେମାନଙ୍କ ଆୟ ଉପରେ ପଡିଛି ବୋଲି ମନମୋହନ ଅଭିଯୋଗ କରିଛନ୍ତି।

## ୫ ନୂଆ...

ପାଇଁ ଅଣାଯାଇଥିବା ଆଇନକୁ ବିରୋଧ କରି ସେ ଇସ୍ତଫା ଦେଇଥିଲେ। କେରଳ ରାଜ୍ୟପାଳ ଥିବା ପୂର୍ବତନ ସିଜେଆଇ ପାଲାନିସାମୀ ସଥାଶିବମ୍‌ଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ରାଜସ୍ଥାନ ରାଜ୍ୟପାଳ ଥିବା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କ ସ୍ଥାନରେ ୭୮ ବର୍ଷୀୟ କଲରାଜଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ମହାରାଷ୍ଟ୍ର ରାଜ୍ୟପାଳ ଥିବା ସି. ବିଦ୍ୟାସାଗର ରାଓଙ୍କ ସ୍ଥାନରେ କୋଶୟାରୀ ଏବଂ ତେଲେଙ୍ଗାନା ରାଜ୍ୟପାଳ ଥିବା ଇଏସ୍‌ଏଲ୍ ନରସିଂହନଙ୍କ ସ୍ଥାନରେ ସୌନ୍ଦରରାଜନ ଦାୟିତ୍ୱ ଗ୍ରହଣ କରିବେ।

## ୧୦ ଗୁଣା...

କରାଯାଉଥିଲା। ଏପରି କି ଜେବ୍ରା କ୍ରସିଂ ଉପରେ ଗାଡ଼ି ରଖିବା, ଫୁଟ୍‌ପାଥ୍‌ରେ ଗାଡ଼ି ଚଲାଇବା ମାତ୍ରେ ପୋଲିସ ଏକ ହଜାର ଟଙ୍କା ଜରିମାନା ଆଦାୟ କରିଥିଲା। ଅନେକ ଲୋକ ଜରିମାନା ପ୍ରତି ସତର୍କ ହୋଇପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଥିଲା। କାରଣ ବାଇକ୍ ପଛରେ ବସିଥିବା ଲୋକ ମଧ୍ୟ ହେଲମେଟ୍ ପିନ୍ଧିଥିଲେ।

ଅନ୍ୟପକ୍ଷରେ ରବିବାର ସକାଳେ ଏକ ଘରୋଇ ଅନୁଷ୍ଠାନ ପକ୍ଷରୁ ଏଜି ଛକରେ ଲିଫଲେଟ୍ ବାଣ୍ଟି ଯାତ୍ରୀଙ୍କୁ ନୂଆ ଆଇନ ବିଷୟରେ ସଚେତନ କରିଥିଲେ। ଟ୍ରାଫିକ ନିୟମ ଉଲ୍ଲଂଘନ କରି ୧୦ ଗୁଣା ଜରିମାନା ଗଣିଥିବା ଅଧିକାଂଶ ଲୋକ ନୂଆ ମୋଟର ଆଇନ ବିଷୟରେ ଅବଗତ ନଥିବା କହିଛନ୍ତି। ଏଥିପାଇଁ ସଚେତନ କରିବା ଆବଶ୍ୟକ ବୋଲି ସେମାନେ କହିଥିଲେ। ଅନେକ ଯାତ୍ରୀଙ୍କଠାରୁ ଏଭଳି ଶୁଣିବା ପରେ ଶେଷରେ ପୋଲିସ ଡାକବାଜି ଯନ୍ତ୍ରରେ ରବିବାର ଏକାଧିକ ଛକରେ ଆଇନ ସମ୍ପର୍କରେ ସଚେତନ କରିଥିଲା। ଯେଉଁମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଧରାପଡିଥିଲେ, ସେମାନେ ହଠାତ୍ ଏତେ ଗୁଡ଼ାଏ ଟଙ୍କା ଦେବାକୁ କୁଣ୍ଠାବୋଧ କରିଥିଲେ। ହେଲେ ପୋଲିସ ସେମାଙ୍କୁ ଛାଡିବା ପରିସ୍ଥିତିରେ ନଥିଲା। ଜରିମାନା ଯେଉଁମାନେ ଦେଉ ନ ଥିଲେ, ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଖିବା ସହ ଗାଡ଼ି ଜବତ କରି ଟ୍ରାଫିକ୍ ଥାନାକୁ ନେଉଥିଲା। ପ୍ରଥମ ଦିନରେ ହେଲମେଟ୍ ପିନ୍ଧି ନ ଥିବା ବ୍ୟକ୍ତିଙ୍କଠାରୁ ଅଧିକ ଫାଇନ ଅସୁଲ ହୋଇଥିଲା। ଯେଉଁମାନେ ଧରାପଡୁଥିଲେ ସେମାନଙ୍କ ଗାଡିର ଡ୍ରାଇଭିଂ ଲାଇସେନ୍ସ ଏବଂ ଇନ୍‌ସ୍ୟୁରାନ୍ସ ଯାଞ୍ଚ କରିବା ପରେ ପ୍ରାୟତଃ ଇନ୍‌ସୁରାନ୍ସ ନ ଥିବା ଜଣାପଡିଛି।

ଆଗାମୀ ଦିନରେ ପୋଲିସ ପକ୍ଷରୁ ସରପ୍ରାଇଜ୍ ଯାଞ୍ଚ କରାଯିବ। ଯେଉଁ ସ୍ଥାନରେ ଯାଞ୍ଚ ହେବ ନାହିଁ ବୋଲି ଯାତ୍ରୀ ଭାବୁଥିବେ, ସେହି ସ୍ଥାନରେ ଚଢାଉ କରାଯାଇ ଯାଞ୍ଚ କରାଯିବ ବୋଲି କଟକ-ଭୁବନେଶ୍ୱର ଅତିରିକ୍ତ ଟ୍ରାଫିକ ଡିସିପି ଅମରେଶ ପଣ୍ଡା କହିଛନ୍ତି। ଡିସିପି ଅନୁପ ସାହୁ ଯାଞ୍ଚ ଚାଲିଥିବା ଅନେକ ଛକକୁ ଯାଇ ବୁଲି ଦେଖିଥିଲେ। ଏନେଇ ଡିସିପି ସାହୁ କହିଛନ୍ତି, ଆମେ ଲୋକଙ୍କୁ ସଚେତନ ହେବାକୁ କହୁଛୁ, ମୋଟା ରକମର ଜରିମାନା ଆଦାୟ କରିବା ଆମର ଉଦ୍ଦେଶ୍ୟ ନୁହେଁ।

# ଆରମ୍ଭ ହେଲା ୱାନ୍ ନେଶନ ୱାନ୍ ରାଶନ

- ପାଇଲଟ୍ ପ୍ରକଳ୍ପ ଭାବେ ବିଏମ୍‌ସିରେ ଲାଗୁ ହେଲା
- ଖୁବ୍‌ଶୀଘ୍ର ସାରା ରାଜ୍ୟରେ କାର୍ଯ୍ୟକାରୀ ହେବ

ଭୁବନେଶ୍ୱର,୧୯(ବ୍ୟୁରୋ)

ଓଡ଼ିଶାରେ ଆରମ୍ଭ ହୋଇଛି 'ୱାନ୍ ନେଶନ ୱାନ୍ ରାଶନ' ବ୍ୟବସ୍ଥା। ପ୍ରଥମ ପାଇଲଟ୍ ପ୍ରକଳ୍ପ ଭାବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ରବିବାରଠାରୁ ଲାଗୁ କରାଯାଇଛି। ଏହି ନୂଆ ବ୍ୟବସ୍ଥା ଅନୁଯାୟୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଓଏଫ୍‌ଏସ୍‌ଏସ୍)ରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଦେଶର ଯେକୌଣସି ସ୍ଥାନରୁ ସରକାରୀ ଚାଉଳ, ଗହମ, କିରୋସିନ ଆଦି ରାଶନ ସାମଗ୍ରୀ ପାଇପାରିବେ। ଏଥିପାଇଁ ରାଶନ କାର୍ଡ ସହ ଆଧାର ଲିଙ୍କ୍‌କୁ ବାଧ୍ୟତାମୂଳକ କରାଯାଇଛି। ଏବେ ରାଜ୍ୟରେ ୯୭.୩ ପ୍ରତିଶତ ରାଶନ କାର୍ଡ ସହ ଆଧାର ଲିଙ୍କ୍ ହୋଇପାରିଛି। ଆହୁରି ୨ଲକ୍ଷ ପରିବାର ଏ ପର୍ଯ୍ୟନ୍ତ ଆଧାର ଲିଙ୍କ୍ କରି ନ ଥିବା ଜଣାପଡିଛି। ତେଣୁ ରାଜ୍ୟରେ ଏହି ବ୍ୟବସ୍ଥାକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆଧାର ଲିଙ୍କ୍ ପ୍ରକ୍ରିୟାକୁ ଆହୁରି ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

୨୦୨୦ ଜୁଲାଇରୁ ଦେଶରେ ୱାନ୍ ନେଶନ ୱାନ୍ ରାଶନ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଏହାପୂର୍ବରୁ ବିଏମ୍‌ସିରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ଏଣିକି ଯେକୌଣସି ଖାଉଟି ବଣ୍ଟନ କେନ୍ଦ୍ରରୁ ହିତାଧିକାରୀମାନେ ସେମାନଙ୍କ ରାଶନ ସାମଗ୍ରୀ ନେଇପାରିବେ। ଏହାକୁ ସଫଳ କରିବାକୁ ପଦକ୍ଷେପ ଆରମ୍ଭ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବିଏମ୍‌ସି ପକ୍ଷରୁ ୧୧୮ କେନ୍ଦ୍ର ଖୋଲାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ହିତାଧିକାରୀମାନେ କାର୍ଡ ପୋର୍ଟାବିଲିଟି କରୁଛନ୍ତି। ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହାପରେ ବିଏମ୍‌ସି ଅଞ୍ଚଳର ହିତାଧିକାରୀମାନେ ସୁବିଧା ମୁତାବକ ଯେକୌଣସି ରାଶନ କେନ୍ଦ୍ରରୁ ସାମଗ୍ରୀ ନେଇପାରିବେ। ଏହି ବ୍ୟବସ୍ଥା ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ ଭୂତ ହିତାଧିକାରୀ ଓ ଏକାଧିକ ସ୍ଥାନରୁ ରାଶନ କାର୍ଡ କରି ସାମଗ୍ରୀ ଉଠାଉଥିବା ହିତାଧିକାରୀ ବାଦ୍ ପଡ଼ିବେ। ଫଳରେ ଏହି ଯୋଜନାରେ ସାମଗ୍ରୀ ବାଟମାରଣା ରୋକାଯିବା ସହ ସ୍ୱଚ୍ଛତା ବଜାୟ ରହିବ।

କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ବିଏମ୍‌ସିରେ ଏହି ବ୍ୟବସ୍ଥାକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଛି। ଖୁବ୍‌ଶୀଘ୍ର ଏହାକୁ ସାରା ରାଜ୍ୟରେ ଲାଗୁ କରାଯିବ। ଏହାପରେ ଅନ୍ୟ ରାଜ୍ୟ ସହିତ ମଧ୍ୟ କାର୍ଡଗୁଡ଼ିକୁ ସଂଯୋଗ କରାଯିବ। ହିତାଧିକାରୀମାନେ ଏଣିକି ରାଜ୍ୟର ଯେକୌଣସି ସାଧାରଣ ଖାଉଟି ବଣ୍ଟନ କେନ୍ଦ୍ରରୁ ପିଡିଏସ୍ ସାମଗ୍ରୀ ନେଇପାରିବେ। ସେମାନଙ୍କୁ ନିର୍ଦ୍ଦିଷ୍ଟ ଡିଲର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଏଥିନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ୭୫ ମିଟର...

ଦର୍ଶନ କରିପାରିବେ। ଉଚ୍ଛେଦ ଯୋଗୁ ବର୍ତ୍ତମାନ ସୁଦ୍ଧା ୮୧ ଜଣ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୬ ଜଣଙ୍କୁ ଜଗନ୍ନାଥ ବଲ୍ଲଭ ମଠ କ୍ରାଫ୍ଟ କମ୍ପ୍ଲେକ୍ସରେ ଥଇଥାନ କରାଯାଯାଇଛି। ଅନ୍ୟମାନଙ୍କୁ ମଧ୍ୟ ଥଇଥାନ କରାଯିବ। ପୁରୁଣା ଜେଲ୍ ପରିସରରେ ନିର୍ମାଣାଧୀନ ଯାତ୍ରୀ ନିବାସ ତଳେ ପ୍ରାୟ ୪୦ ଦୋକାନ ଘର ବାହାରିବ। ଏଠାରେ ଦୋକାନୀମାନେ ତାଙ୍କ ବ୍ୟବସାୟ କରିପାରିବେ। ସରକାରଙ୍କ ପକ୍ଷରୁ ଯାତ୍ରୀକା ଏବଂ ଜଗନ୍ନାଥ ବଲ୍ଲଭ ପରିସରରେ ଯେଉଁ ମାର୍କେଟ କମ୍ପ୍ଲେକ୍ସ ହେବ ଏଠାରେ ଦୋକାନୀମାନଙ୍କୁ ଥଇଥାନ କରାଯିବ। ଅନ୍ୟପକ୍ଷରେ ୩ ତାରିଖ ସକାଳେ ବଡ଼ ଆଖଡା ମଠ ଉଚ୍ଛେଦ କରାଯିବ ବୋଲି ଏହି ଅବସରରେ ଜିଲାପାଳ ସୂଚନା ଦେଇଥିଲେ। ବଡ଼ ଆଖଡା ମଠ ଉପରେ ଚାଲୁଥିବା ସିଂହଦ୍ୱାର ଥାନା ବାଗେଡ଼ିଆ ଧର୍ମାଶାଳାକୁ ସ୍ଥାନାନ୍ତର ହୋଇଥିବା ବେଳେ ଥାନା ତଳେ ଦୋକାନ କରିଥିବା ବ୍ୟବସାୟୀମାନେ ସେମାନଙ୍କ ଜିନିଷପତ୍ର ଖାଲି କରିଦେଇଛନ୍ତି।

# ୫ ପର୍ଯ୍ୟନ୍ତ ବର୍ଷା

- ଆଜି ୫ ଜିଲାକୁ ଅରେଞ୍ଜ, ୧୫କୁ ୟେଲୋ ୱାର୍ନିଂ
- ବଜ୍ରପାତ ନେଇ ଚାଷୀଙ୍କୁ ସତର୍କ କଲା ପାଣିପାଗ ବିଭାଗ

ଭୁବନେଶ୍ୱର, ୧୯(ବ୍ୟୁରୋ)

ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ସୋମବାର ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ବର୍ଷା ପରିମାଣ ବଢ଼ିବା ସହ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷିବ। ସୋମବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିସହିତ ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର, ସୋନପୁର, ବରଗଡ଼, ଢେଙ୍କାନାଳ, ଅନୁଗୋଳ, କଟକ, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଆଦି ୧୫ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଏସବୁ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

୩ ତାରିଖ ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ବରଗଡ଼, ସମ୍ବଲପୁର, ଢେଙ୍କାନାଳ, ମୟୂରଭଞ୍ଜ, ଦେବଗଡ଼, ସୋନପୁର, ବଲାଙ୍ଗୀର, କୋରାପୁଟ ଓ ନବରଙ୍ଗପୁର ଆଦି ୧୨ ଜିଲାକୁ ପାଣିପାଗ ବିଭାଗ ସତର୍କ କରିଛି। ତେବେ ଏସବୁ ଜିଲା ମଧ୍ୟରୁ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ବରଗଡ଼, ସମ୍ବଲପୁର ଆଦି ୫ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ବାକି ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେହିପରି ୪ ତାରିଖରେ ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୋନପୁର, ସୁନ୍ଦରଗଡ଼, କେନ୍ଦୁଝର ଓ କୋରାପୁଟ ଆଦି ୭ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୫ ତାରିଖ ଦିନ ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଆଦି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ଉପରେ କଟକଣା ଜାରି ହୋଇଛି। ଆସନ୍ତା ୨ ଓ ୩ ତାରିଖ ଦିନ ସମୁଦ୍ର ଭିତରକୁ ଆଦୌ ନ ଯିବା ପାଇଁ ସତର୍କ କରାଯାଇଛି। ସେପଟେ ସୋମବାର କୃଷକଙ୍କ ପାଇଁ ମଧ୍ୟ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି। ବିଭିନ୍ନ ଜିଲାରେ ବଜ୍ରପାତ ହେବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ବିଲକୁ ନ ଯିବା ପାଇଁ କୁହାଯାଇଛି। ସେହିପରି ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ, କନ୍ଧମାଳ, ପୁରୀ ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବାର ଥିବାରୁ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ହସ୍ତା ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ପାରିବାରିକ ସୁଖ ସମୃଦ୍ଧି ସାଙ୍ଗକୁ କର୍ମକ୍ଷେତ୍ରରେ ଆଶା ଅନୁଯାୟୀ ସୁଫଳ ପ୍ରଦାନ କରିବ। ପ୍ରତ୍ୟୁଷ ଯାତ୍ରା ସମୟରେ ଅପରିଚିତଙ୍କ ସହ କଳହ ଲାଗିବାର ସମ୍ଭାବନା ରହିଛି। ଶିଳ୍ପ, ବ୍ୟବସାୟ, ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ନୀଚାରୋହୀ ଶୁକ୍ର ଆପଣଙ୍କୁ ଭୋଗବିଳାସରୁ ଦୂରେଇ ରଖି ଅର୍ଥସଙ୍କଟ ସୃଷ୍ଟି କରିବେ।

**ବୃଷ**



କେତୁ ନକ୍ଷତ୍ରସ୍ଥ ବୁଧ ବନ୍ଧୁରେ କଳହ ସାଙ୍ଗକୁ ଧନହାନି ଘଟାଇପାରନ୍ତି। ପରିବାର ସଦସ୍ୟଙ୍କ ସହିତ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ବର୍ତ୍ତମାନ ସମୟରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ନୂତନ ଯୋଜନାନ୍ତରେ ପ୍ରାଥମିକ ସ୍ତରରେ ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ**



ପୂର୍ବଫାଲ୍‌ଗୁନୀ ନକ୍ଷତ୍ରରେ ବକ୍ରୀଶନି ଆପଣଙ୍କ ଯାତ୍ରା, ବିବାଦୀୟ ସ୍ଥିତି, ରପ୍ତାନି ବାଣିଜ୍ୟ ଓ ପ୍ରତିଯୋଗିତା ଆଦି କ୍ଷେତ୍ରରେ ବିପରୀତ ଫଳ ପ୍ରଦାନ କରିବେ। ଅବଶ୍ୟ କର୍ମକ୍ଷେତ୍ରରେ ସହମତି ଭିତ୍ତିରେ ଆଲୋଚନା କଲେ କାର୍ଯ୍ୟ ହାସଲ ହେବାର ସମ୍ଭାବନା ରହିଛି। ଘରୋଇ ସମସ୍ୟାରେ ସମାଧାନର ରାସ୍ତା ଖୋଜିବାହାର କରିବାରେ ସମର୍ଥ ହୋଇପାରନ୍ତି।

**କର୍କଟ**



ଅଶ୍ଳେଷା ନକ୍ଷତ୍ର ଜାତ ବ୍ୟକ୍ତି ସ୍ୱାସ୍ଥ୍ୟହାନି ଓ ଶତ୍ରୁପୀଡା କାରଣରୁ ଅଶାନ୍ତ ରହିବେ। କିନ୍ତୁ ପୁନର୍ବସୁ ସହକର୍ମୀଙ୍କ ସହଯୋଗରେ କୌଣସି ବଡ଼ କାମଟିଏ କରି ପାରିଥିବାରୁ ଆତ୍ମତୃପ୍ତି ଲାଭ କରିବା ସଙ୍ଗେ ସଙ୍ଗେ ପରିବାର ତରଫରୁ ମଧ୍ୟ ପ୍ରଶଂସିତ ହେବେ। ଦୂରଯାତ୍ରା କାଳରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ।

**ସିଂହ**



ଆଜି ରାଜଯୋଗ ପ୍ରଭାବରୁ ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ସ୍ୱାଦ ମନକୁ ଖୁସୀ କରାଇବ। କିନ୍ତୁ ମଘାର ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ମାଲିକମାନଙ୍କ ମଧ୍ୟରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନର ଆଶା ରହିଛି।

**କନ୍ୟା**



ଶୁକ୍ର କର୍ମାଧିପତିଙ୍କ ନକ୍ଷତ୍ରସ୍ଥ ଯୋଗୁ ଆଜି ଯେଉଁ କାମଟିକୁ ଆରମ୍ଭ କରିବେ ତାହା ଅତି ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ର ଏପରିକି ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କିନ୍ତୁ ଘରେ ଅସାବଧାନତା ଯୋଗୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**ତୁଳା**



ଷଷ୍ଠାଧିପ ଧନ ଭାବସ୍ଥ ହେତୁ ଋଣ ଦ୍ୱାରା ଅର୍ଥଲାଭ କରିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ସଂଘର୍ଷମୟ ସ୍ଥିତିରେ ଗତି କରିବାକୁ ପଡିପାରେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ ହେବେ। କୌଣସି ମହିଳାଙ୍କ ଅନୁକମ୍ପାମୂଳକ ସାହାଯ୍ୟ ଦ୍ୱାରା ଉପକୃତ ହୋଇପାରନ୍ତି।

**ବିଛା**



ଦେବଗୁରୁ ଗ୍ରହଜଗତର ରାଜକୁମାର ବୁଧଙ୍କ ନକ୍ଷତ୍ରସ୍ଥ ହେତୁ ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। କିନ୍ତୁ ଈର୍ଷାପରାୟଣ ବନ୍ଧୁମାନେ ସେହି ଅନୁପାତରେ ଅଫିସ୍ କାମରେ, ପ୍ରଶାସନିକ ସ୍ତରରେ, ସଭାସମିତିରେ ତଥା ବାଣିଜ୍ୟ, ବ୍ୟବସାୟରେ ପରୋକ୍ଷ ଶତ୍ରୁତା କରିପାରନ୍ତି।

**ଧନୁ**



ରାହୁ ଚତୁର୍ଥାଧିପତିଙ୍କ ନକ୍ଷତ୍ରରେ ପାରିବାରିକ ଅଶାନ୍ତି ସାଙ୍ଗକୁ ଲୋକସମ୍ପର୍କ ହାନି କରାଇପାରେ। କିନ୍ତୁ ଉତ୍ତରାଷାଢା ନକ୍ଷତ୍ର ଯେଉଁ କାମ ହାତକୁ ନେଇଛନ୍ତି ତାହା ବଢାଇ ନିଅନ୍ତୁ, କିଛି ଅସୁବିଧା ହେବନି। ଅବଶ୍ୟ ସକାଳୁ ସକାଳୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ସୂଚନା ରହିଛି। ଅଫିସ୍ କାମରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର**



ଧନିଷ୍ଠା ନକ୍ଷତ୍ର ବିଭିନ୍ନ କୌଶଳ ଅବଲମ୍ବନ କରି ଅର୍ଥନୀତିକୁ ଦୃଢୀଭୂତ କରିପାରନ୍ତି। ବହୁତ ଦିନ ହେଲା ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ଆଜି ହାଲୁକା ଅନୁଭବ କରିବେ। ଶତ୍ରୁତା କାରଣରୁ ବିଭିନ୍ନ ପ୍ରକାରର ପ୍ରତିବନ୍ଧକର ସମ୍ମୁଖୀନ ହୋଇ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ**



ଆଜିର ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ପ୍ରତିଟି କ୍ଷେତ୍ରରେ ଭଲ ସମ୍ପର୍କ ରହିଥିବା ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନୋବଳ ବୃଦ୍ଧି ପାଇବ।

**ମୀନ**



ରେବତୀ ନକ୍ଷତ୍ର ସମସ୍ୟା ମଧ୍ୟରେ ଚଳିବା କାରଣକୁ ନେଇ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। ନିଜ ଲୋକମାନେ ଅସୁବିଧାରେ ପକାଇବା ସକାଶେ ଚେଷ୍ଟା କରି ପାରନ୍ତି। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ହାତ ପାହାନ୍ତାରେ ସୁଯୋଗ ପାଇପାରିବେ।

ଆଜି ଗଣେଶ ଚତୁର୍ଥୀ, ସେପ୍ଟେମ୍ବର ୨ ତାରିଖ, ସୋମବାର, ରାଶିନକ୍ଷତ୍ର- ଦିବା ଘ୯ ।୧୩ମି. ଗତେ ଚିତ୍ରା/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬ ।୫୨ମି. ମଧ୍ୟେ ଘ୧ ।୫୨ମି. ଗତେ ଘ୨ ।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୩୦ମି. ଗତେ ଘ୧୦ ।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଘ୩ ।୩୦ମି. ଗତେ, ଘ୫ ।୦୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ୮ ।୩୦ମି. ଗତେ ଘ୧୦ ।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭ ।୦୭ମି. ଗତେ ଘ୮ ।୪୦ମି. ମଧ୍ୟେ ରାହୁକାଳ।

classifieds Everyday
0674-2580101, 2549302




SALE

Selling big patch of land @ low price, Bhubaneswar. 6371090682. D-14101

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

Bhubaneswar ପିତାପଲ୍ଲୀ ଛକରେ NH କଡ଼ରେ ବାସୋପଯୋଗୀ BDA plot sqft. 650/-ରେ କିଣନ୍ତୁ। Contact: 6370485344, 9777764051. D-14161

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲ୍‌ଓ୍ୱେଷ୍ଟେସନ ପାଖରେ। 9040628648. D-66775

2BHK flat near Ravi Talkies bus stop towards Lewis road, Bhubaneswar. 8328890345. D-65685

21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse). D-67376

20904sqft. gharabari commercial land for sale at Pahal, Adjacent to NH Phone- 7008346486, 9437192512 (Broker excuse). D-67377

A high commercial building for sale at Bhubaneswar near Kalpana area, land area 2200 sqft., constructed area 4615sqft. rental income 1.10 lakh per month. Please call: 9437068886. D-14156

Your Classified Advertisement published in Dharitri will be listed free in Dharitri Online Edition: www.dharitri.com




1BHK independent house (300sqft.) available on rent at B/51, K-9, Kalinga Vihar, Near DN Regalia Mall, Bhubaneswar. Service family please contact: 7350004476. D-14168

Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

Single furnished room for office near BDA, Keshari talkies, plot-5, Bhubaneswar. Contact: 9238579309. D-66187

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ, ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist. 9114697517. D-66949

Ayurvedic full body massage ladies & gents smart therapist. 9040900385. D-66950

Experience full body massage with us (expert). Call: 7377048581, 06742597822. D-67372

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371




ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

### ଡକ୍ଟରେଟ ଲାଭ



କେନ୍ଦ୍ର ସରକାରଙ୍କ ୟୁଜିସି ଫେଲୋଶିପ୍ ପାଇ ଶ୍ରୀ ଶୀତାଂଶୁ ଶେଖର ଦାସ ଦୀର୍ଘ ଛଅବର୍ଷ ଧରି ଆଇଆଇଟି ଖଡଗପୁରର ପ୍ରଫେସର ଡକ୍ଟର ଦାମୋଦର ସୁଆରଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ମାନବ ସମ୍ବଳ ସମ୍ବନ୍ଧିତ ତାଙ୍କ ସନ୍ଦର୍ଭ 'A Multistage Model of R & D Leader Effectiveness' ଆମେରିକାର ଟେକ୍ସାସ୍ ଟେକ୍ ୟୁନିଭରସିଟିର ପ୍ରଫେସର ରୋମାନ୍ ତାରାବାନ୍ ଏବଂ ଆଇଆଇଟି କାନପୁରର ପ୍ରଫେସର ବ୍ରଜଭୂଷଣଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ୨୦୧୯ ଅଗଷ୍ଟ ମାସ ୨୭ତାରିଖ ଦିନ ଆଇଆଇଟି ଖଡଗପୁର ଦ୍ୱାରା ଶ୍ରୀ ଶୀତାଂଶୁଙ୍କୁ ଡକ୍ଟର ଉପାଧିରେ ସମ୍ମାନିତ କରାଯାଇଅଛି। ଡକ୍ଟର ଶୀତାଂଶୁ ହେଉଛନ୍ତି ଭଦ୍ରକ ଜିଲ୍ଲା କୋରିଗାଁ ଗ୍ରାମର ଶ୍ରୀ ରାମଚନ୍ଦ୍ର ଦାସ ଓ ଶ୍ରୀମତୀ ଗୀତାରାଣୀ ଦାସଙ୍କର କନିଷ୍ଠ ପୁତ୍ର। ବର୍ତ୍ତମାନ ଡକ୍ଟର ଶୀତାଂଶୁ ଦାସ କେରଳର କୋଚି ସ୍ଥିତ ରାଜ୍‌ଗିରି ବିଜ୍‌ନେସ୍ ସ୍କୁଲରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଏବଂ ସେମାନେ ଭୁବନେଶ୍ୱର ଦୁର୍ଗାମାଧବ ନଗରରେ ଅବସ୍ଥାନ କରୁଛନ୍ତି। ଧ-୧୪୧୯୦

## ବିଜେଡି ରାଜ୍ୟସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ନବୀନଙ୍କ ଆହ୍ୱାନ

# ପରିବର୍ତ୍ତନର ବାର୍ତ୍ତାବହ ହୁଅ




ବିଜେଡିର ରାଜ୍ୟସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି(ବାମ)। ଉପସ୍ଥିତ ଦଳୀୟ ନେତା, କର୍ମୀ।

- ଗାନ୍ଧିବାଦୀ ଆଦର୍ଶକୁ ଅନୁସରଣ
- ସକ୍ରିୟ ଭାବେ ସଭ୍ୟ ସଂଗ୍ରହକୁ ଗୁରୁତ୍ୱ

ଭୁବନେଶ୍ୱର,୧।୯(ବ୍ୟୁରୋ)

ସାଧାରଣ ଜନତାଙ୍କ ଜୀବନରେ ଖୁସି ଆଣିବା ପାଇଁ ବିଜେଡି ସଦସ୍ୟମାନେ ପରିବର୍ତ୍ତନର ବାର୍ତ୍ତାବହ ହୁଅନ୍ତୁ। ଲକ୍ଷ ଲକ୍ଷ କର୍ମୀ ଭଉଣୀଭାଇଙ୍କ ତ୍ୟାଗ ଓ ପରିଶ୍ରମ ଯୋଗୁ ବିଜେଡି ତାହାର ବିଜୟଧାରା ଅବ୍ୟାହତ ରଖିଛି। ତେଣୁ ସାଢ଼େ ୪କୋଟି ଲୋକ ଦେଇଥିବା ଆଶୀର୍ବାଦ ପାଇଁ ସେ ଜନସାଧାରଣଙ୍କ ନିକଟରେ ଋଣୀ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜଧାନୀସ୍ଥିତ ସ୍ଥାନୀୟ ଇଦ୍‌କଲ ଅଡିଟୋରିୟମରେ ରବିବାର ଅନୁଷ୍ଠିତ ଦଳର ଏକଦିବସୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ନବୀନ ଏହା କହିଛନ୍ତି। ପଞ୍ଚମ ଥର କ୍ଷମତାକୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ପ୍ରଶାସନରେ ୫-ଟି ମନ୍ତ୍ରକୁ ଗୁରୁତ୍ୱ ଦେଉଛନ୍ତି। ଅନୁରୂପଭାବେ ଦଳୀୟ କାର୍ଯ୍ୟକ୍ରମରେ ମଧ୍ୟ ୫-ଟି ମନ୍ତ୍ରକୁ ପ୍ରାଧାନ୍ୟ ଦେବାକୁ ସେ କହିଛନ୍ତି।

ନବୀନ କହିଥିଲେ ଯେ, ଚଳିତବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଉଛି। ଗାନ୍ଧିଜୀଙ୍କ ଆଦର୍ଶ ଓ ବିଚାରଧାରାର ପ୍ରାସଙ୍ଗିକତା ଆଜି ମଧ୍ୟ ରହିଛି। ତେଣୁ ଗାନ୍ଧିଜୀଙ୍କ ମୂଲ୍ୟବୋଧ ଓ ଦର୍ଶନର ପ୍ରଚାର ପାଇଁ କର୍ମୀମାନେ ବିଭିନ୍ନ ଗାନ୍ଧିବାଦୀ ଅନୁଷ୍ଠାନ ସହ ମିଶି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅନୁରୂପଭାବେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ସୋମବାରଠାରୁ ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ କରାଯାଉଛି। ଏହା ଆସନ୍ତା ଅକ୍ଟୋବର ୩୧ ପର୍ଯ୍ୟନ୍ତ ଚାଲିବ। ଏଥିରେ ନେତା ଓ କର୍ମୀମାନେ ସକ୍ରିୟ ଭାବେ ସାମିଲ ହୁଅନ୍ତୁ। ତୃଣମୂଳ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ପ୍ରତି ଘରେ ପହଞ୍ଚି ଦଳର ବାର୍ତ୍ତା ପ୍ରଦାନ କରନ୍ତୁ ବୋଲି ନବୀନ କହିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ପୂର୍ବରୁ ଦଳର ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ ଏବଂ ଅନଙ୍ଗ ଉଦୟ ସିଂଦେଓ ପ୍ରସ୍ତାବ ଆଗତ କରିଥିଲେ। ପରେ ଦଳର ଅନ୍ୟ ସଦସ୍ୟମାନେ ଏହାକୁ ସମର୍ଥନ କରିଥିଲେ। ଗତ ନିର୍ବାଚନରେ ସାଧାରଣ ଜନତା ବିଜେଡିକୁ ବିପୁଳ ଭୋଟରେ ବିଜୟୀ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେବା ପାଇଁ ପ୍ରସନ୍ନ କହିଥିଲେ। ସେହିଭଳି ଦଳର କର୍ମୀ, ବିଶେଷକରି ମହିଳାମାନେ ବିଜେଡିକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ସେମାନଙ୍କ ପାଇଁ ପ୍ରମିଳା ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଦଳର ସଭ୍ୟ ସଂଗ୍ରହ ସହ ସାଙ୍ଗଠନିକ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ, ଏଥିପାଇଁ ଆବଶ୍ୟକ ନିର୍ବାଚନ ପ୍ରକ୍ରିୟା ଲାଗି ଦଳ ପକ୍ଷରୁ ଜଣେ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ଅନଙ୍ଗ ଉଦୟ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ସାହୁ, ଦେବାଶିଷ ସାମନ୍ତରାୟ, ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ନିରଞ୍ଜନ ପୂଜାରୀ ପ୍ରମୁଖ ପ୍ରସ୍ତାବଗୁଡ଼ିକୁ ସମର୍ଥନ କରିଥିଲେ। କାର୍ଯ୍ୟକ୍ରମ ପରେ କୃଷିମନ୍ତ୍ରୀ ତଥା ଦଳର ସାଧାରଣ ସମ୍ପାଦକ ଅରୁଣ ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ସାଧାରଣ ଜନତାଙ୍କୁ ସର୍ବାଧିକ ପ୍ରାଧାନ୍ୟ ଦେଇଥାଆନ୍ତି। ଅନୁରୂପଭାବେ ଦଳ କଥା ଆସିଲେ ତୃଣମୂଳ କର୍ମୀଙ୍କୁ ହିଁ ଶ୍ରେୟ ଦେଇଥାଆନ୍ତି। ଏହି କାରଣରୁ ସେ ଦୀର୍ଘ ଦୁଇ ଦଶନ୍ଧି ଧରି ଲୋକଙ୍କ ବିଶ୍ୱାସଭାଜନ ହୋଇପାରୁଛନ୍ତି। ଚଳିତ ବର୍ଷ ସଭ୍ୟ ସଂଗ୍ରହରେ ଏହା ପ୍ରତିଫଳିତ ହେବ ବୋଲି ଅରୁଣ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ ଆରୁଖ, ରଘୁନନ୍ଦନ ଦାସ, ପ୍ରଫୁଲ୍ଲ ମଲ୍ଲିକ, ନବ ଦାସ, ତୁଷାରକାନ୍ତି ବେହେରା, ଦିବ୍ୟଶଙ୍କର ମିଶ୍ର, ଏମ୍‌ପି ଅଚ୍ୟୁତ ସାମନ୍ତ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଉଷା ଦେବୀ, ପ୍ରଫୁଲ୍ଲ ଘଡେଇ, ଶଶିଭୂଷଣ ବେହେରା ଏବଂ ଓଏସ୍‌ଆଇସି ଅଧ୍ୟକ୍ଷ ଚିନ୍ମୟ ସାହୁ ପ୍ରମୁଖ ଯୋଗଦେଇଥିଲେ।




# ଭୋଟର ଯାଞ୍ଚ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୧।୯(ବ୍ୟୁରୋ)

ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଭୋଟର ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେପ୍ଟେମ୍ବର ପହିଲାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲିବ। ଏହି କ୍ରମରେ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାରଙ୍କ ପକ୍ଷରୁ ଭୁବନେଶ୍ୱର(ମଧ୍ୟ) ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୟୁନିଟ୍-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଯାଞ୍ଚ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ, ସରକାରୀ ପରିଚୟ ପତ୍ର, ରାଶନ କାର୍ଡ, କୃଷକ ପରିଚୟ ପତ୍ର, ପ୍ୟାନ୍ କାର୍ଡ, ଆଇଜିଆଇଙ୍କ ସ୍ମାର୍ଟ କାର୍ଡ, ବ୍ୟାଙ୍କ୍ ପାସ୍‌ବୁକ, ସଦ୍ୟ ପ୍ରଦାନ କରାଯାଇଥିବା ବିଜୁଳି/ଜଳକର ବିଲ୍ ଇତ୍ୟାଦିକୁ ପ୍ରଦାନ କରି ଭୋଟର ତାଲିକାରେ ଲିପିବଦ୍ଧତା ନେଇ ଯାଞ୍ଚ କରିପାରିବେ। ଅନ୍‌ଲାଇନ (HTTPS://WWW.NVSP.IN/) ମାଧ୍ୟମରେ ଏହି ପ୍ରକ୍ରିୟା ସମ୍ପାଦନ କରାଯାଇପାରିବ। ଗୁଗୁଲ୍ ପ୍ଲେ ଷ୍ଟୋରକୁ ଯାଇ ଆପ୍ ଡାଉନ୍‌ଲୋଡ୍ କରି ମଧ୍ୟ ଏହା କରାଯାଇପାରିବ। ଅଫ୍‌ଲାଇନ ମାଧ୍ୟମରେ ରାଜ୍ୟରେ HTTP://WWW.CEOORISSA.IN/ ଦ୍ୱାରା ମଧ୍ୟ ପଞ୍ଜୀକରଣ ଯାଞ୍ଚ କରାଯାଇପାରିବ। ଚଳିତ ମାସର ୪ଟି ରବିବାର(୮,୧୫,୨୨,୨୯)କୁ ସ୍ୱତନ୍ତ୍ର ପ୍ରଚାର ଦିବସ ଭାବେ ପାଳନ କରାଯାଉଛି। ଓଡ଼ିଶାରେ କାର୍ଯ୍ୟକ୍ଷମ ଥିବା ୧୨,୫୬୬ ଜନସେବା କେନ୍ଦ୍ର ଦ୍ୱାରା ଏହା କରାଯିବ।




## ■ ଗୁରୁଡ଼ିଝାଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା

# ଅଟୋରେ ଶିଶୁକନ୍ୟା ଜନ୍ମ ଦେଲେ ମହିଳା

- ଜନ୍ମର ଦୁଇ ଘଣ୍ଟା ପରେ ଶିଶୁ କନ୍ୟାର ମୃତ୍ୟୁ
- ସ୍ଥିତି ଅନୁଧ୍ୟାନ କଲେ ଯୋଗାଣ ମନ୍ତ୍ରୀ
- ତଦନ୍ତ ନିର୍ଦ୍ଦେଶ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଖୁଣ୍ଟୁଣୀ,୧।୯(ଡି.ଏନ୍.ଏ.)

ରୋଗୀ କଲ୍ୟାଣ ନେଇ ରାଜ୍ୟ ସରକାର ଯୋଜନା ପରେ ଯୋଜନା କରି ଚାଲିଛନ୍ତି। କିନ୍ତୁ କେଉଁଠି ଡାକ୍ତର ଅଭାବରୁ ରୋଗୀ ହନ୍ତସନ୍ତ ହେଉଛନ୍ତି ତ ଆଉ କେଉଁଠି ଡାକ୍ତରଖାନା ବନ୍ଦ ରହିବା ଯୋଗୁ ରୋଗୀଙ୍କ ଚିକିତ୍ସା ହୋଇପାରୁ ନାହିଁ। ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଏଭଳି ଅଭିଯୋଗ ପ୍ରତିଦିନ ହେଉଥିବାବେଳେ ରବିବାର ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଟକ ଜିଲା ଆଠଗଡ଼ ବ୍ଲକ ଗୁରୁଡିଝାଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ। ସକାଳ ପ୍ରାୟ ୯ଟାରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାରୁ ପ୍ରସବ ପାଇଁ ଆସିଥିବା ଜଣେ ମହିଳା ଏକ ଅଟୋରେ ଶିଶୁକନ୍ୟା ଜନ୍ମ ଦେଇଥିଲେ। କିନ୍ତୁ ୨ ଘଣ୍ଟା ପରେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସା ଅବହେଳାରୁ ଶିଶୁ କନ୍ୟାର ମୃତ୍ୟୁ ଘଟିଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ବିଧାୟକ ତଥା ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।

ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ଥାନା ଅଧୀନ ଖମାରନୂଆଗାଁ ଗ୍ରାମର କୁନି ମହାରଣାଙ୍କ ରବିବାର ପ୍ରସବ ଯନ୍ତ୍ରଣା ହୋଇଥିଲା। ତାଙ୍କ ସ୍ୱାମୀ ପ୍ରକାଶ ତାଙ୍କୁ ଏକ ଅଟୋରେ ଗୁରୁଡିଝାଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତରଖାନାରେ କେହି ଷ୍ଟାଫ ନ ଥିବା ସହ ଗେଟରେ ତାଲା ପଡିଥିବାରୁ ସେ ସେଠାରେ ପ୍ରାୟ ୧ଘଣ୍ଟା ଅପେକ୍ଷା କରିଥିଲେ। ପ୍ରସବ ଯନ୍ତ୍ରଣା ଅସହ୍ୟ ହେବାରୁ ଅଟୋରେ କୁନି ଏକ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ଉଭୟ ମା' ଓ ଶିଶୁକନ୍ୟାଙ୍କ ଯତ୍ନ ନେବାକୁ ଡାକ୍ତରଖାନାରେ କୌଣସି ଷ୍ଟାଫ ନ ଥିବାରୁ ପ୍ରକାଶ ୧୦୨ଆମ୍ବୁଲାନ୍ସରେ ସେମାନଙ୍କୁ ନିକଟସ୍ଥ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଥିବା ଡା. ସନ୍ତୋଷ ସାହୁ ତୁରନ୍ତ ଶିଶୁକନ୍ୟାଙ୍କୁ ବେଡକୁ ନେବା ପରେ ମୃତ୍ୟୁ ଘଟିଥିବା କହିଥିଲେ। ଏହାପରେ କୁନିଙ୍କୁ ସାଲାଇନ ଦିଆଯାଇ ଚିକିତ୍ସା କରାଯାଇଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ମନୋରଞ୍ଜନ ଦାସ କହିଛନ୍ତି। ଚିକିତ୍ସା ଅବହେଳାରୁ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା କୁନି କହିଛନ୍ତି। ଶିଶୁକନ୍ୟାଙ୍କ ମା' ପେଟରୁ ମୃତ୍ୟୁଘଟିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ହେବା ସହ ୧ କିଲୋ ହୋଇଥିବା ଡା. ଦାସ କହିଛନ୍ତି। ଗୁରୁଡିଝାଟିଆ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରମେଶ ସିଂ କୁହନ୍ତି, ନିୟମାନୁଯାୟୀ ଜଣେ ଆଟେଣ୍ଡାଣ୍ଟ ବିକ୍ରମ ବେହେରା ଓ ଫାର୍ମାସିଷ୍ଟ ଅଚ୍ୟୁତାନନ୍ଦ ମିଶ୍ର ରବିବାର ରହିବା କଥା। ହେଲେ ସେମାନେ ନ ଥିଲେ। ଏଥିଯୋଗୁ ଏଠାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ କଟକ ସିଡିଏମଓ ବିଭୂତି ଭୂଷଣ ନାୟକ କୁହନ୍ତି, ଏହି ଘଟଣାର ତଦନ୍ତ ପାଇଁ ସୋମବାର ଏକ ଟିମ୍ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବ। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣା ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁ କୁହନ୍ତି, ଘଟଣା ସମ୍ପର୍କରେ ଖବରପାଇ ମୁଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲି। ଏ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ଅବଗତ କରିଛି। ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଦାସ କହିଛନ୍ତି, କଟକ ସିଡିଏମଓଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି। ଆସନ୍ତା ୩ଦିନ ଭିତରେ ତଦନ୍ତ ରିପୋର୍ଟ ଦେବା ପାଇଁ କହିଥିବା ସେ କହିଛନ୍ତି।

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା। ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା।
– ଶ୍ରୀମା

# ବିଦେଶୀ କିଏ

ଆଜି ଭାରତବର୍ଷ ଅଟୋଇମୁନୋ ରୋଗରେ ଆକ୍ରାନ୍ତ। ଏହା ଏଭଳି ଏକ ଅବସ୍ଥା, ଯେଉଁଥିରେ ନିଜର ରୋଗ ପ୍ରତିରୋଧକାରୀ ବ୍ୟବସ୍ଥା ସ୍ୱୟଂ ସେହି ଦେହକୁ ବିନାଶ କରିଥାଏ। ଏହାଫଳରେ ଦେହର ବିଭିନ୍ନ ଅଙ୍ଗକୁ ଶତ୍ରୁ ଭାବି ନଷ୍ଟ କରିବାର ପ୍ରକ୍ରିୟା ଆରମ୍ଭ ହୋଇଯିବା ଯୋଗୁ ସୁସ୍ଥ ଶରୀର ମଧ୍ୟ ଅତିଶୀଘ୍ର ଅସୁସ୍ଥ ହୋଇ ମୃତ୍ୟୁମୁଖୀ ହୋଇଯାଏ। ଉଦାହରଣ ସ୍ୱରୂପ, କଶ୍ମୀର ଉପରେ ଲାଗୁ ହୋଇ ଆସିଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ସୃଷ୍ଟି ହୋଇଥିବା ଅଶାନ୍ତ ପରିସ୍ଥିତି ଏବେ ଥମି ନ ଥିବାବେଳେ ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବାରୁ ଅନ୍ୟ ଏକ ନିଆଁ ଲାଗିଛି। ଏନ୍‌ଆର୍‌ସିରୁ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାଦ୍ ପଡ଼ିଥିବାରୁ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ଦେଖାଦେଇଛି। ଏହି ସଦ୍ୟ ତାଲିକା ପ୍ରକାଶ ପାଇବା ପଛରେ ଚିନ୍ତାଧାରା ଥିଲା ଯେ, ବେଆଇନ ଭାବେ ଭାରତରେ ଅନୁପ୍ରବେଶ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା। ସେଥିପାଇଁ ୨୪ ମାର୍ଚ୍ଚ ୧୯୭୧କୁ କଟ୍ ଅଫ୍ ତାରିଖ ଭାବେ ରଖାଯାଇଥିଲା। ହେଲେ ଦେଖାଯାଇଛି, ତା' ପୂର୍ବରୁ ଏହି ରାଜ୍ୟରେ ରହିଆସିଥିବା କେତେକ ବ୍ୟକ୍ତିଙ୍କ ନାମ ମଧ୍ୟ ତାଲିକାରେ ରହି ନାହିଁ। ସାଧାରଣରେ ଆଲୋଚନା ହେଉଥିଲା ଯେ, ବାଂଲାଦେଶରୁ ଆସିଥିବା ମୁସଲମାନ ଅନୁପ୍ରବେଶକାରୀଙ୍କୁ ବଛାଯାଇ ସେମାନଙ୍କୁ ତଡ଼ିଦେବା ଲାଗି ଏଭଳି ବ୍ୟବସ୍ଥା କରାଯାଇଛି। ହେଲେ ତାଲିକାକୁ ଦେଖିଲେ ପୂର୍ବ ପାକିସ୍ତାନରୁ ୧୯୬୦ରୁ ଆସି ରହିଥିବା ବହୁ ହିନ୍ଦୁ ମଧ୍ୟ ଏନ୍‌ଆର୍‌ସିରୁ ବାଦ୍ ପଡ଼ିଛନ୍ତି। ପିଢ଼ି ପରେ ପିଢ଼ି ସରକାରୀ ଜାଗା ପାଇ ଆସାମରେ ରହିଆସିଥିଲେ ମଧ୍ୟ ସେମାନଙ୍କ ନାମ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇ ନାହିଁ। ଏପରି କି ଭାରତୀୟ ସେନାରେ ହାବିଲଦାର ଭାବେ କାର୍ଯ୍ୟ କରିଥିବା ବିମଳ ଚୌଧୁରୀଙ୍କ ଭଳି ବ୍ୟକ୍ତିଙ୍କ ନାମ ଉକ୍ତ ତାଲିକାରେ ନାହିଁ। ଦେଶ ପାଇଁ ସଂଗ୍ରାମ କରିଥିବା ବ୍ୟକ୍ତିଙ୍କୁ ଆସାମ ଚିହ୍ନିବାରେ ଅକ୍ଷମ ରହିବା ଜଣାଇ ଦେଉଛି ଯେ ଏନ୍‌ଆର୍‌ସି ଠିକ୍ ଭାବେ ପ୍ରସ୍ତୁତ କରାଯାଇ ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ, ଏନ୍‌ଆରସି ସମ୍ପୂର୍ଣ୍ଣ ଭାବେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଛି ବୋଲି ଜନସାଧାରଣଙ୍କୁ କୁହାଯାଉଛି। ଏହାର ଅର୍ଥ ହେଲା ଆଜିର ଭାରତୀୟ ନ୍ୟାୟାଳୟ, ରାଜନୈତିକ ଓ ପ୍ରଶାସନିକ ବ୍ୟବସ୍ଥା ସବୁଥିରେ 'ବିଦେଶୀ' ଠାବ କରି ବହିଷ୍କାର କରିବାର ମାନସିକତା ସୃଷ୍ଟି ହୋଇଛି। ଆଜି ବିଦେଶୀଙ୍କୁ ତଡ଼ିବା ବାହାନାରେ ଯେଉଁ କାର୍ଯ୍ୟ କରାଯାଉଛି, ତାହା ଏକ ବିକୃତ ଚିନ୍ତାଧାରା ବୋଲି ଅନ୍ୟ ଦେଶଗୁଡ଼ିକର ଇତିହାସରୁ ବୁଝାପଡୁଛି। ଏଠାରେ ସମସ୍ୟା ହେଉଛି, ସାଧାରଣ ଲୋକଙ୍କ ପାଇଁ ଇତିହାସ ସବୁବେଳେ ଏକ ଅସ୍ତ୍ର ସାଜିଥାଏ। ଇତିହାସକୁ ଧ୍ୱଂସ କରିଦେଇପାରିଲେ ମୁଷ୍ଟିମେୟ ଶାସକ ଗୋଷ୍ଠୀ ନିଜ ଆଧିପତ୍ୟ ବିସ୍ତାର କରିବା ସହଜ ହୋଇଥାଏ। ୟୁରୋପର ଇତିହାସକୁ ଦେଖିଲେ ଏହିଭଳି ବିଦେଶୀ ବିରୋଧୀ ନୀତି ଗତ ଶତାବ୍ଦୀରେ ଜର୍ମାନୀରେ ଜନ୍ମ ନେଇଥିଲା। ସେତେବେଳେ ଇହୁଦୀମାନଙ୍କୁ ଠାବ କରି ନିର୍ଯାତନା ଦିଆଯିବା ସହ ପରବର୍ତ୍ତୀ ସମୟରେ ଗଣହତ୍ୟା କରାଯାଉଥିଲା। ଏପରି କି କମ୍ୟୁନିଷ୍ଟ, ସମଲିଙ୍ଗୀ, ବିରୋଧୀ ଭଳି ବିଭିନ୍ନ ଆଖ୍ୟା ଦିଆଯାଇ ଜର୍ମାନ୍ ଲୋକଙ୍କୁ ମଧ୍ୟ ମାରିଦିଆଯାଉଥିଲା। ଏହି ପ୍ରକ୍ରିୟାର ସ୍ୱାଭାବିକ ଅନ୍ତ ଘଟିଲା ଦ୍ୱିତୀୟ ବିଶ୍ୱଯୁଦ୍ଧରେ। ସେହି ଯୁଦ୍ଧ ପରେ ଜର୍ମାନ୍ ଜାତି ବିଶ୍ୱ ଆଗରେ ଅବିଶ୍ୱାସର ପାତ୍ର ହେବା ଫଳରେ ସେହି ଦେଶ ତଳିତଳାନ୍ତ ହୋଇଯାଇଥିଲା। ଅବଶ୍ୟ ଏବେ ସେହି ଜାତିର ସଚେତନତା ବୃଦ୍ଧି ପାଇଥିବାରୁ ତାହା ୟୁରୋପର ସବୁଠାରୁ ଅଧିକ ସହନଶୀଳ ରାଷ୍ଟ୍ର ଭାବେ ନିଜକୁ ପୁନଃ ଆବିଷ୍କାର କରିଛି। ଏହାଫଳରେ ଜର୍ମାନୀରେ ଏବେ ସର୍ବାଧିକ ଶରଣାର୍ଥୀ ଆଶ୍ରୟ ନେଇପାରୁଛନ୍ତି। ତେଣୁ ଆଜିର ପରିସ୍ଥିତିରେ ଇତିହାସକୁ ବିଶ୍ଳେଷଣ କରିବା ସକାଶେ ଅନେକ ଲୋକଙ୍କ ଅନିଚ୍ଛା ରହିଛି। କାରଣ ପୂର୍ବରୁ ଯାହା କୁହାଯାଇଛି, ଜନସାଧାରଣ ଯଦି ଇତିହାସ ଜାଣିବେ ତେବେ ସଚେତନତା ବୃଦ୍ଧି ପାଇବ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ଆରମ୍ଭ କରି ଭାରତର ସୁପ୍ରିମକୋର୍ଟ ବିଚାରପତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମତ ହେଉଛି ଏକ ରାଷ୍ଟ୍ରରେ ବେଆଇନ ଭାବେ ଅନୁପ୍ରବେଶ କରୁଥିବା ଲୋକଙ୍କୁ ସେଠାରେ ସ୍ଥାନ ମିଳିବା ଠିକ୍ ନୁହେଁ। ତେବେ ଭାରତର ଅଧିକାଂଶ ନାଗରିକଙ୍କୁ ଯାଞ୍ଚ କଲେ ସମ୍ଭବତଃ କ୍ୱଚିତ୍ ନିଜର ଭାରତୀୟତାର ପ୍ରମାଣ ଦେଇପାରିବେ। ଉଦାହରଣ ସ୍ୱରୂପ ପାସ୍‌ପୋର୍ଟ, ଯାହାକି ସମସ୍ତଙ୍କ ପାଖରେ ନ ଥାଏ, ତାହା ନାଗରିକତ୍ୱର ପରିଚୟ ଦେଉନାହିଁ। ସେହିଭଳି ପାନ୍ କାର୍ଡକୁ ନକଲ କରାଯାଉଛି ବୋଲି କହି ତାହାକୁ ଏକପ୍ରକାର ଅକାମୀ କରିଦିଆଗଲାଣି। ତା' ବଦଳରେ ବାଧ୍ୟବାଧକତା କରାଯାଇଥିବା ଆଧାର କେବଳ ଏକ ପରିଚୟପତ୍ର, ଯାହା ଜାତୀୟତାର ପ୍ରମାଣ ନୁହେଁ ବୋଲି ବିବେଚନା କରାଯାଉଛି। ଶହେ ବର୍ଷର ପୁରୁଣା ଜମିପଟ୍ଟା ବିଭିନ୍ନ ସମୟରେ ରାଜସ୍ୱ ବନ୍ଦୋବସ୍ତ ଯୋଗୁ ବଦଳିଥିବାରୁ ତାହାକୁ ନେଇ ଜାତୀୟତାର ପ୍ରମାଣ ଦେବା ଅତ୍ୟନ୍ତ କଷ୍ଟକର। ସହରାଞ୍ଚଳରେ ବାସ କରୁଥିବା ଅନେକ ବ୍ୟକ୍ତି ଭଡ଼ା ଘରେ ରହୁଛନ୍ତି। ଭଡ଼ାଟିଆଙ୍କୁ ଅଧିକ ଦିନ ରଖିବାକୁ ଅମଙ୍ଗ ଘର ମାଲିକ ବିଭିନ୍ନ ସମୟରେ ଚୁକ୍ତିକୁ ଶେଷ କରିଦେଉଥିବାରୁ ତାହା ମଧ୍ୟ ଜାତୀୟତା ପ୍ରମାଣପତ୍ର ଭାବେ ଦେଖାଇ ହେବ ନାହିଁ। ସ୍କୁଲ, କଲେଜ ପ୍ରମାଣପତ୍ର ମଧ୍ୟ ବୈଧ ହୋଇପାରୁନାହିଁ। ଆସାମର ବିମଳ ଚୌଧୁରୀଙ୍କ ଉଦାହରଣ ଅନୁଯାୟୀ ଦେଶର ସେନାରେ ଆଜୀବନ ଚାକିରି କରିଥିବା ବ୍ୟକ୍ତି ମଧ୍ୟ ଜାତୀୟତା ପ୍ରମାଣ କରିପାରୁ ନାହାନ୍ତି। ଏହି ପ୍ରେକ୍ଷାପଟରେ ଦେଖିବାକୁ ଗଲେ ଆମ ରାଜ୍ୟ ଓଡ଼ିଶାରେ ଯଦି ଏନ୍‌ଆର୍‌ସି ଲାଗୁ ହୁଏ, ତେବେ ଅଧିକାଂଶ ରାଜ୍ୟବାସୀ ନିଜର ସ୍ଥିତି ପ୍ରମାଣ କରିବା ପାଇଁ ଅସମ୍ଭବ ସମସ୍ୟାର ସମ୍ମୁଖୀନ ହେବେ। ଯଦି କେହି ଭାବୁଥାନ୍ତି ଯେ, ଓଡ଼ିଶାରେ ଏନ୍‌ଆର୍‌ସି ଲାଗୁହେଲେ କେବଳ କେନ୍ଦ୍ରାପଡ଼ା ଜିଲାର ମୁସଲମାନ ବାଂଲାଦେଶୀ, ମାଲକାନଗିରି ଜିଲାର ଦଣ୍ଡକାରଣ୍ୟରେ ରହୁଥିବା ବାଂଲାଦେଶୀ ହିନ୍ଦୁ, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ ଆଦି ଉପକୂଳରେ ରହୁଥିବା ବଙ୍ଗାଳୀ ନାଗରିକ ବିଦା ହେବେ, ତାହା ଏକ ଭ୍ରମ। ଓଡ଼ିଶାର ଗ୍ରାମାଞ୍ଚଳରେ ଅଧିକାଂଶ ଲୋକଙ୍କ ପାଖରେ ଜାତୀୟତାର ପ୍ରମାଣ ଦେବା ଲାଗି ଦଲିଲ୍ ନାହିଁ। ବିଶେଷକରି ଦୀର୍ଘବର୍ଷ ଧରି ବନ୍ୟା ଦ୍ୱାରା ପ୍ରଭାବିତ ଅଞ୍ଚଳଗୁଡ଼ିକର ଜନସାଧାରଣଙ୍କ ପୁରାତନ ନଥିପତ୍ର ନଷ୍ଟ କିମ୍ବା ହଜିଯାଇଛି। ସେମାନେ ନିଜର ମୂଳବାସିନ୍ଦାପଣିଆ ପ୍ରମାଣ ଦେଲାବେଳକୁ ନୟାନ୍ତ ହୋଇଯିବେ। ଏତେ ଅଧିକ ସଂଖ୍ୟାରେ ଲୋକଙ୍କୁ ଯେତେବେଳେ ଦେଶର ବ୍ୟବସ୍ଥା 'ବିଦେଶୀ' ଭାବେ ଠାବ କରିବ, ସେତେବେଳେ 'ସ୍ୱଦେଶୀ' କିଏ ରହିବେ ତାହା ଦେଖିବାକୁ ବାକି ଅଛି।

ଏଠାରେ ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ଅଧିକାଂଶ ହିନ୍ଦୁ ପରିବାରର ଦୁଇ କିମ୍ବା ସର୍ବାଧିକ ତିନି ପୁରୁଷଙ୍କ ନାମ ମନେରହିଥାଏ, ଯାହାକି ପୂଜା ସମୟରେ ପୁରୋହିତ ଉଲ୍ଲେଖ କରିଥାନ୍ତି। ଯେଉଁଠାରେ ଅଧିକ ଆବଶ୍ୟକ ପଡ଼େ, ସେଠାରେ ପୁରୁଷଙ୍କ ପାଇଁ ଜଗନ୍ନାଥ ଏବଂ ମହିଳାଙ୍କ ପାଇଁ ଲକ୍ଷ୍ମୀ, ସରସ୍ୱତୀ କୁହାଯାଇ ସ୍ୱାହା କରାଯାଇଥାଏ। ଏହି ଗୋଟିଏ ବାସ୍ତବ ପରିସ୍ଥିତିରୁ ବୁଝାପଡୁଛି ଯେ, ଆମେ ଯେତେବେଳେ ନିଜ ପୂର୍ବପୁରୁଷଙ୍କ ନାମ ମନେପକାଇବାକୁ ଅସଫଳ ହେଉଛେ, ସେତେବେଳେ ଆମ ମଧ୍ୟରୁ କେତେଜଣ ଆଠ ଦଶ ପୁରୁଷ ଅମଳର ଦଲିଲ୍ ପ୍ରସ୍ତୁତ କରିପାରିବେ, ତାହା ବିଚାର୍ଯ୍ୟର ବିଷୟ।

# ମିଛସତର ମଝିରେ ନାଚାର ଜୀବନ



ସୋନାମିକା ରାୟ

ଭାରତୀୟ ସଂସ୍କୃତି ବିଶ୍ୱର ପ୍ରାଚୀନତମ ସଂସ୍କୃତି ମଧ୍ୟରେ ଅନ୍ୟତମ। ବିଶାଳତା, ଉଦାରତା, ପ୍ରେମ, ସହିଷ୍ଣୁତା ଓ ନୈତିକତା ଆଦି ଗୁଣର ଡୋରରେ ବନ୍ଧାହୋଇଥିବା ଏହି ମହାନ୍ ଆର୍ଯ୍ୟସଂସ୍କୃତି ଅନନ୍ୟ ଓ ଅସାଧାରଣ। ଏକ ଉନ୍ନତ ସାମାଜିକ ମୂଲ୍ୟବୋଧ ଏହାର ଅସ୍ତିତ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ। ସମୟକ୍ରମେ ବିଶ୍ୱର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଶିଳ୍ପାୟନ, ସହରୀକରଣ, ବସ୍ତୁବାଦ, ବ୍ୟକ୍ତିବାଦ ଆଦି ଭାରି ଶବ୍ଦଗୁଡ଼ିକର ଆଗମନ ଆମର ସାମାଜିକ ମୂଲ୍ୟବୋଧକୁ କଳୁଷିତ କରିବାରେ ଲାଗିଛି। ପରିଣାମସ୍ୱରୂପ ଏକ ଅବ୍ୟବସ୍ଥିତ ସାମାଜିକ ବ୍ୟବସ୍ଥାରେ ନିଜକୁ ଖାପ ଖୁଆଇବା ପାଇଁ ଆଜି ଏକ ଦୋହରା ଜୀବନ ବଞ୍ଚିବାର ଅଦମ୍ୟ ପ୍ରୟାସ ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ନିଜ ଘରେ ଘଟିଥିବା ଏକ ଘଟଣା ବିଷୟରେ ସାମାନ୍ୟ ଆଲୋକପାତ କରୁଛି। ଏକ ବ୍ୟସ୍ତବହୁଳ ଦିନ ପରେ ଘରେ ଆରାମ କରୁଥିବା ସମୟରେ ମୋ ଦଶବର୍ଷର ପୁଅ କହିଲା, 'କେହି ଭଦ୍ରବ୍ୟକ୍ତି ଘରକୁ ଆସିଛନ୍ତି'। ହାଲିଆ ଯୋଗୁ ବାହାରକୁ ଯାଇ ଦେଖିବା ପାଇଁ ମନ ବଳିଲା ନାହିଁ। ପୁଅକୁ କହିଲି, 'ଯା' କହିଦେ, ମୁଁ ଘରେ ନାହିଁ'। ପୁଅ ସ୍ଥିରଦୃଷ୍ଟିରେ ମୋତେ ଅନାଇ କହିଲା, 'ମିଛ କୁହ ନାହିଁ ବୋଲି ସବୁବେଳେ ଶିଖାଉଛ, ଅଥଚ ମିଛ କିପରି କହିବି ତାକୁ ମଧ୍ୟ ଶିଖାଉଛ'। ଦେହର ହାଲିଆ ମନକୁ ସଂକ୍ରମିତ ହେଲା। ଅଗତ୍ୟା ଉଠିଯାଇ ଭଦ୍ରବ୍ୟକ୍ତିଙ୍କୁ ଦେଖାକଲି। ମାତ୍ର ପୁଅର କଟାକ୍ଷ ମନକୁ ଭାରାକ୍ରାନ୍ତ କରି ରଖିଲା। ମନେମନେ ଭାବୁଥାଏ ଘରେ ଏହି ପଦିଏ ମିଛ ନୁହେଁ, ନିଜ ବୃତ୍ତିଗତ ଜୀବନରେ ଅବା ସମାଜରେ ଅନ୍ୟାନ୍ୟ ବ୍ୟକ୍ତିଙ୍କ ସହିତ ବାର୍ତ୍ତାଳାପ ସମୟରେ ଆମେ କେତେ ଯେ ନିଜର ମୂଲ୍ୟବୋଧ ସହିତ ସାଲିସ କରୁଛୁ, ତାହାର କଳନା ନାହିଁ। ପ୍ରତ୍ୟେକଙ୍କର ଘରୋଇ ଜୀବନ ଯେ ବାହ୍ୟଦୁନିଆ ତଥା ବୃତ୍ତିଗତ ଦୁନିଆଠାରୁ ସମ୍ପୂର୍ଣ୍ଣ ଭିନ୍ନ, ସେ କଥା ସମସ୍ତେ ନିଶ୍ଚୟ ଅନୁଭବ କରିଥିବେ।

ଭାବନ୍ତୁ ନିଜ ପିଲାଦିନର କଥା। ଘର, ପରିବେଶ, ବନ୍ଧୁବାନ୍ଧବ, ସାହିପଡ଼ିଶା, ସାଙ୍ଗସାଥୀଙ୍କ ସମ୍ପର୍କରେ କେତେ ମଧୁରତା ଥିଲା। ଆତ୍ମୀୟତାଭରା ଏକ ଭାବଗତ ସମ୍ବନ୍ଧରେ ଆମେ କେତେ ସହଜରେ ନିଜକୁ ବାନ୍ଧି ପାରୁଥିଲେ। ଗୁରୁଜନଙ୍କ ସ୍ନେହଶ୍ରଦ୍ଧାରେ ଆବିଳତା ନ ଥିଲା। ପଡ଼ୋଶୀମାନଙ୍କ ମଧ୍ୟରେ ସ୍ୱାର୍ଥଗତ ନୁହେଁ, ବରଂ ଏକ ଭାବଗତ ସମ୍ବନ୍ଧ ଥିଲା। ସମାଜର ଆର୍ଥିକ ଓ ସାମାଜିକ ଉନ୍ନତି ତଥା ବ୍ୟକ୍ତିବାଦ ଓ ବସ୍ତୁବାଦର କାୟାବିସ୍ତାର ପିଲାଦିନେ ଶିଖିଥିବା ଏବଂ ଅନୁଭବ କରିଥିବା ଜୀବନତତ୍ତ୍ୱକୁ ପାଣିଫୋଟକା ପରି ମିଳେଇଦେଲା।

ସାମ୍ପ୍ରତିକ ସମାଜରେ ସାମାଜିକ ମୂଲ୍ୟବୋଧ ସ୍ଖଳନର ସମସ୍ତେ ଅଳ୍ପବହୁତେ ଭୁକ୍ତଭୋଗୀ। ପାଶ୍ଚାତ୍ୟ ସଂସ୍କୃତିର ଚାପ ତଥା ଉତ୍କଟ ଆଧୁନିକତାର ମାନସିକତା ଆମର ପାରମ୍ପରିକ ଜୀବନଶୈଳୀରେ ଯଥେଷ୍ଟ ପରିବର୍ତ୍ତନ ଆଣିଛି। ସଂସ୍କୃତିର ମୂଳଦଣ୍ଡ ବୋଲାଉଥିବା ଆତିଥେୟତା, ମାନବିକତା, ବନ୍ଧୁତା, ସହଯୋଗିତା, ସହଭାଗିତା ଆଦି ସ୍ୱର୍ଗୀୟ ଶବ୍ଦଗୁଡ଼ିକ ନିଜର କାୟା ପରିବର୍ତ୍ତନ କରିଛନ୍ତି, ଯାହାର ପ୍ରଭାବ ଆମର ଭାଷା, ଖାଦ୍ୟପେୟ, ପୋଷାକପରିଚ୍ଛଦ, ଚିନ୍ତାଧାରା ଆଦି ପ୍ରତ୍ୟେକଟିରେ ଅନୁଭୂତ ହେଉଛି। ଯେପରି ଶାଢ଼ି ବଦଳରେ ଜିନ୍‌ସ ପିନ୍ଧିବା, ପିଠା ବଦଳରେ ପିଜା ଖାଇବା, ଜନ୍ମଦିନ ପାଳନରେ ପିଠାପଣା ବଦଳରେ କେକ୍ କାଟିବାକୁ ଗୁରୁତ୍ୱ ଦେବା, ବିଭିନ୍ନ ପର୍ବପର୍ବାଣି ପାଳନରେ ପାରମ୍ପରିକ ଶୈଳୀକୁ ଗୁରୁତ୍ୱ ନ ଦେବା ଆଦି ବହୁ ପରିବର୍ତ୍ତନ ସମ୍ବନ୍ଧରେ ଏଠାରେ ବ୍ୟାଖ୍ୟା କରାଯାଇପାରେ। ପରିବର୍ତ୍ତନଶୀଳ ସମାଜରେ ଏ ପ୍ରକାର ସାମାଜିକ ପରିବର୍ତ୍ତନ କେତେକାଂଶରେ ଗ୍ରହଣୀୟ ମଧ୍ୟ, ଯାହା ସାଂସ୍କୃତିକ ଅବକ୍ଷୟ ନୁହେଁ, ବରଂ ନୂତନ ସାମାଜିକ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମୋ ମତରେ ପ୍ରତ୍ୟେକ କ୍ଷେତ୍ରରେ ମୌଳିକତାକୁ ରକ୍ଷା କରୁଥିବା କୌଣସି ଯୁଗୋପଯୋଗୀ ପରିବର୍ତ୍ତନ ସ୍ୱାଗତଯୋଗ୍ୟ। ମାତ୍ର ବିବେକୀ ଈଶ୍ୱରବିଶ୍ୱାସୀ ଅନ୍ତରାତ୍ମା ଯଦି ଏହାକୁ ଅଗ୍ରାହ୍ୟ କରୁଛି, ଅଥଚ କେବଳ ପାଶ୍ଚାତ୍ୟ ସଂସ୍କୃତି ସହିତ ତାଳ ଦେବା ଆଳରେ ଏବଂ ନିଜସ୍ୱ ମାନସିକ ଦୃଢ଼ତାର ଅଭାବ ଯୋଗୁ ନିଜ ସଂସ୍କୃତି, ପରମ୍ପରାକୁ ନେଇ ଲଜ୍ଜାବୋଧ କରିବା ନିଶ୍ଚିତ ଭାବରେ ଏକ ଦୋହରା ବ୍ୟକ୍ତିତ୍ୱର ପରିଚୟ।

ଆସନ୍ତୁ ବିଚାର କରିବା ଆମର ବୃତ୍ତିଗତ ଜୀବନର କଥା। ମୋ ଅନୁଭୂତିରୁ ଏତିକି କହିପାରେ ଯେ, ବୃତ୍ତିଗତ ଜୀବନରେ କଠୋର ନୈତିକ ମୂଲ୍ୟବୋଧକୁ ଜାବୁଡ଼ି ଧରିଲେ ସାମୟିକ ବାହାବା ମିଳିପାରେ, ମାତ୍ର କେତେଦିନ ନିଜକୁ ଏକ ସୁରକ୍ଷା ବଳୟ ଭିତରେ ରଖିହେବ, ତାହାର କୌଣସି ଧାରଣା ନାହିଁ। ବରଂ ସତମିଛ କହି ପ୍ରତିଯୋଗିତାରେ ଶୀର୍ଷସ୍ଥାନରେ ପହଞ୍ଚିବାର ମୋହ ସମସ୍ତଙ୍କୁ ଘାରିଛି। ବିଭିନ୍ନ ପରିସ୍ଥିତିରେ ଉପରିସ୍ଥ ଅଧିକାରୀ, ରାଜନୈତିକ ନେତା ଅଥବା ନିଜର ସହକର୍ମୀ ପ୍ରତ୍ୟେକଙ୍କ ସହିତ ସାଲିସ କରୁକରୁ ବେଳେବେଳେ ନିଜ ବ୍ୟକ୍ତିତ୍ୱକୁ ମଧ୍ୟ ଚିହ୍ନିବା ମୁସ୍କିଲ୍ ହେଉଛି। ସ୍ୱାର୍ଥାନ୍ଧ ଅର୍ଥକରୀ ସମାଜ ନିଜର ବ୍ୟକ୍ତିଗତ ଉନ୍ନତି ନିମନ୍ତେ ପ୍ରତିଯୋଗିତାରେ ମଗ୍ନ। ପ୍ରତିଷ୍ଠାର ଶିଢ଼ି ଚଢ଼ିଲାବେଳେ ବ୍ୟକ୍ତିଗତ ମୂଲ୍ୟବୋଧ ଯେ କେତେମାତ୍ରାରେ ତଳିତଳାନ୍ତ ହେଉଛି ତାହାର ସମୀକ୍ଷା କରିବା ପାଇଁ କାହାର ସମୟ ନାହିଁ କି ଇଚ୍ଛା ମଧ୍ୟ ନାହିଁ। ବିଡ଼ମ୍ବନାର ବିଷୟ ଯେ, ସାମ୍ପ୍ରତିକ ସମାଜରେ ତୋଷାମଦକାରୀମାନେ ସମସ୍ତ ସଫଳତାର ଶ୍ରେୟ ଲାଭ କରୁଛନ୍ତି; ଆଉ ନୀତିନିଷ୍ଠମାନେ ଦଣ୍ଡିତ ହେଉଛନ୍ତି।

ପୌରାଣିକ ଯୁଗରେ ଭଲ ଓ ଖରାପର ସଂଜ୍ଞା ନିର୍ଦ୍ଦିଷ୍ଟ ଥିଲା। ପ୍ରତ୍ୟେକ ବ୍ୟକ୍ତିତ୍ୱ ନିଜର ପ୍ରକୃତ ସ୍ୱରୂପ ନେଇ ଜନମାନସରେ ଚଳପ୍ରଚଳ ହେଉଥିଲେ ଏବଂ ଏକ ସହଜ ସରଳ ସାମାଜିକ ବ୍ୟବସ୍ଥାର ମଧ୍ୟ ପ୍ରଚଳନ ଥିଲା। ମାତ୍ର ଏବର ସାମାଜିକ ବ୍ୟବସ୍ଥାରେ ଖରାପ ଓ ଭଲର ସଂଜ୍ଞା ନିରୂପଣ ଏକବାରେ ଅସମ୍ଭବ। ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିବା ବ୍ୟକ୍ତିଟି ଭଣ୍ଡ ଓ ପାଶବିକ ହୋଇପାରେ ଏବଂ ଦୁର୍ଦ୍ଦାନ୍ତ, ଦୁର୍ଦ୍ଧର୍ଷ ଦେଖାଯାଉଥିବା ବ୍ୟକ୍ତିଟି ଭିତରେ ଦେବତ୍ୱର ସତ୍ତା ମଧ୍ୟ ଥାଇପାରେ। ପିଲାମାନଙ୍କ ମନରେ ମାନବିକତା ପ୍ରତି ଶ୍ରଦ୍ଧା, ସମ୍ମାନ ଓ ବିଶ୍ୱାସକୁ ବଜାୟ ରଖିବା ସଙ୍ଗେ ସଙ୍ଗେ ବ୍ୟକ୍ତିବିଶେଷରେ ଥିବା ଚାରିତ୍ରିକ ପାର୍ଥକ୍ୟକୁ ମଧ୍ୟ ଦର୍ଶାଇବାକୁ ହେବ। ଯାହା ଆମେ ଶିଖିଛେ ବା ଶିଖିଥିଲେ ଅବିକଳ ସେହିଭଳି ଶିକ୍ଷା ଆମର ଦାୟାଦମାନଙ୍କ ଜୀବନସଂଗ୍ରାମରେ ପଥପ୍ରଦର୍ଶକ ହେବା ଦିଗରେ ମୁଁ ସନ୍ଦିହାନ। ବରଂ ସ୍ଥାନ-କାଳ-ପାତ୍ର ବିଚାରି ଠିକ୍ ଅନୁପାତରେ ନୈତିକ ଶିକ୍ଷାର ବ୍ୟବହାର ଏବଂ ଏକ ଜଟିଳ ସାମାଜିକ ବ୍ୟବସ୍ଥାରେ ଖାପଖୁଆଇ ଚଳିବା ପାଇଁ ବ୍ୟାବହାରିକ ଜ୍ଞାନର ଶିକ୍ଷା ତଥା ଅଭ୍ୟାସ ସେମାନଙ୍କୁ ଜଗତଜୟୀ କରାଇବ।

ଏଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଉକ୍ତିଟି ମନେ ପଡ଼େ, ''ମୋର ମନେହୁଏ ଯେ ଜୀବନରେ ସତ୍ୟ ଛଡ଼ା ମିଥ୍ୟାର ଆବଶ୍ୟକତା ଆଦୌ ନାହିଁ।'' ସତ୍ୟ ପ୍ରତି ନିଷ୍ଠା ରହିଲେ ସବୁ କ୍ଷେତ୍ରରେ ତାହାର ପ୍ରୟୋଗ କରାଯାଇପାରିବ। ସତ୍ୟ ପ୍ରତି ଏକାନ୍ତ ନିଷ୍ଠା ମହାତ୍ମାଙ୍କ ପକ୍ଷରେ ସମ୍ଭବ ହୋଇପାରେ। କିନ୍ତୁ ଆମ ପରି ସାଧାରଣ ମାନବଟିଏ ସର୍ବଦା ସତ୍ୟ ପ୍ରତି ନିଷ୍ଠା ରଖି ଚଳିବା ସମ୍ଭବ ନୁହେଁ। ଅଳ୍ପବହୁତେ ସମସ୍ତେ ଆତ୍ମରକ୍ଷା ଓ ସ୍ୱାର୍ଥରକ୍ଷା ପାଇଁ ମିଥ୍ୟାର ଆଶ୍ରୟ ନେବା ଅସ୍ୱାଭାବିକ ନୁହେଁ। ବିବେକର ତାଡ଼ନାରେ ଆମେ ପଶ୍ଚାତ୍ତାପ କରୁ ସତ କିନ୍ତୁ ମନର ଆଗ୍ରହରେ ସେହି ଅନୁତାପ ପାଣିଫୋଟକା ପରି ଉଭେଇଯାଏ। ପାଶ୍ଚାତ୍ୟ ସଂସ୍କୃତି ଓ ସଭ୍ୟତାରେ ପରିପୁଷ୍ଟ ଆମର ମନ କିନ୍ତୁ ଆଜିର ଏ ଦୋହରାପଣିଆକୁ ବେଶ୍ ଆପଣେଇ ସାରିଛି। ଦ୍ୱନ୍ଦ୍ୱୀବୃତ୍ତିରେ ଏ ସମସ୍ତ ସୃଷ୍ଟି ଆକ୍ରାନ୍ତ, ଶ୍ରେୟୋନିଷ୍ଠା ଆସିବ କେମିତି? 'ଚଳେଇ ନେଇ ପାରିଲେ ହେଲା' ନ୍ୟାୟରେ ଆମେ ଚାଲିଛେ। ବ୍ୟକ୍ତିଗତ ଓ ପାରିବାରିକସ୍ତରରୁ ସାମାଜିକସ୍ତର ପର୍ଯ୍ୟନ୍ତ ଏ ଦୋହରାପଣ ରାଜତ୍ୱ କରିଚାଲିଛି, ଆଗକୁ ମଧ୍ୟ ଚାଲିବ, ଏଥିରେ ସନ୍ଦେହ ନାହିଁ। ସମୟଚକ୍ରରେ ସମାଧାନର ପନ୍ଥା ନିଶ୍ଚୟ ଫିଟିବ, ସେତେବେଳେ ଇତିହାସରେ ଏହି ଦୋହରାପଣିଆକୁ କିପରି ଉପସ୍ଥାପନ କରାଯିବ, ତାହା ଭବିଷ୍ୟତ ହିଁ କହିବ।

ମୋ : ୭୯୭୮୪୮୯୦୪୭

# ଗଣେଶପୂଜା: ସେଦିନ ଓ ଆଜି



ଡ. ଭାଗ୍ୟଲିପି ମଲ୍ଲ

ଆମ ସାମାଜିକ ଓ ସାଂସ୍କୃତିକ ଜୀବନରେ ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ସ୍ୱତନ୍ତ୍ର। ସେହି ଦିନଟିକୁ ଆମେ କହୁ ଗଣେଶ ଚତୁର୍ଥୀ। ଦିନଟି ଗୁରୁତ୍ୱପୂର୍ଣ୍ଣ ହେବାର କାରଣ ଦୁଇଟି। ଆମେ ଏକ ବିଶେଷ ସତ୍ତା ଭିତରେ ଦୁଇଟି ଭାବକୁ ପୂଜାକରୁ। ସେହି ଭାବର ଦେବତା ଆମକୁ ସୁରକ୍ଷା ଦିଅନ୍ତି, ବିଦ୍ୟା ବି ଦିଅନ୍ତି। ଘର ବା ସମାଜର ଯେକୌଣସି ମାଙ୍ଗଳିକ କାର୍ଯ୍ୟରେ ସର୍ବପୂଜ୍ୟ ଓ ଅଗ୍ରପୂଜ୍ୟ ଦେବତା ସେ ଏବଂ ସକଳ ବିଦ୍ୟାର ଅଧିକାରୀ ମଧ୍ୟ ସେ। ସବୁଠାରୁ ବଡ଼କଥା, ଏହି ଦିନ ଗଣେଶଙ୍କ ଜନ୍ମଦିନ। ତେଣୁ ଚାରିଆଡ଼ ଉତ୍ସବମୁଖର ହୋଇଉଠେ ଏହି ଦେବତାଙ୍କ ପାଇଁ।

ପୂଜାଦିନ ଆସିଲେ ସ୍କୁଲ୍ ଓ ଗାଁ ଘର ଲିପାପୋଛା ହୁଏ, କାନ୍ଥ-ଚଟାଣରେ ଝୋଟି ପଡ଼େ। କଇଁଫୁଲ ଓ ଆମ୍ବଡାଳର ତୋରଣରେ ହସିଉଠେ ପରିମଣ୍ଡଳ। ସକାଳୁ ସକାଳୁ ମାଟିରେ ତିଆରି ହୋଇଥିବା ଗଣେଶଙ୍କୁ ସୁବେଶ କରିଦିଆଯାଏ। କନିଅର, ଟଗର, କଇଁଫୁଲର ମାଳା ବେକରେ ଲମ୍ବେଇ ଦିଆଯାଏ। ପିଲାଙ୍କ ଗହଣରେ ପରିବେଶ ମୁଖରିତ ହୋଇଉଠୁଥାଏ। ନୂଆଚାଟ ଖଡ଼ି ଛୁଏଁ ପାଖରେ ଗୁରୁ। ଛୋଟ ପିଲାଟିର ହାତରେ ନୂଆ ସିଲଟ ଓ ଖଡ଼ି। ଗୁରୁଙ୍କ ହାତମୁଠାରେ ପିଲାଟିର ଖଡ଼ିଧରା ମୁଠା। ପାଠର ଆରମ୍ଭ 'ସିଦ୍ଧିରସ୍ତୁ'। ତା'ପରେ ତିନୋଟି ଛୋଟଛୋଟ ମୁଣ୍ଡୁଳା- ବ୍ରହ୍ମା, ବିଷ୍ଣୁ, ମହେଶ୍ୱର।

କାଇଁଚ ପାଛିଆରେ ପିଲାଟି ତା' ପ୍ରିୟ ଗଣେଶଙ୍କ ପାଇଁ ଆଣିଥାଏ ଉଖୁଡ଼ା, ନଡ଼ିଆ, କଦଳୀ ଓ ଖସାଲଡୁ। ପୂଜା ଶେଷହୁଏ ପୁଷ୍ପାଞ୍ଜଳିରେ। 'ଖର୍ବଂ ସ୍ଥୂଳତନୁଂ ଗଜେନ୍ଦ୍ରବଦନଂ ଲମ୍ବୋଦରଂ ସୁନ୍ଦରମ୍'- ଏ ଶ୍ଳୋକଟି କେବେ ଜନ୍ମ ନେଇଥିଲା ଆମେ ଜାଣିନୁ, ମାତ୍ର ସବୁଦିନ ପାଇଁ ଲେଖା ହୋଇଯାଏ ତା' ଚେତନାରେ।

ସେଦିନ ବଦଳିଗଲାଣି। ଏବେ ଗଣେଶଙ୍କ ଦୁଇ ହାତ ବଦଳରେ ହାତର ସଂଖ୍ୟା ବଢ଼ି ବଢ଼ି ଚାଲିଛି। ତାଙ୍କ ହାତରେ କେବଳ ଆଉ ଲଡୁ ବା ପୋଥି ନାହିଁ, କେତେ କେତେ ଆୟୁଧ। ହାତରେ ଅଭୟମୁଦ୍ରା ବି ଅଛି। କେଉଁଠି ନାଚୁଛନ୍ତି, କେଉଁଠି ବଇଁଶୀ ବା ମୃଦଙ୍ଗ ବଜାଉଛନ୍ତି ତ କେଉଁଠି ରଣ ପାଇଁ ପ୍ରସ୍ତୁତ।

ସବୁଠୁ ବଡ଼ କଥା, ସେ କାଳେ ସୁନ୍ଦର ଅନ୍ୟ ସକଳ ଦେବତାଙ୍କଠାରୁ। ହାତୀପରି ମୁଣ୍ଡ, ଥନ୍ତଲପେଟ, ଗଭୀର ନାଭି, ମୋଟାମୋଟା ଜଂଘ, ବଡ଼ବଡ଼ ପାଦ, ପ୍ରସାରିତ ପାପୁଲି, ଛାତିରେ ପଇତା, ଦେହସାରା ଅଳଙ୍କାର, ମଥାରେ ଚନ୍ଦନ। ଏପରିକି ବାପାଙ୍କ ପ୍ରିୟ ସାପ ବି ତାଙ୍କର ଅଳଙ୍କାର। ଏତେବଡ଼ ପୃଥୁଳକାୟ ଦେବତାଙ୍କର ବାହନ ପୁଣି ଛୋଟିଆ ମୂଷାଟିଏ। କାହିଁକି? ତାଙ୍କୁ କ'ଣ ଆଉ କୌଣସି ଜୀବ ମିଳିଲେନି? ପୁଣି ଏପରି ଏକ ବିଚିତ୍ର ଦେବତା ସୁନ୍ଦରତମ ହେଲେ କେମିତି?



ଗଣେଶ କ'ଣ କହି ଦେଉଛନ୍ତି କି, ସୁନ୍ଦରତା ଦେହର ଗଢ଼ଣରେ ନାହିଁ, ବିଦ୍ୟା ହିଁ ସୁନ୍ଦର? ବିଦ୍ୟାବନ୍ତ ସକଳ ରୂପର ଯେପରି ଏକ ଅପରୂପ ଉଦ୍ଭାସ। ଥରେ ବିଦ୍ୟାରେ ଜଣେ ପରିସ୍ନାତ ହୋଇପାରିଲେ ସେ ସମସ୍ତଙ୍କୁ ଆକର୍ଷଣ କରେ। ପୁଣି ମୂଷା ନାମକ ଜୀବଟି କ'ଣ ଆମକୁ କହି ଦିଏ କି, ମୁଁ ସବୁକିଛି ବନ୍ଧୁରତା, କଠୋରତାକୁ ମୋର କୁନିକୁନି ଦାନ୍ତରେ ଭାରି ସହଜରେ ଭେଦି ଯାଇପାରେ। ଯାଇପାରେ ଗଭୀରରୁ ଗଭୀରତମକୁ। ସବୁ ସମ୍ପଦକୁ ନିଜ ଘର ଭିତରେ ସମ୍ପାଦି ଦେଇପାରେ। ଏପରିକି ତୁମ ସଞ୍ଚିତ ସମ୍ପଦକୁ ଓ ତୁଚ୍ଛିକୁ ବି। ତୁମେ ସତର୍କ ନ ହେଲେ ନିଜକୁ ନିରାପତ୍ତା ଦେଇପାରିବ ନାହିଁ। ମୁଁ ତୁମର ସତର୍କ ଘଣ୍ଟି। ତୁମେ ଅବଶ୍ୟ ମୋତେ ଶତ୍ରୁ ମଣ। ବିଭିନ୍ନ ଉପାୟରେ ମୋ ଜୀବନକୁ ନିଅ, ମାତ୍ର ନେଇ ପାର କି? ମୋତେ ଆବିଷ୍କାର କର, ମୁଁ ତଥାପି ବଞ୍ଚିଛି, ଏକ ପ୍ରଚଣ୍ଡ ପ୍ରତିପତ୍ତିଶାଳୀ ବିଦ୍ୟା-ବିଭବରେ ଅପରାଜେୟ ବ୍ୟକ୍ତିତ୍ୱ ଗଣେଶଙ୍କ ପାଦତଳେ ଏବଂ ତାଙ୍କୁ ବୋହି ଚାଲିଛି। ଯିଏ ବିଦ୍ୟାର ବହନକାରୀ, ସେ ଅମର।

ଆମ ଭାରତୀୟ ସଂସ୍କୃତିରେ ଏହି ବିଦ୍ୟାର ଦେବତା କାଳେ ମହାମାୟା ପାର୍ବତୀଙ୍କ ମାନସ-ସନ୍ତାନ, ଯିଏ ବାଲ୍ୟତ କାଳରୁ ମହାଯୋଗୀ ଶିବଙ୍କ ସହିତ ମଧ୍ୟ ଯୁଦ୍ଧ କରିବାକୁ ଆହ୍ୱାନ ଦେଇପାରେ ଏବଂ ଯିଏ କହିଦେଇପାରେ, ତା' କାନ୍ଧରୁ ମୁଣ୍ଡକୁ ବିଯୁକ୍ତ କରି ଦେଇଥିବା ଅସ୍ତିତ୍ୱକୁ- ହେ ଈଶ୍ୱର! ତୁମେ ମୋତେ ଶେଷ କରିପାରିବ ନାହିଁ, ବିଦ୍ୟାର ଶେଷ ନାହିଁ, ବୀରତ୍ୱର ଶେଷ ନାହିଁ। ସାଧନା, ଉତ୍ସାହର ବି ଶେଷ ନାହିଁ। ଅନ୍ୟର ନିରାପତ୍ତା ପାଇଁ ସମର୍ପିତ ଏକ ପ୍ରତିଶ୍ରୁତିବଦ୍ଧ ଅସ୍ତିତ୍ୱର ଶେଷ ନାହିଁ, ସେ ବଞ୍ଚିବ ଯାବତ୍ ଚନ୍ଦ୍ରାର୍କ। ଈଶ୍ୱର ଆଶ୍ଚର୍ଯ୍ୟ ହୁଅନ୍ତି- ଏକ ମହାପରାକ୍ରମଶାଳୀ ଅସ୍ତିତ୍ୱର କାନ୍ଧରେ ଯୋଡ଼ିଦିଅନ୍ତି ହାତୀର ମୁଣ୍ଡଟିଏ। ସେହି ଆଶ୍ଚର୍ଯ୍ୟ ଦେବତା ଆମ ଗଣେଶ, ଭାରତୀୟ ସଂସ୍କୃତିର ଆଦିପୂଜ୍ୟ ଏବଂ ସକଳ ବିଦ୍ୟାର ପ୍ରତୀକ। ଜନ୍ମ ବୈଦିକ କାଳରୁ।

ସେହି ବୈଦିକ ଦେବତାଙ୍କ ନିରାଜନା ଏବେ ଭିନ୍ନ ମୋଡ଼ ନେଇଛି। ଗାଁ, ସହର, ସାହି, ବସ୍ତି-ସବୁଠି ଗଣେଶ ବର୍ତ୍ତମାନ। ଭିନ୍ନ ଭିନ୍ନ ଦଳଙ୍କର ଚାନ୍ଦା ଆଦାୟରେ ଏବେ ଆମ ଗଣେଶ ଅତିଷ୍ଠ। କେତେ ରୂପରେ ତାଙ୍କ ଅବତାରଣାରେ ତାଙ୍କ କଣ୍ଠ ବାଷ୍ପରୁଦ୍ଧ। ପୁଣି ବିସର୍ଜନରେ ତାଙ୍କ ଅବସ୍ଥା ଆହୁରି ବାରଣ୍ଡା ଦି'କଡ଼ା। ଡିଜେ ବାଜାର ଶବ୍ଦରେ ଉଚ୍ଛାଙ୍ଗ ନୃତ୍ୟଗୀତର ଉଚ୍ଚାଟ ପଦପାତ ତାଙ୍କୁ କେମିତି ଲାଗୁଥିବ କେଜାଣି?

ବିଦ୍ୟା ସବୁବେଳେ ନିର୍ମଳତାର ପ୍ରତୀକ। ମନ ହେଉ, ଦେହ ହେଉ ଅଥବା ପରିବେଶ, ଆମ ଗଣେଶଙ୍କୁ ବିସର୍ଜନରେ ଡିଜେ ବଜାଇ, ଉଚ୍ଛାଙ୍ଗ ନୃତ୍ୟଗୀତରେ ନଈ ବା ପୋଖରୀରେ ଭସେଇ ଦେଉଥିବା ବେଳେ, ଗଣେଶ ଶ୍ୱାସରୁଦ୍ଧ ହେବା ସ୍ୱାଭାବିକ କଥା। ତେଣୁ ଏବେ ତାଙ୍କ ମୃଣ୍ମୟ ଅବୟବକୁ ସ୍ୱତନ୍ତ୍ର ସ୍ଥାନରେ ବିସର୍ଜନ କରାଯିବା ଲାଗି ନିଆଯାଉଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏତେସବୁ ବାଜା, ରୋଶଣୀ, ଆଲୋକର ସାଜସଜ୍ଜା ଭିତରେ କାହିଁକି କେଜାଣି ଗଣେଶ ପୂଜା ଦିନ ଗାଁର ସେ ପଛଦିନ ମନେପଡ଼େ!

ମୋ-୯୪୩୯୨୮୧୫୬୧

## ଏଇ ଭାରତରେ

କୁକୁର ବିବାହ କରାଇଲେ ଗ୍ରହ ଦୋଷ ଖଣ୍ଡନ ହୋଇଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି। ଯେଉଁ ପରିବାର ଏହି କୁକୁର ବିବାହ କରିଥାଆନ୍ତି ସେମାନଙ୍କ ଘରେ ଯାହାର କୁଣ୍ଡଳୀ ଦୋଷ ଥାଏ ତାହା ମଧ୍ୟ ଖଣ୍ଡନ ହୋଇଥାଏ। ସେହି ଘରେ ଥିବା ଅବିବାହିତ ଯୁବତୀ ଯୁବକଙ୍କ ଶୀଘ୍ର ବିବାହ ହେବା ସହ ସୁଖମୟ ଦାମ୍ପତ୍ୟ ଜୀବନ ଆରମ୍ଭ ହୋଇଥାଏ। କୁକୁର ବାହାଘର କଥା ଶୁଣିଲେ କଥାଟା ଟିକେ ଅଡୁଆ ଲାଗୁଛି ନିଶ୍ଚୟ। ହେଲେ ନିକଟରେ ବାରାଣସୀରେ ଏମିତି ଏକ ବିବାହ ଦେଖିବାକୁ ମିଳିଛି। ଆଲ୍ଲାହାବାଦ ବା ପ୍ରୟାଗରାଜଠାରୁ ୫୦ କିଲୋମିଟର ଦୂର କୋରାଓ ଗାଁରେ ଅନୁଷ୍ଠିତ ହୋଇଛି ଏହି ନିଆରା ବିବାହ। ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟର ଲୋକେ ବୈଦିକ ରୀତିନୀତି ଅନୁଯାୟୀ ଏକ ଅଣ୍ଡିରା କୁକୁର ସହିତ ଗୋଟିଏ ମାଇ କୁକୁରର ବିବାହ କରିଛନ୍ତି। ତେବେ ଏହି ବିବାହ ପାଇଁ କାର୍ଡ ଛପାଯିବା ସହ ବିବାହ କାର୍ଯ୍ୟକ୍ରମରେ ବନ୍ଧୁବାନ୍ଧବ ଯଥାରୀତି ଯୋଗ ଦେଇଥିଲେ। ଏମିତି କି ବରଯାତ୍ରୀ ପ୍ରସେସନରେ ଯିବା ସହ ଲୋକେ ନାଚିଗାଇ ମଉଜ କରିଥିଲେ। ଏହାପରେ ଭୋଜିଭାତ ଆୟୋଜନ କରାଯାଇଥିଲା। ଠିକ୍ ମଣିଷଙ୍କ ଭଳି କୁକୁର ଦୁଇଟିଙ୍କୁ ସଜ କରି ବିବାହ ମଣ୍ଡପକୁ ନିଆଯାଇଥିଲା। ଆଉ ବିବାହ ପରେ ଏମାନଙ୍କୁ ବିଦାୟୀ ମଧ୍ୟ ଦିଆଯାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୨ ସେପ୍ଟେମ୍ବର ୧୯୯୪

- ଦକ୍ଷିଣ ଆଫ୍ରିକାର କ୍ୱାଜୁଲୁ-ନେଟାଲ ପ୍ରଦେଶରୁ ଜରୁରୀ ପରିସ୍ଥିତି ଉଠାଇ ନେବା ପାଇଁ ରାଷ୍ଟ୍ରପତି ନେଲ୍‌ସନ ମଣ୍ଡେଲାଙ୍କ କ୍ୟାବିନେଟ ନିଷ୍ପତ୍ତି ନେଇଛି।
- ଆମେରିକା ପାକିସ୍ତାନକୁ ଅତ୍ୟାଧୁନିକ ବୋମାବର୍ଷୀ ବିମାନ ଏଫ୍-୧୬ ଯୋଗାଇବ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରିଛି।

## ଚିରନ୍ତନୀ

ବିହଙ୍ଗର ଗତି ପୁଣି କ୍ଷୀଣତମ ସ୍ୱରର ଚାଳନ
ସକଳ ଆକାଶଦେଶେ ଜଗାଏ କି ବ୍ୟଥିତ ସ୍ପନ୍ଦନ
ଏକ ଅଙ୍ଗେ ଲାଗେ ଯେବେ ଆଘାତ ବେଦନା
ଛୁଟେ ତା'ର ବ୍ୟଥିତ ଦ୍ୟୋତନା।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୨୫-ଆସନ୍ତା ଅକ୍ଟୋବର ୨ରୁ ପ୍ଲାଷ୍ଟିକ୍ ବର୍ଜ୍ୟ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗଣଆନ୍ଦୋଳନ ଆହ୍ୱାନ।
୨୬- ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କର ୧୨ଟି ଦେଶରେ ୧୭ଟି ବ୍ୟାଙ୍କ ଆକାଉଣ୍ଟ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚାଞ୍ଚଲ୍ୟକର ତଥ୍ୟ ଦେଇଛି।
୨୭- ମାନ୍ଦାବସ୍ଥା ଯୋଗୁ ମାରୁତି ସୁଜୁକି ଏହାର ୩୦୦୦ ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିଛି।
* ଭୁବନେଶ୍ୱରରେ ୨୦୨୦ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଅନୁଷ୍ଠିତ ହେବ ବୋଲି ଆୟୋଜନ କମିଟିର ଘୋଷଣା।
୨୯- ପାକିସ୍ତାନ ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା ଏକ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଗଜନବୀର ସଫଳ ପରୀକ୍ଷା କରିଛି।
୩୦- ଦଶଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ଚାରୋଟି ବୃହତ୍ ବ୍ୟାଙ୍କ କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଘୋଷଣା।

## ଆମ ସମସ୍ୟା

### ଏମିତି ଆମ ତହସିଲ କାର୍ଯ୍ୟାଳୟ

ମହାଶୟ,

ସତ୍ୟବାଦୀ ଅଞ୍ଚଳ ତହସିଲ କାର୍ଯ୍ୟାଳୟକୁ ଯାଇଥିଲି। ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ନିକଟରୁ ଏହା କାଦୁଆ ପେଟ୍ରୋଲ ଟାଙ୍କି ନିକଟ ନିଜସ୍ୱ କାର୍ଯ୍ୟାଳୟରେ ଚାଲୁଛି। ଜାଣି ବର୍ଷାଦିନ। ତହସିଲ କାର୍ଯ୍ୟାଳୟ ବୋଲି ସୂଚନା ଫଳକ ଲାଗି ନ ଥିବାରୁ ଲୋକେ ବାଉଳା ହେବା ସ୍ୱାଭାବିକ। ପେଟ୍ରୋଲ ଟାଙ୍କିରୁ ବଳକା ଜଳ ନିଷ୍କାସନ ଲାଗି ଉଦ୍ଦିଷ୍ଟ ସଂକୀର୍ଣ୍ଣ ନାଳି ଅତିକ୍ରମ କରି ଯିବାକୁ ହୋଇଥାଏ। ଉଦ୍‌ଘାଟନ ଫଳକକୁ ଗଛ ଆଚ୍ଛାଦିତ କରିସାରିଛି। ଅଳ୍ପଦିନରେ ଉଦ୍‌ଘାଟିତ କାର୍ଯ୍ୟାଳୟ ପଛ ପାଖ ପାଚେରି ଫନୀ ବାତ୍ୟାରେ ବିଧ୍ୱସ୍ତ। ସବୁଠାରୁ ଦୁଃଖର ବିଷୟ କାର୍ଯ୍ୟାଳୟକୁ ଲାଗି ଏକ ଶ୍ମଶାନ ରହିଛି। ଯେତେବେଳେ ଶବ ପୋଡ଼ା ହେଉଥିବ ସେତେବେଳେ ସାଧାରଣ ଲୋକ, କର୍ମଚାରୀ ଓ ଅଧିକାରୀଙ୍କ ଅବସ୍ଥା ଯାହା ହେଉଥିବ ଅନୁମେୟ। ଆଇନଜୀବୀମାନେ ବସି କାର୍ଯ୍ୟ କରିବା ବ୍ୟବସ୍ଥା ନ ଥିବାରୁ ସେମାନେ ଜଙ୍ଘ ଉପରେ ଅର୍ଜି ଲେଖୁଥିବାର ଦୃଶ୍ୟ ଦେଖି ଦୁଃଖ ଲାଗେ। ଏହାର ପ୍ରତିକାର କରାଯାଉ।

ଶ୍ରୀରାମଚନ୍ଦ୍ର ଦାଶ, ରବୀନ୍ଦ୍ର ନାଥ ଦାଶ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

### ମହାନଦୀରେ ବର୍ଜ୍ୟବସ୍ତୁ

ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀ ପାଲଟିଛି ଡମ୍ପିଂୟାର୍ଡ। ନଦୀ ଜଳରେ ପ୍ରଦୂଷଣର ବ୍ୟାପକତା ପରିଲକ୍ଷିତ ହେଉଛି। ଛତିଶଗଡ ଓ ଓଡ଼ିଶାର ବିଭିନ୍ନ ଶିଳ୍ପସଂସ୍ଥାରୁ ବାହାରୁଥିବା କୁଢ କୁଢ ବିଷାକ୍ତ ବର୍ଜ୍ୟବସ୍ତୁ ସାଙ୍ଗକୁ ନଦୀକୂଳିଆ ସହରଗୁଡ଼ିକର ନର୍ଦ୍ଦମା, ଆବର୍ଜନା ଜଳ ବିନା ଦ୍ୱିଧାରେ ନଦୀକୁ ଛଡାଯାଉଛି। ପ୍ରତ୍ୟହ ଲକ୍ଷ ଲକ୍ଷ ଲିଟର ବର୍ଜ୍ୟଜଳ ନଦୀରେ ମିଶୁଛି। ପଲିଥିନ୍ ଓ ପ୍ଲାଷ୍ଟିକ୍ ଜମାହୋଇ ଭାସୁଛି। ତେବେ ଛତିଶଗଡର ସଂଖ୍ୟାଧିକ ବ୍ୟାରେଜ୍ ନିର୍ମାଣପୂର୍ବକ ନଦୀ ଜଳ ଅବରୋଧ ଘଟଣାଠାରୁ ଏହି ପ୍ରଦୂଷଣ ଅଧିକ ବିପଜ୍ଜନକ ନୁହେଁ କି? ଏ ନେଇ ରାଜ୍ୟ ଜଳସମ୍ପଦ ବିଭାଗ ବେଶ୍ ତତ୍ପରତା ପ୍ରକାଶ କରି ଜଳ ପ୍ରଦୂଷଣରେ ରୋକ୍ ଦେବାଲାଗି ସମୁଚିତ ପଦକ୍ଷେପ ଗ୍ରହଣ କରୁ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | A | | | | | | E | | | | B | | 0 |
| | | 6 | | | | B | | | | D | | | 4 | |
| E | | 1 | 5 | 3 | 4 | C | 8 | | | | | | | 6 |
| | | | | | | | 2 | | | E | C | | 8 | 3 |
| | | | 8 | 9 | | 7 | | | 0 | | 1 | | | |
| | | | A | C | 5 | 8 | D | | | | | | 2 | 1 |
| | | | 4 | | | | 6 | | | | | D | | C |
| 5 | 2 | | | | | | B | | | | 6 | A | | |
| 8 | 0 | | E | | | 3 | | | | | | | | |
| 9 | | | | | B | 0 | A | | | 3 | | 5 | | |
| | | | | | | A | | | | | | | | |
| | | D | 1 | B | E | 9 | | | | | | | 3 | |
| 4 | 7 | | | | 2 | | | | | 9 | | | B | |
| | C | | 7 | 5 | 6 | | | | | | | 2 | | |
| | E | | | A | C | | 0 | 2 | | | 8 | 9 | 5 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | A | 3 | C | E | 4 | 9 | 1 | 0 | 7 | 5 | 2 | 6 | B | 8 |
| C | E | 8 | 7 | 6 | 5 | D | 2 | B | 3 | 4 | 1 | 0 | 9 | A |
| 1 | 9 | 4 | 8 | B | 0 | C | 3 | E | 6 | A | D | 5 | 2 | 7 |
| 6 | B | 2 | D | A | 3 | 7 | 5 | 4 | 0 | 9 | 8 | C | E | 1 |
| 5 | 7 | 0 | 2 | 1 | 9 | 6 | 8 | A | B | E | C | D | 4 | 3 |
| E | 5 | 6 | 1 | 8 | D | 3 | C | 2 | 4 | 7 | 9 | A | 0 | B |
| B | C | 9 | 3 | 4 | 6 | 5 | E | 7 | 1 | 0 | A | 2 | 8 | D |
| 2 | 4 | 1 | 9 | C | B | A | 0 | 8 | 5 | D | 3 | 7 | 6 | E |
| 0 | 8 | A | E | 5 | 7 | 1 | 4 | D | 2 | B | 6 | 3 | C | 9 |
| 7 | 3 | D | 0 | 2 | A | B | 6 | 9 | C | 8 | E | 4 | 1 | 5 |
| 8 | D | B | 5 | 9 | 1 | 0 | 7 | 6 | A | 2 | 4 | E | 3 | C |
| 9 | 1 | 5 | 4 | 7 | 2 | E | B | C | D | 3 | 0 | 8 | A | 6 |
| 3 | 6 | E | A | 0 | 8 | 2 | D | 1 | 9 | C | 7 | B | 5 | 4 |
| A | 2 | C | B | D | E | 4 | 9 | 3 | 8 | 6 | 5 | 1 | 7 | 0 |
| 4 | 0 | 7 | 6 | 3 | C | 8 | A | 5 | E | 1 | B | 9 | D | 2 |

ଗତକାଲିର ଉତ୍ତର

# ବିଶ୍ୱ ନାରିକେଳ ଦିବସ



ପ୍ରତିବର୍ଷ ସେପ୍ଟେମ୍ବର ୨ରେ ବିଶ୍ୱ ନାରିକେଳ(ନଡ଼ିଆ)ଦିବସ ପାଳନ କରାଯାଉଛି। ବିଶ୍ୱରେ ନଡ଼ିଆ ଚାଷ ଓ ତା'ର ଉତ୍ପାଦନ କିପରି ବୃଦ୍ଧି କରାଯାଇପାରିବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହାସହ ବିଭିନ୍ନ କିସମର ନଡ଼ିଆ ଚାଷ ବୃଦ୍ଧି ଉପରେ ଆଲୋକପାତ କରିବା ତଥା ଏସିଆନ୍ ପାସିଫିକ୍ କୋକୋନଟ୍ କମ୍ୟୁନିଟି (ଏପିସିସି)ର ପ୍ରତିଷ୍ଠା ଦିବସକୁ ମନେପକାଇବା ଉଦ୍ଦେଶ୍ୟରେ ଏହାକୁ ପାଳନ କରାଯାଉଛି। ସ୍ୱାସ୍ଥ୍ୟ ପାଇଁ ନଡ଼ିଆର ଆବଶ୍ୟକତା ବିଷୟରେ ବି ସଚେତନତା ସୃଷ୍ଟି କରାଯାଉଛି। ଭାରତରେ ଏହି ଦିବସକୁ କୋକୋନଟ୍ ଡେଭେଲପ୍‌ମେଣ୍ଟ ବୋର୍ଡ (ସିଡିବି) ଦ୍ୱାରା ନଡ଼ିଆଚାଷ କରାଯାଉଥିବା ରାଜ୍ୟଗୁଡ଼ିକରେ ପାଳନ କରାଯାଉଛି। ୨୦୧୭ରେ ଏହି ଦିବସର ସ୍ଲୋଗାନ ଥିଲା- 'ନଡ଼ିଆରେ ସୁସ୍ଥ ଓ ସମୃଦ୍ଧ ଜୀବନ।' ୨୦୧୮ରେ ଏହାର ଉଦ୍ଦେଶ୍ୟ ଥିଲା- 'ସ୍ୱାସ୍ଥ୍ୟ, ଶ୍ରୀ ଓ ସମୃଦ୍ଧି ପାଇଁ ନଡ଼ିଆ।' 'ନଡ଼ିଆ, ଜୀବନର ବୃକ୍ଷ ଓ ପରିବାରର କଲ୍ୟାଣକାରୀ' ଏହି ସ୍ଲୋଗାନକୁ ନେଇ ଆସିଛି ୨୦୧୯ ବିଶ୍ୱ ନାରିକେଳ ଦିବସ।

ଏସିଆନ୍ ପାସିଫିକ୍ କମ୍ୟୁନିଟିରେ ୧୮ଟି ଦେଶ ରହିଛନ୍ତି। ନଡ଼ିଆ ଉତ୍ପାଦନ ବୃଦ୍ଧି କରିବା ସହ ଏସିଆ ପାସିଫିକ୍ ଅଞ୍ଚଳରେ ଅର୍ଥନୈତିକ ବିକାଶ ଏହାର ମୁଖ୍ୟ ଲକ୍ଷ୍ୟ। ଭାରତ ମଧ୍ୟ ଏପିସିସିର ଏକ ପ୍ରତିଷ୍ଠାତା ରାଷ୍ଟ୍ର। ଭାରତରେ ବାର୍ଷିକ ହାରାହାରି ୨୪୩୭.୮୦ କୋଟିରୁ ଊର୍ଦ୍ଧ୍ୱ ନଡ଼ିଆ ଉତ୍ପାଦନ ହୁଏ ଓ ହେକ୍ଟର ପିଛା ଉତ୍ପାଦନ କ୍ଷମତା ୧୧,୬୧୬। ବିଶ୍ୱରେ ଏବେ ୮୦ ରୁ ୯୦ ଟି ଦେଶରେ ନଡିଆ ଚାଷ କରାଯାଉଛି। ସେମାନଙ୍କ ମଧ୍ୟରେ ନଡ଼ିଆ ଉତ୍ପାଦନରେ ଇଣ୍ଡୋନେସିଆ ପ୍ରଥମ, ଫିଲିପାଇନ୍ସ ଦ୍ୱିତୀୟ ଓ ଭାରତ ତୃତୀୟ ସ୍ଥାନରେ ରହିଛି। ଭାରତର ଦାକ୍ଷିଣାତ୍ୟ ରାଜ୍ୟଗୁଡିକରେ ଦେଶର ମୋଟ୍ ଉତ୍ପାଦନର ୯୦ ପ୍ରତିଶତ ନଡ଼ିଆ ମିଳିଥାଏ। ୨୦୧୬-୧୭ରେ କେରଳରେ ୭୪୪୮.୬୫, କର୍ଣାଟକରେ ୬୭୭୩.୦୫, ତାମିଲନାଡୁରେ ୬୫୭୦.୬୩, ଆନ୍ଧ୍ରପ୍ରଦେଶରେ ୧୩୭୭.୫୩ ଓ ଓଡ଼ିଶାରେ ୩୪୧.୬୮ ମିଲିଅନ ନଡ଼ିଆ ଉତ୍ପାଦନ ହୋଇଛି। ବିଶ୍ୱସ୍ତରରେ ୨୦୦୦ ମସିହାରେ ନଡ଼ିଆ ଉତ୍ପାଦନ ୫୧.୧୯ ମିଲିଅନ ମେଟ୍ରିକ ଟନ୍ ଥିବାବେଳେ ଏହା ୨୦୧୭ରେ ୬୦.୭୭ ମିଲିଅନ ଟନ୍ ରହିଥିଲା। ୨୦୧୯ ଆର୍ଥିକ ବର୍ଷରେ ନଡ଼ିଆ ଉତ୍ପାଦର ରପ୍ତାନୀ ୨ ହଜାର କୋଟି ଟଙ୍କାକୁ ଟପିଯିବାର ଆକଳନ କରାଯାଇଛି। ଭାରତ ଜାନୁୟାରୀ ସୁଦ୍ଧା ୧,୧୨୩.୬୪ କୋଟି ଟଙ୍କାର ୮୦.୪୬୭ ଟନ୍ ଆକ୍ଟିଭେଟେଡ୍ କାର୍ବନ (ଷଢ଼େଇରୁ ପ୍ରସ୍ତୁତ ହେଉଥିବା ଅଙ୍ଗାର) ରପ୍ତାନୀ କରିଛି ଏବଂ ମୋଟ୍‌ରେ ନଡ଼ିଆରୁ ପ୍ରସ୍ତୁତ ସବୁ ଉତ୍ପାଦ ରପ୍ତାନୀ କରି ପାଇଛି ୧,୮୧୨.୫୫ କୋଟି ଟଙ୍କା। ବର୍ଷ ଶେଷସୁଦ୍ଧା ଏହା ୨,୧୦୦ କୋଟି ହେବ ବୋଲି ଆକଳନ କରାଯାଇଛି। ଦେଖାଯାଉଛି, ଆନ୍ତର୍ଜାତିକସ୍ତରରେ ଆକ୍ଟିଭେଟେଡ୍ କାର୍ବନର ଚାହିଦା ବୃଦ୍ଧିପାଉଛି। ୨୦୧୮ରେ ଏହାର ମୂଲ୍ୟ ୧ କିଲୋକୁ ୧୦୦ ଟଙ୍କା ଥିବାବେଳେ ୨୦୧୯ରେ ଏହାର ମୂଲ୍ୟ ପହଞ୍ଚିଛି ୧୪୦ଟଙ୍କାରେ। ଷଢ଼େଇର ଦାମ୍ ଅତି କମ୍ ଓ ଅନ୍ୟପକ୍ଷରେ ସେଥିରୁ ପ୍ରସ୍ତୁତ କରାଯାଉଥିବା କାର୍ବନ ବା ଅଙ୍ଗାରରୁ ଅଧିକ ଦାମ୍ ମିଳୁଥିବାରୁ ଏହା ନଡ଼ିଆ ଚାଷୀଙ୍କୁ ଅଧିକ ଆକର୍ଷିତ କରିଛି। ଶିଳ୍ପକୁ ମଧ୍ୟ ଆଗକୁ ନେବାରେ ଏହା ସହାୟକ ହୋଇପାରିଛି। ଆମେରିକା, ଇଂଲଣ୍ଡ, ଜାପାନ, ଜର୍ମାନୀ ଓ କୋରିଆରେ ଆକ୍ଟିଭେଟେଡ୍ କାର୍ବନର ଚାହିଦା ଅଧିକ। ଏହାର ଅବଶୋଷଣ ଗୁଣ ଢେର ଅଧିକ। ସୁନା, ପାଣି ଓ ବାୟୁ ବିଶୁଦ୍ଧୀକରଣ ପ୍ରକ୍ରିୟା ସହ ଜଡ଼ିତ ବ୍ୟବସାୟ କ୍ଷେତ୍ରରେ ଏହାକୁ ବେଶି ବ୍ୟବହାର କରାଯାଉଛି। ଭାରତରେ ଏବେ ସୁଦ୍ଧା ୩୦ଟି କମ୍ପାନୀ ଆକ୍ଟିଭେଟେଡ୍ କାର୍ବନ ପ୍ରସ୍ତୁତ କରୁଛନ୍ତି। ନଡ଼ିଆ କତା ଏବଂ ଏଥିରୁ ପ୍ରସ୍ତୁତ ଉତ୍ପାଦ ବ୍ୟତୀତ ନଡ଼ିଆଗୁଣ୍ଡ, ତେଲ ଆଦି ରପ୍ତାନୀରୁ ୨୦୧୮ ଆର୍ଥିକ ବର୍ଷରେ ମିଳିଥିଲା ୧,୮୦୦ କୋଟି ଟଙ୍କା।

ଅନ୍ୟ ନଡ଼ିଆ ଉତ୍ପାଦନକାରୀ ଦେଶଗୁଡ଼ିକ ତୁଳନାରେ ୨୦୧୭-୧୮, ୨୦୧୮-୧୯ରେ ନଡ଼ିଆ ମୂଲ୍ୟ ଭାରତରେ ତିନିଗୁଣ ବେଶି ହୋଇଛି। ଏହାଦ୍ୱାରା ଆନ୍ତର୍ଜାତିକସ୍ତରରେ ଭାରତକୁ ହୁଏତ ରପ୍ତାନୀ କ୍ଷେତ୍ରରେ ଏକ ପ୍ରତିଯୋଗିତାମୂଳକ ପରିସ୍ଥିତିର ସାମନା କରିବାକୁ ପଡୁଛି, କିନ୍ତୁ ଅପରପକ୍ଷରେ ଭାରତର ନଡ଼ିଆ ଚାଷୀମାନେ ଉପକୃତ ହେଉଛନ୍ତି। ଏ କ୍ଷେତ୍ରରେ କୋକୋନଟ୍ ଡେଭେଲପ୍‌ମେଣ୍ଟ ବୋର୍ଡ ଚାଷୀମାନଙ୍କୁ ସାହାଯ୍ୟ କରିବାକୁ ଆଗଭର ହେବା ଲକ୍ଷ୍ୟ କରାଯାଇଛି। ଭାରତରେ ନଡ଼ିଆଚାଷ ଲାଗି ଏକ ବିଶାଳ କ୍ଷେତ୍ର ରହିଛି। ୯ଟି ଉପକୂଳବର୍ତ୍ତୀ ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳରେ ଏହାକୁ ଆହୁରି ବୃଦ୍ଧି କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପଦକ୍ଷେପ ନିଶ୍ଚିତ ନଡ଼ିଆଚାଷରେ ଉନ୍ନତି ଆଣିବା ସହ ଚାଷୀ ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସାହାଯ୍ୟ କରିବ ଏବଂ ବିଶ୍ୱ ନାରିକେଳ ଦିବସର ବାର୍ତ୍ତା ସଫଳ ହେବ ବୋଲି କୁହାଯାଇପାରେ।

**ନଡ଼ିଆ ଉତ୍ପାଦନରେ ଭାରତ ତୃତୀୟ**

**ଦେଶରେ ବାର୍ଷିକ ୨୪୩୮ କୋଟି ନଡ଼ିଆ ଉତ୍ପାଦନ**

**ଷଢ଼େଇରୁ ପ୍ରସ୍ତୁତ ଅଙ୍ଗାର ରପ୍ତାନୀରୁ ମିଳୁଛି ୧୮୧୨ କୋଟି**

## ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ୨ ମହାବଳ ଶିକାର

**ଉଭୟ ରାଜ୍ୟ ବନ ଅଧିକାରୀଙ୍କ ତନାଘନା**

ସିନାପାଲି,୧।୯(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବନାଞ୍ଚଳ ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଦେଭୋଗ ବନାଞ୍ଚଳ ସୀମାନ୍ତ ଉଦନ୍ତୀ ଅଭୟାରଣ୍ୟରେ ଦୁଇଟି ମହାବଳ ବାଘକୁ ଶିକାର କରାଯାଇଛି। ଶିକାର ପରେ ବାଘ ଚମଡ଼ା, ନଖ, ଦାନ୍ତ ଓ ଶରୀରର ବିଭିନ୍ନ ଅଂଶକୁ ଶିକାରୀମାନେ ନେଇଯାଇଛନ୍ତି। ସୀମାନ୍ତବର୍ତ୍ତୀ ସୀତା ନଦୀ ଅବବାହିକାରେ ଅବସ୍ଥିତ କନକଦୁର୍ଗା ମନ୍ଦିର ନିକଟରେ ମୃତ ବାଘଦ୍ୱୟର କିଛି ଦେହାବଶେଷ ପଡ଼ିଥିବା ନେଇ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ଏହାପରେ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ବନବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଖୋଳତାଡ଼ କରିଛନ୍ତି। ବାଘ ଶିକାର ଦୁଇରୁ ତିନି ଦିନ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି। ରବିବାର ଖଡ଼ିଆଳ ବନଖଣ୍ଡ ଅଧିକାରୀଙ୍କ ସମେତ ସିନାପାଲି ବନାଞ୍ଚଳ ଅଧିକାରୀ ମୁରାରୀ ପ୍ରସାଦ ପଣ୍ଡା ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି। ଅନ୍ୟପକ୍ଷରେ ଛତିଶଗଡ଼ ରାଜ୍ୟ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୀମାନ୍ତରେ ଘଟଣା ଘଟିଥିବାରୁ କେଉଁ ରାଜ୍ୟ ପରିସରରେ ଘଟିଛି, ତାକୁ ନେଇ ଉଭୟ ରାଜ୍ୟର ବନ ଅଧିକାରୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଏ ସଂକ୍ରାନ୍ତରେ ସିନାପାଲି ବନାଞ୍ଚଳ ଅଧିକାରୀ ମୁରାରୀ ପ୍ରସାଦ କହିଛନ୍ତି ଯେ, ଅନୁସନ୍ଧାନ ଜାରି ରହିଛି। ଘଟଣାଟି ଓଡ଼ିଶା ସୀମାନ୍ତ ଛତିଶଗଡ଼ ଅଞ୍ଚଳରେ ଘଟିଛି। ଆନ୍ତଃ ରାଜ୍ୟ ବ୍ୟାଘ୍ର ଶିକାରୀମାନେ ଏହି କାଣ୍ଡ ଘଟାଇ ଥାଇପାରନ୍ତି ବୋଲି ସେ କହିଛନ୍ତି।

SRI BALAJI VIDYAPEETH
ACCREDITED BY NAAC WITH 'A' GRADE
DEEMED UNIVERSITY DECLARED U/S 3 OF UGC ACT. 1956
SBV Campus, Pillaiyarkuppam, Pondicherry - 607 402
ADMISSION NOTIFICATION
POST M.D.,/M.S., SBV FELLOWSHIP (ONE YEAR FULL TIME)
NON-MCI and NOT REQUIRING NEET
Stipend: Rs. 75,000/- per month (Consolidated)
- Fellowship in Basic Otology (01 seat)
- Fellowship in Hospital Infection Control (01 seat)
- Fellowship in Tropical Parasitology (01 seat)
- Fellowship in Medical Genetics(02 seats)
- Fellowship in Surgical Management of Gender Dysphoria - MtF (Male to Female) (02 seats)
- Fellowship in Dermatopathology (01 seat)
- Fellowship in Implantology (10 seats)
- Fellowship in Community Ophthalmology (01 seat)
- Fellowship in e- learning in Health Professions Education (04 seats)
- Fellowship in Obstetrics and Gynaecology Ultrasound (02 seats)
- Fellowship in Medical Education Technology (15 seats)

Last date for submission of filled in application forms - 11.09.2019
Interview for selection of candidates - 14.09.2019
Fellowship programme begins - 16.09.2019
Phone: 0413-2611805 email: registrar@sbvu.ac.in
For details pertaining to other courses including Fellowship courses, visit website: www.sbvu.ac.in




## ଜିଲା ଚିଠି ବାଲେଶ୍ୱର



### ୧୮ ଗାଁ ଉପରେ ପଶ୍ଚିମବଙ୍ଗର ଆଖି

ଦେଶ ସ୍ୱାଧୀନ ହେବା ପରଠାରୁ ଓଡିଶା-ପଶ୍ଚିମବଙ୍ଗ ମଧ୍ୟରେ ସୀମା ବିବାଦକୁ ନେଇ ଅଡୁଆ ସ୍ଥିତି ଲାଗି ରହିଛି। ଉପାନ୍ତ ଇଲାକାରେ ଥିବା ବାଲେଶ୍ୱର ଜିଲାର ଭୋଗରାଇ ଓ ଜଳେଶ୍ୱର ବ୍ଲକର ୧୮ଟି ଗାଁ ଉପରେ ପଶ୍ଚିମବଙ୍ଗ ସରକାର ବିଭିନ୍ନ ଉପାୟରେ ପ୍ରଭାବ ବିସ୍ତାର କରିଚାଲିଛନ୍ତି। ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ ବିଭିନ୍ନ ଗାଁରେ ପଶ୍ଚିମବଙ୍ଗ ବାଲିମାଫିଆଙ୍କ ରାଜ୍ ଚାଲିଛି। ସେମାନେ ନଦୀରୁ ବେଆଇନ ବାଲି ଉତ୍ତୋଳନ କରି ବିକ୍ରି କରି ମାଲେମାଲ ହେଉଥିବାବେଳେ ସ୍ଥାନୀୟ ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପୋଲିସ ଓ ଜିଲା ପ୍ରଶାସନ ପ୍ରତିକାର କରିବାରେ ବିଫଳ ହେଉଥିବାରୁ ଉପାନ୍ତବାସୀ କାହାର ହେବେ, ଏନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ୧୯୭୮ ମସିହାରୁ ପଶ୍ଚିମବଙ୍ଗ ସରକାର ଦୋକାନଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଯାଏ ସବୁଠି ନିଜର ପ୍ରାଦୁର୍ଭାବ ବଢ଼ାଇ ଚାଲିଛନ୍ତି। ଭୋଗରାଇ ବ୍ଲକର ଅନଳିଆ ପଞ୍ଚାୟତର ଶଙ୍ଖାମେଦୀ ଗ୍ରାମ ଏହାର ଏକ ଉଦାହରଣ। ସେଠାରେ ଓଡ଼ିଆ ସ୍କୁଲ ଅଛି, କିନ୍ତୁ ପିଲାମାନେ ବଙ୍ଗଳା ପଢୁଛନ୍ତି। ଓଡ଼ିଶା ଏମ୍‌ପି ଫଣ୍ଡରୁ ନିର୍ମିତ ଯୁବକ ସଂଘ ଗୃହରେ ପଶ୍ଚିମବଙ୍ଗ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି। ସମାନ ଚିତ୍ର ଜଳେଶ୍ୱର ବ୍ଲକ ସୀମାନ୍ତବର୍ତ୍ତୀ ଅନ୍ୟ ଗ୍ରାମଗୁଡ଼ିକରେ ଦେଖିବାକୁ ମିଳୁଛି।

ସୁବର୍ଣ୍ଣରେଖାରୁ ବେଆଇନ ବାଲି ଉତ୍ତୋଳନ ଯୋଗୁ ଏହା ଗତିପଥ ବଦଳାଇ କ୍ରମଶଃ ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ମାଡ଼ି ଆସିବାରେ ଲାଗିଛି। ନଦୀର ଅପରପାର୍ଶ୍ୱରେ ଥିବା ବାଲେଶ୍ୱର ଜିଲା ଅନ୍ତର୍ଗତ ଗାଁଗୁଡ଼ିକୁ ପଶ୍ଚିମବଙ୍ଗ ନିଜର ବୋଲି ଦାବି କରି ଲୋକଙ୍କ ମନଜିଣିବାକୁ ବିଭିନ୍ନ ସେବା ଯୋଗାଇ ଦେଉଛି। ଏସବୁ ଗାଁ ମଧ୍ୟରେ ଭୋଗରାଇ ବ୍ଲକର ୮ ଓ ଜଳେଶ୍ୱର ବ୍ଲକର ୧୦ଟି ଜନପଦ ରହିଛି। ଶାହାବାଜିପୁରରୁ ଉଦୟପୁର ଯାଏ ୧.୫ କିମି ରାସ୍ତାକୁ ପଶ୍ଚିମବଙ୍ଗ ନିଜର ବୋଲି ଦାବି କରି ଆସୁଛି। ଓଡ଼ିଶା ଜଳସେଚନ ବିଭାଗ ପକ୍ଷରୁ ଶାହାବାଜିପୁରରେ ଏକ ବାତ୍ୟା ସୂଚନାକେନ୍ଦ୍ର ନିର୍ମାଣ କରାଯାଇଥିଲା। ୧୯୮୨ ମସିହାରେ ପଶ୍ଚିମବଙ୍ଗର ଦୀଘା ଉନ୍ନୟନ ପରିଷଦ କର୍ମକର୍ତ୍ତା ଏହାକୁ ଭାଙ୍ଗି ଦେଇଥିଲେ। ୨୦୧୪ରେ ତାଳସାରୀ ସାମୁଦ୍ରିକ ଥାନାକୁ ପଶ୍ଚିମବଙ୍ଗ ସରକାର ତିନି ଥର ଭାଙ୍ଗିଥିଲେ। ସେହିପରି ଓଡ଼ିଶା ଫରେଷ୍ଟ ଗେଟ୍‌କୁ ମଧ୍ୟ ଭାଙ୍ଗି ଦିଆଯାଇଥିଲା। ୧୯୮୪ ମସିହା ପରଠାରୁ ଜଳେଶ୍ୱର ଓ ରାଇବଣିଆ ଅଞ୍ଚଳରେ ବଙ୍ଗ ବାଲିମାଫିଆଙ୍କ ଆଧିପତ୍ୟ ବିସ୍ତାର ଅଧିକ ଚିନ୍ତା ବଢାଇଛି। ବେଆଇନ ବାଲି ଉତ୍ତୋଳନ କାରଣରୁ ନଦୀ ତଟବର୍ତ୍ତୀ ଅଞ୍ଚଳରେ ଥିବା ୫୦ରୁ ଊର୍ଦ୍ଧ୍ୱ ଗାଁ ପ୍ରତି ବିପଦ ଘନେଇବାରେ ଲାଗିଛି। ବାଲିମାଫିଆଙ୍କୁ ବିରୋଧ କରିବାରୁ ବିଭିନ୍ନ ସମୟରେ ଗଣ୍ଡଗୋଳ ଘଟିଛି। ୨୦୧୪ ଡିସେମ୍ବର ୮ରେ ବାଲିମାଫିଆମାନେ ଜଳେଶ୍ୱର ତହସିଲଦାର ଓ ଥାନା ଅଧିକାରୀଙ୍କୁ ଅପହରଣ କରିନେଇଥିଲେ। ଗୋଟିଏ ଦିନ ଅଟକ ରଖି ଛାଡ଼ିଥିଲେ। ୨୦୧୬ ଜୁଲାଇ ୨୦ରେ କୁଅଁରପୁର ଘାଟରୁ ୮ଜଣ ଓଡ଼ିଆଙ୍କୁ ଡଙ୍ଗା ସହ ଅପହରଣ କରି ନିଆଯାଇ ଦୁଇଦିନ ପରେ ଛଡାଯାଇଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ଓ ରାଜ୍ୟ ପ୍ରଶାସନ ସେମିତି କିଛି ଠୋସ୍ ପଦକ୍ଷେପ ନେଉ ନ ଥିବାରୁ ଆଗାମୀ ଦିନରେ ଅନେକ ଉପାନ୍ତ ଗ୍ରାମ ଓଡ଼ିଶା ମାନଚିତ୍ରରୁ ହଜିଯିବା ନେଇ ଆଶଙ୍କା ଉପୁଜିଛି।

– ମାନସ ବିଶ୍ୱାଳ

## ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ
# ୨ ପୋଲିସ କର୍ମଚାରୀ ମୃତ

ମହାକାଳପଡା,୧।୯(ଡି.ଏନ୍.ଏ.)

ରୋଷେଇ କରୁଥିବାବେଳେ ଗ୍ୟାସ ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟି କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅନ୍ତର୍ଗତ ଜମ୍ବୁ ମେରାଇନ୍ ଥାନାର ୨ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନୟାଗଡ଼ ଜିଲା ରାଜରଣପୁର ଥାନା ଅଧୀନ ବଡ଼ଭୂଇଁ ଗ୍ରାମର ପ୍ରକାଶ ଚନ୍ଦ୍ର ସାମନ୍ତରାୟ(୪୧) ଓ ଗଞ୍ଜାମ ଜିଲାର ଗୋପାଳପୁର ଅଧୀନ ବକ୍ସିପଲ୍ଲୀ ଗ୍ରାମର ସୁଶାନ୍ତ କୁମାର ସାହୁ(୪୭)। ଉଭୟ ଅବସରପ୍ରାପ୍ତ ସେନା କର୍ମଚାରୀ ବୋଲି ଜଣାପଡିଛି। ସେନାରୁ ଅବସର ନେବା ପରେ ପ୍ରଶାନ୍ତ ଓ ସୁଶାନ୍ତ ଜମ୍ବୁ ମେରାଇନ୍ ଥାନାରେ ନିଯୁକ୍ତି ହୋଇଥିଲେ। ସେମାନଙ୍କୁ ଖରିନାସୀ ଜେଟୀଠାରେ ସମୁଦ୍ରରେ ସ୍ପିଡ୍ ବୋଟ୍ ଜରିଆରେ ପାଟ୍ରୋଲିଂ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଅଗ୍ନିକାଣ୍ଡରେ ପ୍ରକାଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସୁଶାନ୍ତଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଅଟୋ ଓ ପରେ ଥାନା ଜିପ ଜରିଆରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ସମୁଦ୍ରରେ ପାଟ୍ରୋଲିଂ କରୁଥିବା ଜମ୍ବୁ ମେରାଇନ୍ ଥାନାର ୬ ଜଣ କର୍ମଚାରୀଙ୍କ ସହ ପ୍ରଶାନ୍ତ ଓ ସୁଶାନ୍ତ ଖରିନାସୀଠାରେ ଏକ ଭଡାଘର ନେଇ ରହୁଥିଲେ। ସକାଳେ ଘର ସମ୍ମୁଖ ଏକ ଛୋଟ ଘରେ ଉଭୟ ରୋଷେଇ କରୁଥିବା ବେଳେ ଗ୍ୟାସ ଲିକ୍ ହୋଇ ଏହି ଅଗ୍ନିକାଣ୍ଡ ଘଟିଥିଲା। ସେଠାରେ ପୂର୍ବରୁ ୨ ବ୍ୟାରେଲ ପେଟ୍ରୋଲ ଓ ଡିଜେଲ ମହଜୁତ୍ ଥିବା ସୂଚନା ମିଳିଛି। ଗ୍ୟାସ ଲିକ୍ କରି ଏହି ତୈଳ ସଂସ୍ପର୍ଶରେ ଆସିବା ଫଳରେ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଖବରପାଇ ଏସ୍‌ପି ନୀତିଶେଖର, ଡିଏସ୍‌ପି କାର୍ତ୍ତିକଚନ୍ଦ୍ର ମଲ୍ଲିକ, ମହାକାଳପଡା ଆଇଆଇସି ମନୋରଞ୍ଜନ ଚୌଧୁରୀ ଓ ଅତିରିକ୍ତ ତହସିଲଦାର ଅଜିତ କୁମାର ସାହୁ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଏଥିସହ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇଛନ୍ତି। ତୁରନ୍ତ ସେମାନଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ଆଜିଠୁ ବିଜେଡିର ସଦସ୍ୟତା ସଂଗ୍ରହ ଅଭିଯାନ
# ଆଧାର ଲିଙ୍କ୍ ହେବ ସଦସ୍ୟତା

**୭ରୁ ୯ ସଂଯୋଜକଙ୍କ ପ୍ରଶିକ୍ଷଣ**

ଭୁବନେଶ୍ୱର,୧।୯(ବ୍ୟୁରୋ)

ଚଳିତ ମାସ ୨ ତାରିଖ ଅର୍ଥାତ ସୋମବାରଠାରୁ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ରାଜ୍ୟସ୍ତରରୁ ଆରମ୍ଭ ହୋଇଥିବା ଏହି ସଭ୍ୟ ସଂଗ୍ରହ ପ୍ରକ୍ରିୟା ଆସନ୍ତା ଅକ୍ଟୋବର ୩୧ ଯାଏ ଚାଲିବ। ହେଲେ ପ୍ରଥମଥର ପାଇଁ ସଭ୍ୟ ସଂଗ୍ରହ ଏବଂ ତାଲିକା ପ୍ରଦାନ ଆଦି ପ୍ରକ୍ରିୟାକୁ ଡିଜିଟାଲାଇଜ୍ କରାଯିବ। ଏପରିକି ସଭ୍ୟ ସଂଗ୍ରହ ବେଳେ ବ୍ୟକ୍ତିବିଶେଷଙ୍କ ଆଧାର ଲିଙ୍କ୍ କରାଯିବ। ଏହାପରେ ଡାଟା ବେସ୍ ପ୍ରସ୍ତୁତ କରାଯାଇ ଦଳୀୟ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ। ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ପରେ ଗଣମାଧ୍ୟମକୁ ଦଳର ନେତା ସୁବାସ ସିଂ ଏହି ସୂଚନା ଦେଇଛନ୍ତି।

ସୁବାସ କହିଛନ୍ତି ଯେ, ଆଧାର ଲିଙ୍କ୍ ହେବା ଦ୍ୱାରା ବ୍ୟକ୍ତି ଜଣଙ୍କ କେଉଁ ସବୁ ସୁବିଧା ପାଉଛନ୍ତି, ତାହା ଜଣାପଡ଼ିବ। ୱେବ୍‌ସାଇଟ୍‌ରେ ମଧ୍ୟ ତାଲିକା ରହିବ। ଏହା ଦ୍ୱାରା ଦଳର ଆଭ୍ୟନ୍ତରୀଣ ପ୍ରକ୍ରିୟା ମଧ୍ୟ ସ୍ୱଚ୍ଛ ହୋଇପାରିବ ବୋଲି ସିଂ କହିଛନ୍ତି। ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ଥିବା ପ୍ରାୟ ୪୬ ଲକ୍ଷ ସଭ୍ୟ ରହିଛନ୍ତି। ଏହାକୁ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ନିର୍ବାଚନ ପୂର୍ବରୁ କର୍ମୀୱାରି ଭୋଟର ଟ୍ୟାଗିଂ ବ୍ୟବସ୍ଥାର ପ୍ରୟୋଗ ପରେ ସଭ୍ୟ ସଂଗ୍ରହ ପାଇଁ ମଧ୍ୟ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ୱାର୍ଡରୁ ୪, ଏନ୍‌ଏସିରୁ ୫, ପୌର ପରିଷଦରୁ ୧୫ ଏବଂ ମହାନଗର ନିଗମରୁ ୪୦ ଜଣ ଲେଖାଏ ସକ୍ରିୟ ସଭ୍ୟ ରହିବେ। ଜଣେ ସକ୍ରିୟ ସଭ୍ୟ ନିଜକୁ ମିଶାଇ ମୋଟ ୨୫ ସଦସ୍ୟଙ୍କ ପଞ୍ଜୀକରଣ କରିବେ। ଜିଲା ସଭାପତି ଓ ପର୍ଯ୍ୟବେକ୍ଷକଙ୍କ ପ୍ରତ୍ୟକ୍ଷ ଅନୁଶୀଳନରେ ଏହା କରାଯିବ। ସେହିପରି ସେପ୍ଟେମ୍ବର ମଧ୍ୟଭାଗ, ଅକ୍ଟୋବର ପହିଲା, ମଧ୍ୟଭାଗ ଏବଂ ଶେଷଆଡ଼କୁ ଦଳର ସଭାପତି ନବୀନ ପଟ୍ଟନାୟକ ଏହି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବେ। ଜିଲାରେ ଚାଲୁଥିବା କାର୍ଯ୍ୟର ମାସୱାରି ସମୀକ୍ଷା ରିପୋର୍ଟ ପର୍ଯ୍ୟବେକ୍ଷକମାନେ ସଭାପତିଙ୍କୁ ଦେବେ ବୋଲି ଜଣାପଡ଼ିଛି। ୫ ସେପ୍ଟେମ୍ବର ପୂର୍ବରୁ ପ୍ରତି ବିଧାୟକ ନିଜ ନିଜ ଅଞ୍ଚଳ ପାଇଁ ଜଣେ ଜଣେ ଡାଟା ଏଣ୍ଟ୍ରି ସଂଯୋଜକଙ୍କ ନାମ ଇ-ମେଲ୍ ଦ୍ୱାରା ଅବଗତ କରାଇବେ। ୭ରୁ ୯ ମଧ୍ୟରେ ସବୁ ସଂଯୋଜକଙ୍କ ଏକ ପ୍ରଶିକ୍ଷଣ ଶିବିର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।




**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ନୟାପଲ୍ଲୀ ଶାଖା** : ୩/୧ ବି, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଓ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା **୧୩(୪)** ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ନୟାପଲ୍ଲୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: ମେସର୍ସ ରମାଦେବୀ ଫୁଡ୍ସ ପ୍ରା.ଲିଃ, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ମାନସ ରଞ୍ଜନ ସୁତାର, ନିର୍ଦ୍ଦେଶକ:ଶ୍ରୀ ମନୋଜ କୁମାର ସୁତାର, ଜାମିନ୍‌ଦାରମାନେ:(୧)ଶ୍ରୀ ମାନସ ରଞ୍ଜନ ସୁତାର,(୨)ଶ୍ରୀ ମନୋଜ କୁମାର ସୁତାର, (୩)ଶ୍ରୀମତୀ ରମାମଣୀ ସୁତାର (୪) ଶ୍ରୀ ମହେନ୍ଦ୍ର ସୁତାର, ସମସ୍ତଙ୍କ ଠିକଣା: ପ୍ଲଟ ନଂ.୭୭୨, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩, ଜିଲ୍ଲା-ଖୋର୍ଦ୍ଧା। | (୧) ବ୍ୟାଙ୍କ ଫାଇନାନ୍ସରୁ ନିର୍ମିତ ହୋଇଥିବା ବହୁ ପରିମାଣର ଅସ୍ଥାବର ସମ୍ପତ୍ତି, (୨)ମନୋଜ କୁମାର ସୁତାର ଏବଂ **ମାନସ ରଞ୍ଜନ ସୁତାର**ଙ୍କ ନାମରେ ଥିବା ପ୍ରୋଜେକ୍ଟ ଜମିର ଅଂଶବିଶେଷ ଯାହାର ଖାତା ନଂ.-୩୭୩/୧୫୮, ପ୍ଲଟ ନଂ.-୧୦୫୩, ଏରିଆ-ଏକର୦.୧୨୦ ଡିସିମିଲି, ପ୍ଲଟ ନଂ.-୧୦୫୪, ଏରିଆ-ଏକର୦.୮୪୦ ଡିସିମିଲି, ପ୍ଲଟ ନଂ.-୧୧୩୧/୧୪୪୪/୧୫୫, ଏରିଆ-ଏକର୦.୧୨୦ ଡିସିମିଲି, ଖାତା ନଂ.-୩୭୩/୧୫୭, ପ୍ଲଟ ନଂ.-୧୦୬୨, ଏରିଆ- ଏକର୧.୨୨୦ ଡିସିମିଲି, ସମୁଦାୟ ଏରିଆ-ଏକର୨.୩୦ ଡିସିମିଲି, ମୌଜା-ମୁଳକୁଦେଇ, ତହସିଲି-ବାହାନଗା ନଂ.୭୮, ଜିଲ୍ଲା-ବାଲେଶ୍ୱରରେ ଅବସ୍ଥିତ, ଚଉହଦି: ପୂର୍ବ-ପ୍ଲଟ ନଂ.୧୪୫୦, ୧୪୬୧, ପ୍ଲଟ ନଂ.୧୧୩୧/୧୪୪୪ର ବଳକା, ପଶ୍ଚିମ- ପ୍ଲଟ ନଂ.୧୦୫୭, ୧୦୫୬, ୧୪୪୩, ୧୦୫୫, ୧୦୫୨, ୧୦୪୯, ଉତର- ପ୍ଲଟ ନଂ.୧୦୬୧, ୧୦୬୪, ୧୦୫୩, ୧୦୫୪, ୧୦୫୫, ୧୦୪୮, ଦକ୍ଷିଣ- ପ୍ଲଟ ନଂ.୧୦୫୪, ୧୧୪୧, ୧୦୫୨, ୧୧୩୧, ୧୧୩୧/୧୪୪୪ ଏବଂ ରାସ୍ତା। **(୩) ଶ୍ରୀ ଏମ୍.କେ. ସୁତାର**ଙ୍କ ନାମରେ ଥିବା ଜମି ଏବଂ ସେଠାରେ ହୋଇଥିବା ନିର୍ମାଣର ଅଂଶବିଶେଷ ଯାହାର ଖାତା ନଂ.-୧୨୬୮/୨୫୫, ପ୍ଲଟ ନଂ.-୨୮୮, (ଚଉହଦି: ଉତର-ପ୍ଲଟ ନଂ.୨୧୭, ଦକ୍ଷିଣ- ପ୍ଲଟ ନଂ.୨୮୯), ଏବଂ ଖାତା ନଂ.୧୨୬୮/୨୫୪, ପ୍ଲଟ ନଂ.୨୮୯ (ଚଉହଦି: ଉତର-ପ୍ଲଟ ନଂ.୨୮୮, ଦକ୍ଷିଣ-ପ୍ଲଟ ନଂ.୪୧୭୦), ପ୍ରତ୍ୟେକ ପ୍ଲଟର ଏରିଆ-ଏକର୦.୯୩୦ ଡିସିମିଲି, (ଏରିଆ-ଏକର୧.୮୬୦ ଡିସିମିଲି), ମୌଜା-ବଇରି, ଥାନା-ବଡଚଣା, ତହସିଲି-ଦର୍ପଣ, ଜିଲ୍ଲା-ଯାଜପୁରରେ ଅବସ୍ଥିତ। **(୪) ମାନସ ରଞ୍ଜନ ସୁତାର ଏବଂ ମନୋଜ କୁମାର ସୁତାର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ପଥରଗାଡିଆ, ଖାତା ନଂ.-୧୭୭, ପ୍ଲଟ ନଂ.-୬୫୦, ଏରିଆ-ଏକର୦.୧୮୯ ଡିସିମିଲି, ଥାନା-ଚନ୍ଦକା, ତହସିଲି/ଏସ୍‌ଆରଓ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ସବ୍ ପ୍ଲଟ ନଂ.୧,୨ ଏବଂ ୩, ପ୍ରତ୍ୟେକ ସବ୍ ପ୍ଲଟର ଏରିଆ-୦.୦୬୩ ଡିସିମିଲି, ସବ୍ ପ୍ଲଟ ନଂ୧ ଓ ୨ ର ଚଉହଦି: ପୂର୍ବ-ପ୍ଲଟ ନଂ.୬୪୭(ସରକାରୀ), ପଶ୍ଚିମ-ପ୍ଲଟ ନଂ.୬୫୧ (ସରକାରୀ), ଉତର-ପାଣ୍ଡୁ ବେହେରା ଓ ଅନ୍ୟମାନଙ୍କ ଜମି, ଦକ୍ଷିଣ-ସବ୍ ପ୍ଲଟ ନଂ.୩, ସବ୍ ପ୍ଲଟ ନଂ.୩ ର ଚଉହଦି: ପୂର୍ବ-ପ୍ଲଟ ନଂ.୬୪୭(ସରକାରୀ), ପଶ୍ଚିମ-ପ୍ଲଟ ନଂ.୬୫୧ (ସରକାରୀ), ଉତର-ସବ୍ ପ୍ଲଟ ନଂ.୨, ଦକ୍ଷିଣ-ମନୋଜ କୁମାର ସୁତାରଙ୍କ ନାମରେ ଥିବ ସବ୍ ପ୍ଲଟ ନଂ.୪। **(୫)ଶ୍ରୀମତୀ ରମାମଣୀ ସୁତାର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା - ନୟାପଲ୍ଲୀ, ଖାତା ନଂ.-୧୬୬, ପ୍ଲଟ ନଂ.-୭୭୧, ଏରିଆ-ଏକର୦.୦୫୦ ଡିସିମିଲି, ପୋ/ଥାନା- ନୟାପଲ୍ଲୀ, ତହସିଲି/ଏସ୍‌ଆରଓ- ଭୁବନେଶ୍ୱର, ଚଉହଦି: ପୂର୍ବ-ଡ୍ରେନ ଏବଂ ପଡୀ ବେଓ୍ୱା, ପଶ୍ଚିମ- ଡ୍ରେନ ଏବଂ ପ୍ଲଟ ନଂ.୭୭୬, ଉତର-ଡ୍ରେନ ଏବଂ ପ୍ଲଟ ନଂ.୭୭୦, ଦକ୍ଷିଣ- ପ୍ଲଟ ନଂ.୭୭୨, (ରମାମଣୀ ସୁତାରଙ୍କ ବାସସ୍ଥାନ)। | ୨୧.୦୫.୨୦୧୯ | ୨୯.୦୮.୨୦୧୯ | ତା.୨୦.୦୫.୨୦୧୯ ସୁଦ୍ଧା ଟ.୩,୫୫,୭୩,୪୭୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୩୧.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ

## ସଂକ୍ଷେପରେ

### ଚାନ୍ଦ, ରାଇଜିଂ ଷ୍ଟାର ବିଜୟୀ

**କଟକ ଅଫିସ,୧।୯:** କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ରବିବାର ଦୁଇଟି ମ୍ୟାଚ ଖେଳାଯାଇଛି । ଏଥିରେ ଚାନ୍ଦ କ୍ଲବ ଓ ରାଇଜିଂ ଷ୍ଟାର କ୍ଲବ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍‌ରେ ଚାନ୍ଦ କ୍ଲବ ୬-୦ ଗୋଲରେ ଆଜାଦ ହିନ୍ଦ କ୍ଲବକୁ ପରାସ୍ତ କରିଥିଲା । ଚାନ୍ଦ କ୍ଲବ ପକ୍ଷରୁ ଶେଖର ବେହେରା ସର୍ବାଧିକ ୩ଟି ଗୋଲ ସ୍କୋର କରିଥିଲେ । ଦ୍ୱିତୀୟ ମ୍ୟାଚ୍‌ରେ ରାଇଜିଂ ଷ୍ଟାର ୧-୦ ଗୋଲରେ ସନସାଇନକୁ ପରାସ୍ତ କରିଥିବା ବେଳେ ରାଇଜିଂ ପକ୍ଷରୁ କାର୍ତ୍ତିକ ହାନ୍ତାଳ ଏକମାତ୍ର ଗୋଲ ଦେଇଥିଲେ ।

### ଫାଓ ଲିଗ୍‌ରୁ ଅବସର ନେଲେ ନିପେନ୍ଦ୍ର

**କଟକ ଅଫିସ,୧।୯:** ସନ୍ତୋଷ ଟ୍ରଫିରେ ରାଜ୍ୟ ଫୁଟବଲ ଦଳର ଅଧିନାୟକ ରହିଥିବା ନିପେନ୍ଦ୍ର କୁମାର ଦାସ ଫାଓ ଲିଗରୁ ଅବସର ନେଇଛନ୍ତି । ରାଜ୍ୟର ଏହି ପୂର୍ବତନ ତାରକା ଖେଳାଳି ଜଣଙ୍କ ୨୪ବର୍ଷ ଧରି ଫାଓ ଲିଗରେ ଦେଖିବାକୁ ମିଳୁଥିଲେ। ଚଳିତ ସଂସ୍କରଣରେ ସେ



ସନସାଇନ କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ । ରବିବାର ନିପେନ୍ଦ୍ର ଶେଷ ମ୍ୟାଚ୍ ରାଇଜିଂ ଷ୍ଟାର ବିପକ୍ଷରେ ଖେଳିଥିଲେ । ଯୋବ୍ରା ଦୁର୍ଗା କ୍ଲବ, ଇଣ୍ଡିପେଣ୍ଡେଣ୍ଟ କ୍ଲବ, ରାଇଜିଂ ଷ୍ଟାର କ୍ଲବ, କ୍ଲବ ଏନ୍ କ୍ଲବ ପକ୍ଷରୁ ମଧ ସେ ପୂର୍ବରୁ ଖେଳିଛନ୍ତି ।

### ରାଜ୍ୟ ସବ୍‌ଜୁନିୟର ଦଳ ଘୋଷିତ

**କଟକ ଅଫିସ,୧।୯:** ସେପ୍ଟେମ୍ବର ୩ରୁ ୮ ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ବୋକାରୋଠାରେ ସବଜୁନିୟର ଜାତୀୟ ବାଳକ ଫୁଟବଲ ଚାମ୍ପିୟନଶିପର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଖେଳାଯିବ । ଏ ନେଇ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି । ଦଳର ଅଧିନାୟକ ଅନୀଲ ଟପୋ ରହିଥିବା ବେଳେ ମୁଖ୍ୟ କୋଚ ରହିଛନ୍ତି ନିପେନ୍ଦ୍ର କୁମାର ଦାସ । ଓଡ଼ିଶା ଦଳ: ଇନ୍ଦ୍ର କୁଜୁର, ସଦାନନ୍ଦ କହଁର, ତ୍ରିଲୋଚନ କିଣ୍ଡୋ, ପିଣ୍ଟୁ ଓରାମ୍, ଅଭିଷେକ ଏକ୍କା, ସପନ ସାମଲ, ମଙ୍ଗଳ ସୋରେନ୍, ନୱାଜୁଦ୍ଦିନ, ପ୍ରସନ୍ନ କେ. ବାରା, ଅନିଲ ଟପ୍ପୋ, ବିନୋଦ ମାଝି, ମାନସିଂ ହେମ୍ବ୍ରମ୍, ଭାଗୀରଥି ସୋରେନ, ଅଜୟ ଟପ୍ପୋ, ଶଶିକାନ୍ତ ପ୍ରଧାନୀ,ବି. ଶିବ, ଅରବିନ ଲାକ୍ରା, ରହିମ ବାଡା, ଚିଣ୍ଟୁ ନାଗ, କନ୍ହେଇ ନାୟକ ।

# ପ୍ରଥମ ଟି୨୦ରେ ନ୍ୟୁଜିଲାଣ୍ଡ ବିଜୟୀ

ପାଲେକେଲ, ୧।୯

ସ୍ଥାନୀୟ ପାଲେକେଲ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫ ଉଇକେଟ୍‌ରେ ଘରୋଇ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଓପନର୍ କୁଶଳ ମେଣ୍ଡିସ (୭୯ ରନ୍, ୫୩ ବଲ) ଓ ନିରୋଶାନ ଡିକ୍‌ୱେଲା (୩୩ ରନ)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ୍ ହରାଇ ୧୭୪ ରନ୍ କରିଥିଲା। ଭ୍ରମଣକାରୀ ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟକ ଟିମ୍ ସୌଦୀ ସର୍ବାଧିକ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ଦୁଇ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ କଲିନ୍ ଡି ଗ୍ରାଣ୍ଡହୋମ୍ (୪୪ ରନ୍, ୨୮ ବଲ) ଓ ରସ୍ ଟେଲର (୪୮ ରନ, ୨୯ ବଲ)ଙ୍କ ଦ୍ରୁତ ବ୍ୟାଟିଂ ବଳରେ ୩ଟି ବଲ୍ ପୂର୍ବରୁ ୫ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡାର୍ଲି ମିଚେଲ ୨୫ ଓ ମିଚେଲ ସାଣ୍ଟନର ୧୪ ରନ୍ କରି ଅପରାଜିତ ରହିଥିଲେ। ଅଧିନାୟକ ଲସିଥ୍ ମାଲିଙ୍ଗା ଓ ୱାନିନ୍ଦୁ ହସରଙ୍ଗା ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ମ୍ୟାଚ୍ ବିଜୟୀ ଦ୍ରୁତ ଇନିଂସ ଲାଗି ଟେଲରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।



### ମାଲିଙ୍ଗାଙ୍କ ବିଶ୍ୱ ରେକର୍ଡ

କାଣ୍ଡି,୧।୯(ଏଏଫ୍‌ପି)

ଶ୍ରୀଲଙ୍କା ପେସର ଲସିଥ ମାଲିଙ୍ଗା ରବିବାର ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ଇତିହାସର ସର୍ବାଧିକ ଉଇକେଟ ନେଇଥିବା ବୋଲର ହେବାର ରେକର୍ଡ ଅଧିକାରୀ ହୋଇଛନ୍ତି। ଏଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ମ୍ୟାଚ୍‌ରେ କଲିନ ଡେ' ଗ୍ରାଣ୍ଡହୋମଙ୍କୁ କ୍ଲିନ ବୋଲ୍ଡ କରି ଏହି ସଫଳତା ପାଇଛନ୍ତି। ଏଥିସହ ସେ ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦୀ(୯୮)ଙ୍କୁ ପଛରେ ପକାଇ ଦେଇଛନ୍ତି। ୨୦୧୧ରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ୟର୍କର କିଙ୍ଗ୍ ଭାବେ ପରିଚିତ ମାଲିଙ୍ଗା ଗତ ଜୁଲାଇରେ କ୍ୟାରିୟରର ଅନ୍ତିମ ଦିନିକିଆ ଖେଳିଥିଲେ। ସେ ପ୍ରଥମ ଓଭରରେ କଲିନ ମୁନ୍‌ରୋଙ୍କୁ କ୍ଲିନ ବୋଲ୍ଡ ଆଉଟ୍ କରି ଆଫ୍ରିଦୀଙ୍କ ସମକକ୍ଷ ହୋଇଥିଲେ। ପୂର୍ବତନ ପାକିସ୍ତାନ ଲେଗ୍ ସ୍ପିନର ୯୯ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳି ୯୮ ଉଇକେଟ ନେଇଥିଲେ। ୨୦୦୬ରେ ଇଂଲଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିବା ୟର୍କର କିଙ୍ଗ୍ ୭୪ତମ ମ୍ୟାଚ୍‌ରେ ବିଶ୍ୱର ସର୍ବାଧିକ ଉଇକେଟ ନେଇଥିବା ବୋଲର ହୋଇପାରିଛନ୍ତି।

# ଅନ୍‌ଅଫିସିଆଲ ଟେଷ୍ଟ ସିରିଜ ପାଇଁ ଭାରତ ଏ' ଦଳ ଘୋଷିତ

ନୂଆଦିଲ୍ଲୀ, ୧।୯ (ପି.ଟି.)-ସେପ୍ଟେମ୍ବର ୯ରୁ ଆରମ୍ଭ ହେବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୪ ଦିନିଆ ଅନଅଫିସିଆଲ ଟେଷ୍ଟ ସିରିଜ ପାଇଁ ଭାରତ ଏ' ଦଳ ଘୋଷଣା କରାଯାଇଛି। ଏଥିରେ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍ ଏବଂ ଉଇକେଟକିପର ରିଦ୍ଧିମାନ ଶାହ ବାଣ୍ଟିକରି ଅଧିନାୟକ ଦାୟିତ୍ୱ ତୁଲାଇବେ। ବର୍ତ୍ତମାନ ଥିରୁଭାନନ୍ତପୁରମଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ଏ' ବିପକ୍ଷ ଦିନିକିଆ ସିରିଜରେ ଗିଲ୍ ଖେଳୁଥିବାବେଳେ ଶାହ ୱେଷ୍ଟଇଣ୍ଡିଜରେ ଭାରତ ଖେଳୁଥିବା ଟେଷ୍ଟ ସିରିଜରେ ଅତିରିକ୍ତ ଖେଳାଳି ଦାୟିତ୍ୱ ତୁଲାଉଛନ୍ତି। ଭାରତ ଏ' ଦଳ ମନୋନୟନ ଲାଗି ରବିବାର ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀରେ ସିଲେକ୍ସନ କମିଟି ବୈଠକ ବସିଥିଲା। ପ୍ରଥମ ୪ ଦିନିଆ ମ୍ୟାଚ ସେପ୍ଟେମ୍ବର ୯ରୁ ଥିରୁଭାନନ୍ତପୁରମଠାରେ ଖେଳାଯିବାକୁଥିବାବେଳେ ଦ୍ୱିତୀୟଟି ମହୀଶୂରରେ ସେପ୍ଟେମ୍ବର ୧୭ରୁ ଆରମ୍ଭ ହେବ। ଗିଲ୍ ପ୍ରଥମ ଗେମ୍ ଏବଂ ଶାହଙ୍କୁ ଦ୍ୱିତୀୟ ଗେମ୍ ଅଧିନାୟକ ଭାବେ ମନୋନୀତ କରାଯାଇଛି।

**ପ୍ରଥମ ମ୍ୟାଚ ପାଇଁ ଦଳ:** ଶୁବମନ ଗିଲ୍ (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଅନମୋଲପ୍ରୀତ ସିଂ, ରିକି ଭୁଇ, ଅଙ୍କିତ ବାଓନେ, କେ.ଏସ. ଭରତ (ଉଇକେଟକିପର), କେ. ଗୋଥାମ, ଶାହବାଜ ନଦୀମ, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସିରାଜ, ତୁଷାର ଦେଶପାଣ୍ଡେ, ଶିବମ ଦୁବେ, ବିଜୟ ଶଙ୍କର।

## ଜାତୀୟ ଜୁନିୟର ଗ୍ରାପ୍‌ଲିଂ

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୧ ରୌପ୍ୟ

ଭୁବନେଶ୍ୱର, ୧।୯(କ୍ରୀଡ଼ା ପ୍ରତିନିଧି)

ହରିୟାଣାରେ ଚାଲିଥିବା ଜାତୀୟ ଜୁନିୟର, ସବ୍‌ଜୁନିୟର ଗ୍ରାପ୍‌ଲିଂ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୩ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଛନ୍ତି। ୧୬-୧୭ ବର୍ଷ (୬୫ କେଜି) ବିଭାଗରେ ମୋନାଲି ସାହୁ ଗି' ବିଭାଗରେ ସ୍ୱର୍ଣ୍ଣ ଏବଂ ବିନା ଗି' ବିଭାଗରେ ରୌପ୍ୟ ପଦକ ପାଇଛନ୍ତି। ଓଡ଼ିଶାର ଅନ୍ୟତମ ପ୍ରତିଯୋଗୀ ଅନୁଷ୍କା ପ୍ରିୟଦର୍ଶିନୀ ୫୮ କେଜି ବିଭାଗ ଗି' ଏବଂ ବିନା ଗି' ବିଭାଗରେ ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉତ୍କଳ କରାଟେ ସ୍କୁଲର ଏହି ଦୁଇ ପ୍ରତିଯୋଗୀଙ୍କୁ ଓଡ଼ିଶା ଗ୍ରାପ୍‌ଲିଂ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।



ପ୍ରମାଣପତ୍ର ଓ ପଦକ ସହ କୃତୀ ପ୍ରତିଯୋଗୀ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାହିଁ ଗୋରୁଗାଈ, ନ କାଟେ ଘାସ;**
**ରାନ୍ଧିବା ବାଢ଼ିବା, ଖାଇବ ଆସ ।**

ଗାଈଗୋରୁ ନ ଥିଲେ ତାଙ୍କ ଖାଇବା ପାଇଁ ଘାସ କାଟିବାର ଆବଶ୍ୟକତା ପଡ଼ି ନ ଥାଏ କି ସେଭଳି କିଛି ଦାୟିତ୍ୱ ମୁଣ୍ଡାଇବାକୁ ପଡ଼ି ନ ଥାଏ ବା ଦହଗଞ୍ଜ ହେବାକୁ ପଡ଼ି ନ ଥାଏ । ପରୋକ୍ଷରେ ସ୍ୱାମୀ, ସ୍ତ୍ରୀ ଦୁଇ ପରାଣୀଙ୍କ ସେଭଳି କିଛି ଦାୟିତ୍ୱ ବା ଜଞ୍ଜାଳ ନାହିଁ। ଏପରିସ୍ଥଳେ ଖାଲି ମୁଠାଏ ରୋଷେଇବାସ କରି ଖାଇପିଇ ଆରାମରେ ଦିନ ବିତାଇବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନିତି ପଖାଳୁଆ ସାଇ ରସିକ**
**କଖାରୁ ଫୁଲକୁ ପାରୁଡ଼ା ପୋକ ।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ । କଖାରୁ ଫୁଲ ଓ ପାରୁଡ଼ା ପୋକ ନିଜ ନିଜ କ୍ଷେତ୍ରରେ ନିକୃଷ୍ଟ ହେବା ଭଳି ପଖାଳ ଖାଇ ଫେଣ୍ଟା ମାରି ରସିକିଆ ପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ରୋଭର୍ସ ଆଥଲେଟିକ କ୍ଲବର ବାର୍ଷିକ ଅଧିବେଶନ

କଟକ ଅଫିସ, ୧।୯

ରୋଭର୍ସ ଆଥଲେଟିକ କ୍ଲବର ବାର୍ଷିକ ସାଧାରଣ ଅଧିବେଶନ ରବିବାର କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା ଆର୍ଚେରୀ ଆସୋସିଏଶନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ଲବ ୯୦ ବର୍ଷରେ ପଦାର୍ପଣ କରିଛି। ବାର୍ଷିକ ଅଧିବେଶନରେ ସୁନୀଲ ମୁରାରକା ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ କ୍ଲବର ସ୍ୱର୍ଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । କ୍ଲବର ସାଧାରଣ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ବାର୍ଷିକ ବିବରଣୀ ଉପସ୍ଥାପନ କରି କ୍ଲବର ଅର୍ଥ ସଂଗ୍ରହ ଉପରେ ସଦସ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ଗତ ବର୍ଷ ଫାଓ ଫୁଟବଲ୍ ଲିଗ୍‌ରେ ରୋଭର୍ସ କ୍ଲବ ସେମିଫାଇନାଲ ସ୍ତରକୁ ଯାଇଥିବାରୁ ଖେଳାଳି ଏବଂ କୋଚ୍‌ଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଚଳିତବର୍ଷ ଫାଓ ଫୁଟବଲ ଲିଗ୍‌ରେ କ୍ଲବ ଭଲ ଖେଳ ପ୍ରଦର୍ଶନ କରିବ ବୋଲି ବୈଠକରେ ଆଶା ପ୍ରକାଶ ପାଇଛି । କ୍ଲବର କୋଷାଧ୍ୟକ୍ଷ ସୁଘୋଷ ଦାସ ଗତବର୍ଷ ୨୦୧୮-୧୯ ଏବଂ ୨୦୧୯-୨୦ର ଆୟବ୍ୟୟ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ । ୨୦୧୯-୨୦ ବର୍ଷ ପାଇଁ ୪୩୫୦୫୦ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି । କ୍ଲବର ଆର୍ଥିକ ଉନ୍ନତି ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇ ତାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ପୂର୍ବବର୍ଷ ଭଳି ଚଳିତବର୍ଷ କ୍ଲବ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାରେ ଭାଗନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିସହିତ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ସଫଳ କରିବା ପାଇଁ ସଦସ୍ୟମାନେ ପୂର୍ଣ୍ଣ ସମର୍ଥନ ଓ ସାହାଯ୍ୟ ସହଯୋଗ କରିବା ପାଇଁ ବୈଠକରେ ନିବେଦନ କରାଯାଇଛି। ଆଜିର ଏହି ବାର୍ଷିକ ଅଧିବେଶନରେ ସରୋଜ କୁମାର ସିଂ, ସମୀର କୁମାର ପରିଜା, ସୁନୀଲ ଚନ୍ଦ୍ର ବୋଷ, ଚିତ୍ତରଞ୍ଜନ ଜେଠୀ, ଶ୍ରୀଧର ଦାସ, କ୍ଷିତୀଶ ଚନ୍ଦ୍ର ପାତ୍ର ପ୍ରମୁଖ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠକରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠାକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି ।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

EDUCATION EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

!! ରଣ ରଣ ରଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ରଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ରଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଲୋନ ! ଲୋନ ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ ୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE FINANCE

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲି:
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

HEALTH CARE HEALTH CARE

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଇଣ୍ଡସ୍ ଫାଇନାନ୍ସ ଲି:
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

!!ରଣ ରଣ ରଣ!!
୧ରୁ ୩୦ ଲକ୍ଷ ପର୍ଯ୍ୟନ୍ତ
ଗୃହ ରଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, ପଶୁପାଳନ, ମାଛ ଚାଷ, ଆଧାର କାର୍ଡ, ରାଶନ କାର୍ଡ, ସମସ୍ତ ପ୍ରକାର ରଣ ୨୪ ଘଣ୍ଟାରେ ଘରେ ବସି ଉପଲବ୍ଧ।
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ୫୦% ରିହାତି, ୧% ସୁଧ ୫୦% ରିହାତି।
!! PRAYAS FINANCE !!
Email : prayasfinance6@gmail.com
9938314547
Tribhuban Tower-16, 14/46, Sabji Mundi Road, Near SBI
Corporate Office : Rajhat, Gujurat - 360001

FINANCE
Regd. ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୧୨ ଘଣ୍ଟାରେ । ୧% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ଠକ ମାନଙ୍କୁ ସାବଧାନ
ଥରେ ନିଶ୍ଚୟ ସମ୍ପର୍କ କରନ୍ତୁ
8278077123
8607378206

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁଫି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm



ବେଙ୍ଗାଲୁରୁର ଇଣ୍ଡୁସ ଇଣ୍ଟରନେଶନାଲ ସ୍କୁଲ୍‌ରେ ମାନବାକୃତିର ଏକ ରୋବୋ ଶିକ୍ଷକଙ୍କ ଭଳି ଶ୍ରେଣୀଗୃହରେ ପାଠ ପଢ଼ାଇବା ସହିତ ଛାତ୍ରୀଛାତ୍ରଙ୍କ ସହ କଥାବାର୍ତ୍ତା ହୋଇପାରୁଛି। ଉକ୍ତ ରୋବୋ ପିଲାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇପାରୁଥିବା ଉକ୍ତ ସ୍କୁଲ ମୁଖ୍ୟ ଡିଜାଇନ୍ ଅଫିସର ବିଗ୍ନେଶ ରାଓ ସୂଚନା ଦେଇଛନ୍ତି।



# ସର୍କୁଲାର ଅର୍ବିଟ୍‌କୁ ଗଲା ଚନ୍ଦ୍ରଯାନ-୨

**ଶ୍ରୀହରିକୋଟା:** ପୃଥିବୀପୃଷ୍ଠରୁ ଦୀର୍ଘ ୩.୮ଲକ୍ଷ କିଲୋମିଟର ଯାତ୍ରା କରିବା ପରେ ଚନ୍ଦ୍ରଯାନ-୨ ରବିବାର ସନ୍ଧ୍ୟାରେ ଚନ୍ଦ୍ରର ବୃତ୍ତାକାର କକ୍ଷପଥ(ସର୍କୁଲାର ଅର୍ବିଟ୍)ରେ ପ୍ରବେଶ କରିଛି। ଏହା ଚନ୍ଦ୍ର ଅଭିଯାନ ଦିଗରେ ଆଉ ଏକ ମାଇଲ ଖୁଣ୍ଟ। କାରଣ ଅର୍ବିଟର ଓ ଲ୍ୟାଣ୍ଡରକୁ ନେଇ ଗଠିତ ଚନ୍ଦ୍ରଯାନ-୨ ଦୀର୍ଘ ୪୨ଦିନ ଯାତ୍ରା କରିବା ପରେ ଏହି କକ୍ଷପଥରେ ପହଞ୍ଚିଛି। ଏହା ବୃତ୍ତାନ୍ତ ପର୍ଯ୍ୟାୟ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ସୂଚନା ଦେଇଛନ୍ତି। ଚନ୍ଦ୍ରଯାନ-୨କୁ ଜୁଲାଇ ୨୨ରେ ଚନ୍ଦ୍ର ଅଭିମୁଖେ ଲଞ୍ଚ୍ କରାଯାଇଥିଲା। ସୋମବାର ଲ୍ୟାଣ୍ଡର 'ବିକ୍ରମ' ଅର୍ବିଟରଠାରୁ ପୃଥକ୍ ହୋଇ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାକୁ ନିମ୍ନଗାମୀ ହେବ। ଏହି ଦିନଠାରୁ ବିକ୍ରମ ଉପରେ ଅଧିକ ନଜର ରଖାଯିବ। ଏଥିସହିତ ଏକ ପୃଥକ୍ ଟିମ୍ ଅର୍ବିଟର୍‌ର ଗତିବିଧି ତର୍ଜମା କରିବେ। ଅର୍ବିଟର ଚନ୍ଦ୍ରର ସର୍କୁଲାର ଅର୍ବିଟ୍‌ରେ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଘୂରିବୁଲି ବିଭିନ୍ନ ତଥ୍ୟ ସଂଗ୍ରହ କରିବାକୁ ସକ୍ଷମ ହେବ। ସେପ୍ଟେମ୍ବର ୪ରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରର ନିକଟତମ କକ୍ଷପଥରେ ପ୍ରବେଶ କରି ୩ ଦିନ ପର୍ଯ୍ୟନ୍ତ ସେଠାରେ ଘୂରିବୁଲିବ। ୭ ସେପ୍ଟେମ୍ବର ମଧ୍ୟରାତ୍ର ୧ଟା ୪୦ରେ ବିକ୍ରମ ଚନ୍ଦ୍ରର ଦକ୍ଷିଣ ମେରୁରେ ୩୫ କିଲୋମିଟର ଉଚ୍ଚତାରୁ ଅବତରଣ ଆରମ୍ଭ କରିବ। ରାତ୍ର ୧ଟା ୫୫ରେ ଏହା ପ୍ରତି ସେକେଣ୍ଡରେ ୨ ମିଟର ତଳକୁ ଖସି ଶେଷରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ। ଅବତରଣର ପ୍ରାୟ ୨ ଘଣ୍ଟା ପରେ ଭୋର୍ ୩ଟା ୫୫ରେ ଲ୍ୟାଣ୍ଡର ବିକ୍ରମର କବାଟ(ରେମ୍ପ୍) ଖୋଲିବ ଏବଂ ଏହା ମଧ୍ୟ ଦେଇ ୬ ଚକା ବିଶିଷ୍ଟ ରୋଭର 'ପ୍ରଜ୍ଞା' ବାହାରକୁ ଆସିବ। ଭୋର୍ ୫ଟା ୫ରେ ପ୍ରଜ୍ଞାର ସୋଲାର ପ୍ୟାନେଲ୍ ଖୋଲିବ। ଭୋର୍ ୫ଟା ୧୦ରେ ଏହା ଚନ୍ଦ୍ରପୃଷ୍ଠରେ ଚାଲିବା ଆରମ୍ଭ କରିବ। ଏହା ପ୍ରତି ସେକେଣ୍ଡରେ ଏକ ସେଣ୍ଟିମିଟର ଗତି କରି ୧୪ଦିନ ଯାତ୍ରା କରିବ। ଏହି ସମୟ ମଧ୍ୟରେ ପ୍ରଜ୍ଞା ୫୦୦ମିଟର ଯାତ୍ରା କରି ଚନ୍ଦ୍ରପୃଷ୍ଠର ଫଟୋ ଉଠାଇବା ସହ ସଂଗୃହୀତ ତଥ୍ୟ ବିଶ୍ଲେଷଣ କରିବ। ଏହା ବିକ୍ରମ ଜରିଆରେ ପୃଥିବୀକୁ ୧୫ମିନିଟ ମଧ୍ୟରେ ତଥ୍ୟ ପଠାଇବାକୁ ସମର୍ଥ ହେବ।



## ଇତିହାସର ଆଇନାରେ
### ସେପ୍ଟେମ୍ବର ୨ର ପ୍ରମୁଖ ଘଟଣା

୧୯୮୫ ସେପ୍ଟେମ୍ବର ୨ରେ ଶ୍ରୀଲଙ୍କାର ତାମିଲ ରାଜନେତା ତଥା ପୂର୍ବତନ ଏମ୍‌ପି ଏମ. ଅଲାଲାସୁନ୍ଦରମ୍ ଏବଂ ଭି. ଧର୍ମଲିଙ୍ଗମ୍‌ଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହା ଥିଲା ଶ୍ରୀଲଙ୍କା ଗୃହଯୁଦ୍ଧ ବେଳର ଘଟଣା। ୧୯୮୩ ଜୁଲାଇ ୨୩ରେ ଶ୍ରୀଲଙ୍କାରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା।

୨୦୧୦ ସେପ୍ଟେମ୍ବର ୨ରେ ଇସ୍ରାଏଲ୍-ପାଲେଷ୍ଟାଇନ୍ ମଧ୍ୟରେ ଶାନ୍ତି ଆଲୋଚନା ଆରମ୍ଭ ହୋଇଥିଲା। ଅଂଶଗ୍ରହଣ କରିଥିଲେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ପାଲେଷ୍ଟାଇନ୍‌ର ଅଥରିଟି ଚେୟାରମ୍ୟାନ୍ ମହମ୍ମଦ ଅବ୍ବାସ୍।

# 'ଟିଭି ଶୋ' ତୁଳନାରେ ଫିଲ୍ମ ଶୁଟିଂ ସହଜ'

**ମୁମ୍ବାଇ:** ଟିଭି ଶୋ' ତୁଳନାରେ ଫିଲ୍ମ ଶୁଟିଂ ସହଜ ବୋଲି କହିଛନ୍ତି ବଲିଉଡ୍ ଅଭିନେତା ଜୁବେର କେ. ଖାନ୍। 'କସମ୍ ତେରେ ପ୍ୟାର କୀ' ଏବଂ 'ନାଗିନ୍-୩' ଭଳି ଶୋ'ରେ ଅଂଶଗ୍ରହଣ କରିସାରିବା ପରେ ବର୍ତ୍ତମାନ 'ଧଡ୍‌କେ ଦିଲ୍ ବାର୍ ବାର୍' ଫିଲ୍ମରେ ଅଭିନୟ କରୁଛନ୍ତି ଜୁବେର। ଏହାର ନିର୍ଦ୍ଦେଶନା ଦେଉଛନ୍ତି ରାଜୀବ ୱାଲିଆ। ଜୁବେର ପ୍ରଥମକରି ଟିଭି ଶୋ'ରେ ଶୁଟିଂ ଆରମ୍ଭ କରିଥିଲେ। ଏଥିପାଇଁ ଖୁବ୍ କଠିନ ପରିଶ୍ରମ କରିବାକୁ ପଡିଥିଲା ବୋଲି ସେ କହିଛନ୍ତି। ଅପରପକ୍ଷରେ ଟିଭି ଶୋ' ତୁଳନାରେ ଫିଲ୍ମ ଶୁଟିଂ ସହଜ। ନିକଟରେ ସେ ୧୨୮ ଦିନ ଶୁଟିଂ କାର୍ଯ୍ୟରେ ବ୍ୟସ୍ତ ଥିଲେ। ଟିଭି ଶୁଟିଂ ପାଇଁ ରାତିରେ ଏବଂ ଫିଲ୍ମ ପାଇଁ ଦିନବେଳା ବ୍ୟସ୍ତ ରହୁଥିଲେ। ଯଦିଓ କଷ୍ଟ ଲାଗୁଥିଲା, ତଥାପି ଏଥିରୁ ଖୁବ୍ ଆନନ୍ଦ ମିଳୁଥିଲା ବୋଲି ଜୁବେର କହିଛନ୍ତି। ଟିଭି, ଫିଲ୍ମ ଏବଂ ଥିଏଟର ଭଳି ବିଭିନ୍ନ ପ୍ଲାଟଫର୍ମରେ ସେ ଅଭିନୟ କରିବାକୁ ପସନ୍ଦ କରନ୍ତି। ଏହି ୩ ମାଧ୍ୟମ ତାଙ୍କ ପାଇଁ ସମାନ ଗୁରୁତ୍ୱ ରଖେ। ଫିଲ୍ମରେ ସ୍ୱାଧୀନ ଭାବେ ଅଭିନୟ କରିବାକୁ ହୋଇଥାଏ। ଏଥିରେ ଜଣେ କଳାକାରଙ୍କ ଦକ୍ଷତା ବୃଦ୍ଧି ପାଏ। ଅଧିକ ଆୟ ପାଇଁ ଟିଭି ମଧ୍ୟ ଏକ ଭଲ ମାଧ୍ୟମ। କିନ୍ତୁ ଯେ କୌଣସି ମାଧ୍ୟମ ହେଉନା କାହିଁକି ଜଣେ କଳାକାର ଭାବରେ ମୋ ପାଇଁ କିଛି ଫରକ ପଡେନି। ଯାହା ବି କରେ, ସେଥିରେ ଶତ ପ୍ରତିଶତ ଶ୍ରମ ଓ ଦକ୍ଷତା ବିନିଯୋଗ କରିଥାଏ ବୋଲି ଜୁବେର ପ୍ରକାଶ କରିଛନ୍ତି।



ଜୁବେର କେ. ଖାନ୍

# ୯୦୦ କି.ମି. ଚାଲି ଅକ୍ଷୟ କୁମାରଙ୍କୁ ଭେଟିଲେ ପ୍ରଶଂସକ

**ମୁମ୍ବାଇ:** ନିଜ ଆଦର୍ଶର କଳାକାର ତଥା ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାରଙ୍କୁ ଭେଟିବା ଲାଗି ଜଣେ ବ୍ୟକ୍ତି ୯୦୦ କିଲୋମିଟର ଚାଲିଚାଲି ଯିବା ଘଟଣା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ତେବେ ଏପରି ନ କରି ନିଜ ସମୟ ଓ ଶକ୍ତି ଅନ୍ୟ ଦିଗରେ ବିନିଯୋଗ କରିବାକୁ ଅକ୍ଷୟ କୁମାର ତାଙ୍କ ପ୍ରଶଂସକଙ୍କୁ ପରାମର୍ଶ ଦେଇଛନ୍ତି। ଅକ୍ଷୟ ରବିବାର ତାଙ୍କ ପ୍ରଶଂସକ ପର୍ବାତଙ୍କ ସହିତ ଏକ ଫଟୋ ଉଠାଇ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ପର୍ବାତ ତାଙ୍କ ପ୍ରିୟ ଅଭିନେତାଙ୍କୁ ଭେଟିବା ଲାଗି ଦ୍ୱାରକାଠାରୁ ମୁମ୍ବାଇ ପର୍ଯ୍ୟନ୍ତ ପାଦରେ ଚାଲିଚାଲି ଯାଇଥିଲେ। ତାଙ୍କୁ ୯୦୦ କିଲୋମିଟର ବାଟ ଯିବାକୁ ୧୮ଦିନ ଲାଗିଥିଲା। ଆମ ଯୁବବନ୍ଧୁମାନେ ଏହି ପ୍ରକାର ଯୋଜନା କରି ପ୍ରତିଶ୍ରୁତିବଦ୍ଧ ହେଲେ ଲକ୍ଷ୍ୟସ୍ଥାନରେ ପହଞ୍ଚିପାରିବେ ବୋଲି ଅକ୍ଷୟ ଟୁଇଟର ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। ଏହି ଦୁଃସାହସିକ କାର୍ଯ୍ୟ ପାଇଁ ପର୍ବାତଙ୍କୁ ଅକ୍ଷୟ ପ୍ରଶଂସା କରିଥିଲେ ହେଁ ଏପରି କାର୍ଯ୍ୟ ନ କରିବାକୁ କହିଥିଲେ। ବରଂ ପ୍ରତିଶ୍ରୁତିବଦ୍ଧ ହୋଇ ନିଜ ଲକ୍ଷ୍ୟପଥରେ ଆଗେଇବାକୁ ପରାମର୍ଶ ଦେଇଥିଲେ। ନିଜର ସମୟ, ଶକ୍ତି ଏବଂ ସମ୍ବଳର ଉପଯୁକ୍ତ ବିନିଯୋଗ କରିପାରିଲେ ଜଣେ ଅଧିକ ସୁଖୀ ହୋଇପାରିବ ବୋଲି ଅକ୍ଷୟ କହିଥିଲେ। ସେ ବର୍ତ୍ତମାନ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ 'ସୂର୍ଯ୍ୟବଂଶୀ'ର ଶୁଟିଂରେ ବ୍ୟସ୍ତ।

# ମୋବାଇଲ୍ ଫ୍ଲାଶ୍ ଲାଇଟ୍‌ରେ ଅପରେଶନ୍



**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ଶିକୋହାବାଦ୍‌ରେ କେତେକ ଡାକ୍ତର ବିଦ୍ୟୁତ୍ ଆଲୋକ ନ ଥିବାରୁ ନିଜ ମୋବାଇଲ୍ ଫ୍ଲାଶ୍ ଲାଇଟରେ ରୋଗୀଙ୍କ ଅପରେଶନ୍ କରିଛନ୍ତି। ଦୁର୍ଘଟଣାରେ ଆହତ ହୋଇ ଜଣେ ବ୍ୟକ୍ତି ସ୍ଥାନୀୟ ସରକାରୀ ହସ୍ପିଟାଲରେ ପହଞ୍ଚିଥିଲେ। ତେବେ ହସ୍ପିଟାଲରେ ସେତେବେଳେ ଲାଇନ୍ କଟିଯାଇଥିଲା। ମାତ୍ର ରୋଗୀଙ୍କ ଆଘାତପ୍ରାପ୍ତ ସ୍ଥାନରେ ଷ୍ଟିଚ୍ ପକାଇବା ଆବଶ୍ୟକ ଥିଲା। ଅନ୍ୟ ଉପାୟ ନ ପାଇ ଡାକ୍ତରମାନେ ମୋବାଇଲ୍ ଫ୍ଲାଶ୍ ଲାଇଟ୍‌ରେ ଷ୍ଟିଚ୍ ପକାଇବାକୁ ବାଧ୍ୟ ହୋଇଥିଲେ। ସୋସିଆଲ ମିଡ଼ିଆରେ ଏବେ ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି।



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ—** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ—** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ବର୍ଷା ହେବାର ସମ୍ଭାବନା ଅଛି। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୫.୨ |
| ଚାନ୍ଦବାଲି | ୩୨.୭ | ୨୭.୨ |
| କଟକ | ୩୪.୦ | ୨୪.୪ |
| ପାରାଦ୍ୱୀପ | ୩୩.୦ | ୨୭.୬ |
| ଭୁବନେଶ୍ୱର | ୩୩.୭ | ୨୬.୦ |
| ଗୋପାଳପୁର | ୩୨.୬ | ୨୬.୫ |
| ପୁରୀ | ୩୩.୫ | ୨୬.୬ |
| ଅନୁଗୋଳ | ୩୪.୧ | ୨୨.୦ |
| ବାରିପଦା | --- | --- |
| ଝାରସୁଗୁଡ଼ା | ୩୪.୬ | ୨୬.୨ |
| କେନ୍ଦୁଝର | ୩୧.୮ | ୨୩.୯ |
| ସମ୍ବଲପୁର | ୩୪.୭ | ୨୫.୧ |
| ସୁନ୍ଦରଗଡ଼ | ୩୨.୫ | ୨୨.୫ |
| ହୀରାକୁଦ | ୩୪.୩ | ୨୫.୭ |
| ତାଲଚେର | ୩୨.୬ | ୨୪.୬ |
| ଭବାନୀପାଟଣା | ୩୨.୭ | ୨୫.୨ |
| ବଲାଙ୍ଗୀର | ୩୪.୫ | ୨୫.୫ |
| କୋରାପୁଟ | ୨୬.୨ | ୨୦.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୩.୦ | ୨୩.୦ |
| ମାଲକାନଗିରି | ୩୦.୦ | ୨୦.୦ |
| ସୋନପୁର | ୩୩.୦ | ୨୪.୪ |
| ଦାରିଙ୍ଗିବାଡ଼ି | ୨୮.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍


# ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ନିମନ୍ତେ ସୂଚନା

ଭାରତ ସରକାରଙ୍କ ଦ୍ୱାରା ମୋଟରଯାନ ଆଇନ ୧୯୮୮ର ସଂଶୋଧନ କରାଯାଇଅଛି ଏବଂ ଏହି ସଂଶୋଧିତ ମୋଟରଯାନ ଆଇନ (**Motor Vehicles (Amendment) Act 2019**)ର ବିଭିନ୍ନ ନିୟମାବଳୀ ତା. ୦୧.୦୯.୨୦୧୯ଠାରୁ ଲାଗୁ କରାଯାଇଅଛି । ଏହି ସଂଶୋଧିତ ଆଇନରେ ଟ୍ରାଫିକ୍ ନିୟମ ଉଲଙ୍ଘନକାରୀ ମାନଙ୍କ ପାଇଁ କଠୋର ଆର୍ଥିକ ଦଣ୍ଡର ବ୍ୟବସ୍ଥା ଅଛି । ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ଅବଗତି ନିମନ୍ତେ କେତେକ ଗୁରୁତ୍ୱପୂର୍ଣ୍ଣ ଦଫାରେ ଆର୍ଥିକ ଜରିମାନା ପରିମାଣ ନିମ୍ନଲିଖିତ ସାରଣୀରେ ପ୍ରଦାନ କରାଗଲା ।

## ଟ୍ରାଫିକ୍ ନିୟମ ଭାଙ୍ଗିଲେ ଜରିମାନା (ଟଙ୍କାରେ)

| ଦଫା | ଆଇନ ଉଲଙ୍ଘନର ପ୍ରକାର | ପ୍ରଥମ ଉଲଙ୍ଘନ | ଦ୍ୱିତୀୟ ଓ ପରବର୍ତ୍ତୀ ଉଲଙ୍ଘନ |
|---|---|---|---|
| 177 | ସାଧାରଣ ନିୟମ ଖିଲାପ | ୫୦୦ | ୧୫୦୦ |
| 177 (A) | ଗାଡ଼ି ଚାଳନା ନିୟମର ଖିଲାପ | ୧୦୦୦ | ୧୦୦୦ |
| 178 | ବିନା ଟିକଟରେ ଯାତ୍ରା | ୫୦୦ | ୫୦୦ |
| 179 (1) | କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅବମାନନା | ୨୦୦୦ | ୨୦୦୦ |
| 179 (2) | ଜାଣିଶୁଣି ସୂଚନା ନ ଦେବା | ୨୦୦୦ | ୨୦୦୦ |
| 180 | ଅଣସ୍ୱୀକୃତ ବ୍ୟକ୍ତିଙ୍କୁ ଗାଡ଼ି ଚଳାଇବାକୁ ଦେବା | ୫୦୦୦ | ୫୦୦୦ |
| 181 | ବିନା ଡ୍ରାଇଭିଂ ଲାଇସେନ୍ସ ରେ ଗାଡ଼ି ଚଳାଇବା | ୫୦୦୦ | ୫୦୦୦ |
| 182 (1) | ଡ୍ରାଇଭିଂ ଲାଇସେନ୍ସ ବାତିଲ ବେଳେ ଗାଡ଼ି ଚଳାଇବା | ୧୦,୦୦୦ | ୧୦,୦୦୦ |
| 182 (2) | କଣ୍ଡକ୍ଟର ଲାଇସେନ୍ସ ନଥିବା | ୧୦,୦୦୦ | ୧୦,୦୦୦ |
| 182 (A)(4) | ମାଲିକଙ୍କ ଦ୍ୱାରା ନିୟମ ବର୍ହିଭୁତ ଭାବେ ଗାଡ଼ିରେ ପରିବର୍ତ୍ତନ କରିବା | ୫୦୦୦ | ୫୦୦୦ |
| 183 (i) | ଦ୍ରୁତ ଗତିରେ ହାଲୁକା ମୋଟରଯାନ ଚଳାଇବା | ୨୦୦୦ | ୨୦୦୦ |
| 183 (ii) | ଦ୍ରୁତ ଗତିରେ ମଧ୍ୟମ ଓ ଭାରିଯାନ ଚଳାଇବା | ୪୦୦୦ | ୪୦୦୦ |
| 184 (A) | ରେଡ୍ ଲାଇଟ୍ ଡେଇଁଯିବା | ୫୦୦୦ | ୧୦୦୦୦ |
| 184 (B) | 'ଅଟକିବା ସଙ୍କେତ' ନ ମାନିବା | ୫୦୦୦ | ୧୦୦୦୦ |
| 184 (C) | ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର କରିବା | ୫୦୦୦ | ୧୦୦୦୦ |
| 184 (D) | ବେଆଇନ ଓଭରଟେକିଂ | ୫୦୦୦ | ୧୦୦୦୦ |
| 184 (E) | ଟ୍ରାଫିକ୍‌ର ବିପରୀତ ଦିଗରେ ଗାଡ଼ି ଚଳାଇବା | ୫୦୦୦ | ୧୦୦୦୦ |
| 184 (F) | ବିପଜ୍ଜନକ ଗାଡ଼ିଚାଳନା | ୫୦୦୦ | ୧୦୦୦୦ |
| 185 | ନିଶାସେବନ କରି ଗାଡ଼ି ଚଳାଇବା | ୧୦୦୦୦ | ୧୫୦୦୦ |
| 187 | ଦୁର୍ଘଟଣା ଘଟାଇବା | ୫୦୦୦ | ୧୦୦୦୦ |
| 189 | ବିନା ଅନୁମତିରେ ରେସିଂ ଓ ପରୀକ୍ଷଣ କରିବା | ୫୦୦୦ | ୧୦୦୦୦ |
| 190 (1)(A) | ଅସୁରକ୍ଷିତ ଗାଡିକୁ ଚଳାଇବା | ୧୫୦୦ | ୧୫୦୦ |
| 190 (2) | ବାୟୁ ଓ ଶବ୍ଦ ପ୍ରଦୂଷଣ ନିୟମ ଖିଲାପ | ୧୦୦୦୦ | ୧୦୦୦୦ |
| 190 (3) | ବେନିୟମ ଭାବେ ବିପଦପୂର୍ଣ୍ଣ ସାମଗ୍ରୀ ପରିବହନ କରିବା | ୧୦୦୦୦ | ୨୦୦୦୦ |
| 192 | ବୈଧ ରେଜିଷ୍ଟ୍ରେସନ ଓ ଫିଟ୍‌ନେସ୍ ପ୍ରମାଣପତ୍ର ବିନା ଗାଡ଼ି ଚଳାଇବା ଏବଂ ମାଲ୍‌ଗାଡ଼ିରେ ଯାତ୍ରୀ ପରିବହନ କରିବା | ୫୦୦୦ | ୧୦୦୦୦ |
| 192 (A) | ପରମିଟ୍ ନଥାଇ କିମ୍ବା ପରମିଟ୍ ନିୟମ ଖିଲାପକରି ଗାଡ଼ି ଚଳାଇବା | ୧୦୦୦୦ | ୧୦୦୦୦ |
| 194 (1) | ମାଲବାହୀ ଗାଡ଼ିରେ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ମାଲ ପରିବହନ କରିବା | ୨୦୦୦୦ (ଅତିରିକ୍ତ ଟନ୍ ପିଛା ୨୦୦୦) | |
| 194 (1)(A) | ଯାନର ଉଭୟ ପାର୍ଶ୍ୱ, ଆଗ ଓ ପଛ ପାର୍ଶ୍ୱ ଏବଂ ଉଚ୍ଚତାର ଧାର୍ଯ୍ୟ ସୀମା ବାହାରେ ମାଲ ପରିବହନ କରିବା | ୨୦୦୦୦ | ୨୦୦୦୦ |
| 194 (A) | ବାଣିଜ୍ୟିକ ଯାନରେ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରିବା | ପ୍ରତି ଅଧିକ ଯାତ୍ରୀ ପିଛା ୨୦୦ | |
| 194 (B)(1) | ଚାଳକ ଓ ଯାତ୍ରୀ ସିଟ୍ ବେଲ୍‌ଟ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (B)(2) | ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ବିନା ସୁରକ୍ଷା ବ୍ୟବସ୍ଥାରେ ଗାଡ଼ିରେ ନେବା | ୧୦୦୦ | ୧୦୦୦ |
| 194 (C) | ଦୁଇଚକିଆ ଯାନରେ ୨ ଜଣରୁ ଅଧିକ ଯାତ୍ରା କରିବା | ୧୦୦୦ | ୧୦୦୦ |
| 194 (D) | ଦୁଇଚକିଆ ଯାନରେ ଚାଳକ ଓ ସହଯାତ୍ରୀ ହେଲ୍‌ମେଟ୍ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (E) | ଜରୁରିକାଳୀନ ଗାଡ଼ିକୁ ବାଟ ନ ଦେବା | ୧୦୦୦୦ | ୧୦୦୦୦ |
| 194 (F)(A) | ଅନାବଶ୍ୟକ ଭାବେ, ଲଗାତର ଭାବେ ଓ ନିଷିଦ୍ଧାଞ୍ଚଳରେ ହର୍ଣ୍ଣ ବଜାଇବା | ୧୦୦୦ | ୨୦୦୦ |
| 194 (F)(B) | ମୋଟରଯାନର ସାଇଲେନ୍ସରକୁ ବିକୃତ କରିବା | ୧୦୦୦ | ୨୦୦୦ |
| 196 | ବିନା ଇନ୍‌ସ୍ୟୁରାନ୍ସରେ ଗାଡ଼ି ଚଳାଇବା | ୨୦୦୦ | ୪୦୦୦ |
| 199 (A)(2) | କିଶୋର ବୟସ (ଜୁଭେନାଇଲ୍) ରେ ଗାଡ଼ି ଚଳାଇବା | ୨୫୦୦୦ | ୨୫୦୦୦ |

ଆଇନ ଉଲଙ୍ଘନକାରୀ ମାନଙ୍କୁ ଧରିବା ନିମନ୍ତେ ରାଜ୍ୟ ପୁଲିସ ଏବଂ ପରିବହନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ସମସ୍ତ ସଡ଼କ ବ୍ୟବହାରକାରୀ ମାନଙ୍କୁ ଟ୍ରାଫିକ୍ ନିୟମର କଡ଼ାକଡ଼ି ଅନୁପାଳନ ନିମନ୍ତେ ଅନୁରୋଧ କରାଯାଉଅଛି ।

**ଆସନ୍ତୁ ଓଡ଼ିଶାକୁ ଏକ ସଡ଼କ ଦୁର୍ଘଟଣା ମୁକ୍ତ ରାଜ୍ୟରେ ପରିଣତ କରିବା ।**

ODISHA ROAD SAFETY SOCIETY

**ପରିବହନ କମିଶନର, ଓଡ଼ିଶା**

**ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି**



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଶ୍ୱ ନାରିକେଳ ଦିବସ ସମାରୋହ, କିଟ୍ କ୍ୟାମ୍ପସ୍-୭, ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୟୁନିଟ୍-୮ ପକ୍ଷରୁ 'ଅର୍ଚ୍ଚନା' ଓ ଗଣେଶ ପୂଜା, ୟୁନିଟ୍-୮ ବିଦ୍ୟାମନ୍ଦିର ପରିସର, ସକାଳ ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଗଣେଶ ପୂଜା, ପ୍ଲଟ ନଂ ୧୦୨୩, ଖାରବେଳ ନଗର, ରିଜର୍ଭ ବ୍ୟାଙ୍କ ପଛ, ସକାଳ ୯ଟା।
- ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ପକ୍ଷରୁ ଗଣେଶ ପୂଜା, ଶ୍ରୀ ଗୁରୁଜୀ ବିହାର, ଅକ୍ସଫୋର୍ଡ ଛକ, ଏନ୍‌ଏଚ-୧୬, ସକାଳ ୯ଟା।
- ମା' କୋଟିଲେଇ ହାଟ ବ୍ୟବସାୟୀ ସଂଘ ପକ୍ଷରୁ ଗଣେଶ ପୂଜା, ରସୁଲଗଡ, ସକାଳ ୯ଟା।
- ରାଜଧାନୀ ହକର୍ସ ୟୁନିୟନ୍ ପକ୍ଷରୁ ଗଣେଶ ପୂଜା, ନାଲ୍‌କୋ ଛକସ୍ଥିତ ବିତରଣ କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- ନୂଆ ସାହି ଆଖଣ୍ଡଳମଣି ପୂଜା କମିଟି ଓ ମୌରିଆ ଗ୍ରୁପର ମିଳିତ ଆନୁକୂଲ୍ୟରେ ଗଣେଶ ପୂଜା, ଉଠା ଜଳସେଚନ ନିଗମ ସମ୍ମୁଖ, ନୂଆସାହି, ନୂଆପଲ୍ଲୀ, ପୂର୍ବାହ୍ନ ୧୦ଟା।
- ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ଲେଖାଲେଖି ପକ୍ଷରୁ ୮ମ ସାହିତ୍ୟ ମେଳା, ଭେଟେରିନାରୀ ଅଫିସର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ କନଫରେନ୍ସ ହଲ, ଲକ୍ଷ୍ମୀସାଗର ଜେଲ ନିକଟ, ପୂର୍ବାହ୍ନ ୧୦ଟା।
- ୧୧ତମ କଟନ ଫେବ-୨୦୧୯, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ଭିଏସ୍‌ଏସ୍ ନଗର ସରସ୍ୱତୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଗଣେଶ ପୂଜା, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଝାରପଡ଼ା ମହାବୀର କ୍ଲବ ପକ୍ଷରୁ ଗଣେଶ ପୂଜା ଓ ନୂତନ ଗୃହ ପ୍ରତିଷ୍ଠା, ମହାବୀର ନଗର, ଷ୍ଟେଜ-୫, ପୂର୍ବାହ୍ନ ୧୦ଟା ୩୫।
- ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଗଣେଶ ପୂଜା, ଭୌମନଗର, ୟୁନିଟ-୪, ପୂର୍ବାହ୍ନ ୧୧ଟା।
- ଡାଇମଣ୍ଡ କ୍ଲବ ପକ୍ଷରୁ ଗଣେଶ ପୂଜା, ବୁଢ଼େଶ୍ୱରୀ କଲୋନୀ, ପୂର୍ବାହ୍ନ ୧୧ଟା।
- ଭାସ୍କରେଶ୍ୱର କ୍ଲବ ଗୃହର ଉଦ୍‌ଘାଟନ, ଭାସ୍କରେଶ୍ୱର ମନ୍ଦିର ନିକଟ, ବଡ଼ଗଡ଼ ବ୍ରିଟ୍ କଲୋନୀ, ପୂର୍ବାହ୍ନ ୧୧ଟା ୩୦।
- ସୋମନାଥ ଯୁବ ପରିଷଦ ପକ୍ଷରୁ ଗଣେଶ ପୂଜା ଓ ବାର୍ଷିକ ଉତ୍ସବ, ସମେଇଗଡ଼ିଆ, ମଧ୍ୟାହ୍ନ ୧୨ଟା।
- ଭୁବନେଶ୍ୱର ନ୍ୟୁଜପେପର ସପ୍ଲାୟର୍ସ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ଦୀନଦୟାଲ ଭବନ ପରିସର, ମଧ୍ୟାହ୍ନ ୧୨ଟା।
- ଅଲ ନ୍ୟୁଜପେପର ସପ୍ଲାୟର୍ସ ସୋସିଆଲ ୱେଲଫେୟାର ଆସୋସିଏଶନ ପକ୍ଷରୁ ବିଘ୍ନରାଜ ପୂଜା, ସିବିଆଇ କଲୋନୀ ପଛପାଖ, ୟୁନିଟ-୮, ମଧ୍ୟାହ୍ନ ୧୨ଟା ୩୦।
- ମା' ତାରିଣୀ କ୍ଲବ ପକ୍ଷରୁ ଗଣେଶ ପୂଜା, ପ୍ରାଚୀ ବିହାର ଛକ, ମଧ୍ୟାହ୍ନ ୧୨ଟା ୩୦।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ଇନ୍ଦିରା ପାର୍କ ପଛପଟ, ଶହୀଦ ନଗର, ମଧ୍ୟାହ୍ନ ୧୨ଟା ୩୦।
- ଗଡ଼େଶ୍ୱର ହାଟ ବଣିକ ସଂଘ ପକ୍ଷରୁ ଗଣନାଥଙ୍କ ପୂଜା ଓ ପାଲା ପରିବେଷଣ, ଗଣେଶ ପୂଜା ମଣ୍ଡପ, ଭିଏସଏସ ନଗର, ଗାଡକଣ, ସକାଳ ୮ଟା ୩୦ ଏବଂ ସନ୍ଧ୍ୟା ୬ଟା।
- ଭାରତୀୟ ବିଦ୍ୟାଭବନ କେନ୍ଦ୍ର ଭୁବନେଶ୍ୱର ଓ ଭଞ୍ଜଶ୍ରୀ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଲୁପ୍ତପ୍ରାୟ କଳା ପ୍ରଦର୍ଶନ, ମୁନ୍‌ସିହଲ, ଭାରତୀୟ ବିଦ୍ୟା ଭବନ, ସନ୍ଧ୍ୟା ୬ଟା।
- ବିଏମ୍‌ସି କର୍ମଚାରୀଙ୍କ ପକ୍ଷରୁ ନାଟକ କୁହୁଡ଼ି ନଈ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ସରସ୍ୱତୀ ଶିକ୍ଷା ମନ୍ଦିର ପକ୍ଷରୁ ଗଣେଶ ପୂଜା, ନହରକଣ୍ଟା, ପୂର୍ବାହ୍ନ ୧୦ଟା।
- ମା'ଜାଗୁଲାଇ ସରସ୍ୱତୀ ଶିଶୁମନ୍ଦିରରେ ଗଣେଶ ପୂଜା, ଅଲାରପୁର, ୧୦ଟା।
- ଶ୍ରୀ ବକ୍ରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଗଣେଶ ପୂଜା, ଭିଙ୍ଗାରପୁର, ପୂର୍ବାହ୍ନ ୧୦ଟା।

**ପୁରୀ**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା, ଘୋଡାବଜାର ଦେବାର୍ଚ୍ଚନା, ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା, ମଧୁବନ ଦେବାର୍ଚ୍ଚନା,ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା, ହରଚଣ୍ଡୀ ସାହି ଦେବାର୍ଚ୍ଚନା, ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣେଶ ପୂଜା, ମାରୁତି ନଗର ଦେବାର୍ଚ୍ଚନା ସକାଳ ୮ଟା।
- ଭଗବତୀ ବିଦ୍ୟା ନିକେତନରେ ଗଣେଶ ପୂଜା, ଅଠରନଳା, ପୂଜାରମ୍ଭ ୮ଟା।
- ଉତ୍କଳମଣି ଶିଶୁ ମନ୍ଦିରରେ ବିନାୟକ ପୂଜା, ଶ୍ରୀରାମ ନଗର,ପୂଜାରମ୍ଭ ୮ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତିର ଗଣେଶ ପୂଜା, ପଥୁରିଆ ସାହି,ପୂଜାରମ୍ଭ ୮ଟା।
- ଶ୍ରୀଗୋପାଳଜୀ ବିଦ୍ୟାନିକେତନରେ ଗଣେଶ ପୂଜା, ଲୋକନାଥ ରୋଡ, ସକାଳ ୮ଟା।
- ସାରସ୍ୱତ ବିଦ୍ୟାମନ୍ଦିରରେ ଗଣେଶ ପୂଜା, କରଡି ସାହି, ପୂଜାରମ୍ଭ ସକାଳ ୯ଟା।
- ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ କଲେଜରେ ବିନାୟକ ପୂଜା, ସ୍ୱର୍ଗଦ୍ୱାର, ପୂଜାରମ୍ଭ ୧୦ଟା।
- ମୋତିଚାନ୍ଦ ବଜାର ବିନାୟକ ସମିତିର ଗଣେଶ ପୂଜା, ବଡଦାଣ୍ଡ, ପୂର୍ବାହ୍ନ୧୧ଟା।
- ଗଣପତି ମହୋତ୍ସବ, ମାର୍କେଟ ଛକ, ସନ୍ଧ୍ୟା୬.୩୦ମିନିଟ୍।

# ଆସୁଛି ପାର୍ବଣ: ପ୍ରସ୍ତୁତିରେ ମେଲୋଡ଼ି ଗ୍ରୁପ

**କଟକ ଅଫିସ, ୧୯**

ଆଗକୁ ଆସୁଛି ପାର୍ବଣର ଋତୁ। ଗଣେଶ ପୂଜାରୁ ଆରମ୍ଭ ହୋଇ କାର୍ତ୍ତିକେଶ୍ୱର ପୂଜା ପର୍ଯ୍ୟନ୍ତ ଉତ୍ସବମୁଖର ରହିବ ସହର। ଏହା ମଧ୍ୟରେ ବିଶ୍ୱକର୍ମା ପୂଜା, ଶାରଦୀୟ ଦୁର୍ଗାପୂଜା ଓ କାଳୀପୂଜା ରହିଛି। ତେବେ ପାର୍ବଣକୁ ନଜରରେ ରଖି କଟକର ବିଭିନ୍ନ ମେଲୋଡ଼ି, ଅର୍କେଷ୍ଟ୍ରା ଗ୍ରୁପ୍ ପ୍ରସ୍ତୁତି(ରିହର୍ସାଲ) ଆରମ୍ଭ କରି ସାରିଲେଣି। ସଙ୍ଗୀତ ପରିବେଷଣ ପାଇଁ ବିଭିନ୍ନ ପୂଜା କମିଟି ଓ କ୍ଲବ ପକ୍ଷରୁ ଅନେକ ଦିନ ପୂର୍ବରୁ ମେଲୋଡ଼ି ପାର୍ଟିକୁ ଆଡ୍‌ଭାନ୍ସ ଦିଆଯାଇ ଦିନ ଧାର୍ଯ୍ୟ ହେଉଛି। ଗତ ମାସରୁ ନିଜ ନିଜ କ୍ଲବରେ ମେଲୋଡ଼ି ଗ୍ରୁପଗୁଡ଼ିକ ଗୀତ ଓ ନାଚ ପାଇଁ ଅଭ୍ୟାସ ଜାରି ରଖିଛନ୍ତି। ଗତବର୍ଷ ତୁଳନାରେ ଚଳିତଥର କିଛି ନୂଆ ସ୍ୱାଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଗ୍ରୁପ ସଦସ୍ୟମାନେ ମତ ଦେଇଛନ୍ତି।

ଦଶହରା ମାସରେ ଆସିଲା ଷଣ୍ଢ... ଷଣ୍ଢ ପଶି କଲା ତୁମୁଳ କାଣ୍ଡ... ସ୍ୱର୍ଗତ ଅକ୍ଷୟ ମହାନ୍ତି ତଥା ସଙ୍ଗୀତ ଦୁନିଆର ବେତାଜ ବାଦ୍‌ଶାହା କୁହାଯାଉଥିବା ଖୋକା ଭାଇଙ୍କର ଏହା ହେଉଛି ଦଶହରାକୁ ନେଇ ପ୍ରସ୍ତୁତ ହୋଇଥିବା ଏକ ପୁରୁଣା ଗୀତ। ଏହି ଗୀତରେ କଟକର ବିଭିନ୍ନ ସାହି ଓ ଛକକୁ ସ୍ଥାନିତ କରାଯାଇଛି। ଏଥିରୁ ଜଣାପଡ଼େ ଯେ, କଟକ ସହିତ ପାର୍ବଣ ଓ ମେଲୋଡ଼ିର ସମ୍ପର୍କ କେତେ ପୁରୁଣା। କୁହାଯାଏ ଓଡ଼ିଶାରେ ମେଲୋଡ଼ି କାର୍ଯ୍ୟକ୍ରମ କଟକରୁ ହିଁ ଆରମ୍ଭ ହୋଇଛି। ପୂର୍ବରୁ କୌଣସି ପୂଜା ସମୟରେ କେବଳ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ହେଉଥିଲା। ପରେ କଟକରେ କିଛି ଯୁବଗୋଷ୍ଠୀ ଏକାଠି ହୋଇ ମଞ୍ଚ ଉପରେ ଗୀତ ପରିବେଷଣ କରିବା ଭଳି ନିଆରା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଖୋଦ୍ ଅକ୍ଷୟ ମହାନ୍ତି ବି ଦଶହରା ସମୟରେ ମେଲୋଡ଼ି କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଥିଲେ। ଶ୍ରୀକାନ୍ତ ଦାସଙ୍କ କଣ୍ଠରେ ଆସୁଛି.. ଆମ ସାହି ମେଢ଼ ଆସୁଛି, ଏହା ୮୦ ଦଶକରେ ସବୁଠାରୁ ହିଟ୍ ଗୀତ ଥିଲା। କଟକର ପାର୍ବଣକୁ ନେଇ ଏଭଳି ଅନେକ ଗୀତ ସୃଷ୍ଟି ହୋଇଛି। ଅନେକ ବିଶିଷ୍ଟ କଣ୍ଠଶିଳ୍ପୀ ମେଲୋଡ଼ି କାର୍ଯ୍ୟକ୍ରମରେ ଯୋଗଦେବାର ଉଦାହରଣ ମଧ୍ୟ ରହିଛି। ୩୦ରୁ ୪୦ବର୍ଷ ତଳର ମେଲୋଡ଼ି ଗ୍ରୁପ ମଧ୍ୟ କଟକରେ ଅଛି। ଗତ ଜୁଲାଇରୁ ମେଲୋଡ଼ି ଗ୍ରୁପଗୁଡ଼ିକ ନୂତନ ଗୀତକୁ ନେଇ ଅଭ୍ୟାସ ଜାରି ରଖିଛନ୍ତି। ଚଳିତଥର କିଛି ହିଟ୍ ଗୀତକୁ ନେଇ ଜୋରଦାର ଅଭ୍ୟାସ କରାଯାଉଛି। ନୂଆ ଓଡ଼ିଆ ଗୀତ ମଧ୍ୟରେ ତୋ ଧଡ଼କନର ଧୂନ, ସ୍ଲୋ ମୋସନ, ସମ୍ବଲପୁରୀଆ ବାବୁ, ଶଗଡ ଗାଡ଼ି, କେଶରୀ ଲେ ଏବଂ ହିନ୍ଦୀଗୀତ ମଧ୍ୟରୁ ସାକି ସାକି, ବାକି ସବୁ ପାଷ୍ଟ କ୍ଲାସ ଆଦି ଗୀତକୁ ପ୍ରାଧାନ୍ୟ ଦିଆଯାଉଛି।



### ଏମାନେ କ'ଣ କୁହନ୍ତି...



ହବିବ୍ ମେଲୋଡିର ପ୍ରସ୍ତୁତି ଜୋରଦାର ଚାଲିଛି। ଲୋକମାନଙ୍କୁ କିଭଳି ନିଜ ଆଡକୁ ଆକର୍ଷିତ କରିପାରିବୁ ସେ ନେଇ ଚେଷ୍ଟା ଜାରି ରଖିଛୁ। ଆମ କାର୍ଯ୍ୟକ୍ରମ ପରିବେଷଣରେ କୌଣସି ଅଶ୍ଳୀଳତା ନ ଥାଏ। ଚିରସବୁଜ ଗୀତ ପରିବେଷଣ କ୍ଷେତ୍ରରେ ଆମ ଅନୁଷ୍ଠାନ ସବୁବେଳେ ଚର୍ଚ୍ଚାରେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଚିରସବୁଜ ଗୀତ ସହିତ କିଛି ନୂଆଗୀତ ପରିବେଷଣ କରାଯିବ ବୋଲି ଯୋଜନା ରହିଛି। ଏଥିପାଇଁ କଳାକାରମାନେ ଅଭ୍ୟାସ ଜାରି ରଖିଛନ୍ତି।

- ମହମ୍ମଦ ସାହିଦ, ହବିବ୍ ମେଲୋଡି ମାଲିକ



ମେଲୋଡ଼ିର ଚାହିଦା ଥିଲା, ଅଛି ଓ ରହିବ। କଟକର ଅନେକ ଗ୍ରୁପ ଆଗାମୀ ପାର୍ବଣ ପାଇଁ ପୁରା ପ୍ରସ୍ତୁତ। ଚଳିତବର୍ଷ ଦ୍ୱିଅର୍ଥବୋଧକ ଗୀତ ଓ ଅଶ୍ଳୀଳ ନୃତ୍ୟ ଉପରେ କଟକଣା ଲାଗିଛି। ଏଭଳି ପଦକ୍ଷେପ ପୂର୍ବରୁ ମଧ ନିଆଯାଇଥିଲା। ହେଲେ କିଛି ଅଣପଞ୍ଜୀକୃତ ମେଲୋଡ଼ି ଗ୍ରୁପ ଏହି ନିୟମ ମାନୁନାହାନ୍ତି। ଏ ଦିଗରେ ସାଧାରଣ ଲୋକ ସଚେତନ ହେବାକୁ ନିବେଦନ କରାଯାଉଛି।

- ଜିତୁ ମଙ୍ଗରାଜ, ସହସମ୍ପାଦକ, ଓଡ଼ିଶା ମେଲୋଡ଼ି ଆସୋସିଏଶନ

**ଦ୍ୱିଅର୍ଥବୋଧକ ଗୀତ, ଅଶ୍ଳୀଳ ନୃତ୍ୟ ଉପରେ କଟକଣା**

**ଘାସେ ହେଲା ଜୋର୍‌ଦାର ରିହର୍ସାଲ**

## ୩୭ତମ ପ୍ରତିଷ୍ଠା ଦିବସ ପାଳିଲା ବିଡିଏ

# 'ଭୁବନେଶ୍ୱରକୁ ସ୍ୱଚ୍ଛ ସହର ଭାବେ ଗଢ଼ାଯିବ'

**ଭୁବନେଶ୍ୱର, ୧୯(ବ୍ୟୁରୋ)**

ରାଜଧାନୀ ତଥା ଉପକଣ୍ଠରେ ନୂତନ ଗୃହ ନିର୍ମାଣ, ବରମୁଣ୍ଡାରେ ଅନ୍ତର୍ଜାତୀୟ ବସ୍ ଟର୍ମିନାଲ, ଖୋର୍ଦ୍ଧା ଅଞ୍ଚଳରେ ନୂଆ ହାଟ, ସହର ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ ଆଦି ବହୁ ପ୍ରକଳ୍ପ ହାତକୁ ନିଆଯାଇଛି। ବଢୁଥିବା ଜନସଂଖ୍ୟାକୁ ଲକ୍ଷ୍ୟ ରଖି ସମସ୍ୟାଗୁଡ଼ିକର ସମାଧାନ କରାଯିବା ସହିତ ଭବିଷ୍ୟତରେ ଭୁବନେଶ୍ୱରକୁ ଆହୁରି ବିକଶିତ ଓ ସୌନ୍ଦର୍ଯ୍ୟଭରା ସହରରେ ପରିଣତ କରାଯିବ। ମନ୍ଦିର ମାଳିନୀ, ସ୍ମାର୍ଟ ସିଟି ପରେ ଏବେ ଭୁବନେଶ୍ୱରକୁ ଏକ ସ୍ୱଚ୍ଛ ସହର ଭାବେ ଗଡାଯିବ। ଫନୀରେ ଉଜୁଡ଼ିଯାଇଥିବା ସବୁଜିମାକୁ ଫେରାଇ ଆଣିବା ଲାଗି ଅଧିକରୁ ଅଧିକ ବୃକ୍ଷରୋପଣ କରାଯିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ଏସବୁ ଦାୟିତ୍ୱ ଦିଆଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ରବିବାର ସୂଚନା ଭବନରେ ବିଡିଏର ୩୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ଜେନା କହିଲେ, ବିଡିଏ ସହର ଓ ଉପକଣ୍ଠରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଛି। କିଛି କାର୍ଯ୍ୟ ଏବେ ବି ଜାରି ରହିଛି। ଏ କ୍ଷେତ୍ରରେ ଅଧିକାରୀ ଓ କର୍ମଚାରୀଙ୍କର ପ୍ରମୁଖ ଭୂମିକା ରହୁଛି। ଯିଏ ଭଲ କାମ କରିବ ସରକାର ତାଙ୍କୁ ଡବଲ ପ୍ରମୋଶନ ଦେବାରେ ହେଳା କରିବେ ନାହିଁ। ଅଧିକ ସମୟ କାମ କରୁଥିବା କର୍ମଚାରୀଙ୍କୁ ସରକାର ପ୍ରୋତ୍ସାହନ ରାଶି ଦେବା ଲାଗ ସ୍ଥିର କରିଛନ୍ତି। ତେବେ କର୍ମଚାରୀଙ୍କର ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଲେ, ଆଗାମୀ ଦିନରେ ନଗର ଉନ୍ନୟନ ବିଭାଗ ବିଡିଏ ଦ୍ୱାରା ବହୁ ଯୋଜନା କାର୍ଯ୍ୟକାରୀ କରିବା ସହ ଆଗାମୀ ଦିନରେ ବହୁ ପ୍ରକଳ୍ପ ଉଦ୍‌ଘାଟନ କରିବାର ଲକ୍ଷ୍ୟ ରଖିଛି। ସ୍ୱାୟତ୍ତ ଶାସନ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଅନ୍‌ଲାଇନ୍‌ରେ ୪୮ ଘଣ୍ଟା ମଧ୍ୟରେ ଘର ଆପ୍ରୁଭାଲ ଯୋଜନା ଏହାର ଜ୍ୱଳନ୍ତ ଉଦାହରଣ। ସରକାର ଏବେ ବହୁ କ୍ଷେତ୍ରରେ ଅନ୍‌ଲାଇନ୍ ସେବା ବ୍ୟବହୃତ କରିବାକୁ ଯାଉଛନ୍ତି। ସହରର ଉନ୍ନତି ଓ ବିକାଶ ଲାଗି ସରକାର ସଦାବେଳେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ଉଦ୍‌ଘାଟକ ଭାବେ ଯୋଗଦେଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା କହିଲେ, ସହରର ବିଭିନ୍ନ ଅଞ୍ଚଳରେ ବିଡିଏ ଅନେକ କାର୍ଯ୍ୟ କରିଛି। କିନ୍ତୁ ଏବେ ତାହାର ସମୀକ୍ଷା କରିବାର ସମୟ ଆସିଛି। ବହୁ ପ୍ରକଳ୍ପର ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଏଥିପ୍ରତି କର୍ତ୍ତୃପକ୍ଷ ଧ୍ୟାନ ଦେବା ଆବଶ୍ୟକ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ୫-ଟି ମନ୍ତ୍ରକୁ ଆଧାର କରି ସମସ୍ତେ କାର୍ଯ୍ୟ କରିବାକୁ ମନ୍ତ୍ରୀ ପଣ୍ଡା ଆହ୍ୱାନ ଦେଇଛନ୍ତି। ବିଡିଏ ଅଧ୍ୟକ୍ଷ ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି ମାଥିଭାଥନାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଯେକୌଣସି ସଂସ୍ଥା କ୍ରିୟାଶୀଳ ରହିଲେ ତା'ର ଉନ୍ନତି ହେବ। ବିଡିଏ ଅଧିକରୁ ଅଧିକ କ୍ରିୟାଶୀଳ ହେବାର ସମୟ ଆସିଛି। ଦ୍ରୁତ ବେଗରେ କାମ କରିବା ସହ ଲୋକଙ୍କ ଆସ୍ଥା ଭାଜନ କରିବାର ଆବଶ୍ୟକତା ରହିଛି। ଭୁବନେଶ୍ୱର ପରି ଏକ ବଢୁଥିବା ସହରରେ ସମସ୍ୟା ଆସିବ, କିନ୍ତୁ କେତେ ଶୀଘ୍ର ସମାଧାନ ହୋଇପାରିବ ସେଇଟା କର୍ତ୍ତୃପକ୍ଷଙ୍କ ଉପରେ ହିଁ ନିର୍ଭର କରେ। କର୍ତ୍ତବ୍ୟକୁ ଭଲପାଇଲେ ସଫଳତା ନିଶ୍ଚୟ ମିଳିବ ବୋଲି ସେ କହିଥିଲେ। ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ କହିଲେ, ବିଡିଏ ବିଗତ ଦିନରେ ବହୁତ ଭଲ କାମ କରିଛି। କିନ୍ତୁ ଫନୀ ପରେ ଟିକେ ଛାଡ଼ି ହେବା ପରି ଲାଗୁଛି। ପୁଣିଥରେ ସେହି କାର୍ଯ୍ୟକୁ ଆଗକୁ ନେବାକୁ ପଡ଼ିବ। ସହରକୁ ଏକ ସୁନ୍ଦର ଆକାର ଦେବାର ସମୟ ଆସିଛି। ଏହାକୁ ଆମେ ହାତଛଡ଼ା କରିବା ଉଚିତ୍ ନୁହେଁ। ଭୁବନେଶ୍ୱର ପାଇଁ ସିଡିପି (କମ୍ପ୍ରେହେନ୍‌ସିଭ୍ ଡେଭଲପ୍‌ମେଣ୍ଟ ପ୍ଲାନ୍) ପ୍ରସ୍ତୁତ ହୋଇଛି। ସହରର ସୌନ୍ଦର୍ଯ୍ୟକରଣ ଓ ହାଉସିଂକୁ ଅଗ୍ରାଧିକାର ଦିଆଯିବ। ସମ୍ମାନ, ସାଧୁତା ଓ ଭଦ୍ରାମିର ସହ ଲୋକଙ୍କୁ ସେବା ଯୋଗାଇବା ଆମ ଦାୟିତ୍ୱ ବୋଲି ସେ କହିଥିଲେ। ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଡିଏ କର୍ମଚାରୀ ଫୋରମର ସଦସ୍ୟ ସବିତା ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମାଟ୍ରିକରେ ଅଧିକ ନମ୍ବର ରଖିଥିବା ବିଡିଏ କର୍ମଚାରୀ ନିହାର ରଞ୍ଜନ ମିଶ୍ରଙ୍କ ପୁଅ ନିଶାନ୍ତ ମିଶ୍ର ଓ କମଳାକାନ୍ତ ମହାପାତ୍ରଙ୍କ ପୁଅ ରାଜ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଡିଏ ମୁଖପତ୍ରକୁ ଉନ୍ମୋଚନ କରାଯାଇଥିଲା। ବିଡିଏ ସଚିବ ରବୀନ୍ଦ୍ରନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।



ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

### ବିଡିଏ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପ

- ପାଇପ୍‌ରେ ମିଠା ତଥା ସ୍ୱାସ୍ଥ୍ୟକର ପାଣି ଯୋଗାଣ।
- ବରମୁଣ୍ଡାରେ ୧୫.୫ ଏକର ଜମିରେ ଅନ୍ତର୍ଜାତୀୟ ବସ୍ ଟର୍ମିନାଲ ଓ ମଲ୍ଟି ଫାସିଲିଟି ସେଣ୍ଟର।
- ଖୋର୍ଦ୍ଧାରେ ୨.୭୭ ଏକର ଜମିରେ ଅତ୍ୟାଧୁନିକ ହାଟ ସହ ୪୯୮ ଦୋକାନ ଘର ଓ ପାର୍କିଂ ନିର୍ମାଣ।
- ସୁବୁଦ୍ଧିପୁର ମୌଜାରେ ୭ ଏକର ଜମିରେ ୪୧୬ ଟୁ-ବିଏଚ୍‌କେ ଓ ୨୮୮ ଥ୍ରୀ-ବିଏଚ୍‌କେ ଘର ନିର୍ମାଣ।
- କଳିଙ୍ଗବିହାର କେ-୯(ଏ) ଅଞ୍ଚଳରେ ୧.୪୦ ଏକର ଜାଗାରେ ବ୍ୟବସାୟିକ ଓ ଘରୋଇ ଅପାର୍ଟମେଣ୍ଟ ନିର୍ମାଣ।
- କଳିଙ୍ଗବିହାର କେ-୯(ବି) ଅଞ୍ଚଳରେ ୧.୫୯ ଏକର ଜମିରେ ୧୨୮ ଟୁ-ବିଏଚ୍‌କେ ଘର ନିର୍ମାଣ।
- ସୁବୁଦ୍ଧିପୁର, ଘାଟିକିଆ, ଗାଡ଼କଣ ମୌଜାରେ ହାଉସିଂ ପ୍ରୋଜେକ୍ଟ।
- ସହର ସୌନ୍ଦର୍ଯ୍ୟକରଣରେ ବିଡିଏ ଉଦ୍ୟାନ ବିଭାଗ ଦ୍ୱାରା ଭୁବନେଶ୍ୱରର ୨୧ କି.ମି. ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଫୁଲ ଗଛ ରୋପଣ।
- ସହରର ଟାଉନ୍ ପ୍ଲାନିଂ ସ୍କିମ୍‌ରେ ୬୪.୯ କି.ମି.ରିଙ୍ଗରୋଡ୍ (୪ ପୃଥକ ରାସ୍ତା) ନିର୍ମାଣ।

- ଭଲ କାମ କଲେ ଡବଲ ପ୍ରମୋଶନ: ନଗର ଉନ୍ନୟନ ମନ୍ତ୍ରୀ
- ବିଡିଏ ପ୍ରକଳ୍ପଗୁଡ଼ିକର ସ୍ଥିତି ଏବେ ସଙ୍ଗିନ: ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ
- ସମ୍ମାନ, ସାଧୁତା, ଭଦ୍ରାମିର ସହ ସେବା ଯୋଗାଅ: ଉପାଧ୍ୟକ୍ଷ



**୨୭ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ ଉଦ୍‌ଘାଟିତ**

## ମୁଗ୍ଧ କଲା ଭାରତନାଟ୍ୟମ୍ ନୃତ୍ୟ

**କଟକ ଅଫିସ, ୧୯**

କଟକ ସାରଳା ଭବନଠାରେ ଉତ୍କଳ ଯୁବ ସଂସ୍କୃତି ସଂଘ ପକ୍ଷରୁ ୨୭ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ ରବିବାର ଉଦ୍‌ଘାଟିତ ହୋଇଛି। ଏହାକୁ ଜଷ୍ଟିସ ଦୁର୍ଗା ପ୍ରସନ୍ନ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ଓଡ଼ିଶାରେ ଏଭଳି ଏକ ଅର୍ନ୍ତଜାତୀୟ ସ୍ତରର କାର୍ଯ୍ୟକ୍ରମ ଆୟୋଜନ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏହି ଅବସରରେ ଋଷିଆର କଳାକାରମାନେ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ବାଂଲାଦେଶର ରୁପଙ୍କର କଲଚ୍ୟୁରାଲ ସେଣ୍ଟର ପକ୍ଷରୁ ବିଦେଶୀ ନାଟକ 'ରିଫ୍ୟୁଜି' ଓ ଖୋର୍ଦ୍ଧାର ଆନ୍ଦୋଳନ ନାଟ୍ୟ ପରିଷଦ ପକ୍ଷରୁ ଅସ୍ତ ସୂର୍ଯ୍ୟର ଶ୍ମଶାନ ନାଟକ ପରିବେଷିତ ହୋଇଥିଲା। ଅନୁରୂପା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପ୍ରଭା ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ବି.କେ. ମହାପାତ୍ର, ଅମରେନ୍ଦ୍ର ବେଉରା, ବିଶ୍ୱମ୍ବର ସାହୁ, ଶିଳାଦିତ୍ୟ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଡ. ବୈଜୟନ୍ତୀ ମିଶ୍ର ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ମାନସ



ତପନ



ସଞ୍ଜୟ



ସଦାଶିବ



ପ୍ରଦୀପ



ରଞ୍ଜନ



ସମୀକ୍ଷା



ମନୋଜ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ
ନିର୍ବିଘ୍ନଂ କୁରୁମେ ଦେବ ସର୍ବ କାର୍ଯ୍ୟେଷୁ ସର୍ବଦା ॥




ଭୁବନେଶ୍ୱର ନୟାପଲ୍ଲୀ


ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ କଲୋନୀ


ଭୁବନେଶ୍ୱର ଶହୀଦନଗର ଓ୍ୱିନର ଆସୋସିଏଶନ

# ରାଜଧାନୀର 'ଇକୋ ଫ୍ରେଣ୍ଡଲୀ' ଗଣେଶ ପୂଜା

**ଭୁବନେଶ୍ୱର,୧।୯(ବ୍ୟୁରୋ)**

ବିଘ୍ନ ବିନାଶକଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତି ସରିଛି। ପୂରା ରାଜଧାନୀ ଚଳଚଞ୍ଚଳ ହୋଇଉଠିଥିବାବେଳେ ପୂଜାମଣ୍ଡପଗୁଡ଼ିକ ଶ୍ରେଷ୍ଠତ୍ୱ ଦେଖାଇବାକୁ ସମସ୍ତ ଉଦ୍ୟମ କରିଛନ୍ତି। ଗଣେଶ ପୂଜା ହେଉ କି ଶାରଦୀୟ ପୂଜା, ସବୁବେଳେ କିଛି ନୂଆ କରି ଦେଖାଇବାରେ ଆଗ୍ରହ ରଖୁଥିବା କାରିଗର ଓ ଆୟୋଜକମାନେ ଚଳିତବର୍ଷ ମଧ୍ୟ ଉଭୟ ମୂର୍ତ୍ତି ଓ ତୋରଣକୁ ନୂତନ ଶୈଳୀରେ ନିର୍ମାଣ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଚଳିତବର୍ଷ ଭୁବନେଶ୍ୱରର ଅଧିକାଂଶ ପୂଜାକମିଟି ଏବଂ କ୍ଲବ୍ ରାସାୟନିକ ରଙ୍ଗ ପରିବର୍ତ୍ତେ ପ୍ରାକୃତିକ ରଙ୍ଗର ବ୍ୟବହାର କରିଛନ୍ତି। ପ୍ଲାଷ୍ଟିକ୍ ପ୍ରଦୂଷଣ ବିରୋଧରେ ସ୍ୱର ଉଠାଇବା ସହ 'ଇକୋଫ୍ରେଣ୍ଡ୍ଲୀ ପୂଜା' କରିବାକୁ ଆହ୍ୱାନ ଦେଇଛନ୍ତି। ଏହାବ୍ୟତୀତ କେଉଁଠି ବାହୁବଳୀ ଗଣେଶ ତ କେଉଁଠି ଚକୋଲେଟ୍, ଶାଗୁ ଓ କାଇଁଚରେ ନିର୍ମିତ ଗଣେଶ ରାଜଧାନୀ ପୂଜାକୁ ଭିନ୍ନକରିଛି। ଏ କ୍ଷେତ୍ରରେ ୟୁନିଟ-୪, ୟୁନିଟ-୧, ନୟାପଲ୍ଲୀ, ସହିଦନଗର, ମାଷ୍ଟରକ୍ୟାଣ୍ଟିନ, ବମିଖାଲ, ବରମୁଣ୍ଡା, ଗଙ୍ଗନଗର, ଅଶୋକ ମାର୍କେଟ ଓ ପୁରୁଣା ଭୁବନେଶ୍ୱର ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଫୋକସ୍‌ରେ ରହିଛି। ଏଥର ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ବଡ଼ଗଡ଼ରେ ୫୦ଫୁଟ୍ ଉଚ୍ଚତା ବିଶିଷ୍ଟ ରାଜଧାନୀର ସବୁଠାରୁ ବଡ଼ ଗଣେଶ ମୂର୍ତ୍ତି ପୂଜା ପାଇବାକୁ ଥିବାବେଳେ ଶହୀଦନଗର ଉଇନର୍ ଆସୋସିଏଶନ ଗଣେଶଙ୍କ ନିକଟରେ ୫୦ କେଜିର ଲଡ୍ଡୁ ଭୋଗ ଲଗାଇବ। ୪୬ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ଏଠାରେ ଆଉଏକ ଆକର୍ଷଣ ହେବାକୁଥିବାବେଳେ ନୟାପଲ୍ଲୀରେ ୩୫ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳ ଗଣେଶ ମୂର୍ତ୍ତି ପୂଜାପାଇବେ। ଏହାବ୍ୟତୀତ ଭୁବନେଶ୍ୱରରେ କିଛି ନିଆରା କଳାକୃତି ଚଳିତବର୍ଷ ଦେଖିବାକୁ ମିଳିବ।

## ସଚେତନତା ବାର୍ତ୍ତା ଦେଲା ୟୁଥ୍ ଫର୍ ସେବା

ପ୍ରତି ପୂଜା ପାର୍ବଣରେ କିଛି ନା କିଛି ପରିବେଶ ସଂରକ୍ଷଣ ବାର୍ତ୍ତାନେଇ ଲୋକଙ୍କ ନିକଟରେ ପହଞ୍ଚୁଥିବା ୟୁଥ୍ ଫର୍ ସେବା ଚଳିତ ଗଣେଶ ଚତୁର୍ଥୀରେ ନିଆରା ଶୈଳୀରେ ପରିବେଶ ସଚେତନତା ଉପରେ ଗୁରୁତ୍ୱ ଦେଇଛି। ପରିବେଶ ସୁରକ୍ଷା ସହ ଛାତ୍ରୀଛାତ୍ରଙ୍କୁ କିଭଳି ପ୍ରକୃତି ପ୍ରେମର ବାର୍ତ୍ତା ଦିଆଯିବ ସେଥିଲାଗି ସଂଗଠନ ପକ୍ଷରୁ ଇକୋ ଫ୍ରେଣ୍ଡଲୀ ଗଣେଶ ନିର୍ମାଣ ପାଇଁ କର୍ମଶାଳା କରାଯାଇଛି। ରସୁଲଗଡ଼ସ୍ଥିତ ୟୁଜି ସରକାରୀ ବିଦ୍ୟାଳୟର ୪୫ଜଣ ଛାତ୍ରୀଛାତ୍ର ଏବଂ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସୃଷ୍ଟି ସାମାଜିକ ଅନୁଷ୍ଠାନର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାକୃତିକ ଉପାୟରେ ଗଣେଶ ମୂର୍ତ୍ତି ପ୍ରସ୍ତୁତ କରାଯାଇଛି। ଏଥିସହ ଅନ୍ୟମାନଙ୍କୁ ଉତ୍ସାହିତ ମଧ୍ୟ କରାଯାଉଛି।

## ସିଡ୍‌ବଲ୍ ଗଣେଶ



କିଛି ପୂଜା କମିଟି ଓ କ୍ଲବ୍ ମଖ୍ନ, ମିକି ମାଉସ୍ ଭଳି ଭିନ୍ନ ରୂପରେ ପ୍ରଭୁ ଶ୍ରୀଗଣେଶଙ୍କୁ ପୂଜା କରିବାକୁ ଯାଉଥିବାବେଳେ ସିଡ୍‌ବଲ୍ ଗଣେଶ ତିଆରି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଭୁବନେଶ୍ୱରର ସୁଶାନ୍ତ ସାହୁ। ଫନୀରେ ଧ୍ୱଂସ ହୋଇଯାଇଥିବା ସବୁଜ ବନାନୀକୁ ପୁଣିଥରେ ଫେରାଇ ଆଣିବାକୁ ସୁଶାନ୍ତ ଗଣେଶ ପୂଜା ଉପଲକ୍ଷେ ସିଡ୍‌ବଲ୍ ଗଣେଶ ବା ବିହନ ପିଣ୍ଡୁଳାରେ ଗଜାନନଙ୍କ ମୂର୍ତ୍ତି ତିଆରି କରିଛନ୍ତି। ମୂର୍ତ୍ତିରେ ଏକାଧିକ ବିହନ ପିଣ୍ଡୁଳା ରହିଥିବାବେଳେ ଉପରେ ମାଟି ଓ ଗୋବରଖତ ସହିତ ମଞ୍ଜିର ଲେପ ଦିଆଯାଇଛି। ସେହିଭଳି ପ୍ଲାଷ୍ଟିକ୍ ବ୍ୟବହାରକୁ ବିରୋଧ କରି ସୁଶାନ୍ତ ଏଥିରେ ଖଣ୍ଡେ ହେଲେ ପ୍ଲାଷ୍ଟିକ୍ କିମ୍ବା ରାସାୟନିକ ରଙ୍ଗର ବ୍ୟବହାର କରିନାହାନ୍ତି। ପୂଜା ପରେ ଏହି ମୂର୍ତ୍ତିକୁ ବିସର୍ଜନ କରିବା ପରିବର୍ତ୍ତେ ତାହାକୁ ପୋତିଲେ ସେଥିରୁ ଗଛ ଉଠିବା ସହ ପରିବେଶକୁ ସୁବଜ ସୁନ୍ଦର କରିବାରେ ସହାୟ ହେବ ବୋଲି ସୁଶାନ୍ତ କହିଛନ୍ତି।


ଭୁବନେଶ୍ୱର ଶହୀଦ ନଗର କ୍ଲବ ପକ୍ଷରୁ ନିର୍ମିତ ଗଣେଶଙ୍କ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି ଶିଳ୍ପୀ।

## ସ୍ୱାଧୀନ ତିଆରି କଲେ କ୍ଷୁଦ୍ରତମ ଗଣେଶ ମୂର୍ତ୍ତି

**ପୁରୁଣା ଭୁବନେଶ୍ୱର, ୧।୯ (ଡି.ଏନ୍.ଏ.)-** ବିଶ୍ୱର କ୍ଷୁଦ୍ରତମ ଗଣେଶ ମୂର୍ତ୍ତି ତିଆରି କରିଛନ୍ତି ଭୁବନେଶ୍ୱରସ୍ଥିତ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଆପ୍ଲାଏଡ୍ ଆର୍ଟ ବିଭାଗର ଚତୁର୍ଥ ବର୍ଷର ଛାତ୍ର ସ୍ୱାଧୀନ ମଲ୍ଲିକ। କେନ୍ଦ୍ରାପଡ଼ା ଜିଲା ହରିଅଙ୍କ ଗ୍ରାମର ସ୍ୱାଧୀନ ୧ ଇଞ୍ଚରୁ ବି କମ୍ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ତିଆରି କରି ଏକ ବିରଳ ରେକର୍ଡ କରିଛନ୍ତି। ଗଣେଶ ପୂଜା ପୂର୍ବରୁ ଏହି ମିନିଏଚର୍ ଗଣେଶ ମୂର୍ତ୍ତି ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଏହି ଯୁବ କଳାକାର। ଏପରି କ୍ଷୁଦ୍ର ଓ ସୂକ୍ଷ୍ମ କାରିଗରି ମୂର୍ତ୍ତି ତିଆରି କରିବାକୁ ତାଙ୍କୁ ଦୀର୍ଘ ୧୨ ଘଣ୍ଟା ସମୟ ଲାଗିଥିବାବେଳେ ଏଥିପାଇଁ ସେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଏବଂ ପୋଷ୍ଟର କଲର ବ୍ୟବହାର କରିଛନ୍ତି। ଆଗାମୀ ଦିନରେ ଏହି କ୍ଷୁଦ୍ରତମ ମୂର୍ତ୍ତି ବିରଳ ରେକର୍ଡ କରିବ ବୋଲି ଆଶା କରାଯାଉଛି।



## ୫ ହଜାର କଏନରେ ୧୦ ଫୁଟର ଗଣେଶ

**ପୁରୀ ଅଫିସ, ୧।୯**

ଗଣେଶ ପୂଜା ପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ସୋମବାର ସହରର ବିଭିନ୍ନ ମଣ୍ଡପରେ ବିଘ୍ନବିନାଶକ ପୂଜା ପାଇବେ। ତେବେ ପୂଜା ମଣ୍ଡପରେ ବିଭିନ୍ନ କଳାକୃତିର ଗଣେଶ ମୂର୍ତ୍ତି ଦେଖିବାକୁ ମିଳିବ। ତେବେ ଏଥର ମରିଚିକୋଟ ଲେନ୍ ପୂଜାମଣ୍ଡପରେ କଏନ ଗଣେଶଙ୍କୁ ଦେଖିପାରିବେ ଭକ୍ତ। ଏହି ଗଣେଶ ତିଆରି କରିଛନ୍ତି ଯୁବ କାରିଗର ବାନାମ୍ବର ପଟ୍ଟନାୟକ। ୧୦ ଫୁଟ ଉଚ୍ଚତାର ଏହି କଏନ ଗଣେଶ ତିଆରି କରିବା ଲାଗି ତାଙ୍କ ୧୦ ଦିନ ସମୟ ଲାଗିଥିବା କହିଛନ୍ତି ବାନାମ୍ବର। ତେବେ ଏହି ନିଆରା ମୂର୍ତ୍ତି ନିର୍ମାଣ ସମ୍ପର୍କରେ ସୂଚନା ଦେଇ ବାନାମ୍ବର କହିଛନ୍ତି, ପୂର୍ବରୁ ସେ ମାଟିରେ, କାର୍ଡବୋଡ୍‌ରେ ମୂର୍ତ୍ତି ତିଆରି କରିଛନ୍ତି। ଏଥର କଏନରେ ଗଣେଶ ତିଆରି ଲାଗି ମନସ୍ଥ କରିଥିଲେ। ତେଣୁ ସାଙ୍ଗସାଥୀ ଏବଂ ବିଭିନ୍ନ ଦୋକାନରୁ କଏନ ସଂଗ୍ରହ କରିଥିଲେ। ଆଉ ପ୍ରାୟ ଦେଖିବାକୁ ମିଳୁ ନ ଥିବା ୧ପଇସା, ୨, ୩, ୫, ୧୦, ୨୦, ୨୫, ୫୦ ପଇସା ସମେତ କିଛି ଟଙ୍କିକିଆ କଏନ ପ୍ରାୟ ୫ ହଜାରଟି ସଂଗ୍ରହ କରିଥିଲେ। ସାଙ୍ଗସାଥୀଙ୍କଠାରୁ ମାଗଣରେ ଆଣିଥିବା ବେଳେ ଦୋକାନୀଙ୍କୁ ଅଧିକ ମୂଲ୍ୟ ଦେଇ ଆଣିଥିଲେ। କାର୍ଡବୋଡ, ଅଠା ଏବଂ ଷ୍ଟୋନରେ ମୂର୍ତ୍ତି ତିଆରି କରିଥିଲେ। ପରେ କଏନଗୁଡ଼ିକ ଅଠା ସାହାଯ୍ୟରେ ଲଗାଇଥିଲେ। ଏଥିରେ ତାଙ୍କୁ ତାଙ୍କ ପରିବାର ସଦସ୍ୟ ସହଯୋଗ କରିଥିଲେ



ବୋଲି କହିଛନ୍ତି ବାନାମ୍ବର।

ବଲାଙ୍ଗୀର ଟିଟିଲାଗଡ଼ରେ କାର୍ଡବୋଡରେ ୨୫ ଫୁଟ ଉଚ୍ଚର ନନ୍ଦିଘୋଷ ରଥ, ୨୦୧୩ରେ କାର୍ଡବୋଡରେ ୫ ଫୁଟର ରଥ, ୨୦୧୪ରେ ୩ ଫୁଟ ଉଚ୍ଚର ଚାରମିନାର ମଡେଲ ବାନାମ୍ବର ତିଆରି କରିଥିଲେ। ୨୦୧୫ରେ ଗୁଜରାଟର ସୁରଟରେ କାର୍ଡବୋର୍ଡରେ ତିଆରି କରିଥିଲେ ୧୬ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି, ଯାହାକି ଏବେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ମ୍ୟୁଜିୟମ୍‌ରେ ପ୍ରଦର୍ଶିତ ହେଉଛି। ୨୦୧୬ରେ ସେ ଏକ ଜାତୀୟ ସମ୍ମାନରେ ସମ୍ମାନିତ ହେଲେ। ଏହିବର୍ଷ କର୍ଣ୍ଣାଟକ ବିଜାପୁରରେ କାର୍ଡବୋଡରେ ୧୭ ଫୁଟର ଗଣେଶ ମୂର୍ତ୍ତି ତିଆରି କରିଥିଲେ। ଏହି ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରୀ ହୋଇଥିଲେ।

## ହାତୀଶୁଣ୍ଢ ରୂପରେ ପୂଜା ପାଆନ୍ତି ଗଣେଶ

**କାକଟପୁର, ୧।୯(ଡି.ଏନ୍.ଏ.)**

ପ୍ରାଚୀ ଉପତ୍ୟକା ଅଞ୍ଚଳରେ ରହିଛି ବହୁ ପୁରାତନ ମନ୍ଦିର ଓ କୀର୍ତ୍ତିରାଜି, ବିଭିନ୍ନ ମନ୍ଦିରରେ ଶ୍ରୀଗଣେଶ ପାର୍ଶ୍ୱ ଦେବତା ଭାବେ ପୂଜାପାଇଆସୁଛନ୍ତି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ନଇଗୁଆଁ ଗ୍ରାମରେ ରହିଛି ଶ୍ରୀଗଣେଶଙ୍କ ସ୍ୱତନ୍ତ୍ର ମନ୍ଦିର। ତେବେ ଏଠାରେ ଶ୍ରୀଗଣେଶ ମାଟିତଳୁ ଶିବଲିଙ୍ଗ ବାହାରିବା ପରି ହାତୀଶୁଣ୍ଢ ରୂପରେ ସ୍ୱୟଂସମ୍ଭୂତ ହୋଇ ପୂଜା ପାଇ ଆସୁଛନ୍ତି।

ହାତୀଶୁଣ୍ଢ ରୂପରେ ଶ୍ରୀଗଣେଶ ପୂଜା ପାଉଥିବାରୁ ଏହି ମୂର୍ତ୍ତି ଓ ମନ୍ଦିର ଅନନ୍ୟ ଅଟେ ବୋଲି କହିଛନ୍ତି, ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର। ପବିତ୍ର ଗଣେଶ ଚତୁର୍ଥୀ ତିଥିରେ ଏହି ମନ୍ଦିରରେ ଛାତ୍ରୀଛାତ୍ରମାନେ ଭିଡ଼ ଜମାଇଥାନ୍ତି। ଠାକୁରଙ୍କ ପ୍ରିୟ ଭୋଗ ଲଡ୍ଡୁ ହୋଇଥିବାରୁ ଛାତ୍ରୀଛାତ୍ର ଓ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ରାଶିଲଡ୍ଡୁ, ମିଠାଇ ଲଡ୍ଡୁ, ବାଦାମଲଡ୍ଡୁ ଭୋଗ କରିଥାନ୍ତି। ଗଣେଶ ପୂଜାରେ ଠାକୁରଙ୍କ ପାଖରେ ୧୦୮ ନଡ଼ିଆ ଭାଙ୍ଗି ଭୋଗ ଲଗାଇଲେ ବିଦ୍ୟାର୍ଥୀମାନଙ୍କୁ ଚାକିରି ମିଳିଥାଏ ବୋଲି ବିଶ୍ୱାସ ରହିଛି। ନଇଗୁଆଁ ଗ୍ରାମରେ ପୂଜା ପାଉଥିବା ହାତୀଶୁଣ୍ଢ ରୂପୀ ଶ୍ରୀଗଣେଶ ମୂର୍ତ୍ତି ଏକ ଅନନ୍ୟ ଭାସ୍କର୍ଯ୍ୟ ବୋଲି ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପୂର୍ବତନ ଅଧକ୍ଷ ଡ.ପ୍ରଶାନ୍ତକୁମାର ରାୟ ତାଙ୍କ ସର୍ଭେ ରିପୋର୍ଟ 'ପ୍ରାଚୀ ଭ୍ୟାଲି'ରେ ଦର୍ଶାଇଛନ୍ତି। ପୂର୍ବରୁ ଏଠାରେ ଶ୍ରୀଗଣେଶଙ୍କର ସୁଉଚ୍ଚ ଇଟାମନ୍ଦିର ଥିଲା ନିର୍ମାଣ କରିଥିବା ଲେଖିଛନ୍ତି। କାଳକ୍ରମେ ଏହା ଧ୍ୱଂସ ପାଇ ଯିବାରୁ ଗ୍ରାମବାସୀ ଓ ଧର୍ମପରାୟଣ ବ୍ୟକ୍ତମାନେ ବର୍ତ୍ତମାନର



ମନ୍ଦିର ନିର୍ମାଣ କରିଥିବା ଲେଖିଛନ୍ତି। ଐତିହାସିକ ସ୍ୱର୍ଗତ ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ଗ୍ରନ୍ଥ 'ବୁଦ୍ଧିଜିମ୍ ଆଣ୍ଡ ଅଦର ରିଲିଜିଅସ୍ କଲଟ୍ସ ଅଫ ସାଉଥ ଇଷ୍ଟଇଣ୍ଡିଆ'ରେ ଲିଖିତ ଅଛିଯେ ପ୍ରାଚୀ ଉପତ୍ୟକା ଦିନେ ଥିଲା ବୌଦ୍ଧ ଧର୍ମର ମୁଖ୍ୟ ପ୍ରଚାରସ୍ଥଳୀ। ବୌଦ୍ଧଧର୍ମାବଲମ୍ବୀମାନେ ବୁଦ୍ଧଙ୍କୁ ହାତୀଶୁଣ୍ଢ ରୁପରେ ପୂଜା କରିଆସୁଥିଲେ। ପରବର୍ତ୍ତୀ ସମୟରେ ପଞ୍ଚଦେବ ଉପାସନା ସମୟରେ ଲୋକମାନେ ଏହାଙ୍କୁ ଶ୍ରୀଗଣେଶ ଭାବେ ପୂଜା କରିଆସୁଛନ୍ତି। ପ୍ରାୟ ୫ମ ଶତାବ୍ଦୀଠାରୁ ନଇଗୁଆଁ ଗ୍ରାମଠାରେ ହାତୀଶୁଣ୍ଢ ପୂଜାପାଇଆସୁଥିବା ଏହି ଗ୍ରନ୍ଥରେ ବର୍ଣ୍ଣନା ହୋଇଛି। ଗଣେଶ ପୂଜାପାଇଁ ସମଗ୍ର ନଇଗୁଆଁ ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି।




## ବାଲୁକା କଳାରେ ପ୍ଲାଷ୍ଟିକମୁକ୍ତ ସଚେତନତା ବାର୍ତ୍ତା

**ପୁରୀ ଅଫିସ, ୧।୯:** ପ୍ଲାଷ୍ଟିକର ବହୁଳ ବ୍ୟବହାର ଦିନକୁ ଦିନ ସାଂଘାତିକ ପରିସ୍ଥିତି ସୃଷ୍ଟି କଲାଣି। ଏହା କେବଳ ପରିବେଶକୁ ପ୍ରଦୂଷଣ କରୁନି ବରଂ ମଣିଷ ପାଇଁ ମଧ ମାରାତ୍ମକ ସାଜୁଛି। ତେଣୁ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର ନ କରିବା ଲାଗି ସରକାର ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ମାତ୍ର ଏହା ସମ୍ପୂର୍ଣ୍ଣ ଭାବେ ଫଳପ୍ରଦ ହୋଇପାରି ନାହିଁ। ଏବେ ବି ପ୍ଲାଷ୍ଟିକ ଏବଂ ପଲିଥିନର ବହୁଳ ବ୍ୟବହାର ହେଉଛି। ତେଣୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବାଲୁକା କଳାରେ ସଚେତନତାର ବାର୍ତ୍ତା ଦେଇଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ପବିତ୍ର ଗଣେଶ ଚତୁର୍ଥୀ ଅବ୍ୟବହିତ ପୂର୍ବରୁ ରବିବାର ପୁରୀ ବେଳାଭୂମିରେ ୧୦୦୦ ପ୍ଲାଷ୍ଟିକ ବୋତଲ ସହ ବାଲିରେ ଗଣେଶ ଗଢ଼ିଛନ୍ତି ସୁଦର୍ଶନ। ଏ ସମ୍ପର୍କରେ ସୁଦର୍ଶନ କହିଛନ୍ତି, ପ୍ଲାଷ୍ଟିକ ମଣିଷ ପାଇଁ ମାରାତ୍ମକ ଜାଣି ସୁଦ୍ଧା ଏହାର ବହୁଳ ବ୍ୟବହାର କରାଯାଉଛି। ତେଣୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଏହି ବାଲୁକା କଳା ମାଧମରେ ବାର୍ତ୍ତା ଦିଆଯାଇଛି। ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ କରି ପରିବେଶକୁ ସୁସ୍ଥ ରଖିବା ଦିଗରେ ମିଳିତ ଉଦ୍ୟମ ହେଲେ ଏହା ସମ୍ଭବ ହୋଇପାରିବ ବୋଲି ସୁଦର୍ଶନ କହିଛନ୍ତି।

## ସୋଲରେ ଗଣେଶ କଳାକୃତି କଲେ ପର୍ଯ୍ୟଟକ

**ଭୁବନେଶ୍ୱର,୧।୯(ବ୍ୟୁରୋ)-** ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ଓଡ଼ିଶା ହସ୍ତତନ୍ତ ସଂଗ୍ରହାଳୟ 'କଳାଭୂମି' ପକ୍ଷରୁ ଏକ ସୋଲ କଳାକୃତି କର୍ମଶାଳା ଆୟୋଜିତ ହୋଇଯାଇଛି। ରବିବାର ଗଣ୍ଡମୁଣ୍ଡାସ୍ଥିତ ସଂଗ୍ରହାଳୟ ପରିସରରେ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିଥିବା ପର୍ଯ୍ୟଟକଙ୍କ ସହ ଛୋଟ ପିଲା ଏବଂ ବୟସ୍କମାନେ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଚାଲିଥିବା ଏହି କର୍ମଶାଳା ଗଣେଶ ପୂଜା ଉପଲକ୍ଷେ ଆୟୋଜିତ ହୋଇଥିଲା। ପ୍ରଥମେ ଛୁରି ସାହାଯ୍ୟରେ ସୋଲ କାଣ୍ଡରୁ ଚୋପା ଛଡ଼ାଇବା ପରେ ତାକୁ ସରୁ ସରୁ ଆକାରରେ କାଟି ପାତିଆ ପ୍ରସ୍ତୁତ କରିଥିଲେ। ଏହାପରେ ଅଠା ଲଗାଇ ଗଣେଶ ପ୍ରସ୍ତୁତ କରିଥିଲେ। ସୋଲ କଳାରେ ପ୍ରତିଷ୍ଠା ଅର୍ଜନ କରିଥିବା ପୁରୀର ରବି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା।

## ସୁଉଚ୍ଚ ତୋରଣ, ଆଲୋକମାଳାରେ ଝଲସିବ ଜଟଣୀ


ଜଟଣୀ ଗୋଲେଇ ମାର୍କେଟ୍


ଜଟଣୀ ରାଜା ବଜାର

**ଜଟଣୀ,୧।୯(ଡି.ଏନ୍.ଏ.)**

ଆଜି ଗଣେଶ ପୂଜା। ଗଣେଶ ଚତୁର୍ଥୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୧୨ ଦିନ ଧରି ଜଟଣୀ ଉତ୍ସବମୁଖର ହୋଇଉଠିବ। ଓଡ଼ିଶା ପ୍ରସିଦ୍ଧ ଏହି ଗଣେଶ ପୂଜା ପାଇଁ ସହର ନୂଆ ରୂପରେ ସଜେଇ ହୋଇଛି। ନିଜ ପେଣ୍ଡାଲକୁ ଆକର୍ଷଣୀୟ କରିବାକୁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ବ୍ରିଜ୍ ନିର୍ମାଣ କାର୍ଯ୍ୟ ଯୋଗୁ ବଡ଼ ବଜାର, ସୀତାରାମଛକ, କୁଦିଆରୀ ବଜାର ଉପରେ ପ୍ରଭାବ ପଡ଼ିଥିଲେ ମଧ୍ୟ ପରମ୍ପରା ବଜାୟ ରଖି ନିରାଡ଼ମ୍ବର ଭାବେ ପୂଜା ଆୟୋଜନ ହୋଇଛି। ତେବେ ଗୋଲେଇ ମାର୍କେଟ, ରାଜାବଜାର, ମାଛ ଓ ପରିବା ମାର୍କେଟ୍, ଥାନା ଛକ, ପୋଷ୍ଟ ଅଫିସ ଛକ, ମହୁଲଗୁଡ଼ିଆ ଛକ, ହରିଭାଇନା ଛକ, ଖୁଦୁପୁର ଛକ, ଗୋପବନ୍ଧୁ ବଜାର, ମେଡିକାଲ ଛକ, ନୀଳଚକ୍ର ମାର୍କେଟ, ରେଡଙ୍ଗ କଲୋନୀ, ଲୋକୋ କଲୋନୀ, ହାଟବଜାର, ରେଲୱେ ଷ୍ଟେଶନ ବଜାର, ନୂଆ ବସ୍‌ଷ୍ଟାଣ୍ଡ ଛକ, ବାଛରା, ବାଲିଛକ ସାହି, ବିବେକାନନ୍ଦ ସାହି, ଗଜପତିନଗର, କଲେଜରୋଡସ୍ଥିତ ପୂଜା ପେଣ୍ଡାଲରେ ନିଆରା ଆୟୋଜନ ହୋଇଥିବାବେଳେ ସହର ଓ ଆଖପାଖ ଅଞ୍ଚଳରେ ୧୦୦ରୁ ଅଧିକ ସ୍ଥାନରେ ଗଣେଶ ପୂଜା ଆୟୋଜନ ହୋଇଛି। ଗୋଲେଇ ମାର୍କେଟରେ ୧୨ ଫୁଟ ଉଚ୍ଚର ମୃଣ୍ମୟ ମୂର୍ତ୍ତି ସହ ଗୁମ୍ଫା, ଡାଇନୋସୋର ଆଦି ୬୦ଫୁଟ ଉଚ୍ଚର ଆକର୍ଷଣୀୟ ୭ ଲାଇଟ୍ ଗେଟ୍ ଶୋଭାପାଇବ। ହରିଭାଇନା ଛକରେ ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ପାଲା ପରିବେଷଣ କରାଯିବ। ସୀତାରାମ ଛକ ପେଣ୍ଡାଲରେ ଶ୍ରୀମନ୍ଦିରର ଆକୃତିର ୪୦ ଫୁଟ ଉଚ୍ଚର ତୋରଣ ସହ ପେଣ୍ଡାଲ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ୧୦ ପ୍ରକାର ବେଶ ପ୍ରଦର୍ଶନ ହେବ। ମହୁଲଗୁଡ଼ିଆ ଛକରେ ମଧ୍ୟାହ୍ନ ସମୟରେ ଅନ୍ନଭୋଗ ସହ ଏକାଦଶୀ ସନ୍ଧ୍ୟାରେ ଶିରିଣୀ ଭୋଗ ହେବ। ବାତ୍ୟା ଫନୀ ପାଇଁ ଥାନା ଛକ ପକ୍ଷରୁ ଚଳିତବର୍ଷ ନିରାଡ଼ମ୍ବର ପୂଜା କରାଯାଉଛି। ରାଜାବଜାରରେ କୃଷ୍ଣଙ୍କ ବିଶ୍ୱରୂପ ଓ କୋଣାର୍କ ମନ୍ଦିର ଆକୃତିର ଆକର୍ଷଣୀୟ ସାଜସଜାରେ ଗଜାନନଙ୍କ ୧୦ଫୁଟ ଉଚ୍ଚ ମୃଣ୍ମୟ ମୂର୍ତ୍ତି ପୂଜା ପାଇବେ। ଏଥିସହ ଆଲୋକମାଳାରେ ଚନ୍ଦ୍ରାୟନ-୨ ସହ ପୁରାଣ ଆଧାରିତ ବିଭିନ୍ନ ଡିଜାଇନ୍‌ର ଲାଇଟ୍ ଗେଟ୍ ଓ ୫୦ ଫୁଟ ଉଚ୍ଚର ତୋରଣ ଦେଖିବାକୁ ମିଳିବ। ଗୋପବନ୍ଧୁ ବଜାରରେ ଗଣେଶଙ୍କ ଲଡ୍ଡୁ ନିଲାମ କରାଯିବ। ବିଭିନ୍ନ ପୂଜା ପେଣ୍ଡାଲ ସୁଉଚ୍ଚ ତୋରଣ, ଆଲୋକ, ମେଢ଼ ଓ ମୂର୍ତ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାଛଡ଼ା ବିଭିନ୍ନ ପେଣ୍ଡାଲରେ ସଂକୀର୍ତ୍ତନ, ଭଜନ, ପାଲା, ଦାସକାଠିଆ, ପ୍ରବଚନ, ହନୁମାନ ଚାଳିଶା ଓ ମେଲୋଡି ଆଦି କାର୍ଯ୍ୟକ୍ରମ ରହିଛି। ମ୍ୟୁନିସିପାଲିଟି ଛକ ସୁଜାତା ଆନନ୍ଦ ପଡ଼ିଆରେ କଳିଙ୍ଗ ୟୁଥ୍ ଫୋରମ୍ ଓ ଶରତ ପାଇକରାୟ ଷ୍ଟାଡିୟମ୍‌ରେ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ମିନାବଜାର, ସର୍କସ, ବିଭିନ୍ନ ସାମଗ୍ରୀର ଷ୍ଟଲମାନ ସ୍ଥାନ ପାଇବ। ପ୍ରତି ସନ୍ଧ୍ୟାରେ ଉଭୟ ମହୋତ୍ସବ ପେଣ୍ଡାଲରେ ନାମୀଦାମୀ କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟଗୀତ ଆଦି ପରିବେଷଣ ହେବ। ପାଇକ ଆଖଡା ସମରକଳା ପ୍ରଦର୍ଶନ ମଧ କରାଯିବ।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କ୍‌ଲିନ୍‌



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଗୋପ,୧/୯(ଡି.ଏନ୍‌.ଏ): ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ରବିବାର ଗୋପ ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗୋପ ଥାନା ଅଧୀନ ନୂଆଖୋଲମରା ଗ୍ରାମର ଧନଞ୍ଜୟ ମହାନ୍ତି। ପୋଲିସ ଏ ସମ୍ପର୍କରେ ଏକ ହତ୍ୟା ମାମଲା(ନଂ.୧୧୭/୧୯)ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ପାରିବାରିକ କଳହରୁ ସ୍ତ୍ରୀ କ୍ଷୀରୋଦ୍ରୀ ମହାନ୍ତି ବିଷପାନ କରି ଆତ୍ମହତ୍ୟା କରିଥିବା ଧନଞ୍ଜୟ କହିଛନ୍ତି।

ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା ଥାନା କନ୍ତିଆ ଅଞ୍ଚଳର କ୍ଷୀରୋଦ୍ରୀ ୨୦୧୦ ମସିହାରେ ଧନଞ୍ଜୟଙ୍କୁ ବିବାହ କରିଥିଲେ। ବିବାହ ପର ଠାରୁ ବିଭିନ୍ନ କାରଣକୁ ନେଇ ପାରିବାରିକ ଅଶାନ୍ତି ଲାଗି ରହିଥିଲା। ଏହା ସହ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ଦେଖାଦେଇଥିଲା। ଫଳରେ ବହୁ ସମୟରେ କ୍ଷୀରୋଦ୍ରୀ ତାଙ୍କ ବାପ ଘରକୁ ପଳାଉଥିଲେ। ବିଭିନ୍ନ ସମୟରେ ଏହି ମତାନ୍ତର ଓ ପାରିବାରିକ ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଆପୋଷ ସମାଧାନ ହେଉଥିଲା। କିନ୍ତୁ ଗତ ସପ୍ତାହରେ ଉଭୟଙ୍କ ମଧ୍ୟରେ ଝଗଡା ହେବାରୁ କ୍ଷୀରୋଦ୍ରୀ ପୁଣି ତାଙ୍କ ବାପ ଘରକୁ ପଳାଇଥିଲେ। ଏହା ପରେ ଧନଞ୍ଜୟ ଶ୍ୱଶୁର ଘରେ ପହଞ୍ଚି ସେଠାରେ ମଧ କ୍ଷୀରୋଦ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଗତ ୨୮ତାରିଖରେ ଧନଞ୍ଜୟ ତାଙ୍କ ସ୍ତ୍ରୀ କ୍ଷୀରୋଦ୍ରୀଙ୍କୁ ବୁଝାଶୁଝା କରି ଘରକୁ ଆଣିଥିଲେ। ଶନିବାର ରାତି ପ୍ରାୟ ୩ଟାରେ କ୍ଷୀରୋଦ୍ରୀଙ୍କ ମୃତ୍ୟୁ ହୋଇଥିବା ତାଙ୍କ ବାପଘର ଜାଣିବାକୁ ପାଇଥିଲେ। ରବିବାର ସକାଳେ କ୍ଷୀରୋଦ୍ରୀଙ୍କ ଭାଇ ରାମଚନ୍ଦ୍ର ଓ ମା' ଅହଲ୍ୟା ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହା ସହ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି କଲ୍ୟାଣୀ ଗୋପ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପହଞ୍ଚି ମୃତଦେହ ଜବତ କରବା ସହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଗୋପ ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ଶ୍ରୀମନ୍ଦିର ନାଁରେ ମଠ ଉଚ୍ଛେଦ ପ୍ରସଙ୍ଗ**

# ଗ୍ରହଣ କରିପାରୁନାହାନ୍ତି ବୁଦ୍ଧିଜୀବୀ

**ପୁରୀ ଅଫିସ, ୧।୯ : ଶ୍ରୀମନ୍ଦିର ସୁରକ୍ଷା ଲାଗି ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମେଘନାଦ ପାଚେରି ଚାରିପଟୁ ୭୫ମିଟର ପରିଧିରେ ଆସୁଥିବା କୋଠା ଉଚ୍ଛେଦ ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମେ ମେଘନାଦ ପାଚେରି ଚାରିପଟ ଉଚ୍ଛେଦ ପରେ ପ୍ରଶାସନ ପକ୍ଷରୁ ଏମାର ମଠ ଉଚ୍ଛେଦ ଚାଲିଛି। ପୂର୍ବରୁ ପୌର ସଂସ୍ଥା ପକ୍ଷରୁ ଦର୍ଶାଯାଇଥିବା ବିପଦସଙ୍କୁଳ କୋଠା ଓ ମଠ ଉଚ୍ଛେଦ ଆରମ୍ଭ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଶ୍ରୀକ୍ଷେତ୍ର ମଠ ସଂସ୍କୃତି ଉପରେ କୁଠାରାଘାତକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଅନେକେ। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୁରୀବାସୀଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**

### ସରକାର ଚାହିଁଥିଲେ ବିକଳ୍ପ ବ୍ୟବସ୍ଥା କରିପାରିଥାନ୍ତେ



୯ଶହ ବର୍ଷର ପରମ୍ପରା ଉପରେ ବୁଲଡୋଜର ଚଢିଗଲା। ନିମିଶକ ମଧ୍ୟରେ ପୂରାତନ ଐତିହ୍ୟ ମାଟିରେ ମିଶିଗଲା। ସରକାର ଚାହିଁଥିଲେ ଏହାର ବିକଳ୍ପ ବ୍ୟବସ୍ଥା କରିପାରିଥାନ୍ତେ। ଏହାର ସଂସ୍କୃତିର ସଂରକ୍ଷଣ ଲାଗି ଏକ ମଡେଲ ରଖିପାରିଥାନ୍ତେ। ଦକ୍ଷିଣ ଭାରତୀୟ ସାଧୁ ରାମାନୁଜାଚାର୍ଯ୍ୟଙ୍କ ସ୍ଥାପିତ ଏମାର ମଠର ଐତିହ୍ୟ ପରମ୍ପରା ଏବଂ ସେବା ତ୍ୟାଗ ଅତୁଳନୀୟ। ମଠର ଐତିହ୍ୟ ବିଭବ ସବୁଦିନ ଲାଗି ନଷ୍ଟ ହୋଇଗଲା। ଏମାର ମଠ ଭଙ୍ଗାଯାଉଥିବା ବେଳେ ମୋ ମନରେ କୋହ ଆସିଯାଇଥିଲା। ଶ୍ରୀକ୍ଷେତ୍ରର ସଂସ୍କୃତି ମାଟିରେ ମିଶିଯିବ, ସ୍ୱପ୍ନରେ ବି କଳ୍ପନା କରି ନ ଥିଲି।

**– ପ୍ରଫୁଲ୍ଲ ସାମନ୍ତରାୟ, ପୂର୍ବତନ ସହ ନିର୍ଦ୍ଦେଶକ, ସଂସ୍କୃତି ବିଭାଗ**

### ବିକାଶ ନାମରେ ବିନାଶ କରାଯାଉଛି



ଶ୍ରୀମନ୍ଦିରର ସୁରକ୍ଷା ଏବଂ ପୁରୀର ବିକାଶକୁ ବିରୋଧ କରୁନାହିଁ। ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ବର୍ତ୍ତମାନର ଉଚ୍ଛେଦ ପ୍ରକ୍ରିୟାକୁ ନେଇ ବିରୋଧ କରୁଛି। ସିଂହଦ୍ୱାର ସମ୍ମୁଖରେ ସରକାରଙ୍କ ପକ୍ଷରୁ ଫାଣ୍ଡି ଏବଂ ସୂଚନା କେନ୍ଦ୍ର ନିର୍ମାଣ ହୋଇଥିଲା। ଏହାକୁ ଭାଙ୍ଗିଛନ୍ତି। କିନ୍ତୁ ବିନା କାହାରି ପରାମର୍ଶରେ ମଠ ମନ୍ଦିର ଭାଙ୍ଗା ଚାଲିଛି। ବିକାଶ ନାମରେ ବିନାଶ କରୁଛନ୍ତି। ଏହାକୁ ଆଦୌ ଗ୍ରହଣ କରାଯିବ ନାହିଁ। କୋଠା ଅସୁରକ୍ଷିତ ରହିଛି, ଏଣୁ ପ୍ରଶାସନ ଭାଙ୍ଗୁଛି ବୋଲି ସଫେଇ ଦେଉଛନ୍ତି। ରଥଯାତ୍ରା ସମୟରେ ଯାତ୍ରୀଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ସମ୍ପର୍କୀୟମାନେ ଅସୁରକ୍ଷିତ ମଠ ଉପରେ କିପରି ବସିଥିଲେ। ଦୋକାନୀ ମାନଙ୍କୁ ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଥଇଥାନ କରିବା ଆବଶ୍ୟକ ଥିଲା। ଉଚ୍ଛେଦ ପୂର୍ବରୁ ଜିଲା ପ୍ରଶାସନ ମୋ ସହ କୌଣସି ଆଲୋଚନା କରିନାହାନ୍ତି।

**–ଜୟନ୍ତ କୁମାର ଷଡ଼ଙ୍ଗୀ, ବିଧାୟକ,ପୁରୀ**

### ସୌନ୍ଦର୍ଯ୍ୟକରଣ ଆଳରେ ସଂସ୍କୃତିକୁ ନଷ୍ଟ କରା ନ ଯାଉ



ମଠ ଭାଙ୍ଗିବା ପୂର୍ବରୁ ପ୍ରଶାସନ ସଂସ୍କୃତି ଗବେଷକ, ବୁଦ୍ଧିଜୀବୀ ମାନଙ୍କ ସହ ଆଲୋଚନା କରି ନାହିଁ। ଶ୍ରୀମନ୍ଦିରର ସୁରକ୍ଷା ସହ ମଠ ମନ୍ଦିର ସୁରକ୍ଷା ମଧ୍ୟ ଆବଶ୍ୟକ। କିନ୍ତୁ ମଠ ସଂସ୍କୃତିର ସଂରକ୍ଷଣ ଲାଗି କୌଣସି ବ୍ୟବସ୍ଥା କରାଗଲାନି। ୭୫ମିଟର ପରିଧିରେ ଥିବା କୋଠା ଉଚ୍ଛେଦ କରାଯାଉ। ତେବେ ସଂସ୍କୃତିକୁ ନଷ୍ଟ କରା ନ ଯାଉ। ମଠର ଦୁରବସ୍ଥା, ଜରାଜୀର୍ଣ୍ଣ ଅବସ୍ଥା ଲାଗି ଦେବୋତ୍ତର ବିଭାଗ ଉତ୍ତରଦାୟୀ। ଏହି ବିଭାଗର ଅବହେଳା ଏବଂ ଦାୟିତ୍ୱହୀନତାରୁ ମଠଗୁଡିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସଂସ୍କୃତିର ବିଲୋପ ଘଟିଲେ ଲୋକଙ୍କ ମଧ୍ୟରେ ଥିବା ବିଶ୍ୱାସ ଓ ଆସ୍ଥାଭାବ ତୁଟିଯିବ।

**– କୈଳାସ ଚନ୍ଦ୍ର ଟିକାୟତରାୟ, ଭାଷାବିତ୍‌**

### ଭାଙ୍ଗିବା ପୂର୍ବରୁ ବିଚାର ବିମର୍ଶ ଆବଶ୍ୟକ ଥିଲା



ଉଚ୍ଛେଦ ପ୍ରକ୍ରିୟା ପୂର୍ବରୁ ଥଇଥାନ କରାଯିବା ଉଚିତ ଥିଲା। କିନ୍ତୁ ସରକାର ତରବରିଆ ଭାବେ ତାଙ୍କ ସ୍ତରରେ ନିଷ୍ପତ୍ତି ନେଇ ଉଚ୍ଛେଦ ଆରମ୍ଭ କରିଛନ୍ତି। ଏହା ଦ୍ୱାରା ବହୁ ଦୋକାନୀ ପ୍ରଭାବିତ ହୋଇଛନ୍ତି। ମଠ ମନ୍ଦିର ଉଚ୍ଛେଦ ହେଲେ, ସଂସ୍କୃତିର ଅବକ୍ଷୟ ଘଟିବ। ଏଥିଲାଗି ସରକାର ହିଁ ଦାୟୀ ରହିବେ। ଏହା ହେଉଛି ଏକ ସାଧନା ଓ ଆଧ୍ୟାତ୍ମିକତାର କେନ୍ଦ୍ର ବିନ୍ଦୁ। ମଠ କାହାରି କ୍ଷତି କରି ନ ଥାଏ। ବରଂ ଏହା ଦ୍ୱାରା ସଂସ୍କୃତି ବଜାଏ ରହିଥାଏ। ଏମାର ମଠ ସର୍ବ ପୁରାତନ ମଠ। ରାମାନୁଜଚାର୍ଯ୍ୟଙ୍କ ଦ୍ୱାରା ସ୍ଥାପିତ ଏହି ମଠର ଐତିହ୍ୟଗୌରବମୟ ଇତିହାସ ରହିଛି। ତାହା ଆଜି ଆଗାମୀ ପିଢି ଲାଗି କେବଳ ପୋଥି ବାଇଗଣ ହୋଇ ରହିଯିବ। ଏହାକୁ ଭାଙ୍ଗିବା ପୂର୍ବରୁ ସରକାର ଏନେଇ ବିଚାର ବିମର୍ଶ କରିବା ଆବଶ୍ୟକ ଥିଲା।

**– ଭଗବାନ ଜୟସିଂ, ପୂର୍ବତନ ଅଧ୍ୟକ୍ଷ,ଏସ୍‌ସିଏସ୍ କଲେଜ**

### ଆଗାମୀ ପିଢ଼ି ମହାନ ସଂସ୍କୃତିକୁ ଦେଖିବାରୁ ବଞ୍ଚିତ ହେବେ



ସଂସ୍କୃତିକୁ ସଂରକ୍ଷଣ କରିବା ପରିବର୍ତ୍ତେ ସରକାର ଏହାକୁ ନଷ୍ଟ କରିବାରେ ବସିଛନ୍ତି। ମନ୍ଦିର ସୁରକ୍ଷା ଦୃଷ୍ଟିରୁ ଉଚ୍ଛେଦ ଗ୍ରହଣୀୟ। କିନ୍ତୁ ଏମାର ମଠ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଅତୀତରେ ଏହି ମଠ ଶ୍ରୀମନ୍ଦିର ପରିଚାଳନାରେ ବିଶେଷ ଭୂମିକା ଗ୍ରହଣ କରିଥିଲା। ଶ୍ରୀମନ୍ଦିର ଦୈନିକ ରୀତିନୀତି ସହିତ ଏହା ଜଡିତ ରହିଛି। ୯ଶହ ବର୍ଷର ଏହି ମଠ ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ହୋଇ ରହିଛି। ଏହାକୁ ଭାଙ୍ଗିବା ପରିବର୍ତ୍ତେ ସରକାର ସଂରକ୍ଷଣ ଲାଗି ଚିନ୍ତନ କରିବା ଉଚିତ ଥିଲା। କିନ୍ତୁ ଏହା କରାଯାଇନାହିଁ। ଆଗାମୀ ପିଢି ଏହାର ମହାନ ସଂସ୍କୃତିକୁ ଅନୁଭବ କରିପାରିବେ, ଅଥଚ ଦେଖିବାର ସୁଯୋଗକୁ ହାତଛଡା କରିବେ। ସରକାରଙ୍କ ନିଜ ମତ ସ୍ପଷ୍ଟ କରିବା ଆବଶ୍ୟକ।

**–ଶଙ୍କର ପରିଡା, ଆବାହକ, ଓଡ଼ିଆ ଭାଷା ସଂଗ୍ରାମ ସମିତି**

### ସରକାର ଚିନ୍ତନ କରିବା ଆବଶ୍ୟକ



ସ୍ୱାଧୀନ ଭାରତରେ ମଠ ମନ୍ଦିର ସୁରକ୍ଷା ଦାୟିତ୍ୱ ଦେବୋତ୍ତର କମିଶନଙ୍କ ହାତରେ ନ୍ୟସ୍ତ ରହିଛି। ତେବେ ଦେବୋତ୍ତର ବିଭାଗର ନିଷ୍କ୍ରିୟତାରୁ ମଠ ମନ୍ଦିର ତାର ସଂସ୍କୃତି ହଜାଇବାକୁ ବସିଛି। ମଠ ମନ୍ଦିର ଆୟ କମିବା କାରଣରୁ, ମଠ ପରିଚାଳନା ନେଇ ମହନ୍ତ ମାନେ ମଠ ଜାଗା ଭଡା ସୁତ୍ରରେ ଦେଇଥିଲେ। ଦେବୋତ୍ତର ଏବଂ ରାଜ୍ୟ ସରକାରଙ୍କ ଅପାରଗତାରୁ ମଠ ସମ୍ପତ୍ତି ଉପରେ ଅସାମାଜିକ ବ୍ୟକ୍ତିଙ୍କ ଲୋଲୁପ ଦୃଷ୍ଟି ପଡିଥିଲା। ଯାହାର ପରିଣାମ ଆଜି ଭୋଗିବାକୁ ପଡୁଛି। ବହୁ ପ୍ରାଚୀନ ମଠକୁ ଭାଙ୍ଗିବା ପରିବର୍ତ୍ତେ ଏହାକୁ ଐତିହ୍ୟ ଘୋଷଣା କରାଯାଇପାରିଥାନ୍ତା। ଆଗାମୀ ଯୁବପିଢି କ'ଣ ଜାଣିବେ। ଏଥିଲାଗି ସରକାର ଚିନ୍ତନ କରିବା ଆବଶ୍ୟକ।

**– ଯୁଗବ୍ରତ କର, ଯୁବ ସାମାଜିକ କର୍ମୀ**

### ଜଗନ୍ନାଥ ସଂସ୍କୃତି ପ୍ରଭାବିତ ହେବ



ମଠ, ମନ୍ଦିର ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିରର ରୀତିନୀତି ସହ ଅଙ୍ଗାଙ୍ଗୀ ଭାବେ ଜଡିତ। ଶ୍ରୀମନ୍ଦିରରେ ବାରମାସ ତେର ଯାତ୍ରା ଲାଗି ରହିଥାଏ। ବର୍ଷ ତମାମ ଏଠାରେ ଭକ୍ତଙ୍କ ସମାଗମ ଲାଗି ରହିଥାଏ। ତୀର୍ଥଯାତ୍ରୀ ମାନେ ମଠରେ ବିଶ୍ରାମ କରିବା ସହ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିଯାନ୍ତି। ବାହାରୁ ଆସୁଥିବା ଯାତ୍ରୀ ସାଧାରଣତଃ ମଠରେ ରହିଥାନ୍ତି। ମଠରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ବହୁ ମୂଲ୍ୟବାନ ପୁସ୍ତକ, ଗ୍ରନ୍ଥ ରହିଛି। ମଠ ନ ରହିଲେ ଭକ୍ତ ମାନେ ଆସିଲେ, କେଉଁଠି ରହିବେ। ଏଣୁ ଐତିହ୍ୟ ସଂସ୍କୃତିର ସଂରକ୍ଷଣ ପରେ ସରକାର ଉଚ୍ଛେଦ ପ୍ରକ୍ରିୟା କରିଥିଲେ ଭଲ ହୋଇଥାନ୍ତା। ମଠ ସଂସ୍କୃତି ବିଲୁପ୍ତ ହେଲେ, ତାହା ସହିତ ଶ୍ରୀଜଗନ୍ନାଥ ସଂସ୍କୃତି ମଧ୍ୟ ପ୍ରଭାବିତ ହେବ।

**– ଡ.ଅଂଶୁମାନ କର,ସ୍ତମ୍ଭକାର**

### ମଠ ନ ରହିଲେ ଶ୍ରୀକ୍ଷେତ୍ରର ଅସ୍ତିତ୍ୱ ହଜିଯିବ



ଗୋଟିଏ ଜାତି ତାର କଳା, ସଂସ୍କୃତି ଏବଂ ଐତିହ୍ୟ କୀର୍ତ୍ତିରାଜୀକୁ ନେଇ ପରିଚିତ ହୋଇଥାଏ। ଯଦି ଐତିହ୍ୟ ନଷ୍ଟ ହୋଇଯିବ, ଅଥବା ଏହାକୁ ନଷ୍ଟ କରିଦିଆଯିବ, ତେବେ ଏହାର ମହାନ ପରମ୍ପରା ଧ୍ୱଂସ ହୋଇଯିବ। ଆଗାମୀ ବର୍ଷରେ ଏହା କେବଳ ପୋଥିରେ ସୀମିତ ହୋଇ ରହିଯିବ। ଶ୍ରୀକ୍ଷେତ୍ର ହେଉଛି ମଠ ମନ୍ଦିରର ସମାହାର। ଶ୍ରୀମନ୍ଦିର ସୁରକ୍ଷା ନିତାନ୍ତ ଆବଶ୍ୟକ। କିନ୍ତୁ ସୁରକ୍ଷା ଆଳରେ ମହାନ ସଂସ୍କୃତି ପରମ୍ପରାକୁ ଦଳି ମକଚି ଉଚ୍ଛେଦ କରାଯିବ ଆଦୌ ଗ୍ରହଣୀୟ ନୁହଁ। ମଠ ହେଉଛି ସାଂସ୍କୃତିକ, ଆଧ୍ୟାତ୍ମିକ ସ୍ଥଳ। ଯେଉଁଠି, ଗୀତାପାଠ, ସମାଜର ହିତ ହୋମଯଜ୍ଞ ଆଦି କରାଯାଏ। ମଠ ନ ରହିଲେ ଶ୍ରୀକ୍ଷେତ୍ରର ଅସ୍ତିତ୍ୱ ହଜିଯିବ।

**– ଗୌରହରି ପ୍ରଧାନ, ପୂର୍ବତନ ନଗରପାଳ**

### ଉଚ୍ଛେଦ ଦୋକାନୀଙ୍କୁ ତୁରନ୍ତ ଥଇଥାନ କରାଯାଉ



ମଠ ଜମିରେ ବର୍ଷ ବର୍ଷ ଧରି ବହୁ ଦୋକାନୀ ବେପାର କରି ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଏସବୁ ଉଚ୍ଛେଦ ହେବା ଦ୍ୱାରା ଏବେ ସେମାନେ ରାଜରାସ୍ତାକୁ ଚାଲି ଆସିଛନ୍ତି। ବହୁ ବେପାରୀ ମାନସିକ ସ୍ତରରେ ଭାଙ୍ଗିପଡିଛନ୍ତି। ଉଚ୍ଛେଦ କରାଯାଇଥିବା ଦୋକାନୀ ମାନଙ୍କୁ ଥଇଥାନ କରାଯାଉ। ବହୁ ଦୋକାନୀଙ୍କ ଘରେ ଚୁଲି ଜଳି ନାହିଁ। ବହୁ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି। ଉଚ୍ଛେଦ ଦୋକାନୀଙ୍କୁ ତୁରନ୍ତ ଥଇଥାନ ଲାଗି ସରକାର ଚିନ୍ତନ କରନ୍ତୁ।

**–ରାଜେଶ ମହାନ୍ତି, ଯୁବ ସଙ୍ଗଠକ, ପୁରୀ**

### ପ୍ରଶାସନର ଏଭଳି କାର୍ଯ୍ୟ ସମ୍ପୂର୍ଣ୍ଣ ନିନ୍ଦନୀୟ



ଶ୍ରୀକ୍ଷେତ୍ରର ପ୍ରାଚୀନ ମଠ ସଂସ୍କୃତି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ଜବରଦଖଲ ଉଚ୍ଛେଦ ହେଲା। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ବିନା କାହାରି ପରାମର୍ଶ, ଆଲୋଚନାରେ ଭଙ୍ଗାଯିବା ଉଚିତ ନ ଥିଲା। ଅଧିକାଂଶ ମଠ ଶ୍ରୀମନ୍ଦିର ରୀତିନୀତି ସେବାପୂଜା ସହିତ ଜଡିତ। ଏହାକୁ ଭାଙ୍ଗିବା ପୂର୍ବରୁ ପ୍ରଶାସନ ଶ୍ରୀମନ୍ଦିର ପ୍ରଶାସନ, ବୁଦ୍ଧିଜୀବୀ, ଗବେଷକ, ବରିଷ୍ଠ ଆଇନଜୀବୀ ସାମାଜିକ କର୍ମୀଙ୍କ ମତ ନେବା କଥା। ତାହାକୁ ପ୍ରଶାସନ ଗୁରୁତ୍ୱ ଦେଲାନି। ଆବଶ୍ୟକ ପଡିଲେ ସରକାର ଏନେଇ ଏକ ଫୋରମ ଗଠନ କରି ଏ ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିଥାନ୍ତେ। ତା ପରେ ଫୋରମ୍ ନିଷ୍ପତ୍ତି ପ୍ରକାରେ କାର୍ଯ୍ୟକାରୀ କରିଥାନ୍ତେ। ପ୍ରଶାସନର ଏଭଳି କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ନିନ୍ଦନୀୟ।

**– ଚକ୍ରଧର ମହାପାତ୍ର, ବରିଷ୍ଠ ସାମାଜିକ କର୍ମୀ**



# ବେଳାଭୂମିରେ କଳା ପଟୁର ଆସ୍ତରଣ

**ପୁରୀ ଅଫିସ, ୧।୯**

ନିକଟରେ ଏକାଧିକଥର କୂଳ ଲଂଘିଥିଲା ପୁରୀ ସମୁଦ୍ର। ବେଳାଭୂମିର ବିଭିନ୍ନ ସ୍ଥାନରୁ ଟାଡ଼ି ନେଇଥିଲା ବାଲି। ଧୀରେ ଧୀରେ ଅବକ୍ଷୟ ସ୍ଥାନ ବାନ୍ଧି ହେଉଥିବା ବେଳେ ରବିବାର ବେଳାଭୂମିରେ ଦେଖିବାକୁ ମିଳିଛି କଳା ପଟୁର ଆସ୍ତରଣ। ମେ ଫେୟାର ହୋଟେଲ ପଛ ପାର୍ଶ୍ୱରୁ ବାଙ୍କୀ ମୁହାଣ ପର୍ଯ୍ୟନ୍ତ ଏହିଭଳି କଳା ଆସ୍ତରଣ ଜମିଛି। ତେବେ ଏହି କଳା ପଟୁ ଆସ୍ତରଣ ମାଡ଼ିବା ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଦେବାନନ୍ଦ ବେଉରା କହିଛନ୍ତି, ସାଧାରଣତଃ ବର୍ଷା ଋତୁରେ ବେଳାଭୂମିର ସ୍ଥାନେ ସ୍ଥାନେ ଏଭଳି କଳା ଏବଂ ଇଷତ ଲାଲ୍ ରଙ୍ଗର ଆସ୍ଥରଣ ଦେଖିବାକୁ ମିଳିଥାଏ। ଏହି ସମୟରେ ବିଭିନ୍ନ ପାହାଡ଼ିଆ ଏବଂ କାଦୁଆ ଅଞ୍ଚଳରୁ ପାଣି ନଦୀ ଦେଇ ସମୁଦ୍ରକୁ ଆସିଥାଏ। ଏହି ଗୋଳିଆ ପାଣିରେ ବିଭିନ୍ନ ପ୍ରକାର କଣିକା, ଜୈବିକ ପଦାର୍ଥ ମିଶିଥାଏ। ତେଣୁ ଲହଡିରେ ଏହା ଭାସି ଆସି ବେଳାଭୂମି ବାଲି ଉପରେ କଳା ପଟୁର ଆସ୍ତରଣ ଜମାଇଦିଏ। ପୁରୀ ବେଳାଭୂମିରେ ଜମିଥିବା ଏହି କଳା ଆସ୍ତରଣ ବେଶିଦିନ ରହିବ ନାହିଁ, ପୁଣି ଲହଡି ଆସିଲେ ଏହାକୁ ଧୋଇ ନେଇଯିବ। ପ୍ରତିବର୍ଷ ବର୍ଷା ଋତୁରେ ଏମିତି କଳା ଏବଂ ଇଷତ ଲାଲ୍ ଆସ୍ତରଣ ପୁରୀ ବେଳାଭୂମିରେ ଦେଖିବାକୁ ମିଳିଥାଏ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ଡ. ବେଉରା କହିଛନ୍ତି।

# ପୁରୀରେ ହେବ ଟ୍ରାଫିକ ନିୟମ କଡାକଡି

**ପୁରୀ ଅଫିସ, ୧।୯**

ରାଜ୍ୟରେ ନୂତନ ମୋଟର ଯାନ ଆଇନ ୨୦୧୯ ରବିବାର ଠାରୁ ଲାଗୁ କରାଯାଇଛି। କେନ୍ଦ୍ର ସରକାର ମୋଟର ଯାନ ଆଇନ ୧୯୮୮କୁ ସଂଶୋଧନ କରିଛନ୍ତି। ହେଲମେଟ ପରିଧାନ ନକଲେ, ସିଟ୍ ବେଲ୍ଟ ନ ବାନ୍ଧିଲେ ଏଣିକି ଜରିମାନା ଦେବାକୁ ପଡିବ। ମଦ୍ୟପାନ କରି ଯାନ ଚଳାଇଲେ, ଚାଳକଙ୍କୁ ଦଣ୍ଡ ଗଣିବାକୁ ପଡିବ। ଆମ୍ବୁଲାନ୍ସକୁ ବାଟ ନ ଛାଡିଲେ, ରେଡ ସିଗନାଲକୁ ନ ମାନିଲେ, ଏଣିକି ଯାନବାହନ ଚାଳକଙ୍କଠାରୁ ଭାରି ମାତ୍ରାରେ ଜରିମାନା ଆଦାୟ କରାଯିବ। ରାଜ୍ୟର ସମସ୍ତ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହୋଇଛି। ପୁରୀ ପୋଲିସ ପକ୍ଷରୁ ମଧ୍ୟ ପଦେକ୍ଷପ ଗ୍ରହଣ କରାଯାଇଛି। ଏନେଇ ଆଗକୁ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚକୁ କଡାକଡି କରାଯିବ ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ବାଇକ ଅଥବା କାର ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର କରନ୍ତୁ ନାହିଁ। ଆପଣ ବିପଦରେ ପଡିବା ସହିତ ଅନ୍ୟକୁ ମଧ୍ୟ ବିପଦକୁ ଟାଣି ଆଣିବେ ବୋଲି ସେ କହିଛନ୍ତି। ପୂର୍ବରୁ ମଧ୍ୟ ଟ୍ରାଫିକ ପୋଲିସ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଟ୍ରାଫିକ ନିୟମକୁ ସମସ୍ତେ ମାନିଲେ, ସଡକ ଦୁର୍ଘଟଣା କମିବ। ନାବାଳକଙ୍କୁ ବାଇକ ଚଳାଇବାକୁ ନ ଦେବାକୁ ଏସ୍‌ପି ଦାଶ ଅଭିଭାବକ ମାନଙ୍କୁ ଅନୁରୋଧ କରିଛନ୍ତି। ଜାତୀୟ ରାଜପଥରେ ଯିବା ସମୟରେ ମୋବାଇଲ ଠାରୁ ଦୂରରେ ରହିବା ସହ ସର୍ବଦା ହେଲମେଟ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି।

# ଶ୍ରୀମନ୍ଦିରରେ ଅନ୍ଧ ଲୀଳା ନୀତି ସମ୍ପନ୍ନ

**ପୁରୀ ଅଫିସ, ୧।୯**

ଶ୍ରୀମନ୍ଦିର ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ରବିବାର ଭାଦ୍ରବ ଶୁକ୍ଳ ତୃତୀୟା ତିଥିରେ ଅନ୍ଧ ଲୀଳା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀକୃଷ୍ଣ ଦୃଷ୍ଟିହୀନ ଭକ୍ତର ଭକ୍ତିରେ ସନ୍ତୁଷ୍ଟ ହୋଇ ଚକ୍ଷୁଦାନ କରିଥିବାବେଳେ ଏକ ପରାକ୍ରମୀ ଉନ୍ମତ୍ତ ହାତୀକୁ ବିନାଶ କରିଛନ୍ତି। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢିବା ପରେ ଦକ୍ଷିଣୀ ଘରୁ ରାମକୃଷ୍ଣ ରତ୍ନସିଂହାସନକୁ ଆସି ଆଜ୍ଞାମାଳ ପାଇ ବଟମୂଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ଏହାପରେ ସିଂହଦ୍ୱାର ନିକଟ ବଡ଼ଛତା ମଠ ସମ୍ମୁଖରେ ପଡିଥିବା ଖଟ ଉପରେ ପାଲିଙ୍କି ସହିତ ବିଜେ ହୋଇଥିଲେ। ସେଠାରେ ଅନ୍ଧ ମନ୍ଦର ହସ୍ତୀ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଏହାପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।

ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଲୀଳା କରୁଥିବା ବେଳେ କଂସ ତାଙ୍କୁ ମାରିବା ଲାଗି ଗୋଟିଏ ହସ୍ତୀ ପ୍ରେରଣ କରିଥିଲେ। ତାହାକୁ ଅନ୍ଧ ମନ୍ଦର ହସ୍ତୀ କହିବା ତାତ୍ପର୍ଯ୍ୟ ହେଉଛି ସେହି ହାତୀଟି ଅତ୍ୟନ୍ତ ମଦାନ୍ଧ ଏବଂ ମନ୍ଦର ପର୍ବତ ଭଳି ବିଶାଳ ରହିଥିଲା। ଭଗବାନ ସେହି ପ୍ରବଳ ପରାକ୍ରମୀ ହସ୍ତୀକୁ ବିନାଶ କରିଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଅନ୍ଧ ମନ୍ଦର ହାତୀଲୀଳା ଅନୁଷ୍ଠିତ ହୋଇଥାଏ।

### ଅନ୍ଧ ଚକ୍ଷୁଦାନ ଲୀଳା

ସନ୍ଧ୍ୟାଧୂପ ପରେ ଦକ୍ଷିଣୀ ଘରେ ବିରାଜିତ ମଦନମୋହନ ରତ୍ନସିଂହାସନକୁ ଯାଇ ଆଜ୍ଞାମାଳ ପାଇ ନାଟ ମଣ୍ଡପରେ ପଡିଥିବା ଖଟ ଉପରେ ବିଜେ କରନ୍ତି। ସେଠାରେ ବାସେଲୀ ସାହି ପକ୍ଷରୁ ଅନ୍ଧ ଲୀଳା ପ୍ରସ୍ତାବ ଦିଆଯାଏ। ଅନ୍ଧ ଲୀଳାର ତାତ୍ପର୍ଯ୍ୟ ହେଉଛି ବୃନ୍ଦାବନରେ ଭଗବାନ ଶ୍ରୀକୃଷ୍ଣ ଗୋପବାଳକଙ୍କ ସହିତ ଲୀଳା କରୁଥିବାବେଳେ ତାଙ୍କର ଜଣେ ଅନ୍ଧ ସଖା ଥିଲେ। ସେ ଥିଲେ ଶ୍ରୀକୃଷ୍ଣଙ୍କ ପରମଭକ୍ତ। ତାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଭଗବାନ ଶ୍ରୀକୃଷ୍ଣ କୃପା କରି ତାଙ୍କୁ ଚକ୍ଷୁଦାନ କରିଥିଲେ। ଏହି ସ୍ମୃତିରେ ଅନ୍ଧ ଚକ୍ଷୁଦାନ ଲୀଳା ସମ୍ପନ୍ନ ହୁଏ। ଏହାକୁ ଅନ୍ଧ ଲୀଳା ମଧ କୁହାଯାଇଥାଏ।



ବଡଛତା ମଠ ସମ୍ମୁଖରେ ଅନ୍ଧ ମନ୍ଦର ହସ୍ତୀ ଲୀଳା ପ୍ରସ୍ତାବ ଆଗତ କରାଯାଉଛି।



"ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
- କନ୍‌ଫୁସିଅସ୍



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କ ଜମି ଜବରଦଖଲ ଘଟଣା
## ୧୪୪ ଧାରା ଲାଗୁ ସତ୍ତ୍ୱେ ଚାଲିଛି କାମ

**ପୁରୁଣା ଭୁବନେଶ୍ୱର,୧।୯(ଡି.ଏନ.ଏ.):** ଶ୍ରୀଲିଙ୍ଗରାଜଙ୍କ ଶତାଧିକ ଏକର ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ସାମନ୍ତରାପୁର ଗଙ୍ଗୁଆ ବ୍ରିଜ ନିକଟରେ ଥିବା ପ୍ରାୟ ୨ ଏକର ଜମିରେ ଜଣେ ବ୍ୟକ୍ତି କୋଠାଘର ନିର୍ମାଣ କରୁଥିବା ଜଣାପଡିଥିଲା। ଗୃହ ନିର୍ମାଣ ହେଉଥିବା ଜାଣି ଜୁଲାଇ ୨୯ରେ ମନ୍ଦିର ପ୍ରଶାସନ ପକ୍ଷରୁ ଧଉଳି ଥାନାରେ ଅଭିଯୋଗ ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସେଠାରେ ୧୪୪ ଧାରା ଲାଗୁ ହୋଇଥିଲା। ନିୟମ ଅନୁସାରେ, ୬୦ ଦିନ ପର୍ଯ୍ୟନ୍ତ ଉକ୍ତ ଜମିରେ ହୋଇଥିବା ନିର୍ମାଣ କାମ ବନ୍ଦ ରହିବା କଥା। ହେଲେ ରବିବାର ସେଠାରେ ପଟା ସେଣ୍ଟ୍ରିଂ ଖୋଲାଯିବା କାମ ଆରମ୍ଭ ହୋଇଥିବା ଖବର ଜଣାପଡିଥିଲା। ଏହା ଜଣାପଡିବା ପରେ ମନ୍ଦିର ପ୍ରଶାସନ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ଧଉଳି ଥାନାରେ ପୁଣି ଅଭିଯୋଗ କରିଛନ୍ତି। କିଭଳି କେଉଁ ଅଧିକାରୀଙ୍କ ନିର୍ଦ୍ଦେଶରେ ଜବରଦଖଲକାରୀ କାମ ଆରମ୍ଭ କରୁଛନ୍ତି ସେ ନେଇ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତୁରନ୍ତ ଠାକୁରଙ୍କ ସମ୍ପତ୍ତି ତହବିଲକୁ ଫେରାଇ ଆଣିବାକୁ ଓ ସୁରକ୍ଷା ଦେବାକୁ ସେ ଅନୁରୋଧ କରିଛନ୍ତି। ମାମଲା ବିଚାରାଧୀନ ଥିବା ବେଳେ କାହା ଚକ୍ରାନ୍ତରେ ଜବରଦଖଲକାରୀ ଏତେ ସାହାସ କରି ନିର୍ମାଣ ଆରମ୍ଭ କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## କଲେଜର ୩୭ତମ ପ୍ରତିଷ୍ଠା ଦିବସ

**ବାଲିଅନ୍ତା,୧।୯(ଡି.ଏନ୍.ଏ.):** ବାଲିଅନ୍ତାସ୍ଥିତ ଜବାହାରଲାଲ ନେହେରୁ ଜୁନିୟର କଲେଜର ୩୧ତମ ବାର୍ଷିକ ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହୋମଯଜ୍ଞ ସହ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ କଲେଜ ଅଧକ୍ଷ ଜିତେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ କହିଥିଲେ, କଲେଜର ସାମୂହିକ ଉନ୍ନତି ସହ ଛାତ୍ରୀଛାତ୍ରଙ୍କ ପାଠପଢା ପ୍ରତି ବିଶେଷ ଧାନ ଦେବା ପାଇଁ ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପକ ବିଜୟ କୁମାର ବିଶ୍ୱାଳ, ଡ. ଧରଣୀଧର ସ୍ୱାଇଁ, ପିତାମ୍ବର ପାତ୍ର, ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

**ବାଲିଅନ୍ତା,୧।୯(ଡି.ଏନ୍.ଏ.):** ଭୁବନେଶ୍ୱର ମହାନଗର ନିଗମର ୧୮ନଂ. ୱାର୍ଡ ଅଧୀନ ପଳାଶୁଣିସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ରବିବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' ଖଣ୍ଡେଶ୍ୱରୀ ମହିଳା ସମିତି ଓ ମହାଶକ୍ତି ମହିଳା ମହାସଂଘର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଡ଼ିଆ ପରିସରରେ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୁବାସ ମହାପାତ୍ର, ବିନୋଦ ସାହୁ, ରମେଶ ଚନ୍ଦ୍ର ସାହୁ, ବିଷ୍ଣୁପ୍ରିୟା ସ୍ୱାଇଁ, ପ୍ରଭାସିନୀ ସାହୁ, ରଞ୍ଜିତା କାନୁନଗୋ, କଳ୍ପନା ଜେନା, ଜୟନ୍ତୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ■ ରେଲ୍‌ୱେର 'ଭାରତ ଦର୍ଶନ ଯାତ୍ରା'
# ଗଙ୍ଗା, ଗୟା ସହ ମହୋଦଧି ବୁଲିବେ ଯାତ୍ରୀ



**ଭୁବନେଶ୍ୱର, ୧।୯(ବ୍ୟୁରୋ)**

ଭାରତୀୟ ରେଳପଥର ସ୍ୱତନ୍ତ୍ର ଧର୍ମୀୟ ଯାତ୍ରା ପ୍ୟାକେଜ ରାମାୟଣ ଯାତ୍ରା ଏକ୍ସପ୍ରେସ ପରେ ଏବେ ଆସିଛି ଭାରତ ଦର୍ଶନ ଯାତ୍ରା। ଏହି ସ୍ୱତନ୍ତ୍ର ପ୍ୟାକେଜରେ ବାରାଣସୀ, ପ୍ରୟାଗରାଜ, ଗୟା, ଗଙ୍ଗାସାଗର ଓ ପୁରୀ ଯାତ୍ରୀମାନେ ବୁଲି ପାରିବେ। ଏହି ସବୁ ସ୍ଥାନର ଦର୍ଶନୀୟ ସ୍ଥଳ ସହ ରେଲୱେର ବିଳାସପୂର୍ଣ୍ଣ ସେବା ମଧ ଯାତ୍ରୀମାନେ ଉପଭୋଗ କରିପାରିବେ ବୋଲି ଆଇଆରସିଟିସି ପକ୍ଷରୁ ସୂଚନା ମିଳିଛି। ୯ ଦିନ ଓ ୧୦ ରାତି ବିଶିଷ୍ଟ ଏହି ଯାତ୍ରା ଚଳିତ ମାସ ୧୫ରୁ ଆରମ୍ଭ ହେବ। ଏହିଦିନ ଭୋର ୫ଟାରୁ ଇନ୍ଦୋରରୁ ଯାତ୍ରା ଆରମ୍ଭ ହୋଇ ୨୨ରେ କୋଣାର୍କରୁ ଯାତ୍ରା ସାରି ଇନ୍ଦୋର ଅଭିମୁଖେ ବାହାରିବ। ଇନ୍ଦୋରରୁ ବାହାରି ବାରାଣସୀ ଅଭିମୁଖେ ଯାଇ ୧୬ରେ କାଶୀ ବିଶ୍ୱନାଥ ମନ୍ଦିର, ୧୭ରେ ପ୍ରୟାଗରାଜର ତ୍ରିବେଣୀ ସଙ୍ଗମ, ଗୟାର ବିଷ୍ଣୁପଦ ମନ୍ଦିର ଓ ମହାବୋଧି ମନ୍ଦିର, ୧୯ରେ ହାଓଡାରେ ପହଞ୍ଚି ଗଙ୍ଗାସାଗର, ୨୦ରେ କାଳୀ ମନ୍ଦିର, ସେଠାରୁ ପୁରୀ ଅଭିମୁଖେ ଯାତ୍ରା କରିବ। ଶ୍ରୀମନ୍ଦିର ଓ କୋଣାର୍କ ଦର୍ଶନ ପରେ ୨୨ ରାତିରେ ଟ୍ରେନ ଇନ୍ଦୋର ଅଭିମୁଖେ ଫେରିବ। ଏହି ଯାତ୍ରା ଦୁଇ ପ୍ରକାର କୋଚରେ ବିଭକ୍ତ ହୋଇଛି। ଶୟନଯାନରେ ମୁଣ୍ଡପିଛା ୯୪୫୦ ଟଙ୍କା ଥିବା ବେଳେ ତୃତୀୟ ଶ୍ରେଣୀ ଏସିରେ ୧୧,୫୦୦ ଟଙ୍କା ରହିଛି। ୧୫ ସେପ୍ଟେମ୍ବରରୁ ଆରମ୍ଭ ହୋଇ ଯାତ୍ରା ୨୪ରେ ସରିବ ବୋଲି ଆଇଆରସିଟିସି ପକ୍ଷରୁ ସୂଚନା ମିଳିଛି। ଏହି ଯାତ୍ରାରେ ଟିକେଟ ବୁକ କରିବା ଲାଗି ଆଇଆରସିଟିସି ୱେବସାଇଟରେ ସୂଚନା ମିଳିବ।

### ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନକୁ ଲୋଡ଼ା ଆଇଏସ୍‌ଓ ସାର୍ଟିଫିକେଟ

**ଭୁବନେଶ୍ୱର,୧।୯(ବ୍ୟୁରୋ)**

ରେଲ୍‌ୱେ ଷ୍ଟେଶନଗୁଡ଼ିକୁ ଏବେ ଆଇଏସଓ ସାର୍ଟିଫିକେଟ ପାଇବାକୁ ହେବ। ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ ଏ ନେଇ ଭାରତୀୟ ରେଳପଥକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ କ୍ୱାଲିଟି କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ଏ-୧ ଷ୍ଟେଶନଗୁଡ଼ିକରେ କରାଯାଉଥିବା ସର୍ଭେରେ ଏହା ଏକ ମୁଖ୍ୟ ମାନଦଣ୍ଡ ରୂପେ ରହିଛି। ସ୍ୱଚ୍ଛ ପିଇବା ପାଣି ଓ ପରିଚାଳନା, କେମିକାଲର ବ୍ୟବହାର, ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଓ ସବୁଜ ପରିବେଶ ଏବଂ ଅକ୍ଷୟ ଶକ୍ତିର ବ୍ୟବହାରକୁ ନେଇ ଏହି ସାର୍ଟିଫିକେଟ ପ୍ରଦାନ କରାଯାଉଛି। ବର୍ତ୍ତମାନ କରାଯାଉଥିବା ସର୍ଭେରେ ସର୍ବାଗ୍ରେ ରହିବା ଲାଗି ଏହି କ୍ୟାଟେଗୋରୀର ଷ୍ଟେଶନଗୁଡ଼ିକ ଭିତରେ ଏବେ ପ୍ରତିଯୋଗିତା ଚାଲିଛି। ଅଧିକାଂଶ ଷ୍ଟେଶନ ଗତବର୍ଷ ଭଲ ସ୍ଥାନ ହାସଲ କରିଥିଲେ ବି ଚଳିତ ଥର ସ୍ଥିତି ଭଲ ନ ଥିବା ଜଣାପଡ଼ିଛି। ଆଇଏସଓ ଓ ଗ୍ରୀନ ସାର୍ଟିଫିକେଟ ପ୍ରାୟ ଏ-୧ କ୍ୟାଟେଗୋରୀର ଷ୍ଟେଶନ ଗୁଡ଼ିକରେ ନାହିଁ। ଏବେ ଏହି ଷ୍ଟେଶନଗୁଡ଼ିକ ଆଇଏସଓ ସାର୍ଟିଫିକେଟ ପାଇଁ ଆବେଦନ କରିଛନ୍ତି। ଏହି ସାର୍ଟିଫିକେଟ ଦେବାକୁ ଅନୁମତି ପାଇଥିବା ସଂସ୍ଥାର ଏକ ଟିମ୍ ଆସି ରେଳ ଷ୍ଟେଶନରେ ସ୍ଥିତି ଯାଞ୍ଚ କରିବ। ଗୁଆହାଟୀ, ମୁମ୍ବାଇ ସେଣ୍ଟ୍ରାଲ, ହବିବଗଞ୍ଜ, କୋଏମ୍ବାଟୁର, ଥିରୁଭନନ୍ତପୁରମ ସେଣ୍ଟ୍ରାଲ, କଟଡା, ମୈସୁର, ବାରାଣସୀ କ୍ୟାଣ୍ଟ, ତିରୁଚି ଜଙ୍କସନ ଆଦି ଷ୍ଟେଶନକୁ ବର୍ତ୍ତମାନ ଯାଏ ଆଇଏସଓ (୧୪୦୦୧:୨୦୧୫) ସାର୍ଟିଫିକେଟ ମିଳି ସାରିଛି। ଅନ୍ୟ ଷ୍ଟେଶନଗୁଡ଼ିକ ଏବେ ସାର୍ଟିଫିକେଟ ପାଇଁ ଆବେଦନ କରିଛନ୍ତି। ସୂଚନାଯୋଗ୍ୟ ଭୁବନେଶ୍ୱର ରେଳ ଷ୍ଟେଶନ ନିକଟରେ ମଧ ଏହି ସାର୍ଟିଫିକେଟ ନାହିଁ। ଆଇଏସ୍‌ଓ ଏବଂ ଗ୍ରୀନ ସାର୍ଟିଫିକେଟ ପାଇବା ଲାଗି କର୍ତ୍ତୃପକ୍ଷ ଯୋଜନା କରୁଛନ୍ତି।

## ସାହିତ୍ୟ ମେଳାରେ ୧୦ ସାହିତ୍ୟିକ ସମ୍ମାନିତ



ସାହିତ୍ୟ ମେଳାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧।୯(ବ୍ୟୁରୋ)**

ମାସିକ ପାରିବାରିକ ପତ୍ରିକା 'ଲେଖାଲେଖି' ପକ୍ଷରୁ ରବିବାର ୮ମ ସାହିତ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। କବି ତଥା ପ୍ରଶାସକ ରତ୍ନାକର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ପ୍ରଥମ ଅଧିବେଶନ 'ସୁପରହିଟ୍ ଓଡ଼ିଆ ପୋଏଟ୍ରି'ରେ ସାରା ରାଜ୍ୟରୁ ୧୫ଜଣ କବି ଯୋଗଦେଇଥିଲେ। ଯୁବକବି ଦେବାଶିଷ ପାତ୍ର ଓ ଇପ୍‌ସିତା ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ନିଆରା ଅଧିବେଶନରେ କବି ହୃଷୀକେଶ ମଲ୍ଲିକ, ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, କୁଳମଣି ଜେନା ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନ 'ତନ୍ମୟ ତାରୁଣ୍ୟ: ବିଭୋର ବରେଣ୍ୟ'ରେ ରାଜ୍ୟର ୫ଜଣ ତରୁଣ ଓ ୫ଜଣ ବରିଷ୍ଠ ସାହିତ୍ୟିକଙ୍କୁ ସମ୍ମାନିତ କରାଯାଇଥିଲା। ତରୁଣରେ ଦିଲୀପ କୁମାର ସ୍ୱାଇଁ, ଆଲୋକ ବରାଳ, ଦେବାଶିଷ ପାତ୍ର, ଇପ୍‌ସିତା ଷଡ଼ଙ୍ଗୀ, ହରେକୃଷ୍ଣ ଦାସ ଏବଂ ବରେଣ୍ୟରେ ଅର୍ଚ୍ଚନା ନାୟକ, ସଂଘମିତ୍ରା ମିଶ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ହୃଷୀକେଶ ମଲ୍ଲିକ, କବିତା ବାରିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଥିଲା। ଲକ୍ଷ୍ମୀସାଗରସ୍ଥିତ ଭେଟେରିନାରୀ ଅଫିସର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କବି ତଥା ଆଲୋଚକ ବଂଶୀଧର ଷଡ଼ଙ୍ଗୀ ଯୋଗଦେଇ ସମାଲୋଚନା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଯୁବ କବି ଗୀତାଶ୍ରୀ ପ୍ରିୟମ୍ବଦା, ଦେବାଶିଷ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। 'ଲେଖାଲେଖି'ର ସମ୍ପାଦକ ପ୍ରଦୀପ୍ତ କୁମାର ବେହୁରା ମେଳା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ 'ଲେଖାଲେଖି' ପ୍ରକାଶନୀର ୯ଖଣ୍ଡ ପୁସ୍ତକ ଲୋକାର୍ପିତ ହୋଇଥିଲା। ପ୍ରଦୀପ୍ତ କୁମାର ବେହୁରା ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱରଠାରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ଫିଲ୍ମ 'ଜୋର୍ କା ଝଟକା'ର ଅଡିଓ ସିଡୀ ଉନ୍ମୋଚନ କରାଯାଉଛି।

## ଗାନ୍ଧୀ ସାହିତ୍ୟ ଉତ୍ସବ

**ଭୁବନେଶ୍ୱର,୧।୯(ବ୍ୟୁରୋ)**

ଜାତୀୟ ମୁକ୍ତିଅନ୍ଦୋଳନ ଓ ଜାତୀୟ ସଂହତି ପାଇଁ ଗାନ୍ଧିଜୀଙ୍କ ଅତୁଳନୀୟ ବଳିଦାନ ଓ ସଂଗ୍ରାମକୁ ସ୍ମରଣ କରି ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପରିପ୍ରେକ୍ଷୀରେ ସମ୍ଭାବନା ପକ୍ଷରୁ ଗାନ୍ଧୀ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୯ରେ ଗାନ୍ଧୀଗାଥା ଉତ୍ସବ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ରବିବାର ୟୁନେସ୍କୋର ତଥ୍ୟ ଅନୁଯାୟୀ ବିଶ୍ୱରେ ସର୍ବାଧିକ ରଚନା ରଚିତ ହୋଇଥିବା ବ୍ୟକ୍ତିତ୍ୱ ଗାନ୍ଧିଜୀଙ୍କ ସମ୍ପର୍କରେ ଓଡ଼ିଆରେ ଲିଖିତ ସାହିତ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ସଙ୍ଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ଗୀତ ଗୋବିନ୍ଦ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଦେବପ୍ରସାଦ ପରିଜା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

## ରାଷ୍ଟ୍ର ନିର୍ମାଣରେ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଭୂମିକା ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ଭୁବନେଶ୍ୱର, ୧।୯(ବ୍ୟୁରୋ)**

ଆଧୁନିକ ଯୁଗରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୂରତା ବୃଦ୍ଧି ପାଉଛି। ମୂଳ ଶିକ୍ଷା ମୂଲ୍ୟବୋଧ ଭୌତିକ ଶିକ୍ଷା ପିଲାମାନଙ୍କ ନିକଟରେ ଅଭାବ ରହୁଛି ବୋଲି ବିଶିଷ୍ଟ ଲେଖକ ହର ପ୍ରସାଦ ଦାସ କହିଛନ୍ତି। ଓଜସ୍ୱୀ ଫାଉଣ୍ଡେଶନ ପକ୍ଷରୁ ରବିବାର ଉତ୍କଳ ରଙ୍ଗମଞ୍ଚଠାରେ 'ରାଷ୍ଟ୍ରନିର୍ମାଣରେ ମୌଳିକ ଶିକ୍ଷାର ଭୂମିକା' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ଦାସ ଯୋଗଦେଇ ନୀତିଶିକ୍ଷାର ଅଭାବ ଓ ପାଶ୍ଚାତ୍ୟ ଉପାୟକୁ ଆପଣାଉଥିବା ବିଷୟକୁ ଉପସ୍ଥାପନ କରିଥିଲେ। ଯାହା ଗୁଣାତ୍ମକ ଶିକ୍ଷାର ଅଭାବରେ ମୁଖ୍ୟ କାରଣ। ମୁଖ୍ୟ ଅତିଥି ଡ.ଶରତ ବିଶ୍ୱାଳଙ୍କ ସହ ଅନୀତା ପଟ୍ଟନାୟକ, ସୁବ୍ରତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅର୍ପିତା ଅପରାଜିତା ଜେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସାଧାରଣ ସମ୍ପାଦିକା ପ୍ରତୀକ୍ଷା ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷା ଶିବାନୀ ମାଝୀ ଧନ୍ୟବାଦ ଦେଇଥିଲେ। ଛାୟା କୁମାରୀ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର କର୍ମକର୍ତ୍ତା ସୁଜିତ୍ ସାହୁ, ବିଶ୍ୱଜିତ ଚମ୍ପତି, ବାସୁଦେବ ଓ ଐଶ୍ୱର୍ଯ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରୀଲ ତାଡି ୯ ଲକ୍ଷ ଚୋରି ଘଟଣା: ୪ ଗିରଫ

**ଭୁବନେଶ୍ୱର, ୧।୯(ବ୍ୟୁରୋ)**

**୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ବାଇକ୍ ଓ ମୋବାଇ ଫୋନ ଜବତ**

ନୟାପଲ୍ଲୀ ଥାନା ଅଞ୍ଚଳର ଘରେ ପଶି ୯ ଲକ୍ଷ ଟଙ୍କା ଚୋରି ଘଟଣାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ପୋଲିସ ସେମାନଙ୍କ ନିକଟରୁ ୨ ଲକ୍ଷ ୨୪ ହଜାର ଟଙ୍କା, ଗୋଟିଏ ଲକ୍ଷାଧିକ ଟଙ୍କାର ବାଇକ ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାପଲ୍ଲୀ ଥାନା ଅଧୀନ ଗଦାସାହି ଅଞ୍ଚଳର କାର୍ତ୍ତିକ ନାୟକ, ଗଣେଶ ନାୟକ ଓ ବାଲିତୋଟା ସାହି ଅଞ୍ଚଳର ଭୁବନ ମହାନ୍ତି ଓ ଅମିତ କୁମାର ପରିଡା। ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ପଚରା ଉଚରା ପରେ ରବିବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ୪ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ମୁତାବକ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା କୈଳାସ ଚରଣ ସାହୁ ତାଙ୍କର ଜମି ବିକ୍ରି ବାବଦକୁ ପାଇଥିବା ୯ ଲକ୍ଷ ଟଙ୍କା ଘରେ ରଖିଥିଲେ। ଗତ ୭ ତାରିଖ ରାତିରେ ୪ ଜଣ ଅଭିଯୁକ୍ତ ଓ ସହଯୋଗୀମାନେ କୈଳାସଙ୍କ ଗ୍ରୀଲ କାଟି କାବଟ ତାଡି ୯ ଲକ୍ଷ ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩୯୧/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ସିସିଟିଭି ଫୁଟେଜ ଏବଂ ସ୍ଥାନୀୟ ଖବରଦାତାଙ୍କଠାରୁ ତଥ୍ୟ ନେଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପ୍ରୟାସ କରୁଥିଲା। ଶନିବାର ରାତିରେ ପୋଲିସ ଖବର ପାଇଁ ନୟାପଲ୍ଲୀ ଥାନା ଅଞ୍ଚଳରେ ଚଢାଉ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଥିସହ ୨ ଲକ୍ଷ ୨୪ ହଜାର ଟଙ୍କା ସେମାନଙ୍କ ନିକଟରୁ ଜବତ କରିଥିବା ବେଳେ ଉକ୍ତ ଟଙ୍କାରେ କିଣା ଯାଇଥିବା ଲକ୍ଷାଧିକ ଟଙ୍କାର ବାଇକ ଓ ଏକ ମୋବାଇଲ ଫୋନ୍ ପୋଲିସ ଜବତ କରିଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ନେଇ ପୋଲିସ ତଦନ୍ତ ଜାରି ରହିଛି।

## ଫ୍ୟାକ୍ଟ୍ରି ମାଲିକଙ୍କ ସ୍ତ୍ରୀଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧।୯(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଞ୍ଚଳରେ ପାଉଁରୁଟି ତିଆରି ଫ୍ୟାକ୍ଟ୍ରିରେ ଭଙ୍ଗା ରୁଜା ଏବଂ ମାଲିକଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅଧୀନ ପାତ୍ରପଡା ଅଞ୍ଚଳରେ ରହୁଥିବା ରଶ୍ମିରଞ୍ଜନ ପାଟ୍ଟଶାଣୀ ଓରଫ ଶମ୍ଭୁ। ଏଥିସହ ଅଭିଯୁକ୍ତ ଶମ୍ଭୁଙ୍କ ନାମରେ ଖଣ୍ଡଗିରି ଥାନା ସମେତ ଅନ୍ୟ ଥାନାଗୁଡ଼ିକରେ ଅନେକ ଆପରାଧିକ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ରବିବାର ପାତ୍ରପଡା ଅଞ୍ଚଳରୁ ପୋଲିସ ଶମ୍ଭୁଙ୍କୁ ଗିରଫ କରିଥିବା ବେଳେ ପଚରାଉଚରା ପରେ ସୋମାବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ପୋଲିସ ସୂଚନା ମୁତାବକ ପାତ୍ରପଡା ଅଞ୍ଚଳରେ ତପନ ନାୟକଙ୍କ ଏକ ପାଉଁରୁଟି ଫ୍ୟାକ୍ଟ୍ରି ରହିଛି। ଗତବର୍ଷ ଭଡା ଦେବାକୁ ନେଇ ଘର ମାଲିକଙ୍କ ସହ ମତାନ୍ତର ହୋଇଥିଲା। ଏହି ଘଟଣାରେ ଶମ୍ଭୁ ମଧ୍ୟସ୍ଥତା କରିବା ସହ ଅଧିକ ଟଙ୍କା ଦିଅ ନଚେତ ଘର ଛାଡିବାକୁ ବାଧ କରିଥିଲେ। ପରବର୍ତ୍ତୀ ସମୟରେ କାରଖାନାରେ ପଶି ଭଙ୍ଗା ରୁଜା କରିବା ସହ ତପନଙ୍କ ସ୍ତ୍ରୀଙ୍କୁ ମାଡ ମାରିଥିଲେ। ଏ ନେଇ ଫେବୃୟାରୀରେ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ନଂ. ୩୬/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

## ଫନୀ ପ୍ରପୀଡ଼ିତଙ୍କୁ ଆନ୍ଧ୍ର ଉତ୍କଳ ସମ୍ମିଳନୀର ସହାୟତା

**ଭୁବନେଶ୍ୱର,୧।୯(ବ୍ୟୁରୋ)**



ଆନ୍ଧ୍ର ଉତ୍କଳ ସମ୍ମିଳନୀ ଏବଂ ଓଡ଼ିଆ ସଂଘର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେକ୍ ପ୍ରଦାନ କରୁଛନ୍ତି।

ଆନ୍ଧ୍ରପ୍ରଦେଶ ଉତ୍କଳ ସମ୍ମିଳନୀ ଶାଖା ତଥା ଆନ୍ଧ୍ରପ୍ରଦେଶ ଓଡ଼ିଆ ସଂଘ ପକ୍ଷରୁ ଆନ୍ଧ୍ରରେ ରହୁଥିବା ଓଡ଼ିଆ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ସଂଗୃହୀତ ୧ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ଫନୀ ପ୍ରଭାବିତ ଲୋକମାନଙ୍କୁ ସାହାଯ୍ୟ ନିମନ୍ତେ ପ୍ରଦାନ କରାଯାଇଛି। ଉତ୍କଳ ସମ୍ମିଳନୀ ଏବଂ ଆନ୍ଧ୍ର ଓଡ଼ିଆ ସଂଘର କର୍ମକର୍ତ୍ତାମାନେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଥିଲେ। ଆନ୍ଧ୍ରପ୍ରଦେଶରେ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବ୍ୟାପକ ପ୍ରସାର ନିମନ୍ତେ ଓଡ଼ିଶା ସରକାର ପଦକ୍ଷେପ ନେବାକୁ କର୍ମକର୍ତ୍ତାମାନେ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ଏବଂ ଶିକ୍ଷା ବିଭାଗ ଯୁଗ୍ମ ସଚିବଙ୍କ ସହ ସେମାନେ ଏନେଇ ଆଲୋଚନା କରିଥିଲେ।

ଏହାବ୍ୟତୀତ ଛତିଶଗଡ଼ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରେମଶଙ୍କର ପଣ୍ଡା ଛତିଶଗଡ଼ର ଓଡ଼ିଆ ଅଧିବାସୀ ରହୁଥିବା ଜିଲାଗୁଡ଼ିକରେ ଛତିଶଗଡ଼ ରାଜ୍ୟ ସରକାର ସ୍ଥାୟୀ ଓଡ଼ିଆ ଶିକ୍ଷକ ନିଯୁକ୍ତି ନିମନ୍ତେ ନିକଟରେ ବିଲାସପୁର ହାଇକୋର୍ଟରୁ ନିର୍ଦ୍ଦେଶନାମା ଆଣିଥିଲେ। ଶନିବାର ଉକ୍ତ ନିର୍ଦ୍ଦେଶନାମାକୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ବିଭାଗର ଅଧିକାରୀମାନଙ୍କ ନିକଟରେ ଦାଖଲ କରାଯାଇଥିଲା। ଏହାସହ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ନିଯୁକ୍ତ ନିମନ୍ତେ ଓଡ଼ିଶା ସରକାର ଛତିଶଗଡ଼ ସରକାରଙ୍କୁ ଅନୁରୋଧ କରିବାକୁ କୁହାଯାଇଥିଲା। ଏହି ଅବସରରେ ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର, ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା, ଆନ୍ଧ୍ର ଓଡ଼ିଆ ସଂଘର ସଭାପତି ସତ୍ୟ ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ।

### ■ ସରକାରଙ୍କ ଆଭିମୁଖ୍ୟକୁ କଡ଼ା ସମାଲୋଚନା
# ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହେବ ଘରୋଇ ମେଡିକାଲ

**ଭୁବନେଶ୍ୱର, ୧।୯(ବ୍ୟୁରୋ)**

ଘରୋଇ ମେଡିକାଲ୍ ପ୍ରତି ସରକାରଙ୍କ ଆଭିମୁଖ୍ୟକୁ ଅଲ୍ ଓଡ଼ିଶା ପ୍ରାଇଭେଟ୍ ମେଡିକାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଫୋରମ୍ କଡ଼ା ସମାଲୋଚନା କରିଛି। ସ୍ୱାସ୍ଥ୍ୟ ବିଭାଗ ସରକାରୀ ଓ ବେସରକାରୀ ମେଡିକାଲ୍ ମଧ୍ୟରେ ପାତରଅନ୍ତର ଦେଖାଇବା ନେଇ ଘରୋଇ ମେଡିକାଲ୍ କର୍ତ୍ତୃପକ୍ଷମାନେ ସ୍ୱର ଉଠାଇଛନ୍ତି। ଏପରି କି ଅନିର୍ଦ୍ଦିଷ୍ଟ କାଳ ପାଇଁ ଘରୋଇ ମେଡିକାଲ୍ ବନ୍ଦ ଡାକରା ଦେଇଛି ଫୋରମ୍।

ଫୋରମ ଅଭିଯୋଗ କରିଛି ଯେ, କ୍ଲିନିକାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଆଇନ କେବଳ ଘରୋଇ ହସ୍ପିଟାଲ୍ ପାଇଁ ହୋଇଛି। ପଞ୍ଜୀକରଣ ଓ ନବୀକରଣ ନିୟମ ଅଦ୍ୟାବଧି ସୁଚାରୁ ରୂପେ ହୋଇନାହିଁ। ରାଜ୍ୟର ୯୦ ପ୍ରତିଶତ ଘରୋଇ ମେଡିକାଲ୍ ଏବେ ବି ପଞ୍ଜୀକରଣ ପାଇଁ ଦରଖାସ୍ତ ଦେଇ ଅପେକ୍ଷା କରିଛନ୍ତି। ପଞ୍ଜୀକରଣ ଦାୟିତ୍ୱ ଜିଲାପାଳଙ୍କୁ ଦିଆଯିବାପରେ ଦୁର୍ଦ୍ଦଶା ବହୁଗୁଣା ହୋଇଛି। ଅଗ୍ନିଶମ ବିଭାଗ ଯେଉଁଭଳି ମାନଦଣ୍ଡ ନିର୍ଦ୍ଧାରଣ କରିଛି, ଡାକ୍ତରଖାନା ଗୃହ ପାଇଁ ସର୍ବକ୍ଷମା ଯୋଜନାରେ ବହୁ ଅର୍ଥ ଦଣ୍ଡ ଦେଇ ତା'ପରେ ଅଗ୍ନିଶମ ପ୍ରମାଣପତ୍ର ପାଇବା ଏବେ ଦୁରୁହ ବ୍ୟାପାର ହୋଇପଡ଼ିଛି। ଦିନକୁ ଦିନ ଯେଭଳି ଆକ୍ରମଣ ହେଉଛି, ସେଥିରେ ଡାକ୍ତର ଓ ଡାକ୍ତରଖାନାକୁ ସୁରକ୍ଷା ଦେବା କଷ୍ଟକର ହୋଇପଡୁଛି। ଏଥିପାଇଁ ପ୍ରଣୀତ ନିୟମ କେବଳ ସରକାରୀ ଡାକ୍ତର ଓ ଡାକ୍ତରଖାନା ପାଇଁ ପ୍ରଯୁଜ୍ୟ କରାଯାଇଛି। ଅନ୍ୟ ରାଜ୍ୟଗୁଡ଼ିକରେ ଏହି ଆଇନ ଉଭୟ ସରକାରୀ ଏବଂ ଘରୋଇ ଡାକ୍ତର ଓ ଡାକ୍ତରଖାନା ପାଇଁ ଲାଗୁ ହୋଇଥିବାବେଳେ ଓଡ଼ିଶାରେ ଘରୋଇ ମେଡିକାଲ୍ ଓ ଡାକ୍ତରଙ୍କ ସୁରକ୍ଷାକୁ ସରକାର ଗୁରୁତ୍ୱ ନ ଦେବା କେତେଦୂର ଗ୍ରହଣୀୟ ବୋଲି ଫୋରମ୍ ସଭାପତି ଅଜୟ ମିଶ୍ର ପ୍ରଶ୍ନ କରିଛନ୍ତି। କେବଳ ସେତିକି ନୁହେଁ, ଆପେକ୍ଷିକ ଭାବେ ଘରୋଇ ହସ୍ପିଟାଲ୍ ତଲାସି, ଓଟି ତାଲାବନ୍ଦ କରିଦେବା ଓ ଧମକ ଦେବା ଘରୋଇ ହସ୍ପିଟାଲ୍‌ରେ ଏକ ନକରାତ୍ମକ ପରିବେଶ ସୃଷ୍ଟି କରୁଛି। ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଓଡ଼ିଶାରେ ଯେଉଁ ଦର ନିର୍ଦ୍ଧାରିତ ହୋଇଛି ତାହା ମଧ ନଗଣ୍ୟ। ଏମିତି ବି ଏହି ଯୋଜନାରେ ଦେୟ ଅର୍ଥ ସରକାର ୧୫ ଦିନରେ ଘରୋଇ ହସ୍ପିଟାଲ୍‌କୁ ଦେବାର ନିୟମ ରହିଥିଲେ ହେଁ ୫ ବର୍ଷ ହେଲା କୋଟି କୋଟି ଟଙ୍କା ମିଳିନାହିଁ ବୋଲି ଅଭିଯୋଗ ହୋଇଛି। ତେଣୁ ସେପ୍ଟେମ୍ବର ୩୦ ସୁଦ୍ଧା ଦରଖାସ୍ତ କରିଥିବା ସମସ୍ତ ଘରୋଇ ହସ୍ପିଟାଲ୍‌ର ନବୀକରଣ, ପଞ୍ଜୀକରଣ, ସୁରକ୍ଷା ଆଇନ୍‌ରେ ତୁରନ୍ତ ସଂଶୋଧନ, ବୀମା ଦେୟ ତୁରନ୍ତ ପ୍ରଦାନ ସହ ଅନ୍ୟ ରାଜ୍ୟଗୁଡ଼ିକରେ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଦିଆଯାଉଥିବା ଚିକିତ୍ସା ଦେୟ ପ୍ରଦାନ ପାଇଁ ଫୋରମ୍ ଦାବି କରିଛି। ନ୍ୟାୟ ନ ମିଳିଲେ ଘରୋଇ ଡାକ୍ତରଖାନାଗୁଡ଼ିକ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦିଆଯିବ ବୋଲି ରବିବାର ଫୋରମ୍ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଫୋରମ୍ ସମ୍ପାଦକ ଇନ୍ଦ୍ରମଣି ଜେନା, ଜଗନ୍ନାଥ ମହାପାତ୍ର, ଦେବଦତ୍ତ ସାହୁ, ସୁବାସ ସାହୁ, ରବୀନ୍ଦ୍ର କୁମାର ପ୍ରଧାନ ଓ ଜନ୍ମେଜୟ ମହାପାତ୍ରଙ୍କ ସମେତ ରାଜ୍ୟର ସମସ୍ତ ଜିଲା ଫୋରମର କାର୍ଯ୍ୟକାରୀ ସଦସ୍ୟମାନେ ଯୋଗ ଦେଇଥିଲେ।

**ବିମାନ ଦୁର୍ଘଟଣାରେ ୭ ମୃତ**

ଫିଲିପାଇନ୍ସ ରାଜଧାନୀ ମାନିଲା ନିକଟରେ ରବିବାର ଏକ ଏୟାର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହେବାରୁ ୭ ଜଣଙ୍କ ମୃତ୍ୟୁ ଘଟିଛି। ବିମାନଟି ଆକାଶରେ ଜଳିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ଦୌଡ଼ାଦୌଡ଼ି କରିଥିଲେ। ୭ ମୃତଦେହ ଉଦ୍ଧାର ହୋଇଥିବାବେଳେ ଅନ୍ୟ ଜଣଙ୍କ ପତ୍ତା ମିଳିନାହିଁ। ସମସ୍ତ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବିଶ୍ୱାସ କରାଯାଉଛି।

## ସଂକ୍ଷେପରେ

### ଶିରୀନ୍ ହେବେ ଆମେରିକା ବିଚାରପତି



**ୱାଶିଂଟନ,୧୯(ପି.ଟି.):** ଭାରତୀୟ ବଂଶୋଦ୍ଭବ ଆଟର୍ନି ଶିରୀନ୍ ମାଥ୍ୟୁସ୍ ଆମେରିକାର ଏକ ଜିଲା କୋର୍ଟ ବିଚାରପତି ହେବାକୁ ଯାଉଛନ୍ତି। କାଲିଫର୍ନିଆ ସଦର୍ନ ଜିଲା କୋର୍ଟର ବିଚାରପତି ଭାବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କୁ ମନୋନୀତ କରିଛନ୍ତି। ସଦର୍ନ ଜିଲାରେ ସଂଘୀୟ ବିଚାରପତି ହେବାରେ ସେ ହେବେ ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ପ୍ରଥମ ମହିଳା ଏବଂ ପ୍ରଥମ ଭାରତୀୟ ବଂଶୋଦ୍ଭବ। ଆର୍ଟିକିଲ ୩ ବିଚାରପତିମାନଙ୍କୁ ଜୀବନବ୍ୟାପୀ ନିଯୁକ୍ତି ମିଳିଥାଏ। କେବଳ ପ୍ରତିନିଧି ସଭାରେ ମହାଭିଯୋଗ ଆସିଲେ ଏବଂ ସିନେଟରେ ଦୋଷୀସାବ୍ୟସ୍ତ ହେଲେ ତାଙ୍କୁ ବହିଷ୍କାର କରାଯାଇପାରିବ। ମାଥ୍ୟୁସ୍ ଏବେ ଆମେରିକାର ପଞ୍ଚମ ବୃହତ ଆଇନ ଫାର୍ମ 'ଜୋନ୍ସ ଡେ'ର ଅଂଶୀଦାର ଅଛନ୍ତି।

### ୮ ମହଲାରୁ ଡେଇଁ ଡାକ୍ତରଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ,୧୯(ପି.ଟି.):** ଜିଟିବି ହସ୍ପିଟାଲ କ୍ୟାମ୍ପସ୍‌ରେ ଜଣେ ଡାକ୍ତର ୮ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପଲ୍ଲଭ (୪୪) ନାମକ ଡାକ୍ତର ଉକ୍ତ ହସ୍ପିଟାଲ କ୍ୟାମ୍ପସ୍‌ରେ ସ୍ତ୍ରୀଙ୍କ ସହ ରହୁଥିଲେ। ଶନିବାର ରାତିରେ ସେ ୮ ମହଲାରୁ ଡେଇଁ ପଡିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି। ସ୍ତ୍ରୀ ଜିଟିବି ହସ୍ପିଟାଲରେ କାମ କରୁଥିବାବେଳେ ପଲ୍ଲଭ ନୋଇଡାର ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ଥିଲେ।

### ଗାଓହର ଗିଲାନିଙ୍କୁ ବିଦେଶ ମନା

**ନୂଆଦିଲ୍ଲୀ,୧୯(ପି.ଟି.):** କଶ୍ମୀରର ଅଧିକାର କର୍ମୀ ତଥା ଖବରଦାତା ଗାଓହର ଗିଲାନି ବିଦେଶ ଯାଉଥିବାବେଳେ ଦିଲ୍ଲୀ ବିମାନବନ୍ଦରରେ ତାଙ୍କୁ ଅଟକାଯାଇଛି। ସେ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରୁ ଡଚ୍ ୱେଲେର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଜର୍ମାନୀର ବୋନ୍‌କୁ ଯାଉଥିଲେ। ତାଙ୍କୁ ଅପ୍ରବାସନ କର୍ତ୍ତୃପକ୍ଷ ଯିବାକୁ ଦେଇ ନ ଥିଲେ। ତାଙ୍କର ଅପରାଧ କ'ଣ ବୋଲି 'କଶ୍ମୀର: ରେଜ୍ ଆଣ୍ଡ ରିଜନ୍' ପୁସ୍ତକର ଲେଖକ ଗାଓହର ପ୍ରଶ୍ନ କରିଛନ୍ତି।

## ୟେମେନ ଜେଲକୁ ସୌଦିର ଟାର୍ଗେଟ

# ବୋମାମାଡ଼ରେ ଶତାଧିକ ଯୁଦ୍ଧବନ୍ଦୀ ନିହତ

**ସନା,୧୯(ଏଏଫ୍‌ପି)**

ହଉତି ବିଦ୍ରୋହୀଙ୍କ ଦଖଲରେ ଥିବା ୟେମେନର ଧମାରସ୍ଥିତ ଏକ ଜେଲକୁ ସୌଦି ନେତୃତ୍ୱାଧୀନ ସେନା ରବିବାର ଟାର୍ଗେଟ କରିଛି। ଆକାଶମାର୍ଗରୁ ବୋମାମାଡ଼ କରାଯିବା ଫଳରେ ଶତାଧିକ ଯୁଦ୍ଧବନ୍ଦୀ ନିହତ ହୋଇଛନ୍ତି। ଏହାକୁ ସାମରିକ ମେଣ୍ଟର ସବୁଠୁ ଘାତକ ଆକ୍ରମଣ ବୋଲି କୁହାଯାଉଛି।
ଇଣ୍ଟରନ୍ୟାଶନାଲ କମିଟି ଅଫ୍ ଦି ରେଡ୍‌କ୍ରସ୍ (ଆଇସିଆର୍‌ସି) ପକ୍ଷରୁ ମିଳିଥିବା ସୂଚନାନୁସାରେ, ୟେମେନ ରାଜଧାନୀ ସନାରୁ ୬୦ କି.ମି. ଦୂର ଦକ୍ଷିଣ-ପଶ୍ଚିମ ସହର ଧମାରସ୍ଥିତ ଏକ ବିଶ୍ୱବିଦ୍ୟାଳୟର କୋଠାକୁ ବିଦ୍ରୋହୀମାନେ କିଛିଦିନ ହେବ ଦଖଲ କରି ଜେଲରେ ପରିଣତ କରିଥିଲେ। ସେଠାରେ ସେମାନେ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମଧ୍ୟ ଗଚ୍ଛିତ ରଖିଥିଲେ। ୧୭୦ରୁ ଊର୍ଦ୍ଧ୍ୱ ଯୁଦ୍ଧବନ୍ଦୀଙ୍କୁ ରଖାଯାଇଥିଲା। ଯୁଦ୍ଧବନ୍ଦୀମାନେ ଶୋଇଥିବାବେଳେ ସୌଦି ନେତୃତ୍ୱାଧୀନ ସାମରିକ ମେଣ୍ଟ ଆକାଶମାର୍ଗରୁ ସେଠାରେ ବୋମାମାଡ଼



ବୋମାମାଡ଼ରେ ଧ୍ୱସ୍ତ ବିଧ୍ୱସ୍ତ ବିଶ୍ୱବିଦ୍ୟାଳୟ କୋଠା।

କରିଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ନିହତ ହୋଇଥିବାବେଳେ ଅନେକେ ଆହତ ହୋଇଛନ୍ତି। ଆଇସିଆର୍‌ସିର ଡାକ୍ତରୀ ଦଳ ଆକ୍ରମଣସ୍ଥଳକୁ ଯାଇ ଆହତଙ୍କୁ ଚିକିତ୍ସା ଚଳାଇଛନ୍ତି। ସ୍ୱିଡେନର ବହିର୍ବ୍ୟାପାର ମନ୍ତ୍ରୀ ମାର୍ଗୋଟ୍ ୱାଲଷ୍ଟ୍ରମ ରବିବାର ଜୋର୍ଡାନରେ ପୁନଃ ଶାନ୍ତି ଆଲୋଚନାର ନେତୃତ୍ୱ ନେଉଥିବାବେଳେ ଏହି ଆକ୍ରମଣ ହୋଇଛି। ଏହାକୁ ଅନ୍ତର୍ଜାତୀୟ ସମୁଦାୟ ନିନ୍ଦା କରିଛି। ପ୍ରକାଶ ଯେ, ସାମରିକ ମେଣ୍ଟ ଛୋଟଛୋଟ ପିଲାଙ୍କୁ ହତ୍ୟା କରୁଥିବା ଦର୍ଶାଇ ଏହାକୁ ଜାତିସଂଘ କଳାତାଲିକାଭୁକ୍ତ କରିଥିବାବେଳେ ସୌଦି ଆରବ ଓ ଏହାର ସହଯୋଗୀ ହଉତି ବିଦ୍ରୋହୀଙ୍କୁ ମାନବ ଢାଲ ଭାବେ ବ୍ୟବହାର କରୁଥିବା ଅଭିଯୋଗ କରିଆସୁଛି।

## ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ

# ଏଲ୍‌ଓସିରେ ଯବାନ ଶହୀଦ

**ଜମ୍ମୁ,୧୯(ପି.ଟି.)**

ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖାରେ ରବିବାର ପାକିସ୍ତାନ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତର ଆଗୁଆ ଘାଟି ଓ ସୀମାନ୍ତବର୍ତ୍ତୀ ଗାଁ ଉପରେ ମୋର୍ଟାର ଓ ଗୁଳିଗୋଳା ମାଡ଼ କରିଛି। ସୀମାପାର ଗୁଳିରେ ଜଣେ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ସେ ପୁଞ୍ଚ୍ ସେକ୍ଟର ଅନ୍ତର୍ଗତ ଶାହପୁର-କେର୍ନି ଅଞ୍ଚଳରେ ଅବସ୍ଥିତ ଆଗୁଆ ଘାଟିରେ ମୁତୟନ ଥିଲେ ବୋଲି ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଶହୀଦ ଯବାନଙ୍କ ସମ୍ପର୍କିତ ସବିଶେଷ ତଥ୍ୟ ମିଳିନାହିଁ।
ସ୍ଥଳସେନା ମୁଖ୍ୟ ଜେନେରାଲ ବିପିନ ରାୱତ ପୁଞ୍ଚ୍ ଓ ରଜୌରୀ ଜିଲା ଅନ୍ତର୍ଗତ ଏଲ୍‌ଓସି ଯାଇ ସେଠାର ସ୍ଥିତି ଏବଂ ସୈନ୍ୟବାହିନୀର ପ୍ରସ୍ତୁତି ସମୀକ୍ଷା କରି ଫେରିବାର ଦିନକ ପରେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ତେବେ ଭାରତୀୟ ସେନା ତାହାର ଠିକଣା ଜବାବ ଦେଇଥିବା ଲ୍ୟୁଟନାଣ୍ଟ କଲୋନେଲ ଦେବେନ୍ଦ୍ର ଆନନ୍ଦ ସୂଚନା ଦେଇଛନ୍ତି। ଦୀର୍ଘ ସମୟ ଧରି ଉଭୟ ପଟୁ ଗୁଳି ବିନିମୟ ଜାରି ରହିଥିଲା। କୌଣସି କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ମିଳିନାହିଁ। ଜୁଲାଇରୁ ଇତିମଧ୍ୟରେ ପାକିସ୍ତାନର



ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନରେ ୫ ଯବାନଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରେ ଜଣେ ୧୦ ଦିନର ଶିଶୁ ଅଛନ୍ତି। ଏହାବ୍ୟତୀତ ଅନେକ ଆହତ ହୋଇଛନ୍ତି।
ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ସୀମାନ୍ତରେ ଉତ୍ତେଜନା ଲାଗି ରହିଛି। ଜେନେରାଲ ରାୱତ ଦୁଇଦିନିଆ ଗସ୍ତରେ କଶ୍ମୀର ଯାଇ ସେନାର ପ୍ରସ୍ତୁତି ଏବଂ ଅସ୍ତ୍ରବିରତି ଉଲ୍ଲଂଘନର ପାଲଟା ଜବାବ ଦେବା ଲାଗି ହୋଇଥିବା ବ୍ୟବସ୍ଥା, ଅନୁପ୍ରବେଶ ଉଦ୍ୟମ ପଣ୍ଡ କରିବା ଏବଂ ଏଲ୍‌ଓସିରେ ହିଂସାତ୍ମକ କାର୍ଯ୍ୟ ରୋକିବା ଲାଗି ବିଭିନ୍ନ ପଦକ୍ଷେପର ଅନୁଧ୍ୟାନ କରିଥିଲେ। ସେଠାରେ ନିୟୋଜିତ ଥିବା ଯବାନମାନଙ୍କ ସହ ସେନାଧକ୍ଷ କଥା ହୋଇଥିଲେ। ଯବାନମାନଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ, ନିଃସ୍ୱାର୍ଥପର ତ୍ୟାଗ ଏବଂ ଉଚ୍ଚମାନର ପେସାଦାରିତାର ଉଚ୍ଚ ପ୍ରଶଂସା କରିଥିଲେ ଜେନେରାଲ ରାୱତ।

# ଆଇଏସ୍‌ଆଇଠାରୁ ଟଙ୍କା ନେଇଛି ଭାଜପା

**ଭୋପାଳ,୧୯**

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇଠାରୁ ଭାଜପା ଓ ବଜରଙ୍ଗ ଦଳ ଟଙ୍କା ନେଇଥିବା ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ସଭା ସଦସ୍ୟ ଦିଗ୍‌ବିଜୟ ସିଂ ଅଭିଯୋଗ କରିଛନ୍ତି। ତାଙ୍କର ଏହି ଚାଞ୍ଚଲ୍ୟକର ବୟାନ ଗୈରିକ ଦଳରେ ହଇଚଇ ସୃଷ୍ଟି କରିଛି। ମୁସଲମାନଙ୍କ ଅପେକ୍ଷା ଅଣମୁସଲମାନ ଆଇଏସ୍‌ଆଇ ପାଇଁ ଗୁପ୍ତଚର ବୃତ୍ତି କରୁଥିବା ଦିଗ୍‌ବିଜୟ କହିଛନ୍ତି। ତାଙ୍କର ଏହି ଭିଡିଓ ସୋସିଆଲ ମିଡିଆରେ ବହୁଳ ମାତ୍ରାରେ ସେୟାରେ ହୋଇଛି।



ଭିନ୍ଦ୍‌ଠାରେ ଶନିବାର ମହାରାଣା ପ୍ରତାପଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଉପରୋକ୍ତ ମନ୍ତବ୍ୟ ଦେଇଥିବାବେଳେ ରବିବାର ଟୁଇଟରରେ ଏହାକୁ ସ୍ପଷ୍ଟ

### ଦିଗ୍‌ବିଜୟ ସିଂଙ୍କ ବିସ୍ଫୋରକ ବୟାନ

କରିଛନ୍ତି। ଟଙ୍କା ନେଇ ଆଇଏସ୍‌ଆଇ ପାଇଁ ଗୋଇନ୍ଦାଗିରି କରିବା ଅଭିଯୋଗରେ ବଜରଙ୍ଗ ଦଳ କର୍ମୀ ଏବଂ ଭାଜପା ଆଇଟି ସେଲ୍ କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟପ୍ରଦେଶ ପୋଲିସ ଗିରଫ କରିଥିଲା। ସେହି କଥାକୁ ସେ ଗଣମାଧ୍ୟମ ସମ୍ମୁଖକୁ ଆଣିଥିବା କଥା କହିଛନ୍ତି। ଟିଭି ଚ୍ୟାନେଲଗୁଡ଼ିକ ଏ ସମ୍ପର୍କରେ କ'ଣ ପାଇଁ ଭାଜପାକୁ ପଚାରୁନାହାନ୍ତି ବୋଲି ସେ ଅନ୍ୟ ଏକ ଟୁଇଟ୍‌ରେ ପ୍ରଶ୍ନ କରିଛନ୍ତି।

### ଲିଫ୍ଟରେ ଫସିଲେ ପୋପ୍

**ଭାଟିକାନ ସିଟି,୧୯(ଏଏଫ୍‌ପି)**

ଭାଟିକାନ୍‌ର ଏକ ଲିଫ୍ଟରେ ଫସିଯାଇଥିଲେ ପୋପ୍ ଫ୍ରାନ୍ସିସ୍। ତାଙ୍କୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଥିଲେ। ସେଥିପାଇଁ ସାପ୍ତାହିକ ଆଞ୍ଜେଲସ୍ ପ୍ରାର୍ଥନା ବିଳମ୍ବ ହୋଇଥିବା ପୋପ୍ କହିବା ସହ ଏଥିପାଇଁ କ୍ଷମା ମାଗିଛନ୍ତି। କରେଣ୍ଟ ଚାଲିଯିବାରୁ ସେ ଲିଫ୍ଟରେ ୨୫ ମିନିଟ ଅଟକି ଯାଇଥିଲେ। ତାଙ୍କୁ ଉଦ୍ଧାର କରିଥିବା ଅଗ୍ନିଶମ କର୍ମଚାରୀଙ୍କୁ ଉପସ୍ଥିତ ଜନତା ଉଚ୍ଚ ପ୍ରଶଂସା କରିଛନ୍ତି।

### କାମ ନ ପାଇ ଆତ୍ମହତ୍ୟା

**କସଗଞ୍ଜ,୧୯(ଆଇଏଏନ୍‌ଏସ୍)**

ଉତ୍ତରପ୍ରଦେଶର କସଗଞ୍ଜ ଜିଲାରେ ଜଣେ ବ୍ୟକ୍ତି କାମ ନ ପାଇ ଆତ୍ମହତ୍ୟା କରିଛନ୍ତି। ବିଲରାମ ଅଞ୍ଚଳର ମହେଶପୁର ରୋଡରେ ରହୁଥିବା ପୂରନ ସିଂ(୪୧)ଙ୍କ ପରିବାର ୫ ଦିନ ହେଲା ଭୋକିଲା ଥିଲେ। ପୂରନ କାମ ଅନ୍ୱେଷଣରେ ଦିଲ୍ଲୀ ଯାଇଥିଲେ। ଶୁକ୍ରବାର ସେଠାରୁ ନିରାଶ ହୋଇ ଫେରିବା ପରେ ଆତ୍ମହତ୍ୟା କରିଥିବା କୁହାଯାଉଛି। ନିକଟସ୍ଥ ଜଙ୍ଗଲର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି।

# ଟେକ୍ସାସ୍‌ରେ ଗୁଳି: ୭ ମୃତ



**ହଷ୍ଟନ,୧୯(ପି.ଟି.)**

ଆମେରିକାର ଟେକ୍ସାସରେ ଗୁଳିକାଣ୍ଡ ଘଟି ୭ ଜଣ ନିହତ ହୋଇଥିବାବେଳେ ୨୧ ଆହତ ହୋଇଛନ୍ତି। ଆକ୍ରମଣକାରୀଙ୍କୁ ଟ୍ରାଫିକ୍ ଅଧିକାରୀମାନେ ଅଟକାଇବା ପରେ ସେ ଆଖିବୁଜା ଗୁଳି ଚଳାଇଥିଲା। ମିଡ୍‌ଲ୍ୟାଣ୍ଡ ଏବଂ ଓଡେସା ସହରରେ ଏହି ଗୁଳିକାଣ୍ଡ ଘଟିଛି। ପୋଲିସ ଗୁଳିରେ ବନ୍ଧୁକଧାରୀ ନିହତ ହୋଇଛନ୍ତି। ତେବେ ତାଙ୍କର ପରିଚୟ ମିଳିପାରି ନାହିଁ।
ତାଙ୍କୁ ଅଟକାଇଥିବା ଯବାନଙ୍କୁ ପ୍ରଥମେ ସେ ଗୁଳି ଚଳାଇଥିଲେ। ପରେ ଲୋକମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ସେ ନିଜ କାର ଛାଡ଼ିଦେଇ ଆମେରିକା ପୋଷ୍ଟାଲ ସେବା ବିଭାଗର ଏକ ଭ୍ୟାନକୁ ନେଇଯାଇ ସେଥିରୁ ଗୁଳି ଚଳାଇଥିଲେ। ଆକ୍ରମଣରେ ଦୁଇଜଣ ପୋଲିସ ମଧ୍ୟ ଆହତ ହୋଇଛନ୍ତି। ଆକ୍ରମଣକାରୀ ଦୁଇଜଣ ବୋଲି ପ୍ରଥମେ ପୋଲିସ ସନ୍ଦେହ କରୁଥିଲା। କାରଣ ଯୁବକ ଜଣକ ପ୍ରଥମେ ଧଳା ରଙ୍ଗର ଟୟୋଟା ଓ ପରେ ପୋଷ୍ଟାଲ ସର୍ଭିସ ଭ୍ୟାନ ବ୍ୟବହାର କରିଥିଲେ। ଆକ୍ରମଣକାରୀ ସମ୍ପର୍କରେ ଜାଣିବା ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ତଦନ୍ତ ଜାରି ରହିଛି।

# ପଥରଫିଙ୍ଗା ଉତ୍ସବରେ ୪୦୦ ଆହତ

**ଭୋପାଳ,୧୯:** ମଧ୍ୟପ୍ରଦେଶର ଛିନ୍ଦୱାରା ଜିଲାରେ ଶନିବାର ଅନୁଷ୍ଠିତ ଗୋଟମାର ମେଳା (ବାର୍ଷିକ ପଥରଫିଙ୍ଗା ଉତ୍ସବ)ରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୧୨ ଜଣଙ୍କୁ ପର୍ଣ୍ଣୁର୍ନାସ୍ଥିତ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁଇଜଣଙ୍କ ଆଖି କ୍ଷତିଗ୍ରସ୍ତ ହୋଇଛି। ଗୋଟମାର ମେଳା ନାମରେ ଏହି ପରମ୍ପରା ୪୦୦ ବର୍ଷ ହେଲା ଚଳିଆସୁଛି। ଏଥିପାଇଁ ଜାମ୍ ନଦୀର ଉଭୟ ପାର୍ଶ୍ୱରେ ପର୍ଣ୍ଣୁର୍ନା ଏବଂ ସାୱରଗାଁର ଲୋକେ ଏକତ୍ରିତ ହୋଇଥାନ୍ତି। ଏହା ପରେ ନଦୀ ମଝିରେ ଲଗାଯାଇଥିବା ଏକ ପତାକାକୁ ହାତେଇବା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ। ଉଭୟ ପକ୍ଷର ଟିମ୍ ପତାକା ହାସଲ କରିବା ପାଇଁ ଉଦ୍ୟମ ଚଳାଇଥିଲାବେଳେ ଗ୍ରାମବାସୀ ସେମାନଙ୍କୁ ପଥର ଫିଙ୍ଗିଥାନ୍ତି। ଚଳିତ ବର୍ଷ ପର୍ଣ୍ଣୁର୍ନା ଗ୍ରାମବାସୀ ପତାକା ହାସଲ କରିବା ସହ ବିଜୟୀ ଘୋଷିତ ହୋଇଛନ୍ତି। ସ୍ଥାନୀୟ ଭାଷାରେ ଗୋଟମାର ଅର୍ଥ ପଥର ମାଡ଼ କରିବା।

# କୁଳଭୂଷଣଙ୍କୁ ଆଜି ମିଳିବ କୂଟନୈତିକ ସହାୟତା

**ଇସ୍‌ଲାମାବାଦ,୧୯(ପି.ଟି.)**

ପାକିସ୍ତାନରେ ବନ୍ଦୀ ଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ଇସ୍‌ଲାମାବାଦ ସୋମବାର ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଜରିଆରେ ଆଇନଗତ ସହାୟତା ଯୋଗାଇଦେବ ବୋଲି ରବିବାର ଘୋଷଣା କରିଛି। କନ୍‌ସୁଲାର ସମ୍ପର୍କିତ ଭିଏନା ଚୁକ୍ତିନାମା, ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ)ଙ୍କ ରାୟ ଏବଂ ପାକିସ୍ତାନୀ ଆଇନ ଅନୁଯାୟୀ କୁଳଭୂଷଣଙ୍କୁ ଏହି ସହାୟତା ଯୋଗାଇଦିଆଯିବ ବୋଲି ପାକ୍



ବହିର୍ବ୍ୟାପାର ବିଭାଗ ମୁଖପାତ୍ର ମହମ୍ମଦ ଫୈଜଲ କହିଛନ୍ତି। କୁଳଭୂଷଣ ଗୁପ୍ତଚର ବୃତ୍ତି ଓ ଆତଙ୍କବାଦରେ ସମ୍ପୃକ୍ତ ଥିବା ଅଭିଯୋଗ ଆଣି ପାକିସ୍ତାନର ସାମରିକ ଅଦାଲତ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛି। ନୌସେନାରୁ ଅବସର ନେବା ପରେ ବ୍ୟବସାୟିକ କାର୍ଯ୍ୟରେ ଇରାନ ଯାଇଥିବା କୁଳଭୂଷଣଙ୍କୁ ଅପହରଣ କରାଯାଇ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯାଇଥିବା ଭାରତ କହିଆସୁଛି। ପାକ୍ କୋର୍ଟର ରାୟ ବିରୋଧରେ ନୂଆଦିଲ୍ଲୀ ଆଇସିଜେଙ୍କ ଦ୍ୱାରସ୍ଥ ହୋଇଥିଲା। ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ମୃତ୍ୟୁଦଣ୍ଡାଦେଶ କାର୍ଯ୍ୟକାରୀ ନ କରିବାକୁ ଜୁଲାଇରେ ଆଇସିଜେ ପାକିସ୍ତାନକୁ କହିବା ସହ ତୁରନ୍ତ କୂଟନୈତିକ ସ୍ତରରେ ଆଇନଗତ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ମାଳଦ୍ୱୀପରେ କଶ୍ମୀର ପ୍ରସଙ୍ଗ ଉଠାଇଲା ପାକ୍

**ନୂଆଦିଲ୍ଲୀ,୧୯**

ମାଳଦ୍ୱୀପ ପାର୍ଲାମେଣ୍ଟରେ ରବିବାର ଅନୁଷ୍ଠିତ ଚତୁର୍ଥ ଦକ୍ଷିଣ ଏସିଆ ବାଚସ୍ପତି ସମ୍ମିଳନୀରେ ପାକିସ୍ତାନ କଶ୍ମୀର ପ୍ରସଙ୍ଗ ଉଠାଇବାରୁ ଏହାକୁ ନେଇ ହଟ୍ଟଗୋଳ ହୋଇଛି। ସମିଟ୍‌ରେ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଉପରେ ଆଲୋଚନା ଚାଲିଥିବାବେଳେ ପାକ୍ ଉପବାଚସ୍ପତି କାସିମ୍ ସୁରି ୩୭୦ ଉଚ୍ଛେଦ ପରବର୍ତ୍ତୀ କଶ୍ମୀର ସ୍ଥିତି ସମ୍ପର୍କରେ କହିଥିଲେ। ଏହାର ଜବାବରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ କହିଥିଲେ, ୧୯୭୧ରେ ବାଂଲାଦେଶ ଗଣହତ୍ୟାରେ ସମ୍ପୃକ୍ତ ଓ ବେଆଇନ



ହରିବଂଶ ନାରାୟଣ ସିଂ



କାସିମ୍ ସୁରି

### ବାଚସ୍ପତି ସମ୍ମିଳନୀରେ ମୁହାଁମୁହିଁ

ଭାବେ ପିଓକେକୁ ଦଖଲ କରିଥିବା ଦେଶର ଅନ୍ତର୍ଜାତୀୟ ସ୍ତରରେ ଏଭଳି ପ୍ରସଙ୍ଗ ଉଠାଇବାର ନୈତିକ ଅଧିକାର ନାହିଁ। ଏଭଳି ଏକ ଫୋରମରେ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ଉଠାଇବାକୁ ସେ ଦୃଢ଼ ବିରୋଧ କରିଥିଲେ। ସମିଟ୍‌ର ଲକ୍ଷ୍ୟଠାରୁ ଦୂରେଇ ଯାଇ ଅନ୍ୟାନ୍ୟ ପ୍ରସଙ୍ଗ ଉଠାଇ ଏହାକୁ ରାଜନୀତିକରଣ କରାଯାଇପାରିବ ନାହିଁ। ଏସ୍‌ଡିଜି ଆଲୋଚନାବେଳେ ପାକିସ୍ତାନ ଉଠାଇଥିବା ପ୍ରସଙ୍ଗକୁ ସ୍ଥାନ ଦିଆଯାଇପାରିବ ନାହିଁ ବୋଲି ସେ କହିଥିଲେ। ଏହି ସମିଟରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା।
ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ପାକିସ୍ତାନ ଏହାକୁ ବିଭିନ୍ନ ଅନ୍ତର୍ଜାତୀୟ ଫୋରମରେ ଉଠାଇବାକୁ ଉଦ୍ୟମ ଚଳାଇଥିବାବେଳେ ଏହା ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ଭାରତ କହିଆସୁଛି।

## ଜେଲ୍‌ରେ ହତ୍ୟାକାରୀଙ୍କ ଜନ୍ମଦିନ ପାଳନ

# ୭ କର୍ମଚାରୀ ନିଲମ୍ବିତ

**ସୀତାମାଢ଼ି(ବିହାର),୧୯(ପି.ଟି.)**

ଡବଲ ମର୍ଡର ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ ଅପରାଧୀଙ୍କ ଜନ୍ମଦିନ ପାଳନକୁ ନେଇ ସୀତାମାଢ଼ି ଜେଲ୍‌ର ୭ ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଦରଭଙ୍ଗା ଅଞ୍ଚଳର ଦୁଇଜଣ ଇଞ୍ଜିନିୟରଙ୍କୁ ହତ୍ୟା ମାମଲାରେ ଦୋଷୀ ପିଣ୍ଟୁ ତିୱାରୀ ଜେଲ୍ ପରିସରରେ ଜନ୍ମଦିନ କେକ୍ କାଟିବା ସହ ଅନ୍ତେବାସୀଙ୍କୁ ମଟନ ଭୋଜି ଦେଇଥିଲେ। ଜନ୍ମଦିନ ପାଳନରେ କେତେଜଣ ଅତିଥି ମଧ୍ୟ ଯୋଗଦେଇଥିଲେ ଓ ମୋବାଇଲ ଫୋନ୍‌ରେ ସେମାନଙ୍କର ଭିଡିଓ ସୁଟିଂ କରାଯାଇଥିଲା। ଶନିବାର ରାତିରେ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜେଲ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଜନ୍ମଦିନ କେବେ ପାଳନ ହୋଇଥିଲା ଜଣାପଡିନାହିଁ। ପିଣ୍ଟୁ ହେଉଛନ୍ତି ମୁକେଶ ପାଠକ ଗ୍ୟାଙ୍ଗ୍‌ର ସାର୍ପ-ସୁଟର। ତାଙ୍କୁ ଧରାଇଦେଲେ ୫୦ ହଜାର ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା ହୋଇଥିଲା। ୩ ବର୍ଷ ପୂର୍ବେ ତାଙ୍କୁ ପାଟନାରୁ ଗିରଫ କରାଯାଇଥିଲା।

### ବିଦେଶୀ ଗଣମାଧ୍ୟମରେ ଏନ୍‌ଆର୍‌ସି

# ମାନବିକ ସଙ୍କଟ ଆଶଙ୍କା

**ନୂଆଦିଲ୍ଲୀ,୧୯**

ଉତ୍ତର-ପୂର୍ବ ରାଜ୍ୟ ଆସାମରେ ଶନିବାର ପ୍ରକାଶିତ ଚୂଡ଼ାନ୍ତ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ରୁ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଜଣଙ୍କୁ ଅଯୋଗ୍ୟ ଦର୍ଶାଯାଇ ବାଦ୍ ଦିଆଯାଇଛି। ବେଆଇନ ଭାବେ ରହୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ କରିବା ଏହାର ଉଦ୍ଦେଶ୍ୟ ବୋଲି ଏନ୍‌ଆର୍‌ସି ପକ୍ଷରୁ ଦାବି କରାଯାଇଥିବାବେଳେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଭିନ୍ନ ଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ତାଲିକାରୁ ବାଦ୍ ପଡ଼ିଥିବା ଲୋକଙ୍କୁ ଅଟକ ରଖାଯାଇପାରେ। ଏଥିଯୋଗୁ ଆସାମରେ ମାନବିକ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ଗାର୍ଡିଏନ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।
ୱାଶିଂଟନ ପୋଷ୍ଟରେ 'ଭାରତୀୟ ରାଜ୍ୟରେ ନାଗରିକତ୍ୱ ତାଲିକାରୁ ପ୍ରାୟ ୨ ନିୟୁତ ଲୋକଙ୍କୁ ବାଦ୍ ଦିଆଯାଇଛି' ଶୀର୍ଷକ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ବେଆଇନ ପ୍ରବାସୀଙ୍କୁ ଏନ୍‌ଆର୍‌ସିରୁ ବାଦ୍ ଦିଆଯିବାର ପରିଣାମ ସମେତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସାୟେରା ବେଗମ୍‌ଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି।



ତାଙ୍କ ନାମ ଏନ୍‌ଆର୍‌ସି ତାଲିକାରେ ନାହିଁ ବୋଲି ଗୁଜବ ଶୁଣିବା ପରେ ସାୟେରା ଏକ କୂଅକୁ ଡେଇଁପଡ଼ିଥିଲେ। ତାଲିକା ପ୍ରକାଶ ପାଇବା ପରେ ତାଙ୍କ ନାମ ସେଥିରେ ରହିଥିଲା। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ସେହିପରି ତାଲିକାରୁ ବାଦ୍ ପଡ଼ିଥିବା ଲୋକେ ସମ୍ମୁଖୀନ ହେଉଥିବା ଆଇନଗତ କଠିନତାକୁ ନେଇ ଅଲ୍-ଜଜିରା ରିପୋର୍ଟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଛି। ୧୨୦ ଦିନ ମଧ୍ୟରେ ୨୦ ଲକ୍ଷରୁ ୩୦ ଲକ୍ଷ ମାମଲାର ବିଚାର କରିବା ବିଦେଶୀ ଟ୍ରିବ୍ୟୁନାଲଗୁଡ଼ିକ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି ନୂଆଦିଲ୍ଲୀସ୍ଥିତ ରାଇଟ୍ସ ଆଣ୍ଡ ରିସ୍କସ ଆନାଲିସିସ୍ ଗ୍ରୁପ୍ ନିର୍ଦ୍ଦେଶକ ସୁହାସ ଚକ୍‌ମା କହିଛନ୍ତି। ଜାତୀୟ ସ୍ତରରେ ଏନ୍‌ଆର୍‌ସି କାର୍ଯ୍ୟକାରୀ କରିବା ପାଇଁ ଚାହୁଁଥିବା ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଏକଦା ପ୍ରବାସୀଙ୍କୁ କୀଟ ଭାବେ ଅଭିହିତ କରିଥିଲେ, ଯାହାକୁ ଭାଜପା ସମର୍ଥନ କରିଥିଲା ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବାଂଲାଦେଶର ପ୍ରମୁଖ ଖବରକାଗଜ 'ଦି ଡେଲି ଷ୍ଟାର'ରେ ପ୍ରକାଶିତ ରିପୋର୍ଟରେ ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବ୍‌ଦୁଲ୍ ମୋମେନ୍ କହିଛନ୍ତି, ଏନ୍‌ଆର୍‌ସିରୁ ବାଦ୍ ପଡ଼ିଥିବା ଲୋକେ ବାଂଲାଦେଶୀ ନୁହନ୍ତି। ଏନ୍‌ଆର୍‌ସି ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ହୋଇଥିବାରୁ ତାକୁ ନେଇ ଆମର ଚିନ୍ତା କରିବାର କିଛି ନାହିଁ। ଆସାମ ସୀମାରେ ସୁରକ୍ଷା ବନ୍ଦୋବସ୍ତ କଡ଼ାକଡ଼ି କରାଯାଇଛି ବୋଲି ବର୍ଡର ଗାର୍ଡ ବାଂଲାଦେଶ ଅଧିକାରୀମାନେ କହିଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସଂକ୍ଷେପରେ

### ଏନ୍‌ଆଇଟି ଜେନେରେଟର ରୁମ୍‌ରେ ନିଆଁ

**ରାଉରକେଲା ଅଫିସ,୧୯:** ରାଉରକେଲା ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ଜେନେରେଟର ରୁମ୍‌ରେ ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁସାରେ ଜେନେରେଟର ରୁମ୍‌ରେ ଥିବା ଏସି ମେଶିନରୁ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିଲା। ଜେନେରେଟର ରୁମ୍ ସହ ଅନ୍ୟ କୋଠରି ଧୂଆଁରେ ଭର୍ତ୍ତି ହୋଇଯାଇଥିଲା। ଏନ୍‌ଆଇଟି ଟେକ୍ନିକାଲ ଟିମ୍ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ତେବେ ଅଗ୍ନିଶମ କର୍ମଚାରୀ ପହଞ୍ଚିବା ପୂର୍ବରୁ ଟେକ୍ନିକାଲ ଟିମ୍ ନିଆଁକୁ ଆୟତ୍ତ କରିଥିଲେ।

### ହୀରାକୁଦ ଡ୍ୟାମ୍‌ର ସବୁ ଗେଟ୍ ବନ୍ଦ

**ସମ୍ବଲପୁର, ୧୯ (ବ୍ୟୁରୋ):** ହୀରାକୁଦ ଡ୍ୟାମ୍‌ର ସବୁ ଗେଟ ରବିବାର ବନ୍ଦ ରହିଛି। ଶନିବାର ୨ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଥିଲା। ରବିବାର ଡ୍ୟାମର ଜଳସ୍ତର ୬୨୩.୦୪ ଫୁଟ ରହିଛି। ପାୱାର ଚ୍ୟାନେଲରେ ୧୮ ହଜାର ୬୯୪, ବିଭିନ୍ନ କେନାଲରେ ୨ହଜାର ୬୧୯ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି। ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ ତଳ ମୁଣ୍ଡ ବେଲଗାଁରେ ୨୧ ହଜାର ୫୦୦, ପଥରିଆରେ ୪୪ ହଜାର ୮୩୫, ଖଇରମାଲରେ ୧ଲକ୍ଷ ୩୦ ହଜାର, ବଡମୂଳରେ ୧ଲକ୍ଷ ୪୧ ହଜାର ୮୭୫ ଓ ମୁଣ୍ଡଳିରେ ୧ଲକ୍ଷ ୬୩ ହଜାର ୮୧୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଡ୍ୟାମ ଉପର ମୁଣ୍ଡ ଓ ତଳ ମୁଣ୍ଡରେ ବର୍ଷା ହୋଇ ନ ଥିବା ରେକର୍ଡ କରାଯାଇଛି।

### କାର୍ଯ୍ୟରତ ପ୍ରଶାସକ, ପୂର୍ବ ଶିକ୍ଷାବିତ୍‌ଙ୍କ ଶୋକସଭା ପାଳିତ

**ଭୁବନେଶ୍ୱର,୧୯(ବ୍ୟୁରୋ):** ନିକଟରେ ବୌଦ୍ଧ ଜିଲା ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସେହିପରି ଫୁଲବାଣୀ ସରକାରୀ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ବଜେନ୍ଦ୍ର ସେଠୀଙ୍କ ମଧ ପରଲୋକ ହୋଇଛି। ଉପରୋକ୍ତ ଦୁଇ ପ୍ରତିଭା ନିଜ ନିଜ କ୍ଷେତ୍ରରେ ବେଶ୍ ପରିଚିତ ଥିଲେ। ନିଜର କାର୍ଯ୍ୟଦକ୍ଷତା ଏବଂ ଅମାୟିକ ବ୍ୟକ୍ତିତ୍ୱ ପାଇଁ ସମସ୍ତଙ୍କ ବିଶ୍ୱାସଭାଜନ ହୋଇପାରିଥିଲେ। ଏଣୁ ଉଭୟଙ୍କ ବିୟୋଗରେ ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ରାଜଧାନୀର ବୁଦ୍ଧବିହାରଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୂର୍ବ ପ୍ରଶାସକ ଆର.କେ. ନାୟକ, ହରିଶ୍ ବେହେରା, ପୂର୍ବତନ ଇଆଇସି ଶ୍ରୀଧର ବେହେରା ଏବଂ ବରୀ ବ୍ଲକର ପୂର୍ବତନ ଅଧକ୍ଷ ଗଗନ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରମାକାନ୍ତ ଏବଂ ବଜେନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧରେ ସାମାଜିକ ନ୍ୟାୟ ଅଭିଯାନର ଆବାହକ ଅକ୍ଷୟ ମଲିକ ଏବଂ ଦେବେନ୍ଦ୍ର ପୃଷ୍ଟି ଶୋକ ସଭା ପରିଚାଳନା କରିଥିଲେ।

ପାରିବାରିକ କଳହର ଦୁଃଖଦ ପରିଣତି

### ପଥରରେ ଛେଚି ୧୮ ବର୍ଷର ଯୁବକଙ୍କୁ ହତ୍ୟା

**ଝୁମ୍ପୁରା, ୧୯ (ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ମଲଦା ପଞ୍ଚାୟତର ବଳଭଦ୍ରପୁର ଗ୍ରାମରେ ୧୮ ବର୍ଷର ଜଣେ ଯୁବକଙ୍କୁ ରବିବାର ଅପରାହ୍ନରେ ପଥରରେ ଛେଚି ହତ୍ୟା କରାଯାଇଛି। ଘରୋଇ କଳିକୁ କେନ୍ଦ୍ର କରି ଏଭଳି ଅଭାବନୀୟ କାଣ୍ଡ ଘଟିଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ବାମେବାରୀ ଥାନା ଅଧିକାରୀ ପରେଶ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛନ୍ତି। ମୃତକ ହେଲେ ନାରଣ ମହାନ୍ତଙ୍କ ସାନପୁଅ ପିତାମ୍ବର ମହାନ୍ତ। ଘଟଣାସ୍ଥଳରୁ ରକ୍ତଲଗା ପଥର ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୩/୧୯) ରୁଜୁ କରାଯାଇଛି। ହତ୍ୟାକାଣ୍ଡ ଘଟିଥିବା ଗାଁ ଥାନାଠାରୁ ୧୫ କି.ମି. ଦୂର ଏବଂ ଜଙ୍ଗଲ ଇଲାକାରେ ଥିବାରୁ ପୋଲିସ ମୃତଦେହକୁ ଜଗି ରହିଛି। ସୋମବାର ସକାଳେ ମୃତଦେହକୁ ଆଣି ବ୍ୟବଚ୍ଛେଦ କରାଯିବ। ଥାନା ଅଧିକାରୀ ମହାନ୍ତି ଦେଇଥିବା ସୂଚନା ଅନୁଯାୟୀ ମୃତ ପିତାମ୍ବରଙ୍କ ପିତା ନାରଣ ମହାନ୍ତଙ୍କର ୩ ସ୍ତ୍ରୀ ରହିଛନ୍ତି। ତାଙ୍କ ସାନ ସ୍ତ୍ରୀଙ୍କର ସାନପୁଅ ପିତାମ୍ବର। କିଭଳି ପରିସ୍ଥିତିରେ ତାଙ୍କୁ ପଥରରେ ଛେଚି ହତ୍ୟା କରାଗଲା, ସେ ନେଇ ତଦନ୍ତ ଚାଲିଛି। ସ୍ଥାନୀୟ ଗ୍ରାମବାସୀ କହିଛନ୍ତି ଯେ, ଗତ କିଛି ବର୍ଷ ଧରି ଏହି ପରିବାରରେ ସବୁବେଳେ ଅଶାନ୍ତି ଲାଗି ରହିଥିଲା। ବିଶେଷକରି ଟଙ୍କା ଦେଣନେଣକୁ ନେଇ ପରିବାରରେ କଳହ ଲାଗୁଥିଲା। ତେଣୁ ତାକୁ ନେଇ ଏଭଳି ଘଟଣା ଘଟିଥାଇ ପାରେ ବୋଲି କୁହାଯାଉଛି।

■ କାର୍ଯ୍ୟକାରୀ ହେଲା ସଂଶୋଧିତ ଗାଇଡ୍‌ଲାଇନ୍

# ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ବଣ୍ଟା ହେଲା ଛତୁଆ

**ଭୁବନେଶ୍ୱର, ୧୯(ବ୍ୟୁରୋ)**

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ରାଜ୍ୟର ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ, ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ଅତିରିକ୍ତ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଉନ୍ନତମାନର ଛତୁଆ ଯୋଗାଇଦେବା ଉଦ୍ଦେଶ୍ୟରେ ସଂଶୋଧିତ ଗାଇଡ୍ ଲାଇନ୍ କାର୍ଯ୍ୟକାରୀ ହୋଇଛି। ଏହି କ୍ରମରେ ରବିବାର ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନ କରାଯାଇଛି।

ନୂଆ ଗାଇଡ୍‌ଲାଇନ୍ ଅନୁସାରେ ପ୍ରତିମାସ ୨୩ ତାରିଖରେ ଛତୁଆ ମିଶ୍ରଣ ଓ ୧ ତାରିଖରେ ବଣ୍ଟନ କରାଯିବ। ମାତୃ କମିଟି ଓ ଯାଞ୍ଚ କମିଟି ସଦସ୍ୟ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିବାର ନିର୍ଦ୍ଦେଶ ରହିଛି। ତେଣୁ ରବିବାର ଛତୁଆ ବଣ୍ଟନ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ରାଜ୍ୟ ସ୍ତରରୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଜିଲା ଗସ୍ତ କରିଥିଲେ। ବାଲେଶ୍ୱର, ବରଗଡ଼ ଓ ଗଜପତି ଜିଲାରେ ଜିଲାପାଳମାନେ ଅଙ୍ଗନୱାଡି କେନ୍ଦ୍ରରେ ଉପସ୍ଥିତ ରହି


ଅଙ୍ଗନୱାଡି କେନ୍ଦ୍ରରେ ମହିଳାମାନଙ୍କୁ ଛତୁଆ ପ୍ରଦାନ କରାଯାଇଛି।

ଛତୁଆ ବଣ୍ଟନ ପ୍ରକ୍ରିୟାକୁ ତଦାରଖ କରିଥିଲେ। ସେହିଭଳି ବିଭିନ୍ନ ଜିଲାର ଜିଲାପାଳ, ଉପଜିଲାପାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ଆଇସିଡିଏସ୍ ସୁପରଭାଇଜର ଉପସ୍ଥିତ ରହି ଛତୁଆ ବଣ୍ଟନ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ। ୬ ମାସରୁ ୩ ବର୍ଷ ବୟସର ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ମା' ଏବଂ ୩ରୁ ୬ ବର୍ଷର ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ଶୁଖିଲା ଖାଦ୍ୟ ଭାବେ ଛତୁଆ, ଲଡ୍ଡୁ, ଅଣ୍ଡା ଆଦି ଯୋଗାଇ ଦିଆଯାଉଛି। ଛତୁଆ ପାଇଁ ଆବଶ୍ୟକ ସାମଗ୍ରୀ ସଂଗ୍ରହଠାରୁ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା, ଗୁଣାତ୍ମକମାନ ବଜାୟ ରଖିବା ଏବଂ ଏହି ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତଙ୍କର ଉତ୍ତରଦାୟିତ୍ୱତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏକ ନିର୍ଦ୍ଦିଷ୍ଟ ଦିନରେ ଛତୁଆ ମିଶ୍ରଣ ଓ ବଣ୍ଟନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ମତପ୍ରକାଶ କରିଛନ୍ତି।

## ସୁଲତାଙ୍କ ହାତରେ ଅଟୋ ଷ୍ଟିଅରିଂ

ବାପା ଅସୁସ୍ଥ ଥିବାରୁ ପାଠ ଛାଡ଼ି ପରିବାର ପୋଷୁଛନ୍ତି ଆଦିବାସୀ ଝିଅ



**ଜୟପୁର/ବୋରିଗୁମ୍ମା ୧୯(ନି.ପ୍ର./ଡି.ଏନ୍.ଏ.)**

ମାଟ୍ରିକ୍‌ରେ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଥିଲେ ସୁଲତା ଗୋଲରୀ। ବାପା ଅଟୋ ଚଳାଉଥିଲେ। କିନ୍ତୁ ହଠାତ୍ ସେ ଅସୁସ୍ଥ ହୋଇ ଘରେ ରହିବା ପରେ ପରିବାର ପେଟ ପୋଷିବା ପାଇଁ ସେହି ଅଟୋର ଷ୍ଟିଅରିଂ ନିଜ ହାତକୁ ନେଇ ଯାଇଥିଲେ ଏହି ଆଦିବାସୀ ଝିଅ। ପ୍ରଥମେ ହସଥଟ୍ଟା ଶୁଣିବାକୁ ମିଳୁଥିଲା। କିନ୍ତୁ ପରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ କମତା ଗ୍ରାମର ସୁଲତା ଏବେ ସମ୍ଭବତଃ ଦକ୍ଷିଣ ଓଡ଼ିଶାର ପ୍ରଥମ ମହିଳା ଅଟୋ ଚାଳକ ପାଲଟି ଯାଇଛନ୍ତି।

ମା'-ବାପା, ୩ ଭାଇ ଭଉଣୀଙ୍କୁ ନେଇ ୨୦ ବର୍ଷୀୟା ସୁଲତାଙ୍କ ପରିବାର। ଘରର ଆର୍ଥିକ ସ୍ଥିତି ଭଲ ନ ଥିଲା। ବାପାଙ୍କ ଅସୁସ୍ଥତା ପାଇଁ ସେ ବର୍ଷକ ତଳେ ପ୍ରଥମେ ଅଟୋ ଚଳାଇବା ଆରମ୍ଭ କରିଥିଲେ। ମିଳିଥିଲା ୪୦ ଟଙ୍କା। ଏବେ ସେ ଅଟୋ ଚଳାଇବା ସହ ପ୍ରତିଦିନ କାମତାରୁ ବୋରିଗୁମ୍ମା ଯାଏ ଯାତ୍ରୀଙ୍କୁ ନେବା ଆଣିବା କରୁଛନ୍ତି। ପ୍ରଥମେ ଯେତେବେଳେ ସେ ଅଟୋ ଚଳାଉଥିଲେ ଅନ୍ୟ ଅଟୋ ଡ୍ରାଇଭରମାନେ ତାଙ୍କୁ ଥଟ୍ଟା କରୁଥିଲେ। କିନ୍ତୁ ଏବେ ଯାତ୍ରୀମାନେ ସୁଲତାଙ୍କ ଅଟୋରେ ଯିବାକୁ ପସନ୍ଦ କରୁଛନ୍ତି। ଅଟୋରୁ ଏବେ ଯାହା ରୋଜଗାର ହେଉଛି, ସେଥିରେ ତାଙ୍କ ପରିବାର ଚଳୁଛି। ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ ପାସ୍ କରିଥିବା ସୁଲତା ପାଠ ପଢ଼ିବାକୁ ଇଚ୍ଛା କରୁଥିଲେ ମଧ୍ୟ ଅର୍ଥ ସେଥିରେ ବାଧକ ସାଜିଥିଲା। ଆର୍ଥିକ ଅସ୍ୱଚ୍ଛଳତା ସତ୍ତ୍ୱେ ଅନ୍ୟ ଆଗରେ ମୁଣ୍ଡ ନୁଆଁଇବା ଅପେକ୍ଷା ସେ ନିଜେ ପରିଶ୍ରମ କରି ବଞ୍ଚିବାକୁ ଶ୍ରେୟ ମନେ କରିଥିଲେ। ତେବେ ସୁଯୋଗ ମିଳିଲେ ଆଗକୁ ଆହୁରି ପଢ଼ିବେ ବୋଲି ସୁଲତା କହିଛନ୍ତି।

# ସତ୍ୟଙ୍କ ପୁଣି ରେକର୍ଡ

■ ଚକ୍‌ପିସ୍‌ରେ କଲେ ୧.୫ ଏମ୍‌ଏମ୍‌ର ଗଣେଶ ମୂର୍ତ୍ତି

■ ଅଦରକାରୀ କାଗଜରେ ୭ ଇଞ୍ଚ ଉଚ୍ଚତାର ରଥାରୂଢ଼ ମୂଷା


ଚକ୍‌ପିସ୍‌ରେ ତିଆରି ଗଣେଶ ମୂର୍ତ୍ତି।


ଅଦରକାରୀ କାଗଜରେ ତିଆରି ରଥାରୂଢ଼ ମୂଷା ଗଣେଶ କଳାକୃତି ସହ ଶିଳ୍ପୀ ସତ୍ୟ ମହାରଣା।

**ବ୍ରହ୍ମପୁର ଅଫିସ,୧୯**

ଗଣେଶ ପୂଜାରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣା। ପୂର୍ବରୁ ବିଭିନ୍ନ ସମୟରେ କାଠ, ଚକ୍‌ପିସ୍‌ରେ କ୍ଷୁଦ୍ର କଳାକୃତି କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିବା ମହାରଣା ଗଣେଶ ପୂଜାରେ ପୁଣି ନିଜର ଆଉ ଏକ ପୂର୍ବ ରେକର୍ଡ଼କୁ ଭାଙ୍ଗିଛନ୍ତି। ୨୦୧୭ରେ ଚକ୍‌ପିସ୍‌ରେ ୩ ଏମ୍‌ଏମ୍ ଉଚ୍ଚତାର ଗଣେଶ ମୂର୍ତ୍ତି ତିଆରି କରି ୱାର୍ଲ୍ଡ ରେକର୍ଡ଼ ସେକ୍ଟରରେ ନିଜ ନାମକୁ ସ୍ଥାନିତ କରିଥିଲେ। ରବିବାର ସେ ନିଜର ଏହି ରେକର୍ଡ଼କୁ ଭାଙ୍ଗି ଚକ୍‌ପିସ୍‌ରେ ୧.୫ ଏମ୍‌ଏମ୍ ଉଚ୍ଚତାର ଗଣେଶ ମୂର୍ତ୍ତି କରି ଏକ ନୂଆ ରେକର୍ଡ଼ ସୃଷ୍ଟି କରିଛନ୍ତି। ଏହା ସହ ଗଣେଶ ପୂଜାରେ ଅଦରକାରୀ ସାମଗ୍ରୀର ପୁନଃ ବିନିଯୋଗ ଦିଗରେ ସଚେତନତା ସୃଷ୍ଟି ନେଇ ସେ ଏହା ତିଆରି କରିଛନ୍ତି। ରଥାରୂଢ଼ ମୂଷା, ଗଣେଶ କଳାକୃତି ଅଦରକାରୀ କାଗଜ, ପୁରୁଣା ରାଖୀରେ ପ୍ରସ୍ତୁତ ଏହି ରଥର ଉଚ୍ଚତା ୭ ଇଞ୍ଚ ରହିଥିବା ବେଳେ ଓସାର ୩ ଇଞ୍ଚ ଓ ଲମ୍ବ ୧୦ ଇଞ୍ଚ ରହିଛି। ରଥାରୂଢ଼ ଗଣେଶଙ୍କ ମୂର୍ତ୍ତିର ଉଚ୍ଚତା ୪ ଇଞ୍ଚ ରହିଥିବା ମହାରଣା କହିଛନ୍ତି।

■ ସଦସ୍ୟତା ଅଭିଯାନ

# ମନ ବଳାଇଲାଣି କଂଗ୍ରେସ

**ଭୁବନେଶ୍ୱର,୧୯(ବ୍ୟୁରୋ)**

ପ୍ରଥମେ ଭାଜପା ପରେ ବିଜେଡି ବର୍ତ୍ତମାନ କଂଗ୍ରେସ ସଦସ୍ୟତା ଅଭିଯାନ ପାଇଁ ମନ ବଳାଇଛି। ଭାଜପାର ସଦସ୍ୟତା ଅଭିଯାନ ଶେଷ ହୋଇସାରିଛି। ଭାଜପାର ଏହି ପ୍ରକ୍ରିୟା ଶେଷ ହେବାପରେ ବିଜେଡି ଏହାର ସଦସ୍ୟତା ଅଭିଯାନ ବିଧିବଦ୍ଧ ଘୋଷଣା କରିଥିଲା। ସୋମବାରଠାରୁ ଦଳ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲିବାକୁ ସ୍ଥିର କରାଯାଇଛି। ଏନେଇ ରବିବାର ଦଳ ପକ୍ଷରୁ ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଧ ଅନୁଷ୍ଠିତ ହେବାସହ ଏନେଇ ସମସ୍ତ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ଶେଷ ହୋଇଛି। ଦୁଇଦଳର ଏଭଳି କାର୍ଯ୍ୟକ୍ରମକୁ ଦେଖି କଂଗ୍ରେସ ମଧ ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ କରିବାକୁ ମନ ବଳାଇଥିବା ଲକ୍ଷ୍ୟ କରାଯାଇଛି।

ଚଳିତ କିମ୍ବା ଆସନ୍ତା ମାସରୁ ସଦସ୍ୟତା ଅଭିଯାନ ଆରମ୍ଭ କରାଯିବ। ଅନ୍ୟ ଦଳଗୁଡିକ ଭଳି କଂଗ୍ରେସର କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନ ଥିବାବେଳେ ଯେତେ ହେବେ ସେତେ ସଭ୍ୟଙ୍କୁ ସାମିଲ କରାଯିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ତେବେ ଏନେଇ କୌଣସି ବିଧିବଦ୍ଧ ନିଷ୍ପତ୍ତି ହୋଇନାହିଁ ବୋଲି ସେ ଜଣାଇଛନ୍ତି। ଅନ୍ୟପଟେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି, ପିସିସି ସଭାପତି ବିଦେଶ ଗସ୍ତରେ ଅଛନ୍ତି। ୪ ତାରିଖରେ ସେ ଫେରିବାପରେ ଏନେଇ ନିଷ୍ପତ୍ତି ନିଆଯିବ। ତେବେ ନିକଟରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯିବା ସହ ନିରଞ୍ଜନ ଏବଂ ଦଳର ଦୁଇ କାର୍ଯ୍ୟକାରୀ ସଭାପତିଙ୍କୁ ବଦଳାଯିବ ନାହିଁ ବୋଲି ସୂଚନା ଦିଆଯାଇଥିଲା। ଏହାସହ ଦଳର ଅନ୍ୟ ସମସ୍ତ କମିଟି ଗୁଡିକୁ କିନ୍ତୁ ଏଆଇସିସି ପକ୍ଷରୁ ରଦ୍ଦ କରିଦିଆଯାଇଛି। ତେଣୁ ପୁନର୍ବାର ଦଳ ପକ୍ଷରୁ ନୂତନ କମିଟି ଗଠନ ନ ହେବା ପର୍ଯ୍ୟନ୍ତ ସଦସ୍ୟତା ଅଭିଯାନ ଆରମ୍ଭ ହେବା ସମ୍ଭବ ନୁହେଁ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ତେଣୁ ଆସନ୍ତା ୬ ତାରିଖରେ ଦଳ ପକ୍ଷରୁ ଏକ କମିଟି ଗଠନ କରାଯିବା ଉପରେ ଆଲୋଚନା ଆରମ୍ଭ ହେବ ବୋଲି ଦଳର ଜଣେ ନେତା ସୂଚନା ଦେଇଛନ୍ତି।

ଅପରପକ୍ଷରେ ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଶେଷ ହୋଇଥିବା ବେଳେ ବର୍ତ୍ତମାନ ଖାତା ଦେଖା ଚାଲିଛି। ଆସନ୍ତା ଦିନେରୁ ଦୁଇଦିନ ମଧରେ ବୁଥ୍ ସ୍ତରରେ ହେବାକୁ ଥିବା ନିର୍ବାଚନ ଲାଗି ରିଟର୍ନିଂ ଅଫିସରମାନଙ୍କ ତାଲିକା ପ୍ରକାଶ କରାଯିବ। ପର୍ଯ୍ୟାୟକ୍ରମେ ବୁଥ୍‌ରୁ ଆରମ୍ଭ କରି ଜିଲା ସ୍ତର ପର୍ଯ୍ୟନ୍ତ ନିର୍ବାଚନ ଚାଲିବ। ଶେଷରେ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ଅଧକ୍ଷ ପଦ ସକାଶେ ମଧ ନିର୍ବାଚନ କରାଯିବ ବୋଲି ଜଣାପଡିଛି। ରାଜ୍ୟରେ ଭାଜପାର ହେବାକୁ ଥିବା ସାଙ୍ଗଠନିକ ନିର୍ବାଚନ ଲାଗି ଆସନ୍ତା ୫ତାରିଖରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ କର୍ମଶାଳା ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ଅଯୋଗ୍ୟଙ୍କ ଟଙ୍କା ଫେରସ୍ତ ଆଣିବାକୁ ଚାଲିଛି ଯୋଜନା

**ଭୁବନେଶ୍ୱର,୧୯(ବ୍ୟୁରୋ)**

କାଳିଆ ଯୋଜନାରେ ସାମିଲ ହୋଇଥିବା ଅଯୋଗ୍ୟ ହିତାଧିକାରୀ ଚୟନ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ରାଜ୍ୟରେ ପ୍ରାୟ ୭୮ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ସହାୟତା ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଛି। ସେଥିରୁ ୫୧ଲକ୍ଷ ଚାଷୀ ବର୍ତ୍ତମାନ ସୁଦ୍ଧା କାଳିଆ ସହାୟତା ପାଇଥିବା ସରକାରୀ ତଥ୍ୟରୁ ଜଣାପଡିଛି। ୨୦୧୯ ସାଧାରଣ ନିର୍ବାଚନ ପରେ କିନ୍ତୁ ସରକାର ଯାହା ନିଷ୍ପତ୍ତି ନେଇଥିଲେ ସେ ଦିଗରେ ପରିବର୍ତ୍ତନ କରିଛନ୍ତି। ପ୍ରଥମେ ଯେଉଁ ଅଯୋଗ୍ୟ ହିତାଧିକାରୀମାନେ ଏହି ଯୋଜନାରେ ସାମିଲ ହୋଇ ସରକାରୀ ଲାଭ ଉଠାଇଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତ ୨୨ତାରିଖ ସୁଦ୍ଧା ୨ଲକ୍ଷ ୬୬ ହଜାର ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଅଯୋଗ୍ୟ ହିତାଧିକାରୀମାନେ କାଳିଆ ଟଙ୍କା ନିଜ ତରଫରୁ ଫେରାଇବା ପାଇଁ ଗତ ୬ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ସରକାର ପ୍ରଥମେ ସ୍ଥିର କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହି ସମୟସୀମା ବୃଦ୍ଧି କରାଯାଇ ୩୧ ତାରିଖ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ଏହି ସମୟସୀମା ଶେଷ ହୋଇଥିବା ବେଳେ ସରକାର ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ କିପରି ଟଙ୍କା ଫେରସ୍ତ ଆଣିବେ ସେ ନେଇ ନିର୍ଦ୍ଦିଷ୍ଟଭାବେ କୌଣସି ସୂଚନା ଦିଆଯାଇନାହିଁ। ଅନ୍ୟପଟେ ଏହି ଅଯୋଗ୍ୟ ହିତାଧିକାରୀଙ୍କ ନାଁଗୁଡିକ ତାଲିକାରେ ସାମିଲ କରିଥିବା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ମଧ ଜଣାପଡିଛି। ଧାର୍ଯ୍ୟ ସମୟ ଶେଷସୁଦ୍ଧା ପାଖାପାଖି ସାଢେ ୩ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡିଛି। ତେବେ ଆସନ୍ତା ୨ରୁ ୩ ଦିନ ମଧରେ ଅଯୋଗ୍ୟଙ୍କଠାରୁ କିପରି ଟଙ୍କା ଫେରସ୍ତ ଅଣାଯିବ ସେନେଇ କିଛି ବ୍ୟବସ୍ଥା ନ ଥିବା ଜଣେ ସରକାରୀ ଅଧିକାରୀ କହିଛନ୍ତି। ତେବେ ସେମାନଙ୍କଠାରୁ ଟଙ୍କା କିପରି ଫେରାଯାଇପାରିବ ସେ ନେଇ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଚିନ୍ତା କରୁଥିବା ଜଣାପଡିଛି।

### ଗ୍ୟାଙ୍ଗ୍‌ଷ୍ଟର ପାପା ପଣ୍ଡା ଗିରଫ

**ବାଲେଶ୍ୱର ଅଫିସ,୧୯**

ବାଲେଶ୍ୱର ସହର ତଥା ଆଖପାଖ ଅଞ୍ଚଳରେ ଦୀର୍ଘଦିନ ଧରି ଆତଙ୍କ ସୃଷ୍ଟି କରୁଥିବା ଗ୍ୟାଙ୍ଗ୍‌ଷ୍ଟର ପାପା ଓରଫ୍ ଚିନ୍ମୟ ପଣ୍ଡା (୪୦)ଙ୍କୁ ବାଲେଶ୍ୱର ପୋଲିସ ଗିରଫ କରିଛି। ତାଙ୍କ ନାମରେ ସହଦେବଖୁଣ୍ଟା ମଡ଼େଲ ଥାନାରେ ୪, ଟାଉନ୍ ଥାନାରେ ୮, ଶିଳ୍ପାଞ୍ଚଳ ଥାନାରେ ୭ ଏବଂ ଦୀଘା ମୋହନା କୋଷ୍ଟାଲ ଥାନାରେ ଗୋଟିଏ ମୋଟ ୨୦ଟି ହତ୍ୟା, ଡକାୟତି, ଦାଦାବଟି ଏବଂ ହତ୍ୟା ଉଦ୍ୟମ ଭଳି ମାମଲା ରହିଛି। ସେ ପୋଲିସକୁ ଚକ୍‌ମା ଦେଇ ବାରମ୍ବାର ଖସିଯାଉଥିଲେ। ଶନିବାର ମଧରାତ୍ରରେ ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରେମୁଣା ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କଟକରୁ ତାଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ରବିବାର ଅପରାହ୍ନ ୫ଟାରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ରଘୁନନ୍ଦନ ଲାଇବ୍ରେରି ପାଇଁ ୫ କୋଟି ମଞ୍ଜୁର

**ପୁରୀ ଅଫିସ, ୧୯**

■ ଏମାର ମଠ ଜମିରେ ତିଆରି ହେବ ଅତ୍ୟାଧୁନିକ ପାଠାଗାର

■ ରହିବ ଜଗନ୍ନାଥ ମନ୍ଦିର ଓ ସଂସ୍କୃତି ସମ୍ପର୍କିତ ପୁସ୍ତକ

ବହୁ ଚର୍ଚ୍ଚିତ ଏମାର ମଠର ରଘୁନନ୍ଦନ ଲାଇବ୍ରେରି ନେବ ନୂଆ ରୂପ। ଏହାକୁ ବିଶ୍ୱସ୍ତରୀୟ ପାଠାଗାରରେ ପରିଣତ କରାଯିବ। ଏଥିପାଇଁ ରାଜ୍ୟ ସରକାର ୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ଜିଲାପାଳ ବଲୱନ୍ତ ସିଂ ସୂଚନା ଦେଇଛନ୍ତି। ୭୫ ମିଟର ଉଚ୍ଛେଦ ଏବଂ ସୌନ୍ଦର୍ଯ୍ୟକରଣ କାମ ଶେଷ ହେବା ପରେ ଏମାର ମଠ ଜମିରେ ହିଁ ଅତ୍ୟାଧୁନିକ ରଘୁନନ୍ଦନ ପାଠାଗାର ତିଆରି କରାଯିବ। ଏଠାରେ ଅଧିକ ସଂଖ୍ୟାରେ ପୁସ୍ତକ, ପୋଥି ରଖାଯିବ। ସେହିପରି ଜଗନ୍ନାଥ ମନ୍ଦିର ଓ ସଂସ୍କୃତି ସମ୍ପର୍କିତ ପୁସ୍ତକ ମଧ ରହିବ ବୋଲି ଜିଲାପାଳ କହିଛନ୍ତି।

୧୯୨୧ ଅଗଷ୍ଟ ୧୪ ତାରିଖରେ ଏମାର ମଠର ତତ୍କାଳୀନ ମହନ୍ତ ଗଦାଧର ରାମାନୁଜ ଦାସ ତାଙ୍କ ଗୁରୁ ରଘୁନନ୍ଦନ ରାମାନୁଜ ଦାସଙ୍କ ନାମାନୁସାରେ ଏହି ଲାଇବ୍ରେରି ପ୍ରତିଷ୍ଠା କରିଥିଲେ। ସେତେବେଳେ ବହୁ ଦୁର୍ମୂଲ୍ୟ ପୁସ୍ତକ ଏଠାରେ ଉପଲବ୍ଧ ହେଉଥିଲାବେଳେ ଅନେକ ଖବରକାଗଜ ଆସୁଥିଲା। ପୁଣି ରାମାୟଣ, ମହାଭାରତ, ରାଜଧର୍ମ, ପୁରାଣ ମଧ୍ୟରୁ କେତେକ ପୋଥି ଆକାରରେ ରହିଥିବା ବେଳେ ବିଭିନ୍ନ ଗବେଷଣା ପୁସ୍ତକ ମଧ ମିଳୁଥିଲା। ତେଣୁ ଦେଶ, ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଲାଇବ୍ରେରିକୁ ଆସି ଦୁଷ୍ପ୍ରାପ୍ୟ ପୁସ୍ତକ ପାଇ ପାରୁଥିଲେ। ହେଲେ କାଳକ୍ରମେ ଏହାର ବହୁ ଦୁର୍ମୂଲ୍ୟ ପୁସ୍ତକ କେଉଁଆଡେ ନିଶ୍ଚିହ୍ନ ହୋଇଯାଇଥିବା ବେଳେ ଏବେ ଅନେକ ପୁସ୍ତକ ଏବଂ ପୋଥି ରହିଥିଲା। ଉଚ୍ଛେଦ ପରେ ଲାଇବ୍ରେରିର ସବୁ ପୁସ୍ତକ, ପୋଥି ଏବଂ ଆସବାବପତ୍ର ଭୂ ଅର୍ଜନ ସମ୍ମିଳନୀ କକ୍ଷକୁ ସ୍ଥାନାନ୍ତର କରାଯାଇ ପୁରୁଣା ପୁସ୍ତକଗୁଡ଼ିକର ସଂରକ୍ଷଣ କରାଯାଉଛି। ରାଜ୍ୟ ଅଭିଲେଖାଗାର, ହରେକୃଷ୍ଣ ମହତାବ ପାଠାଗାର କର୍ମଚାରୀମାନେ ସଂରକ୍ଷଣ ଦାୟିତ୍ୱରେ ନିୟୋଜିତ ଅଛନ୍ତି। ଏହାର ଭିତ୍ତିଭୂମିର ବିକାଶ ପାଇଁ ଜାତୀୟସ୍ତରୀୟ ପାଠାଗାରର ସହଯୋଗ ନିଆଯିବ। ସବୁ ପୁସ୍ତକର ତାଲିକା ପ୍ରସ୍ତୁତ ହେବା ପରେ ଏହାର ଡିଜିଟାଇଜେଶନ କରାଯିବ। ଡିଜିଟାଇଜେଶନ କାର୍ଯ୍ୟ ଶେଷ ହେବା ପରେ ପାଠିକାପାଠକମାନେ ଏହି ସମ୍ମିଳନୀ କକ୍ଷରେ ପଢିପାରିବେ।

# ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆକୁ ପାଠ୍ୟକ୍ରମ ସ୍ୱୀକୃତି

**ଲଖନପୁର,୧୯(ଡି.ଏନ୍.ଏ.)**

■ ଜନସ୍ୱାର୍ଥ ମାମଲା ସପକ୍ଷରେ ଛତିଶଗଡ଼ ହାଇକୋର୍ଟଙ୍କ ରାୟ

■ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଆପ୍ରେମୀ ପ୍ରେମଶଙ୍କର ପଣ୍ଡା



ଉତ୍କଳ ସମ୍ମିଳନୀ କର୍ମକର୍ତ୍ତାଙ୍କ ସହ ପ୍ରେମଶଙ୍କର ପଣ୍ଡା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।

ଛତିଶଗଡ଼ ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଛତିଶଗଡ଼ ବିଚ୍ଛିନ୍ନାଞ୍ଚଳ (ଓଡ଼ିଆ ଭାଷାଭାଷୀ ଅଞ୍ଚଳ) ଶିକ୍ଷାନୁଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାକୁ ପାଠ୍ୟକ୍ରମରେ ସାମିଲ କରିବା ପାଇଁ ଐତିହାସିକ ରାୟ ଶୁଣାଇଛନ୍ତି। ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ପ୍ରସାର ପାଇଁ ସରକାରଙ୍କ ପକ୍ଷରୁ ଉତ୍କଳ ସମ୍ମିଳନୀ ଜରିଆରେ ପ୍ରୟାସ ଜାରି ରହିଛି। ଉତ୍କଳ ସମ୍ମିଳନୀ ପକ୍ଷରୁ ଛତିଶଗଡ଼ ବିଚ୍ଛିନ୍ନାଞ୍ଚଳ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଓଡ଼ିଆ ପାଠ୍ୟପୁସ୍ତକ ବଣ୍ଟନ, ଶିକ୍ଷକ ନିଯୁକ୍ତି ଆଦି କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ବିଚ୍ଛିନ୍ନାଞ୍ଚଳରେ ବାସ କରୁଥିବା ଓଡ଼ିଆପ୍ରେମୀମାନେ ସହଯୋଗର ହାତ ବଢ଼ାଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଛତିଶଗଡ଼ ରାୟଗଡ଼ ଜିଲା ପୁଷୋର ବ୍ଲକ ପଡ଼ି ଗାଁର ଅବସରପ୍ରାପ୍ତ ଶିକ୍ଷକ ପ୍ରେମଶଙ୍କର ପଣ୍ଡା (୮୦)। ପ୍ରେମଶଙ୍କର ଛତିଶଗଡ଼ ବାସିନ୍ଦା ହୋଇଥିଲେ ମଧ ଛାତ୍ର ଜୀବନରୁ ତାଙ୍କର ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ପ୍ରତି ଦୁର୍ବଳତା ରହିଛି। ଛତିଶଗଡ଼ ବିଚ୍ଛିନ୍ନାଞ୍ଚଳ ଶିକ୍ଷାନୁଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାକୁ ପାଠ୍ୟକ୍ରମ ଭାବେ ପ୍ରଚଳନ ପାଇଁ ସେ ଛତିଶଗଡ଼ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ତାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ରାମଚନ୍ଦ୍ର ମେନନ୍ ଓ ସଞ୍ଜୟ କୁମାର ଅଗ୍ରୱାଲଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଚ୍ଛିନ୍ନାଞ୍ଚଳର ପ୍ରତି ସ୍କୁଲରେ ଓଡ଼ିଆ ଭାଷାକୁ ପାଠ୍ୟକ୍ରମ ଭାବେ ପ୍ରଚଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରେମଶଙ୍କରଙ୍କ ଏହି ଉଦ୍ୟମ ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍କଳ ସମ୍ମିଳନୀ ମାଧ୍ୟମରେ ସେ ଶନିବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ମହାପାତ୍ରଙ୍କୁ ଭେଟି ଛତିଶଗଡ଼ ହାଇକୋର୍ଟଙ୍କ ଏହି ଐତିହାସିକ ରାୟର ନକଲ ପ୍ରଦାନ କରିଛନ୍ତି। ଏ ଦିଗରେ ସେ ଓଡ଼ିଶା ସରକାରଙ୍କ ସହଯୋଗ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହାର ଅଗ୍ରଗତି ତଦାରଖ ପାଇଁ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର ଛତିଶଗଡ଼ ମୁଖ୍ୟ ଶାସନ ସଚିବଙ୍କ ସହ ଯୋଗାଯୋଗ କରି ଅଗ୍ରଗତି ସମ୍ପର୍କରେ ତଦାରଖ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଉତ୍କଳ ସମ୍ମିଳନୀ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର ସୂଚନା ଦେଇଛନ୍ତି। ଶନିବାର ପ୍ରେମଶଙ୍କରଙ୍କ ସହ ଉତ୍କଳ ସମ୍ମିଳନୀ ସଭାପତି ଡ. ପାତ୍ର, ଉପସଭାପତି ଉଷାରାଣୀ ମହାନ୍ତି, ସମ୍ପାଦକ ଅନନ୍ତ ପ୍ରସାଦ ଜେନା, କୋଷାଧ୍ୟକ୍ଷ ବିମଳଚନ୍ଦ୍ର ଷଡ଼ଙ୍ଗୀ, ଶିକ୍ଷୟିତ୍ରୀ ନୀଳିମା ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

## ଖାଇବା ଶୈଳୀ ଓ ବ୍ୟକ୍ତିତ୍ୱ



ନିଜର ଖାଇବା ଶୈଳୀ ଆପଣଙ୍କର ବ୍ୟକ୍ତିତ୍ୱକୁ ଆହୁରି ବୃଦ୍ଧି କରିଥାଏ। ଏପରି ଏକ ବିଷୟବସ୍ତୁକୁ ନେଇ ହୋଇଥିବା ସର୍ଭେ ସମୟରେ ଏକଥା ଜଣାପଡ଼ିଛି। ଯେଉଁମାନେ ନିଜର ଖାଇବା ଶୈଳୀ ପ୍ରତି ସଚେତନ ସେମାନେ ନିଜର ବ୍ୟକ୍ତିତ୍ୱରେ ଅନ୍ୟମାନଙ୍କୁ ଅନେକାଂଶରେ ପ୍ରଭାବିତ କରିଥାଆନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କେତେଜଣ ବ୍ୟକ୍ତିଙ୍କ ଖାଇବା ଶୈଳୀ ଏବଂ ବ୍ୟକ୍ତିତ୍ୱକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଖାଇବା ଶୈଳୀ ସୁନ୍ଦର ଥିଲା ସେମାନଙ୍କ ମଧ୍ୟରୁ ଅନେକଙ୍କର ବ୍ୟକ୍ତିତ୍ୱ ଅନ୍ୟମାନଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା। ଆମେରିକାସ୍ଥିତ ବୋଷ୍ଟନ ୟୁନିଭର୍ସିଟିର ଖାଦ୍ୟ ବିଶେଷଜ୍ଞଙ୍କ ଦ୍ୱାରା ଏହି ସର୍ଭେ କରାଯାଇଥିଲା। ଏ ସମ୍ପର୍କରେ ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜଣେ ବ୍ୟକ୍ତି ନିଜର ଖାଇବା ଶୈଳୀ ପ୍ରତି ସଚେତନ ହେଲେ ତାଙ୍କର ମାନସିକତା ସେହି ଅନୁସାରେ ସକାରାତ୍ମକ ରହିଥାଏ।

## ପାଠପଢ଼ା ଆଗ୍ରହକୁ ସକ୍ରିୟକରେ ବ୍ୟାୟାମ



ବ୍ୟାୟାମ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ସହଜ ନୁହେଁ। ଆଜିକାଲି ଅନେକେ ଏହାକୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରିଥିବା ଦେଖିବାକୁ ମିଳୁଛି। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧଘଣ୍ଟା ଚାଲିବା ଏବଂ ତା'ପରେ କିଛି ସମୟ ନିଜର ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରିବା ଦ୍ୱାରା ମନ ତ ପ୍ରଫୁଲ୍ଲ ରହିଥାଏ, ତା'ସହ ଏପରି ଅଭ୍ୟାସ ଆମକୁ ପରୋକ୍ଷରେ କେତେକ ରୋଗରୁ ମଧ୍ୟ ରକ୍ଷା କରିଥାଏ। ଏହି ତାଲିକାରେ ନିକଟରେ ଆଉ ଏକ କଥାକୁ ଯୋଡ଼ାଯାଇଛି। ନିୟମିତ ବ୍ୟାୟାମ କରିବା ଫଳରେ ପାଠପଢ଼ା ପ୍ରତି ଆଗ୍ରହ ଆହୁରି ବଢ଼ିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ପ୍ରତିଦିନ ବ୍ୟାୟାମ କରୁଥିବା ବ୍ୟକ୍ତି ଏବଂ କେତେଜଣ ଛାତ୍ରୀଛାତ୍ର ପଢ଼ିବା ପ୍ରତି କେତେ ଆଗ୍ରହ କରୁଛି ତାହାକୁ ବିଶେଷଜ୍ଞମାନେ ଲକ୍ଷ୍ୟ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି ଏବଂ ଛାତ୍ରୀଛାତ୍ରଙ୍କର ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହେଉଥିବାର ସେମାନେ ଜାଣିପାରିଥିଲେ। କିନ୍ତୁ ଏହି ବ୍ୟାୟାମ ନିଜର ସାମର୍ଥ୍ୟ ଅନୁସାରେ କରିବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# ନୋବେଲ ଇତିହାସରେ ବିରଳ ପରମ୍ପରା



ନିକୁଞ୍ଜ ବିହାରୀ ସାହୁ






ଆର୍ଥର କର୍ନବର୍ଗ



ପିୟରେ କ୍ୟୁରି –ମ୍ୟାରି କ୍ୟୁରି



ନେଲ୍ସ ବୋର୍

### ପିତାଙ୍କ ନୋବେଲ ପୁତ୍ର ଜିନ୍‌ରେ

୧୯୫୯ ମସିହାରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୋବେଲ ପୁରସ୍କାର ଜଣେ ଆମେରିକୀୟ ବୈଜ୍ଞାନିକ ଆର୍ଥର କର୍ନବର୍ଗଙ୍କୁ ମିଳିଥିଲା। ତାଙ୍କ ଗବେଷଣାର ବିଷୟବସ୍ତୁ ଥିଲା 'ମା' କୋଷରୁ କନ୍ୟା କୋଷକୁ ଜିନୀୟ ସନ୍ଦେଶ ସଞ୍ଚରଣ'। ୨୦୦୬ ଅକ୍ଟୋବର ୩ରେ ରସାୟନ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ଗ୍ରହଣ ପାଇଁ ମଞ୍ଚରେ ଆଉ ଜଣେ କର୍ନବର୍ଗଙ୍କୁ ଦେଖିବାକୁ ମିଳିଥିଲା। ସେ ଥିଲେ ଆର୍ଥର କର୍ନବର୍ଗଙ୍କ ସୁଯୋଗ୍ୟ ପୁତ୍ର ରଜର କର୍ନବର୍ଗ। ଦିନେ ସେ ପିତାଙ୍କ ପୁରସ୍କାର ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ତାଙ୍କ ସହ ଯାଇଥିଲେ ଷ୍ଟକ୍‌ହୋମ୍। ସେତେବେଳେ ସେ ଥିଲେ ମାତ୍ର ୧୨ବୟସର ବାଳକ। ସେଦିନର ସେ ଘଟଣା ତାଙ୍କ ମନରେ ଗଭୀର ରେଖାପାତ କରିଥିଲା। ପରବର୍ତ୍ତୀ କାଳରେ, ସେ ପିତାଙ୍କ ଜିନ୍ ସଂକ୍ରାନ୍ତୀୟ ଗବେଷଣାକୁ ଆଉ କେଇ ପାଦ ଆଗେଇନେଇ ଜିନ୍‌ରେ ସଞ୍ଚିତ ମଣିଷର ସମସ୍ତ ଗୁଣାବଳୀର ସନ୍ଦେଶ କିପରି ପ୍ରତିଲିପୀକରଣ ଜରିଆରେ ପ୍ରୋଟିନ୍‌ରେ ରୂପାନ୍ତରିତ ହୋଇ ନୂଆ ଜୀବକୋଷ ସୃଷ୍ଟିକରେ, ତା' ଉପରେ ଆଲୋକପାତ କରିଥିଲେ।

### ପିତାଙ୍କ ମତକୁ କାଟି ପୁଅ ଜିତିଲେ ନୋବେଲ

୧୯୦୬ ମସିହାରେ ଇଂଲଣ୍ଡର ବୈଜ୍ଞାନିକ ଜେ. ଜେ. ଟମ୍‌ସନ୍ ସ୍ୱଳ୍ପ ଚାପଯୁକ୍ତ ଗ୍ୟାସ୍ ମଧ୍ୟରେ ବିଦ୍ୟୁତ୍ ପ୍ରବାହିତକରି ଏକ ରହସ୍ୟମୟ ଉପାଦାନ ଆବିଷ୍କାର କରିଥିଲେ। ସେ ଏହି ଉପାଦାନର ଚାର୍ଜ ଓ ବସ୍ତୁତ୍ୱର ଅନୁପାତ ନିରୂପଣକରି ଏହାକୁ ଏକ କଣିକା ରୂପେ ପ୍ରତିପାଦନ କରିଥିଲେ, ଯାହାର ନାଁ ଦିଆଗଲା ଇଲେକ୍‌ଟ୍ରନ୍। ତାଙ୍କର ଏହି ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ସେ ବର୍ଷର ନୋବେଲ ପୁରସ୍କାର ମିଳିଥିଲା। ପରବର୍ତ୍ତୀ କାଳରେ ଏଭଳି ଅନେକ ଘଟଣା ନଜରକୁ ଆସିଲା, ଯାହାକୁ ଇଲେକ୍‌ଟ୍ରନ୍‌ର କଣିକାତତ୍ତ୍ୱ ବୁଝାଇପାରିଲା ନାହିଁ ଏବଂ ଏକ ନୂତନ ତତ୍ତ୍ୱର ଆବଶ୍ୟକତା ଦେଖାଗଲା। ପରବର୍ତ୍ତୀ ପରିସ୍ଥିତିରେ ତାଙ୍କର ସୁପୁତ୍ର ଜି.ପି. ଟମ୍‌ସନ୍ ଏକ ଉଚ୍ଚକୋଟୀର ପରୀକ୍ଷା ମାଧ୍ୟମରେ ଇଲେକ୍‌ଟ୍ରନ୍‌ର ତରଙ୍ଗ ଆଚରଣ ସମ୍ପର୍କରେ ସୂଚନା ଦେଇ ଉପୁଜିଥିବା ସମସ୍ୟାର ସମାଧାନ ନିମନ୍ତେ ମାର୍ଗଦର୍ଶନ କଲେ। ତାଙ୍କର ଏହି ବୈପ୍ଳବିକ ଆବିଷ୍କାର ପାଇଁ ତାଙ୍କୁ ୧୯୩୭ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଗଲା।

### ପିତା-ପୁତ୍ର ନିଜ ମଧ୍ୟରେ ପୁରସ୍କାର ବାଣ୍ଟିଲେ

ବ୍ରିଟେନର ଦୁଇଜଣ ପଦାର୍ଥ ବିଜ୍ଞାନୀ ଉଇଲିୟମ ହେନେରି ବ୍ରାଗ୍ (ପିତା) ଏବଂ ଉଇଲିୟମ ଲରେନ୍ସ ବ୍ରାଗ୍ (ପୁତ୍ର) ଏକ ସ୍ଫଟିକ ମଧ୍ୟରେ ରଞ୍ଜନରଶ୍ମି ଅତିକ୍ରମକରି ଗୋଟିଏ ଫଟୋଗ୍ରାଫି ଫିଲିମ୍ ଜରିଆରେ ଏହାର ପ୍ରତିଲିପି ଲକ୍ଷ୍ୟ କଲେ। ଏହି ରଶ୍ମି ସ୍ଫଟିକ ମଧ୍ୟରେ ଥିବା ପରମାଣୁ ସବୁ ଦ୍ୱାରା ବଙ୍କେଇଯାଇ ପ୍ରତିବିମ୍ବରେ ଛାଇ ଆଲୁଅର ରୂପରେଖମାନ ସୃଷ୍ଟିକଲା। ବ୍ରାଗ୍ ପିତା-ପୁତ୍ର ଦ୍ୱୟ ଏହି ରୂପରେଖ ସବୁକୁ ଆଲୋକର ଏକ ବିଶେଷ ଧର୍ମ ଡିଫ୍ରାକ୍ସନ୍ ସଙ୍ଗେ ସଂଶ୍ଳିଷ୍ଟ କରି ସ୍ଫଟିକର ପରମାଣୁ ସବୁ ମଧ୍ୟରେ ଥିବା ସୂକ୍ଷ୍ମାତିସୂକ୍ଷ୍ମ ବ୍ୟବଧାନକୁ ନିରୂପଣ କଲେ। ଏହି ପଦ୍ଧତି ଦ୍ୱାରା କୌଣସି ସ୍ଫଟିକର ଗଠନ ବିଶ୍ଳେଷଣ କରାଯାଇ ସ୍ଫଟିକ ମଧ୍ୟରେ ସ୍ଥାନ ବିଶେଷରେ ଖଞ୍ଜାଥିବା ପରମାଣୁ ସବୁର ତ୍ରୈମାତ୍ରିକ ସଂରଚନାର ସ୍ପଷ୍ଟ ଚିତ୍ର ମିଳିପାରିଲା। ଏହି ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର ଯୋଗୁ ବ୍ରାଗ୍ ପିତା-ପୁତ୍ରଦ୍ୱୟଙ୍କୁ ୧୯୧୫ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

### ପଦାର୍ଥ ବିଜ୍ଞାନୀ ପିତା-ପୁତ୍ର

ଡେନ୍‌ମାର୍କର ପଦାର୍ଥ ବିଜ୍ଞାନୀ ନେଲ୍ସ ବୋର୍ 'ପରମାଣୁର ଗଠନ ଓ ବିକିରଣ' ସମ୍ପର୍କରେ ଗବେଷଣାକରି ୧୯୨୨ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରାପ୍ତ ହୋଇଥିଲାବେଳେ ୧୯୭୫ ମସିହାରେ ତାଙ୍କର ସୁଯୋଗ୍ୟ ପୁତ୍ର ଆଜେ ବୋର୍ ସେହି ପଦାର୍ଥ ବିଜ୍ଞାନରେ ଆଉ ଏକ ନୋବେଲ ପୁରସ୍କାର ଲାଭ କରିଥିଲେ।

### ପିତା-କନ୍ୟା

ଫ୍ରାନ୍ସର ବୈଜ୍ଞାନିକ ପିୟରେ କ୍ୟୁରି ୧୯୦୩ ମସିହାରେ ପ୍ରାକୃତିକ ତେଜସ୍କ୍ରିୟ ପଦାର୍ଥ ଉପରେ ଗବେଷଣାକରି ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ହାସଲ କରିଥିଲେ। ୧୯୩୫ ମସିହାରେ ତାଙ୍କର ସୁପୁତ୍ରୀ ଇରିନ୍ ଜୁଲିଅଟ୍ କ୍ୟୁରି ନିଜର କୃତ୍ରିମ ତେଜସ୍କ୍ରିୟତା ସମ୍ପର୍କରେ ଗବେଷଣା ପାଇଁ ରସାୟନ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ନୋବେଲ ପୁରସ୍କାରପ୍ରାପ୍ତ ହୋଇ ଏକ ବିରଳ ପିତା-କନ୍ୟା ଯୋଡ଼ି ସୃଷ୍ଟି କରିଛନ୍ତି।

### ସ୍ୱାମୀ-ସ୍ତ୍ରୀ

୧୯୦୩ ମସିହାରେ ଫ୍ରାନ୍ସର ପିୟରେ କ୍ୟୁରି ଏବଂ ତାଙ୍କ ସ୍ତ୍ରୀ ମ୍ୟାରି କ୍ୟୁରି ପଦାର୍ଥ ବିଜ୍ଞାନରେ ମିଳିତ ଭାବେ ନୋବେଲ ପୁରସ୍କାର ଜିତିଥିଲାବେଳେ ୧୯୩୫ ମସିହାରେ ସେହି ଫ୍ରାନ୍ସର ଫ୍ରେଡ୍‌ରିକ୍ ଜୁଲିଅଟ କ୍ୟୁରି ଏବଂ ତାଙ୍କ ସ୍ତ୍ରୀ ଇରିନ୍ ଜୁଲିଅଟ୍ କ୍ୟୁରି ରସାୟନ ବିଜ୍ଞାନ କ୍ଷେତ୍ରରେ ଆଉ ଏକ ନୋବେଲ ପୁରସ୍କାର ଲାଭ କରିଥିଲେ।

### ଦାଦା-ପୁତୁରା

୧୯୩୦ ମସିହାରେ ଭାରତୀୟ ବୈଜ୍ଞାନିକ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣ ସ୍ଫଟିକ ଦ୍ୱାରା ଆଲୋକର ବିଚ୍ଛୁରଣ ଉପରେ ଗବେଷଣାକରି ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ଲାଭ କରିଥିଲାବେଳେ ତାଙ୍କ ପୁତୁରା ସୁବ୍ରମଣ୍ୟନ୍ ଚନ୍ଦ୍ରଶେଖର ଏକ ଶ୍ୱେତ ବାମନ ତାରକା ସମ୍ପର୍କରେ ଆଲୋକପାତକରି ୧୯୮୩ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଆଉ ଏକ ନୋବେଲ ପୁରସ୍କାରପ୍ରାପ୍ତ ହୋଇଥିଲେ।

### ଜଣକୁ ଦୁଇଥର ନୋବେଲ

ଫ୍ରାନ୍ସର ମ୍ୟାରି କ୍ୟୁରି ଥରେ ପଦାର୍ଥ ବିଜ୍ଞାନରେ (୧୯୦୩) ଏବଂ ଆଉ ଥରେ ରସାୟନ ବିଜ୍ଞାନରେ (୧୯୧୧) ଏହିଭଳି ସମୁଦାୟ ଦୁଇଟି ନୋବେଲେ ପୁରସ୍କାର ଲାଭକରି ଏକ ବିରଳ ପ୍ରତିଭାର ଅଧିକାରିଣୀ ହୋଇଛନ୍ତି। ସେହିପରି ଯୁକ୍ତରାଷ୍ଟ୍ର ଆମେରିକାର ଲିନ୍ସ ପାଉଲିଙ୍ଗ ମଧ୍ୟ ଥରେ ରସାୟନ ବିଜ୍ଞାନ (୧୯୫୪) କ୍ଷେତ୍ରରେ ଏବଂ ଆଉ ଥରେ ଶାନ୍ତି (୧୯୬୨) କ୍ଷେତ୍ରରେ ଏହିପରି ମୋଟ ଦୁଇଥର ନୋବେଲ ପୁରସ୍କାର ଜିତି ଇତିହାସ ରଚନା କରିଛନ୍ତି।

"ଡେନ୍‌ମାର୍କର ପଦାର୍ଥ ବିଜ୍ଞାନୀ ନେଲ୍ସ ବୋର୍ 'ପରମାଣୁର ଗଠନ ଓ ବିକିରଣ' ସମ୍ପର୍କରେ ଗବେଷଣାକରି ୧୯୨୨ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରାପ୍ତ ହୋଇଥିଲାବେଳେ ୧୯୭୫ ମସିହାରେ ତାଙ୍କର ସୁଯୋଗ୍ୟ ପୁତ୍ର ଆଜେ ବୋର୍ ସେହି ପଦାର୍ଥ ବିଜ୍ଞାନରେ ଆଉ ଏକ ନୋବେଲ ପୁରସ୍କାର ଲାଭ କରିଥିଲେ।"

### ନୋବେଲ ପରିବାର

ଫ୍ରାନ୍ସର କ୍ୟୁରି ପରିବାର ଏଭଳି ଏକ ପରିବାର ଯେଉଁଠି ପିତା, ମାତା, କନ୍ୟା ଓ ଜାମାତା ଏକାବେଳକେ ଚାରିଜଣ ବ୍ୟକ୍ତି ନୋବେଲ ପୁରସ୍କାର ଜିତି ଇତିହାସରେ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ୧୯୦୩ ମସିହାରେ ପିୟରେ କ୍ୟୁରି (ପିତା) ଓ ମ୍ୟାରି କ୍ୟୁରି (ମାତା) ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ମିଳିତ ଭାବେ ନୋବେଲ ପୁରସ୍କାର ଲାଭ କରିଥିଲାବେଳେ ୧୯୩୫ ମସିହାରେ ଇରିନ୍ ଜୁଲିଅଟ୍ କ୍ୟୁରି(କନ୍ୟା), ଫ୍ରେଡ୍‌ରିକ୍ ଜୁଲିଅଟ କ୍ୟୁରି (ଜାମାତା) ରସାୟନ ବିଜ୍ଞାନ କ୍ଷେତ୍ରରେ ଏକାଠି ନୋବେଲ ପୁରସ୍କାର ପ୍ରାପ୍ତ ହୋଇଥିଲେ।

-ଏଜୁକେଶନ ଅଫିସର, ଢେଙ୍କାନାଳ
ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ
ମୋ : ୮୦୧୮୭୦୮୮୪୮



# ଅଖାଦ୍ୟ ଘିଅ ପ୍ରତି ସାବଧାନ



ଡ. ମାନସ ରଞ୍ଜନ ସେନାପତି

ମନ୍ଦିରରେ ଦେବଦେବୀ ଦର୍ଶନ ପରେ ଆମକୁ ପ୍ରସାଦ ଭାବେ ଯେଉଁ ଘିଅ ବା ବଟର ମିଳିଥାଏ ତାହା ଖାଦ୍ୟ ଅନୁପଯୋଗୀ ହୋଇପାରେ ଏବଂ ଏପରି କି କର୍କଟ ଭଳି ମହାବ୍ୟାଧିର କାରଣ ମଧ୍ୟ ହୋଇପାରେ। ବିଶେଷକରି ଦୀପ ଜାଳିବା ପାଇଁ ଯେଉଁ ଘିଅ ଦୋକାନରେ ମିଳିଥାଏ ସେଗୁଡ଼ିକ ଖାଦ୍ୟ ଅନୁପଯୋଗୀ ବୋଲି ମଧ୍ୟ ଲେଖା ହୋଇଥାଏ। କିନ୍ତୁ ଅଜ୍ଞାନବଶତଃ ଲୋକେ ସେହି ଘିଅକୁ ଦେବାଳୟରେ ଅର୍ପଣ କରିବା ପରେ ଗ୍ରହଣ କରିଥାନ୍ତି। ଅସାଧୁ ବ୍ୟବସାୟୀମାନେ ବିଭିନ୍ନ ଉପାୟରେ ଏହି ଘିଅ ପ୍ରସ୍ତୁତକରି ବଜାରକୁ ଛାଡ଼ିଥାନ୍ତି। ସୋରିଷତେଲ ଓ ନାଲିରଙ୍ଗ ବା ଡାଇ ବ୍ୟବହାରକରି ସେମାନେ ଗାଈ ଘିଅ ସଦୃଶ ପଦାର୍ଥ ତିଆରି କରିଥାନ୍ତି। ଏପରି କି ଏଥିରେ କୋଲ୍‌ଟାର(ଯାହାକି କର୍କଟ ରୋଗର କାରଣ) ମଧ୍ୟ ମିଶିଥାଏ। ଏହି ଘିଅରୁ କିଛି ଏକ ପରୀକ୍ଷାନଳୀରେ ନେଇ ସେଥିରେ ୫ ମି.ଲି. ସଲ୍‌ଫ୍ୟୁରିକ ଏସିଡ୍ ଜଳ ସହ ମିଶାଇଲେ ଯଦି ଗୋଲାପି ରଙ୍ଗ ଦେଖାଗଲା ତେବେ ଏହା କୋଲ୍‌ଟାର ମିଶିଥିବାର ପ୍ରମାଣ ଦେଇଥାଏ। ଅତି ସହଜରେ ଏହା ପରୀକ୍ଷାଗାରରେ ମଧ୍ୟ ଦେଖିହେବ। ସେହିପରି ପରୀକ୍ଷା ଦ୍ୱାରା ଗାଈ ଘିଅରେ ବନସ୍ପତି ତୈଳ ମିଶାଯାଉଛି ବୋଲି ମଧ୍ୟ ପ୍ରମାଣିତ ହୋଇଛି। ବନସ୍ପତି ତୈଳକୁ ହାଇଡ୍ରୋଜେନେଶନ ପ୍ରକ୍ରିୟା ମାଧ୍ୟମରେ କଠିନ ଅବସ୍ଥା କରାଯାଇଥାଏ, ଯାହାକୁ ଡାଲ୍‌ଡା ଘିଅ ବୋଲି କୁହାଯାଏ। ଏହା ଗାଈ ଘିଅ ତୁଳନାରେ ଅତ୍ୟନ୍ତ ଶସ୍ତାରେ ଉପଲବ୍ଧ ହୋଇଥାଏ। ଏଥିରେ ଅଧିକ ପରିମାଣରେ ଟ୍ରାନ୍ସଫ୍ୟାଟ୍ ଥିବାରୁ ସ୍ୱାସ୍ଥ୍ୟ ପାଇଁ ଅହିତକର। ସାଧାରଣତଃ ପାମୋଲିନ ତେଲରୁ ଡାଲ୍‌ଡା ବା ବନସ୍ପତି ଘିଅ ପ୍ରସ୍ତୁତ ହୋଇଥାଏ। ପରିବେଶବିତ୍‌ମାନେ ମଧ୍ୟ ଅଧିକ ପାମୋଲିନ ତୈଳ ବ୍ୟବହାରକୁ ସତର୍କ କରାଇଥାନ୍ତି। ଏହା ଅପରପକ୍ଷେ ଜଙ୍ଗଲକ୍ଷୟ ଓ ଜଳବାୟୁ ପରିବର୍ତ୍ତନର କାରଣ ହୋଇଥାଏ। ଉଚ୍ଚ ରକ୍ତଚାପଜନିତ ରୋଗ ଥିବା ବ୍ୟକ୍ତିବିଶେଷମାନେ ଦେଶୀ ବା ଗାଈ ଘିଅ ଓ ଡାଲ୍‌ଡା ବା ବାନସ୍ପତି ଘିଅଠାରୁ ଦୂରେଇ ରହିବା ଉଚିତ। କେତେଜଣଙ୍କ ମତରେ ଗାଈ ଘିଅ ସ୍ମରଣଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ତେବେ ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତି ଗୋଟିଏ ଦିନରେ ୫ରୁ ୧୦ ଗ୍ରାମ ଦେଶୀ ବା ଗାଈ ଘିଅ ନେବା ଆବଶ୍ୟକ ବୋଲି ଡାକ୍ତରମାନେ କହିଛନ୍ତି। ତେବେ ମେଦବହୁଳ ବ୍ୟକ୍ତିବିଶେଷ ଏଥିରୁ ଦୂରେଇ ରହିଲେ ଭଲ। ତେଣୁ ଶୁଦ୍ଧ ଗାଈ ବଦଳରେ ଯଦି ବନସ୍ପତି ବା ଡାଲ୍‌ଡା ଘିଅ ମିଶ୍ରିତ ଘିଅ ସେବନ କରାଯାଏ ତେବେ ସ୍ୱାସ୍ଥ୍ୟ ପ୍ରତି ସମସ୍ୟା ଦେଖାଦେଇପାରେ। ତେଣୁ ବ୍ୟକ୍ତିବିଶେଷ ଏଥିପ୍ରତି ସାବଧାନତା ଅବଲମ୍ବନ କରିବା ଆବଶ୍ୟକ।

-ଡିନ୍ ବିଜ୍ଞାନ, ବିଜୁ ପଟ୍ଟନାୟକ
ବୈଷୟିକ ବିଶ୍ୱବିଦ୍ୟାଳୟ
ମୋ: ୯୪୩୭୨୩୭୭୯୭

## ସ୍ୱାସ୍ଥ୍ୟ ସୂଚନା

-କୌଣସି ରୋଗର ଲକ୍ଷଣକୁ ଅବହେଳା କରନ୍ତୁ ନାହିଁ। କାରଣ ପରବର୍ତ୍ତୀ ସମୟରେ ଏହା ହୁଏତ ଗମ୍ଭୀର ସମସ୍ୟା ଧାରଣ କରିପାରେ। ତେଣୁ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

-ଡାକ୍ତରଙ୍କ ସହ ରୋଗ ବିଷୟରେ ଆଲୋଚନା କରିବା ସମୟରେ କୌଣସି କଥା ଲୁଚାଇବା ଠିକ୍ ନୁହେଁ। କାରଣ ରୋଗର କାରଣଗୁଡ଼ିକୁ ତର୍ଜମା କରି ଡାକ୍ତର ସେହି ରୋଗର ଚିକିତ୍ସା କରିଥାଆନ୍ତି।

-କେତେକ ରୋଗ ନିରୂପଣ ସମୟରେ ଡାକ୍ତର ରକ୍ତ ନମୁନା ପରୀକ୍ଷା କରିବା, ଏକ୍ସ-ରେ, ଅଲ୍‌ଟ୍ରାସାଉଣ୍ଡ, ସିଟି ସ୍କାନ୍ ଆଦି କରିବାକୁ ପ୍ରେସ୍‌କ୍ରିପ୍‌ସନରେ ଉଲ୍ଲେଖ କରିଥାଆନ୍ତି। ଏଗୁଡ଼ିକୁ ହାଲୁକା ଭାବେ ନ ନେଇ ପରୀକ୍ଷା କରାଇନେବା ଦରକାର।

-ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସାମିଲ କରନ୍ତୁ। ଏହି ସମୟରେ ଜୁସ୍ ପିଇପାରନ୍ତି।

-ସକାଳୁ ବ୍ୟାୟାମ କରିବାର ୧୦ ମିନିଟ୍ ପୂର୍ବରୁ ଅଳ୍ପ ପାଣି ପିଅନ୍ତୁ।





## ପ୍ରବଳ ମୁଣ୍ଡ ବିନ୍ଧୁଥିଲେ..

ମୁଣ୍ଡବିନ୍ଧା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ଏପରି ସମସ୍ୟାର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ କେତେକେ ଔଷଧ ଖାଇବାକୁ ପସନ୍ଦ କରିଥାଆନ୍ତି। ହେଲେ କେତୋଟି ବିଷୟ ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟା ଗୁରୁତର ଆକାର ଧାରଣ କରି ନ ଥାଏ। ପ୍ରବଳ ମୁଣ୍ଡବିନ୍ଧାରୁ ଅନେକାଂଶରେ ଉପଶମ ପାଇବାର ଏକ ସରଳ ଉପାୟ ରହିଛି। ଶରୀରରୁ ଜଳୀୟ ଅଂଶ କମିଗଲେ ମୁଣ୍ଡ ବିନ୍ଧିଥାଏ। ତେଣୁ ପ୍ରଚୁର ପାଣି ପିଅନ୍ତୁ। ଶରୀରରେ ଏହି ସ୍ତର ସନ୍ତୁଳିତ ହୋଇଗଲେ ମୁଣ୍ଡବିନ୍ଧା ଧୀରେ ଧୀରେ କମିଯାଇଥାଏ। ଯଦି ଆପଣ ନିଶାଦ୍ରବ୍ୟ ସେବନ କରୁଛନ୍ତି ତେବେ ଏଭଳି ଅଭ୍ୟାସ ତୁରନ୍ତ ବର୍ଜନ କରନ୍ତୁ। ଜଣେ ବ୍ୟକ୍ତି ଯଦି ଆବଶ୍ୟକ ମୁତାବକ ନିଦ୍ରା ନ ଯାଆନ୍ତି ତେବେ ତାହା ମୁଣ୍ଡବିନ୍ଧାର ଅନ୍ୟତମ କାରଣ ସାଜିଥାଏ। ତେଣୁ ପ୍ରତିଦିନ ଅତିକମ୍‌ରେ ୬ରୁ ୭ ଘଣ୍ଟା ଶୁଅନ୍ତୁ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯାହା ଜୀର୍ଣ୍ଣ ହେବାରେ ଅସୁବିଧା ସୃଷ୍ଟି କରିବ। ଦୈନନ୍ଦିନ ଜୀବନ ତାଲିକାରେ ଯୋଗକୁ ସାମିଲ କରନ୍ତୁ। ଏହା ମୁଣ୍ଡ ବିନ୍ଧାରୁ ଉପଶମ ଦେବାରେ କେତେକାଂଶରେ ସାହାଯ୍ୟ କରିଥାଏ।



ସୁନା ମୂଲ୍ୟର ମାନକୀକରଣ କରିବା ଲାଗି କେନ୍ଦ୍ର ସରକାର ଚେଷ୍ଟିତ। ସାରା ବିଶ୍ୱରେ ଆର୍ଥିକ ବଜାରରେ ଅସ୍ଥିରତା ଦେଖାଦେବାରୁ ନିବେଶକ ଏବେ ସୁନା କିଣିବାକୁ ସୁରକ୍ଷିତ ମଣୁଛନ୍ତି।
– ଅଜୟ ଭୂଷଣ ପାଣ୍ଡେ, କେନ୍ଦ୍ର ରାଜସ୍ୱ ସଚିବ



ଭିମାର୍ଟ ରିଟେଲ ଚଳିତ ଆର୍ଥିକ ବର୍ଷରେ ଆହୁରି ୬୦ଷ୍ଟୋର୍ ଖୋଲିବ। ଏଥିଲାଗି କମ୍ପାନୀ ୨୦୦୦ କର୍ମଚାରୀଙ୍କୁ ନିଯୁକ୍ତ କରିବ।
– ଲଳିତ ଅଗ୍ରୱାଲ, ଭିମାର୍ଟ ରିଟେଲ ସିଏମ୍‌ଡି

## ସଂକ୍ଷେପରେ

### ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ଦର ବଢ଼ିଲା

#### ବିମାନ ଇନ୍ଧନ ଦର କମିଲା



**ନୂଆଦିଲ୍ଲୀ,୧-୯:** ତୈଳ କମ୍ପାନୀଙ୍କ ପକ୍ଷରୁ ରବିବାର ବିମାନ ଇନ୍ଧନ(ଏଟିଏଫ୍) ଦର ହ୍ରାସ ଘୋଷଣା କରାଯାଇଥିବା ବେଳେ ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ବୃଦ୍ଧି କରାଯାଇଛି। ପେଟ୍ରୋଲିୟମ କମ୍ପାନୀଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ୧୫.୫୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ଏଟିଏଫ୍ ଦର ପ୍ରତି କେଜି ୫୯୬.୬୨ ଟଙ୍କା ହ୍ରାସ କରାଯାଇଛି। ଫଳରେ ଏହାର ଦର ଏବେ ପ୍ରତି କେଜି ୬୨,୬୯୮.୮୬ ଟଙ୍କା ରହିଛି। ବିମାନ ଇନ୍ଧନ ଦର ପ୍ରାୟ ୧% କମିବା ଫଳରେ ଏହା ୪ ମାସର ସର୍ବନିମ୍ନ ସ୍ତରରେ ରହିଛି। କ୍ରମାଗତ ତୃତୀୟ ମାସ ହେବ ଏଟିଏଫ୍ ଦର ହ୍ରାସ ପାଇଚାଲିଛି। ସେହିପରି ଅଣ ସବ୍‌ସିଡି ଏଲ୍‌ପିଜି ଦର ଏଣିକି ୫୯୦ ଟଙ୍କା ହେବ। ସେହିପରି କିରୋସିନ ଦର କ୍ରମାଗତ ୨୬ ମାସ ହେବ ଲିଟର ପିଛା ୨୫ ପଇସା ବଢ଼ିଛି। ଅନ୍ୟପକ୍ଷରେ ଦିଲ୍ଲୀ ଏନ୍‌ସିଆର୍‌ରେ ରବିବାର ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ ସିଏନ୍‌ଜି ଦର ୦.୫୦ ଟଙ୍କା ପ୍ରତି କେଜି ବୃଦ୍ଧି କରିଛି। ଏଣିକି ପ୍ରତି କେଜି ସିଏନ୍‌ଜି ଦର ଦିଲ୍ଲୀରେ ୪୭.୧୦ ଟଙ୍କା ହେବ। ସେହିପରି ନଏଡା ଓ ଗ୍ରେଟର ନଏଡାରେ ଏହା ୫୩.୫୦ ଟଙ୍କା ହେବ।

### କର୍ପୋରେଶନ ବ୍ୟାଙ୍କର ଋଣ ପରିଶୋଧ ଶିବିର

**ଭୁବନେଶ୍ୱର, ୧-୯:** କର୍ପୋରେଶନ ବ୍ୟାଙ୍କ ପକ୍ଷରୁ ଋଣ ପରିଶୋଧ ଶିବିର ସ୍ଥାନୀୟ ମୁଖ୍ୟ ଶାଖାଠାରେ ଅନୁଷ୍ଠିତ ହୋଇ ଯାଇଛି। ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଲୋକନାଥ ସାହୁ, ମୁଖ୍ୟ ପ୍ରବନ୍ଧକ ସୁନୀଲ ସିଂ, ଷ୍ଟେଶନ ଛକ ଶାଖାର ପ୍ରବନ୍ଧକ ତପନ କୁମାର ସାହୁ ଏବଂ ଜୟଦେବ ବିହାର ଶାଖା ପ୍ରବନ୍ଧକ ମିତ୍ରଭାନୁ ମିଶ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏଠାରେ ୨୫ରୁ ଉର୍ଦ୍ଧ୍ୱ ଋଣ ଗ୍ରହୀତା ସେମାନଙ୍କ ଋଣ ଫଇସଲା କରିଥିଲେ। ବିଭିନ୍ନ ଶାଖାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ଯୋଜନା ରହିଥିବା ମହାପ୍ରବନ୍ଧକ ସାହୁ କହିଛନ୍ତି। ଏହି ଅବସରରେ ଆଞ୍ଚଳିକ କାର୍ଯ୍ୟାଳୟ ରିକଭରି ଅଧିକାରୀ ସନ୍ତୋଷ କୁମାର ପୃଷ୍ଟି, ସନ୍ତୋଷ ଯାଦବ ପ୍ରମୁଖ ଯୋଗ ଦେଇଥିଲେ।

### ସୁଧହାର କମାଇଲା ୟୁନିୟନ ବ୍ୟାଙ୍କ

**ଭୁବନେଶ୍ୱର, ୧-୯:** ୟୁନିୟନ ବ୍ୟାଙ୍କ ପକ୍ଷରୁ ସୁଧହାର ହ୍ରାସ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ୟାଙ୍କ ଏହାର ମାର୍ଜିନାଲ କଷ୍ଟ ବେସ୍‌ଡ ଲେଣ୍ଡିଂ ରେଟ(ଏମ୍‌ସିଏଲ୍‌ଆର୍)କୁ ୧୫ ବେସିସ ପଏଣ୍ଟ ହ୍ରାସ କରିଛି। ଏହା ଦ୍ୱାରା ବ୍ୟାଙ୍କର ଓଭରନାଇଟ ୮.୧୦%ରୁ ହ୍ରାସ ଘଟି ୭.୭୫%କୁ କମିଛି। ସେହିଭଳି ମାସିକିଆ ଅବଧି ବିଶିଷ୍ଟ କ୍ଷେତ୍ରରେ ଏହା ୮.୧୦%ରୁ ୮%, ୩ ମାସିଆ ଏବଂ ୬ ମାସିଆ ଏମ୍‌ସିଏଲ୍‌ଆର ୮.୧୦% ଏବଂ ୮.୨୦% ରହିଛି। ଏହା ବାଦ୍ ଗୋଟିଏ ବର୍ଷର ଅବଧି କ୍ଷେତ୍ରରେ ସୁଧହାର ୮.୫୦%ରୁ ୮.୩୫%କୁ ହ୍ରାସ ଘଟିଛି। ଏହା ସେପ୍ଟେମ୍ବର ପହିଲାରୁ ଲାଗୁ ହେବ ବୋଲି ୟୁନିୟନ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### କ୍ୟାମ୍ପସରେ ଗୀତମ ଛାତ୍ରୀଛାତ୍ରୀଙ୍କ ସଫଳତା

**ହାଇଦ୍ରାବାଦ, ୧-୯:** ଗୀତମ ଡିମ୍‌ଡ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ କ୍ୟାମ୍ପସରେ ସଫଳତା ହାସଲ କରିଛନ୍ତି। ଆସେଞ୍ଚର ଇଣ୍ଡିଆ ପକ୍ଷରୁ ହୋଇଥିବା କ୍ୟାମ୍ପସ କାର୍ଯ୍ୟକ୍ରମରେ ଗୀତମର ୩୦୦ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ଆସେଞ୍ଚର ଏମ୍‌ଡି ଜିଏସ୍ ରାଓ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରିପ୍ଲେସମେଣ୍ଟ ଟକ୍, ଅନଲାଇନ ଟେଷ୍ଟ, ଟେକ୍ନିକାଲ ଟେଷ୍ଟ, ଏଫ୍‌ଏସ୍‌ଇ ଏବଂ ଗ୍ରୁପ ଡିସକଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବର୍ଗରେ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିବା ୟୁନିଭର୍ସିଟିର ପ୍ଲେସମେଣ୍ଟ ସେଲ୍ ନିର୍ଦ୍ଦେଶକ ଗୁରୁମୂର୍ତ୍ତୀ ଗଙ୍ଗାଧରନ କହିଛନ୍ତି। ସଫଳ ଛାତ୍ରୀଛାତ୍ରୀଙ୍କୁ ୟୁନିଭର୍ସିଟି ଭାଇସ୍ ଚାନସେଲର ପ୍ରଫେସର କେ.ଶିବ. ରାମକୃଷ୍ଣନ, ରେଜିଷ୍ଟ୍ରାର ପ୍ରଫେସର କେଭିଜିଡି ବାଲାଜି ଶୁଭେଚ୍ଛା ଜଣାଇଛନ୍ତି।

## ବ୍ୟାଙ୍କ ମହାମିଶ୍ରଣକୁ ନେଇ ସୀତାରାମନ୍‌ଙ୍କ ସ୍ୱଷ୍ଟୋକ୍ତି

# କେହି ଚାକିରି ହରାଇବେ ନାହିଁ

**ଚେନ୍ନାଇ,୧-୯**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମହାମିଶ୍ରଣ ହେବ ବୋଲି ଘୋଷଣା କରିସାରିଛନ୍ତି। ଏହାଦ୍ୱାରା କର୍ମଚାରୀ ଛଟେଇ ହୋଇଯିବେ ବୋଲି ଆଶଙ୍କା ପ୍ରକାଶ ପାଇଥିବା ବେଳେ ଅର୍ଥମନ୍ତ୍ରୀ ଏହାକୁ ଖଣ୍ଡନ କରିଛନ୍ତି। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଯୋଗୁ କେହି ଚାକିରି ହରାଇବେ ନାହିଁ ବୋଲି ସେ ସ୍ୱଷ୍ଟ କରିଛନ୍ତି।

ବ୍ୟାଙ୍କ ମହାମିଶ୍ରଣ ଯୋଗୁ କର୍ମଚାରୀ ଛଟେଇ ହୋଇଯିବେ ବୋଲି ବ୍ୟାଙ୍କ ମହାସଂଘଗୁଡ଼ିକ ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଇଛି। ଏହା ଉପରେ ନିଜର ପ୍ରତିକ୍ରିୟାରେ ସୀତାରାମନ୍ କହିଛନ୍ତି ଯେ, ଏହି ଆଶଙ୍କା ସମ୍ପୂର୍ଣ୍ଣ ତଥ୍ୟହୀନ। ବ୍ୟାଙ୍କ ମହାମିଶ୍ରଣ ଘୋଷଣା ବେଳେ କର୍ମଚାରୀଙ୍କୁ ବିଦା କରାଯିବ ନାହିଁ ବୋଲି ସେ ଶୁକ୍ରବାର ଖବରଦାତା ସମ୍ମିଳନୀରେ କହିଥିବା କର୍ମଚାରୀ ମହାସଂଘଗୁଡ଼ିକ ମନେ ପକାନ୍ତୁ। ମିଶ୍ରଣ ହେବାକୁ ଥିବା ସମସ୍ତ ବ୍ୟାଙ୍କ କର୍ମଚାରୀ ୟୁନିୟନଗୁଡ଼ିକୁ ସେ ପୁଣି ଆଶ୍ୱସ୍ତ କରି କହିଛନ୍ତି ଯେ, ଜଣେ ହେଲେ କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ବ୍ୟାଙ୍କ ମହାମିଶ୍ରଣ ଘୋଷଣା କରିବା ପରେ ଏହାକୁ ବିରୋଧ କରି ବ୍ୟାଙ୍କ ମହାସଂଘଗୁଡ଼ିକ ପକ୍ଷରୁ ଶନିବାର ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ଓ ସେମାନେ କଳାବ୍ୟାଜ୍ ପିନ୍ଧିଥିଲେ।

**ଉଦ୍ୟୋଗ ଜଗତର ସମସ୍ୟା ଶୁଣୁଛୁ**

ଦେଶରେ ମାନ୍ଦାବସ୍ଥା ଆସିଛି ବୋଲି ହେଉଥିବା ଅଭିଯୋଗକୁ ଅର୍ଥମନ୍ତ୍ରୀ ସୀତାରାମନ୍ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଅର୍ଥନୀତି ଧିମା ହୋଇଥିବା ବେଳେ ସରକାର ଉଦ୍ୟୋଗ ଜଗତ ସହ ନିରନ୍ତର ଆଲୋଚନା କରୁଛନ୍ତି ଓ ସେମାନଙ୍କ ସମସ୍ୟା ଶୁଣୁଛନ୍ତି। ସେ କହିଛନ୍ତି ଯେ, ଉଦ୍ୟୋଗ ଜଗତ ସମସ୍ୟାର ସମାଧାନ ଲାଗି କ'ଣ ଚାହୁଁଛନ୍ତି, ସରକାର ସେମାନଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରୁଛନ୍ତି। ଇତିମଧ୍ୟରେ ସେ ଦୁଇଥର ଉଦ୍ୟୋଗ ଜଗତର ପ୍ରତିନିଧିଙ୍କୁ ଭେଟି ସାରିଛନ୍ତି ଓ ଆଗକୁ ମଧ୍ୟ ଭେଟିବେ ବୋଲି ସୀତାରାମନ୍ ଉଲ୍ଲେଖ କରିଛନ୍ତି।

### ବନ୍ଦ ହେବ ନାହିଁ କୌଣସି ବ୍ୟାଙ୍କ



ଏଠାରେ ସୀମାଶୁଳ୍କ, ଜିଏସ୍‌ଟି ଓ ଆୟକର ବିଭାଗର ବରିଷ୍ଠ ଅଧିକାରୀଙ୍କ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସୀତାରାମନ୍ କହିଛନ୍ତି ଯେ, ମହାମିଶ୍ରଣ ପରେ କୌଣସି ବ୍ୟାଙ୍କକୁ ବନ୍ଦ କରାଯିବ ନାହିଁ। ଏଥିସହ କୌଣସି ବ୍ୟାଙ୍କକୁ କିଛି ନୂଆ କରିବାକୁ କୁହାଯାଇନାହିଁ। ତେବେ ସରକାରଙ୍କ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ ଅଧିକ ପୁଞ୍ଜି ଦିଆଯାଉଛି। ପୂର୍ବଭଳି ସେମାନେ ନିଜର ଗତିବିଧି ଜାରି ରଖିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

### ଅଟୋମୋବାଇଲ ସେକ୍ଟର ପାଇଁ ଜିଏସ୍‌ଟି ହ୍ରାସ ସୁପାରିସ୍

ଅର୍ଥନୀତି ଧିମା ହେବା କାରଣରୁ ଅଟୋ ସେକ୍ଟରରେ ଗାଡ଼ି ବିକ୍ରି ହ୍ରାସ ପାଇଛି ବୋଲି କୁହାଯିବାରୁ ଅର୍ଥମନ୍ତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସରକାର ଇଲେକ୍ଟ୍ରିକ ଗାଡ଼ି ବିକ୍ରିକୁ ପ୍ରୋତ୍ସାହିତ କରିବେ। ତେବେ ଏଥିପାଇଁ ଅନ୍ୟ ଗାଡ଼ି ବିକ୍ରିକୁ ଅଣଦେଖା କରାଯିବ ନାହିଁ। ଅଟୋ ସେକ୍ଟରରେ ଲାଗୁ ହୋଇଥିବା ଜିଏସ୍‌ଟି ହାର ହ୍ରାସ କରିବା ଅଧିକାର ତାଙ୍କ ନିକଟରେ ନାହିଁ। ଏ ସଂକ୍ରାନ୍ତରେ ନିଷ୍ପତ୍ତି ଜିଏସ୍‌ଟି କାଉନସିଲ୍ ନେଇପାରିବ। ତେବେ କେନ୍ଦ୍ର ସରକାର ଜିଏସ୍‌ଟି ହ୍ରାସ ପାଇଁ କାଉନସିଲ୍‌କୁ ସୁପାରିସ୍ କରିଛନ୍ତି। ବଜେଟରେ ଘୋଷିତ କେତେକ ପଦକ୍ଷେପର ପରିଣାମ ଏବେ ଦେଖିବାକୁ ମିଳିଛି ବୋଲି ସୀତାରାମନ୍ ସ୍ୱଷ୍ଟ କରିଛନ୍ତି।

### ମନମୋହନ ସିଂହଙ୍କ ବୟାନ ଉପରେ ନୀରବ

କେନ୍ଦ୍ର ସରକାର ରାଜନୈତିକ ପ୍ରତିଶୋଧ ମନୋଭାବ ପରିତ୍ୟାଗ କରି ବିଶେଷଜ୍ଞଙ୍କ ସହ ବସି ମାନ୍ଦାବସ୍ଥା ଦୂର କରିବା ରାସ୍ତା ବାହାର କରନ୍ତୁ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ରବିବାର କହିଛନ୍ତି। ଏହା ଉପରେ ନିର୍ମଳା କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ଡ.ସିଂହଙ୍କ ବୟାନ ଉପରେ ବିଚାର କରିବେ ବୋଲି ସେ କହିଛନ୍ତି। ଏହାଛଡ଼ା ସେ ଅନ୍ୟ କୌଣସି ମନ୍ତବ୍ୟ ଦେଇ ନ ଥିଲେ।

## ଟ୍ରେଡ ୱାର ଘନେଇଲା

# ଚାଇନା-ଆମେରିକା ଅତିରିକ୍ତ ଟାରିଫ୍ ବୃଦ୍ଧି କଲେ

**ୱାଶିଂଟନ/ବେଜିଂ,୧-୯**

ଆମେରିକା ଓ ଚାଇନା ମଧ୍ୟରେ ଚଳିତ ମାସରେ ବାଣିଜ୍ୟ ଯୁଦ୍ଧ ନେଇ ଆଲୋଚନା ଆରମ୍ଭ ହେବାକୁ ଯାଉଥିବା ବେଳେ ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାରୁ ଆସୁଥିବା ୧୨୫ ବିଲିୟନ ଡଲାର ସାମଗ୍ରୀ ଉପରେ ୧୫% ଅତିରିକ୍ତ ଆମଦାନୀ ଶୁଳ୍କ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଚାଇନା ମଧ୍ୟ ପାଲଟା ଜବାବ ଦେଇ ଆମେରିକାର ଅଶୋଧିତ ତେଲ ଉପରେ ୫% ଅତିରିକ୍ତ ଆମଦାନୀ ଶୁଳ୍କ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛି। ଚାଇନା ମଧ୍ୟ ପାଲଟା ଜବାବ ଦେଇ ଆମେରିକାର ୭୫ ବିଲିୟନ ଡଲାର ସାମଗ୍ରୀ ଉପରେ ଅତିରିକ୍ତ ଟାରିଫ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ତେବେ କେଉଁ ପ୍ରକାର ସାମଗ୍ରୀ ଉପରେ ଅତିରିକ୍ତ ଟାରିଫ୍ ବୃଦ୍ଧି କରାଯାଇଛି ତାହାକୁ ଚାଇନା ସ୍ୱଷ୍ଟ କରିନାହିଁ। ସୂଚନାଥାଉ କି, ଗତମାସରେ ଟ୍ରମ୍ପ ଚାଇନାରୁ ଆସୁଥିବା ସାମଗ୍ରୀ ଉପରେ ୫% ଟାରିଫ ଆଦାୟ କରାଯିବ ବୋଲି ଘୋଷଣା କରିଥିଲେ।

## ୫.୬୫ କୋଟିରୁ ଉର୍ଦ୍ଧ୍ୱ ଆୟକର ରିଟର୍ନ ଦାଖଲ

**ନୂଆଦିଲ୍ଲୀ,୧-୯**

ଆୟକର ଆକଳନ ବର୍ଷ ୨୦୧୯-୨୦ ଲାଗି ଆୟ ବିବରଣୀ ବା ଆୟକର ରିଟର୍ନ ଦାଖଲ କରିବାର ଶେଷ ତାରିଖ ଚଳିତ ବର୍ଷ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ ହୋଇଥିଲା। ଏହି ସମୟ ଭିତରେ ୫.୬୫ କୋଟିରୁ ଉର୍ଦ୍ଧ୍ୱ ଆୟକର ରିଟର୍ନ ଦାଖଲ ହୋଇଛି ବୋଲି ବିଭାଗ ପକ୍ଷରୁ ରବିବାର କୁହାଯାଇଛି। ଆକଳନ ବର୍ଷ ୨୦୧୮-୧୯ ଲାଗି ମୋଟ ୫.୪୨ କୋଟି ରିଟର୍ନ ଦାଖଲ କରାଯାଇଛି। କେନ୍ଦ୍ର ସରକାର ଗତବର୍ଷ ମଧ୍ୟ ଆକଳନ ବର୍ଷ ୨୦୧୮-୧୯ ଲାଗି ରିଟର୍ନ ଦାଖଲର ଶେଷ ତାରିଖକୁ ଅଗଷ୍ଟ ୩୧, ୨୦୧୮ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ବନ୍ୟା ପ୍ରଭାବିତ କେରଳର ଟିକସଦାତାଙ୍କ ପାଇଁ ସେପ୍ଟେମ୍ବର ୧୫, ୨୦୧୮ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଅନୁସାରେ ଚଳିତ ବର୍ଷ ଅଗଷ୍ଟ ୩୧ ସୁଦ୍ଧା ପ୍ରାୟ ୫୦ ଲକ୍ଷ ଟିକସଦାତା ଆୟକର ରିଟର୍ନ ଦାଖଲ କରିଛନ୍ତି। ଆୟକର ବିଭାଗ ରିଟର୍ନ ଦାଖଲରେ ଇତିହାସ ରଚିଛି ବୋଲି ବୟାନରେ କୁହାଯାଇଛି।

# ଜିଡିପି ପରେ ସରକାରଙ୍କୁ ଜିଏସ୍‌ଟି ଝଟକା

## ଅଗଷ୍ଟରେ ଆଦାୟ ୧ ଲକ୍ଷ କୋଟି ତଳକୁ ଖସିଲା

**ନୂଆଦିଲ୍ଲୀ,୧-୯**

ମୋଟ ଘରୋଇ ଉତ୍ପାଦ(ଜିଡିପି)ହାର ୫%କୁ ହ୍ରାସ ପାଇବା ପରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଆଦାୟ କ୍ଷେତ୍ରରେ ମୋଦି ସରକାରଙ୍କୁ ଆଉ ଏକ ଝଟକା ଲାଗିଛି। ଅଗଷ୍ଟରେ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟଙ୍କା ତଳକୁ ଖସି ଆସିଛି। ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଆଲୋଚ୍ୟ ମାସରେ କେନ୍ଦ୍ର ସରକାର ମୋଟ ୯୮,୨୦୩ କୋଟି ଟଙ୍କା ଜିଏସ୍‌ଟି ଆଦାୟ କରିବାକୁ ସକ୍ଷମ ହୋଇଛନ୍ତି। ଆଦାୟ ହୋଇଥିବା ଜିଏସ୍‌ଟି ମଧ୍ୟରୁ ୨୪ ହଜାର କୋଟି ଟଙ୍କା କେବଳ ଆମଦାନୀ ଶୁଳ୍କ ବାବଦରେ ହାସଲ କରାଯାଇପାରିଛି। ପ୍ରକାଶିତ



ତଥ୍ୟରୁ ଜଣାପଡିଛି ଯେ, ସଂଗୃହୀତ ମୋଟ ଜିଏସ୍‌ଟି ମଧ୍ୟରୁ ୧୭,୭୩୩ କୋଟି ଟଙ୍କା ସିଜିଏସ୍‌ଟି ବାବଦରେ ଆଦାୟ ହୋଇଥିବା ବେଳେ ୨୪,୨୩୯ କୋଟି ଟଙ୍କା ଏସ୍‌ଜିଏସ୍‌ଟି ଏବଂ ଆଇଜିଏସ୍‌ଟି ବାବଦରେ ୪୮,୯୫୮ କୋଟି ଟଙ୍କା ଆଦାୟ ହୋଇଛି। ସେହିପରି ୨୪,୮୧୮ କୋଟି ଟଙ୍କା ଆମଦାନୀ ଶୁଳ୍କ ଭାବେ ସଂଗ୍ରହ କରାଯାଇଛି। ସୂଚନାଥାଉ କି, ଜୁଲାଇରେ ସରକାର ୧.୦୨ ଲକ୍ଷ କୋଟି ଟଙ୍କା ଆଦାୟ କରିବାକୁ ସକ୍ଷମ ହୋଇଥିଲେ। ଗତବର୍ଷ ଅଗଷ୍ଟରେ ୯୩,୯୬୦ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା। ତେବେ ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ୪.୫% ଅଧିକ ଜିଏସ୍‌ଟି ଆଦାୟ କରାଯାଇପାରିଛି। ଚଳିତ ଆର୍ଥିକ ବର୍ଷରେ ଦ୍ୱିତୀୟଥର ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟଙ୍କା ତଳକୁ ରହିଛି। ଏଥିପୂର୍ବରୁ ଜୁନ୍‌ରେ ଜିଏସ୍‌ଟି ସଂଗ୍ରହ ୯୯,୯୩୯ କୋଟି ଟଙ୍କା ଥିଲା। ଉଲ୍ଲେଖ କରାଯାଇପାରେ ଯେ, ଜୁନ୍‌ରେ ଶେଷ ହୋଇଥିବା ଚଳିତବର୍ଷର ପ୍ରଥମ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ ହାର ୫%କୁ ଖସି ଆସିଛି, ଯାହା କି ୬ ବର୍ଷର ସର୍ବନିମ୍ନ ସ୍ତର କୁହାଯାଉଛି।

# ଅଟୋ ସେକ୍ଟରରେ ମାନ୍ଦାବସ୍ଥା ପ୍ରଭାବ ଗମ୍ଭୀର

### ଅଗଷ୍ଟରେ ମାରୁତି ବିକ୍ରି ୩୩% ହ୍ରାସ

**ନୂଆଦିଲ୍ଲୀ,୧-୯:** ଅଟୋ ସେକ୍ଟରକୁ ମାନ୍ଦାବସ୍ଥାରୁ ବାହାର କରି ଆଣିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦକ୍ଷେପ ଘୋଷଣା ହୋଇଥିଲେ ମଧ୍ୟ ଏହାର ପ୍ରଭାବ ସେଭଳି ଅନୁଭୂତ ହେଉ ନ ଥିବା ମନେହେଉଛି। କାରଣ ଦେଶର ସର୍ବବୃହତ କାର୍ ନିର୍ମାତା ମାରୁତି ସୁଜୁକିର ଅଗଷ୍ଟରେ ବିକ୍ରି ୩୨.୭% ହ୍ରାସ ପାଇଛି ବୋଲି ରବିବାର କମ୍ପାନୀ ପକ୍ଷରୁ କୁହାଯାଇଛି। ଆଲୋଚ୍ୟ ମାସରେ କମ୍ପାନୀ ୧,୦୬,୪୧୩ ଗାଡ଼ି ବିକିଛି। ଗତବର୍ଷ ଏହି ସମୟରେ କମ୍ପାନୀ ୧,୫୮,୧୮୯ ଗାଡ଼ି ବିକ୍ରି କରିବାକୁ ସକ୍ଷମ ହୋଇଥିଲା ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି। ଏଥିରେ କୁହାଯାଇଛି ଯେ, ଗତ ମାସରେ ଘରୋଇ ଗାଡ଼ି ବିକ୍ରି ୩୪.୩% ହ୍ରାସ ପାଇ ୯୭,୦୬୧ରେ ପହଞ୍ଚିଛି। ଗତ ବର୍ଷ ଏହି ସମୟରେ ୧,୪୭,୭୦୦ ଗାଡ଼ି ବିକ୍ରି ହୋଇଥିଲା। ସେହିପରି ମାରୁତି ଅଲ୍‌ଟୋ ଏବଂ ୱାଗନ ଆର୍ ଭଳି କ୍ଷୁଦ୍ର କାର୍ ବିକ୍ରି ୭୧.୮% ହ୍ରାସ ପାଇ ୧୦,୧୨୩ ହୋଇଥିଲା ବେଳେ ଗତବର୍ଷ ଏହି ସମୟରେ ୩୫,୮୯୫ ଗାଡ଼ି ବିକ୍ରି ହୋଇଥିଲା।

### ଟୟୋଟା କିର୍ଲୋସ୍କର ବିକ୍ରି ୨୧% କମିଛି

ଅଗଷ୍ଟରେ ଟୟୋଟା କିର୍ଲୋସ୍କର ମୋଟର ଗାଡ଼ି ବିକ୍ରି ୨୧% ହ୍ରାସ ପାଇ ୧୧,୫୪୪ରେ ପହଞ୍ଚିଛି ବୋଲି ରବିବାର କମ୍ପାନୀ ପକ୍ଷରୁ କୁହାଯାଇଛି। ଗତବର୍ଷ ଏହି ସମୟରେ କମ୍ପାନୀ ୧୪,୫୮୧ ଗାଡ଼ି ବିକ୍ରି କରିପାରିଥିଲା ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଅଗଷ୍ଟରେ ଘରୋଇ ବଜାରରେ କମ୍ପାନୀର ବିକ୍ରି ୧୦,୭୦୧କୁ ଖସିଆସିଛି, ଯାହା କି ପୂର୍ବବର୍ଷ ଏହି ସମୟରେ ୧୪,୧୦୦ ୟୁନିଟ ଥିଲା, ଅର୍ଥାତ ୨୪% ବିକ୍ରି ହ୍ରାସ ପାଇଛି। ତେବେ ଆଲୋଚ୍ୟ ମାସରେ ରପ୍ତାନି ଦୁଇଗୁଣା ବୃଦ୍ଧି ପାଇଛି, ଯାହା କି ପୂର୍ବବର୍ଷ ୪୮୧ୟୁନିଟ ଥିଲା।

### ହୋଣ୍ଡା କାର୍ ବିକ୍ରି ୫୧% କମିଲା

ହୋଣ୍ଡା କାର୍‌ସ ଇଣ୍ଡିଆ ପକ୍ଷରୁ ରବିବାର କୁହାଯାଇଛି ଯେ, ଅଗଷ୍ଟରେ କମ୍ପାନୀର କାର୍ ବିକ୍ରି ୫୧.୨୮ ପ୍ରତିଶତ ହ୍ରାସ ପାଇ ୮,୨୯୧ରେ ପହଞ୍ଚିଛି। କମ୍ପାନୀ ଗତବର୍ଷ ଅଗଷ୍ଟରେ ୧୭,୦୨୦ ଗାଡ଼ି ବିକ୍ରି ହୋଇଥିଲା। ଉପଭୋକ୍ତାଙ୍କ ମଧ୍ୟରେ ନିରୁତ୍ସାହ ଦେଖାଦେଇଥିବାରୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଅତ୍ୟନ୍ତ ଗମ୍ଭୀର ହୋଇଛି ବୋଲି ହୋଣ୍ଡା କାର୍‌ସ ଇଣ୍ଡିଆର ସିନିୟର ଭାଇସ୍ ପ୍ରେସିଡେଣ୍ଟ ଓ ଡାଇରେକ୍ଟର(ବିକ୍ରି ଓ ମାର୍କେଟିଂ) ରାଜେଶ ଗୋଏଲ କହିଛନ୍ତି।



# ଏଲ୍‌ଆଇସିର ପ୍ରଥମ ପ୍ରିମିୟମ ଆୟ ୧.୪୨ ଲକ୍ଷ କୋଟି

**ପାଟନା, ୧-୯**

ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଘରୋଇ ଜୀବନ ବୀମା କମ୍ପାନୀଗୁଡ଼ିକର ଉପସ୍ଥିତି ସତ୍ତ୍ୱେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ମୋଟ ବଜାର ଅଂଶର ସିଂହଭାଗ ହାସଲ କରିଛି। ଏଲ୍‌ଆଇସି ୪୦ କୋଟିରୁ ଉର୍ଦ୍ଧ୍ୱ ବୀମା ଧାରୀଙ୍କୁ ସେବା ଯୋଗାଇ ଦେଉଛି। ୨୦୧୮-୧୯ରେ ୨.୧୪ କୋଟି ନୂଆ ପଲିସି ବିକ୍ରି କରି ଜୀବନ ବୀମା ପ୍ରଡକ୍ଟ ବଜାରରେ ଏହା ୭୪.୭୧% ଅଂଶ ହାସଲ କରିଛି। କମ୍ପାନୀ ପ୍ରଥମ ପ୍ରିମିୟମ ଆୟ ଭାବେ ୧.୪୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛି। ପେନସନ ଏବଂ ଗୋଷ୍ଠୀ ବୀମା କ୍ଷେତ୍ରରେ ୩.୮୩ କୋଟିରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏହା ବୀମା ସୁବିଧା ଯୋଗାଇ ଦେଉଛି। କମ୍ପାନୀ ବର୍ତ୍ତମାନ ୬୪ ବର୍ଷରେ ପଦାର୍ପଣ କରିଥିବା ବେଳେ ୧.୭୯ କୋଟି ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରୁଥିବା କହିଛି। ବ୍ୟକ୍ତିଗତ ବୀମା କ୍ଷେତ୍ରରେ ଏହା ୨୯ଟି ପ୍ଲାନ ପ୍ରଦାନ କରୁଛି। ୧୪ଟି ଦେଶରେ କମ୍ପାନୀ ନିଜର ଉପସ୍ଥିତିକୁ ଜାହିର କରିବାକୁ ସକ୍ଷମ ହୋଇଛି। ୨୦୧୮-୧୯ରେ ଏହା ୨.୫୪ କୋଟିରୁ ଉର୍ଦ୍ଧ୍ୱ ଦାବି ସମାଧାନ କରିବା ସହ ୧.୬୩ ଲକ୍ଷ କୋଟି ପ୍ରଦାନ କରିଛି। ମୃତ୍ୟୁଜନିତ ଦାବି କ୍ଷେତ୍ରରେ ସମାଧାନ ୯୮.୨୭% ରହିଛି।

ସାରା ଦେଶରେ ୧୨୦ ପ୍ରତ୍ୟକ୍ଷ ବୀପଣନ ପ୍ରଣାଳୀ, ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ୧୮ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ୪୧ ସମବାୟ ବ୍ୟାଙ୍କ ଏବଂ ଗୋଟିଏ ବିଦେଶୀ ବ୍ୟାଙ୍କରେ କମ୍ପାନୀ ଏହାର ପ୍ରଡକ୍ଟ ଉପଲବ୍ଧ କରାଉଛି।

- ୬୪ ବର୍ଷରେ ପଦାର୍ପଣ କଲା
- ସାରା ଦେଶରେ ପାଳନ କରୁଛି ବୀମା ସପ୍ତାହ
- ୪୦ କୋଟିରୁ ଉର୍ଦ୍ଧ୍ୱ ବୀମାଧାରୀଙ୍କୁ ସେବା ଯୋଗାଣ
- ୨୦୧୮-୧୯ରେ ବିକିଛି ୨.୧୪ କୋଟି ନୂଆ ପଲିସି

# ରାଜ୍ୟରେ କାରବାର ୭,୦୦୦ କୋଟି ଟପିଲା

**ଭୁବନେଶ୍ୱର, ୧-୯(ବ୍ୟୁରୋ)**




ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ରାଜ୍ୟରେ ୭ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ କାରବାର ହାସଲ କରିଛି। ସେହିଭଳି ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ୨୦୧୮-୧୯ ଆର୍ଥିକ ବର୍ଷରେ ୨.୧ ଲକ୍ଷ ନୂଆ ପଲିସି ବିକ୍ରି ଦ୍ୱାରା ୨୮୩ କୋଟି ଟଙ୍କା ପ୍ରିମିୟମ ସଂଗ୍ରହ କରିଛି। ୨୦୧୭-୧୮ ଆର୍ଥିକ ବର୍ଷ ତୁଳନାରେ ଏହା ପଲିସି ସଂଖ୍ୟାରେ ୩% ଏବଂ ପ୍ରଥମ ପ୍ରିମିୟମ ସଂଗ୍ରହରେ ୨୯% ଅଭିବୃଦ୍ଧି ହାସଲ କରିଛି। କମ୍ପାନୀ ଏଠାରେ ୧.୪୦ ଲକ୍ଷ ପଲିସିର ପରିପକ୍ୱ ରାଶି ବାବଦକୁ ୫୩୫.୨୮ କୋଟି ଟଙ୍କା ପ୍ରଦାନ କରିଛି। ମୃତ୍ୟୁଜନିତ ବୀମା ବାବଦକୁ ୫୧.୧୪ କୋଟି ଟଙ୍କା ଦିଆଯାଇଛି। ଚଳିତ ଆର୍ଥିକ ବର୍ଷରେ ମଣ୍ଡଳ ପକ୍ଷରୁ ୨.୩୦ ଲକ୍ଷ ନୂଆ ପଲିସି ଦ୍ୱାରା ଏହା ୪୧୦ କୋଟି ଟଙ୍କାର ନୂତନ ପ୍ରିମିୟମ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ଥାନୀୟ ସୂର୍ଯ୍ୟ ନଗରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ସିନିୟର ଡିଭିଜନାଲ ମ୍ୟାନେଜର ଅକ୍ଷୟ କୁମାର ସାହୁ ସୂଚନା ଦେଇଛନ୍ତି।

ସାହୁ କହିଛନ୍ତି ଯେ, ଚଳିତ ବର୍ଷ ଅଗଷ୍ଟ ୩୧ ସୁଦ୍ଧା ୫୮,୦୫୮ ଟି ନୂଆ ପଲିସି ବିକ୍ରି ଦ୍ୱାରା ୧୪୫.୨୪ କୋଟି ଟଙ୍କାର ପ୍ରଥମ ପ୍ରିମିୟମ ସଂଗ୍ରହ କରାଯାଇଛି। ଭୁବନେଶ୍ୱର ମଣ୍ଡଳ ୩୨,୬୪୮ ପଲିସିର ପରିପକ୍ୱ ରାଶି ବାବଦକୁ ୧୨୨.୯୦ କୋଟି, ୧୦୫୮ ଡେଥ୍ କ୍ଲେମ ବାବଦକୁ ୧୬.୩୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଗାମୀ ମାର୍ଚ୍ଚ ସୁଦ୍ଧା ୧.୪୨ ଲକ୍ଷ ପଲିସିର ପରିପକ୍ୱ ରାଶି ପ୍ରଦାନ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଅବସରରେ ଟେକ୍ ଟର୍ମ ନାମରେ ନୂଆ ପଲିସି ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, କମ୍ପାନୀ ବର୍ତ୍ତମାନ ୬୪ ବର୍ଷରେ ପଦାର୍ପଣ କରିଥିବା ବେଳେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବୀମା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ମଣ୍ଡଳ ପକ୍ଷରୁ ସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମ ଅବସରରେ ମାର୍କେଟିଂ ମ୍ୟାନେଜର ଅନନ୍ତ ଭୂଷଣ ରଥ, ସେଲସ ମ୍ୟାନେଜର ଅଶୋକ କୁମାର ରାଏ ପ୍ରମୁଖ ଉପସ୍ଥିତ ଥିଲେ।



ହ୍ୟାଟ୍ରିକ ପାଇଁ ଅଧିନାୟକ ବିରାଟ କୋହଲିଙ୍କ ନିକଟରେ ମୁଁ କୃତଜ୍ଞ। କାରଣ ମୋ ବୋଲିଂରେ ତୃତୀୟ ଶିକାର ହୋଇଥିବା ରୋଷ୍ଟନ ଚେଜ୍‌ଙ୍କ ବିପକ୍ଷରେ ସେ ରିଭ୍ୟୁ ପାଇଁ ଅପିଲ କରିଥିଲେ।–**ଯଶପ୍ରୀତ ବୁମ୍‌ରା, ଭାରତୀୟ ବୋଲର**

ଇଶାନ୍ତ ଶର୍ମା ଉଇକେଟର ଅପରପାର୍ଶ୍ୱରେ ଜଣେ ବ୍ୟାଟ୍ସମ୍ୟାନଙ୍କ ଭଳି ବ୍ୟାଟିଂ କରିବାରୁ ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ମ୍ୟାଚରେ ମୋ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ କରିପାରିଲି।–**ହନୁମା ବିହାରୀ, ଭାରତୀୟ କ୍ରିକେଟର**



# ୱେଷ୍ଟଇଣ୍ଡିଜ ୧୧୭ରେ ଅଲ୍‌ଆଉଟ

**କିଙ୍ଗଷ୍ଟନ(ଜାମାଇକା), ୧।୯**

ସାବିନା ପାର୍କ ଗ୍ରାଉଣ୍ଡରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ମାତ୍ର ୧୧୭ ରନ କରି ଅଲଆଉଟ ହୋଇଛି। ମାତ୍ର ଭାରତ ଘରୋଇ ଦଳକୁ ଫଲୋଅନ ଡାକରା ଦେଇନାହିଁ। ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ରବିବାର ୩ୟ ଦିବସରେ ଖବର ମିଳିବା ବେଳକୁ ୪ ଉଇକେଟ ହରାଇ ୭୨ ରନ ସଂଗ୍ରହ କରିଛି। ଫଳରେ ଦଳର ମୋଟ ଅଗ୍ରଣୀ ବ୍ୟବଧାନ ୩୭୧ ରନରେ ପହଞ୍ଚିଛି। ମୟଙ୍କ ଅଗ୍ରୱାଲ ୪, ଲୋକେଶ ରାହୁଲ ୬, ଚେତେଶ୍ୱର ପୂଜାରା ୨୭ ରନରେ ଏବଂ ଅଧିନାୟକ ବିରାଟ କୋହଲି ଗୋଲ୍ଡେନ ଡକ୍(୦)ରେ ଆଉଟ ହୋଇଛନ୍ତି। ଏହାକୁ ମିଶାଇ କୋହଲି ଟେଷ୍ଟ କ୍ରିକେଟରେ ୪ର୍ଥ ଥରପାଇଁ ବିନା ସ୍କୋରରେ ପ୍ୟାଭିଲିୟନ ଫେରିଛନ୍ତି। ପୂର୍ବରୁ ସେ ୨୦୧୧–୧୨ରେ ମେଲବୋର୍ନରେ ଅଷ୍ଟ୍ରେଲିଆର ବେନ୍ ହିଲ୍‌ଫେନହାଉସ, ୨୦୧୪ରେ ଲର୍ଡ୍ସଠାରେ ଇଂଲଣ୍ଡର ଲିଆମ ପ୍ଲଙ୍କେଟ, ୨୦୧୮ରେ ଓଭାଲଠାରେ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍‌ଙ୍କ ବଲ୍‌ରେ ଏବଂ ଏବେ କେମର ରୋଚ୍‌ଙ୍କ ବଲ୍‌ରେ ଗୋଲ୍ଡେନ ଡକ୍‌ରେ ଆଉଟ ହୋଇଛନ୍ତି। ୱେଷ୍ଟଇଣ୍ଡିଜ ବୋଲରଙ୍କ ମଧ୍ୟରେ କେମର ରୋଚ୍ ୩ଟି ଏବଂ ଜାସନ ହୋଲ୍ଡର ଗୋଟିଏ ଉଇକେଟ ନେଇଛନ୍ତି।

ଦ୍ୱିତୀୟ ଦିବସର ଅସମାପ୍ତ ଇନିଂସ ୮୭/୭ରୁ ଖେଳ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଆଉ ୩୦ ରନ ଯୋଗକରି ଅବଶିଷ୍ଟ ୩ଟି ଉଇକେଟ ହରାଇଥିଲା। ରାନକିମ କର୍ନୱାଲ ୧୭, ଜାମର ହାମିଲଟନ ୫ ଓ କେମର ରୋଚ୍ ୧୭ ରନ କରି ଆଉଟ ହୋଇଥିଲେ। ଭାରତ ପକ୍ଷରୁ ମହମ୍ମଦ ସାମି, ଇଶାନ୍ତ ଶର୍ମା ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ରାନ୍‌କିମ୍ କର୍ନୱାଲଙ୍କ ଉଇକେଟ୍ ନେବା ପରେ ମହମ୍ମଦ ଶାମି (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ ।

ପ୍ରକାଶଯୋଗ୍ୟ ଯେ, ଦ୍ୱିତୀୟ ଦିବସରେ ୨୨ ରନରେ ୫ଟି ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜ ମଧ୍ୟଭାଗରେ ଶିମରନ ହେଟମେରଙ୍କ ୩୪ ଓ ଟେଲଏଣ୍ଡରଙ୍କ ସହାୟତାରେ ୧୦୦ ରନ ପୂରଣ କରିବାରେ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା ହ୍ୟାଟ୍ରିକ ସହ ସର୍ବାଧିକ ୬ଟି, ମହମ୍ମଦ ସାମି ୨ଟି ଏବଂ ଇଶାନ୍ତ ଶର୍ମା ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏହି ଅବସରରେ ସାମି ଟେଷ୍ଟ କ୍ରିକେଟରେ ୧୫୦ ଉଇକେଟ ପୂରଣ କରିଛନ୍ତି। ପୂର୍ବରୁ ଭାରତ ପ୍ରଥମ ଇନିଂସରେ ୪୧୬ ରନ ସ୍କୋର କରିଥିଲା। ୱେଷ୍ଟଇଣ୍ଡିଜ ୧୧୭ରେ ଅଲଆଉଟ ହେବାରୁ ଭାରତ ୨୯୯ ରନରେ ଅଗ୍ରଣୀ ଲାଭ କରିଥିଲା। ତେବେ ଫଲୋଅନ ନ ଡାକି ଦଳ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ଉଚିତ ମଣିଥିଲା। ୱେଷ୍ଟଇଣ୍ଡିଜ ସମ୍ମୁଖରେ ଏକ ବଡ଼ ଟାର୍ଗେଟ ରଖିବା ଭାରତର ଲକ୍ଷ୍ୟ ଥିବା ଏହି ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି। ବୃହତ୍ ଅଗ୍ରଣୀ ସତ୍ତ୍ୱେ ପ୍ରତିପକ୍ଷ ଦଳକୁ ଫଲୋଅନ ନ ଡାକିବା ଭାରତ ପାଇଁ ଏହା ତୃତୀୟ ଦୃଷ୍ଟାନ୍ତ। ୨୦୦୭ରେ ଓଭାଲଠାରେ ଇଂଲଣ୍ଡ ବିପକ୍ଷରେ ୩୧୯ ଓ ୨୦୧୭ରେ ଗାଲେଠାରେ ଶ୍ରୀଲଙ୍କା ବିପକ୍ଷରେ ୩୦୯ ରନରେ ଅଗ୍ରଣୀ ସତ୍ତ୍ୱେ ଭାରତ ଫଲୋଅନ ଡାକରା ଦେଇ ନ ଥିଲା। ୨୦୧୮–୧୯ରେ ମେଲବୋର୍ନଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ୨୯୨ ଓ ୨୦୦୩–୦୪ରେ ସିଡ୍‌ନୀଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ୨୩୧ ରନରେ ଅଗ୍ରଣୀ ସତ୍ତ୍ୱେ ଦଳ ସମାନ ରଣନୀତି ଅବଲମ୍ବନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୧୬(ହନୁମା ବିହାରୀ–୧୧୧, ବିରାଟ କୋହଲି–୭୬, ଇଶାନ୍ତ ଶର୍ମା–୫୭, ମୟଙ୍କ ଅଗ୍ରୱାଲ–୫୫, ଜାସନ ହୋଲ୍ଡର–୫/୭୭, ରାନକିମ କର୍ନୱାଲ–୩/୧୦୫)। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୧୭/ଅଲଆଉଟ(ଶିମରନ ହେଟମେର–୩୪, ଜାସନ ହୋଲ୍ଡର–୧୮, ଯଶପ୍ରୀତ ବୁମ୍‌ରା–୬/୨୭, ମହମ୍ମଦ ସାମି–୨/୩୪)।

## ୧୫୦ ଟେଷ୍ଟ ଉଇକେଟ କ୍ଲବରେ ଶାମି

କିଙ୍ଗଷ୍ଟନ,୧।୯: ଭାରତୀୟ ପେସର ମହମ୍ମଦ ଶାମି ରବିବାର ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇଛନ୍ତି। ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ସେ ଘରୋଇ ଅଲରାଉଣ୍ଡର ରଖିମ କର୍ନୱାଲଙ୍କୁ ଅଜିଙ୍କ୍ୟ ରାହାନେଙ୍କ ହାତରେ କ୍ୟାଚ୍ ଆଉଟ କରାଇ ଟେଷ୍ଟ କ୍ୟାରିୟରରେ ୧୫୦ ଉଇକେଟ ପୂରଣ କରିଛନ୍ତି। ଏହି ମାଇଲଷ୍ଟୋନ ସ୍ପର୍ଶ କରିବାରେ ସେ ଦେଶର ୫ମ ବୋଲର। ତେବେ କମ୍ ଟେଷ୍ଟ ଖେଳି ୧୫୦ ଉଇକେଟ ହାତେଇଥିବା ଭାରତୀୟ ବୋଲରଙ୍କ ତାଲିକାରେ ସାମି ୩ୟ ସ୍ଥାନରେ ରହିଛନ୍ତି। ୨୮ ବର୍ଷୀୟ ପେସର କ୍ୟାରିୟରର ୪୨ତମ ଟେଷ୍ଟରେ ଏହି କ୍ଲବରେ ସ୍ଥାନ ପାଇଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ କପିଳ ଦେବ ୩୯ ମ୍ୟାଚ୍‌ରେ ୧୫୦ ଟେଷ୍ଟ ଉଇକେଟ ନେଇ ଏବେ ମଧ୍ୟ ଦ୍ରୁତତମ ଭାରତୀୟ ବୋଲର ହୋଇ ରହିଛନ୍ତି। ତାଙ୍କ ପଛକୁ ଜାଭଗଲ ଶ୍ରୀନାଥ (୪୦ ଟେଷ୍ଟ), ଜାହିର ଖାନ (୪୯) ଓ ଇଶାନ୍ତ ଶର୍ମା (୫୪) ରହିଛନ୍ତି।

## ବୁମ୍‌ରା ତୃତୀୟ ଭାରତୀୟ

କିଙ୍ଗଷ୍ଟନ,୧।୯(ପି.ଟି.)– ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଶନିବାର ଦ୍ୱିତୀୟ ଦିବସରେ ପ୍ରଥମ ଇନିଂସରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ବୁମ୍‌ରା ଏଥି ସହିତ ଟେଷ୍ଟରେ ତୃତୀୟ ଭାରତୀୟ ଭାବେ ସେ ଏହି ସଫଳତା ପାଇଛନ୍ତି। ପୂର୍ବରୁ ସ୍ପିନର ହରଭଜନ ସିଂ ଓ ଇର୍ଫାନ୍ ପଠାନ ଟେଷ୍ଟରେ ହ୍ୟାଟ୍ରିକ ଅର୍ଜନ କରିବାର ସୌଭାଗ୍ୟ ପାଇଥିଲେ। ତେବେ ଟେଷ୍ଟରେ ଇଂଲଣ୍ଡର ମୋଇନ ଅଲି ୨୦୧୭ରେ ଶେଷଥର ପାଇଁ ହ୍ୟାଟ୍ରିକ ଉଇକେଟ ହାସଲ କରିଥିଲେ। ଦି ଓଭାଲ ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ଡିନ୍ ଏଲଗାର, କାଗିସୋ ରାବାଡ଼ା ଓ ମର୍ନି ମୋର୍କେଲଙ୍କୁ କ୍ରମାଗତ ୩ଟି ବଲ୍‌ରେ ଆଉଟ କରିଥିଲେ।

## ପ୍ରଥମ ଭାରତୀୟ ହରଭଜନ

୧୯ ବର୍ଷ ତଳେ ୨୦୦୧ରେ ହରଭଜନ ଇଡେନଗାର୍ଡେନରେ ଅଷ୍ଟ୍ରେଲିଆ ବିପକ୍ଷରେ ହ୍ୟାଟ୍ରିକ ଉଇକେଟ ହାସଲ କରିଥିଲେ। ସିରିଜ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ସେ ହ୍ୟାଟ୍ରିକ ନେବା ସହ ୧୨୩ ରନ ବ୍ୟୟ କରି ମୋଟି ୭ ଉଇକେଟ ହାସଲ କରିଥିଲେ। ସେ ୭୨ତମ ଓଭରରେ ରକି ପଣ୍ଟିଂ, ଆଡମ ଗିଲକ୍ରିଷ୍ଟ ଓ ଶେନ ୱର୍ନଙ୍କୁ ଆଉଟ କରିଥିଲେ। ପଣ୍ଟିଂ ଓ ଗିଲକ୍ରିଷ୍ଟଙ୍କୁ ସେ ଏଲ୍‌ବିଡବ୍ଲ୍ୟୁ କରିଥିଲେ। ତେବେ ୱର୍ନଙ୍କୁ ସେ ସଦାଗୋପନ ରମେଶଙ୍କ ଦ୍ୱାରା କ୍ୟାଚ୍ ଆଉଟ କରାଇଥିଲେ।

## ସଂକ୍ଷେପରେ

### ୧୫୦୦ ମି. ଦୌଡ଼ରେ ନିଜ ରେକର୍ଡ ଭାଙ୍ଗିଲେ ଜିନ୍‌ସନ

ବର୍ଲିନ୍,୧।୯(ପିଟି): ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକଧାରୀ ଜିନ୍‌ସନ ଜନ୍‌ସନ ଆଇଏସ୍‌ଟିଏଏଫ୍ ଇଭେଣ୍ଟର ୧୫୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିବା ସହ ସୃଷ୍ଟି କରିଛନ୍ତି ନୂଆ ଜାତୀୟ ରେକର୍ଡ। ଏହି ଦୌଡ଼ରେ ଜନ୍‌ସନ ୩ ମିନିଟ୍ ୩୫.୨୪ ସେକେଣ୍ଡ ଟାଇମିଂ ହାସଲ କରିଛନ୍ତି। ଅଲିମ୍ପିକ୍ ଷ୍ଟାଡିୟମରେ ଅନୁଷ୍ଠିତ ଇଭେଣ୍ଟରେ ଆମେରିକାର ଜୋଶୁଆ ଥମ୍ପସନଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ପୂର୍ବରୁ ଏହି ଜାତୀୟ ରେକର୍ଡ ୨୮ ବର୍ଷୀୟ କେରଳ ଧାବକଙ୍କ ନାମରେ ଥିଲା। ସେ ଗତ ଜୁନ୍‌ରେ ନେଦରଲାଣ୍ଡ ନିଜମେଗେନ ୩:୩୭.୬୨ ଟାଇମିଂ ହାସଲ କରିଥିଲେ। ତାଙ୍କ ନାମରେ ୮୦୦ ମି. ଦୌଡ଼ ଇଭେଣ୍ଟର ମଧ୍ୟ ଜାତୀୟ ରେକର୍ଡ ରହିଛି। ନିଜ ଜାତୀୟ ରେକର୍ଡ ଭାଙ୍ଗିବା ସହ ଜନ୍‌ସନ ଦୋହାଠାରେ ଚଳିତ ମାସ ୨୮ରୁ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଇଭେଣ୍ଟ ପାଇଁ ୩:୩୬.୦୦ସେ. କ୍ୱାଲିଫାଇଂ ଟାଇମ ଥିଲା। ମୁଁ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିଲି। କିନ୍ତୁ ରୌପ୍ୟ ଜିତିବା ନେଇ ଆଶା ନ ଥିଲା। ମୁଁ ଏବେ ଟ୍ରେନିଂ ପାଇଁ ଆମେରିକାର କଲୋରାଡୋ ଓ ପରେ ଦୋହା ବିଶ୍ୱ ଚାମ୍ପିୟନଶିପ୍ ଯିବି ବୋଲି ଇଭେଣ୍ଟ ପରେ ସେ କହିଛନ୍ତି।

### ୟୁପି ଯୋଦ୍ଧା ବିଜୟୀ

ବେଙ୍ଗାଲୁରୁ,୧।୯(ପିଟି): ସ୍ଥାନୀୟ ଶ୍ରୀ କାନ୍ତିରାଭା ଷ୍ଟାଡିୟମଠାରେ ରବିବାର ଅନୁଷ୍ଠିତ ପ୍ରୋ କବାଡି ଲିଗ୍ (ପିକେଏଲ) ମ୍ୟାଚ୍‌ରେ ୟୁପି ଯୋଦ୍ଧା ୩୨-୨୯ ପଏଣ୍ଟରେ ବଙ୍ଗାଲ ୱାରିଅର୍ସଙ୍କୁ ହରାଇ ଦେଇଛି। ନୀତିଶ କୁମାର ବିଜୟୀ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ୫ ଟ୍ୟାକେଲ ପଏଣ୍ଟ ହାସଲ କରିଥିଲେ। ଦୁଇ ଦଳ ମଧ୍ୟରେ ପୂରା ମ୍ୟାଚ୍ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା।

# ଜାତୀୟ ମହିଳା ହକି କ୍ୟାମ୍ପରେ ୫ ଓଡ଼ିଆ

**ନୂଆଦିଲ୍ଲୀ,୧।୯(ପି.ଟି.)**

ସୋମବାରଠାରୁ ବେଙ୍ଗାଲୁରୁର ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପରିସରରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ମହିଳା ପ୍ରଶିକ୍ଷଣ ଶିବିର ପାଇଁ ହକି ଇଣ୍ଡିଆ ଏକ ୩୩ ଜଣିଆ ଦଳ ଘୋଷଣା କରିଛି। ଏଥିରେ ୫ ଜଣ ଓଡ଼ିଆ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପ୍‌ଗ୍ରେସ ଏକ୍କା, ସୁନୀତା ଲାକ୍ରା, ରଶ୍ମିତା ମିଞ୍ଜ, ଲିଲିମା ମିଞ୍ଜ୍ ଓ ନମିତା ଟପ୍ପୋ। ୩ ସପ୍ତାହ ଧରି ଚାଲିବାକୁ ଥିବା ଏହି ଶିବିର ସେପ୍ଟେମ୍ବର ୨୨ ତାରିଖରେ ଶେଷ ହେବ। ଏହାପରେ ବିଶ୍ୱ ର୍‍ୟାଙ୍କିଙ୍ଗ୍ ୧୦ ନମ୍ବର ଦଳ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ସିରିଜ ଖେଳିବା ପାଇଁ ଇଂଲଣ୍ଡ ଯାତ୍ରା କରିବ। ଟୋକିଓରେ ଖେଳାଯାଇଥିବା ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ଭାରତ ପ୍ରଦର୍ଶନ ଭଲ ହୋଇଥିଲା। ଏବେ ଦଳ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଉପରେ ଫୋକସ କରିବ। ଏଥିପାଇଁ ଏହି ଶିବିର କାମରେ ଆସିବ। ଏହି ଶିବିରରେ ଅଭ୍ୟାସ କରିବା ସହ ଖେଳାଳିମାନେ ଲୟ ଫେରିପାଇବେ ଓ କ୍ୱାଲିଫାୟର ପାଇଁ ହୋମ ୱାର୍କ କରିବେ ବୋଲି କୋଚ୍ ଜୋଏର୍ଡ ମାରିଜନେ କହିଛନ୍ତି। ଏହାପରେ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବା ଦ୍ୱାରା ଦଳ ଆହୁରି ଅଭିଜ୍ଞ ଓ ଶକ୍ତିଶାଳୀ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ଶିବିର ଦ୍ୱାରା ଖେଳାଳିମାନେ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ସକ୍ଷମ ହେବେ ବୋଲି ସେ କହିଛନ୍ତି।

## ■ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟ ସ୍କୁଲ ଚେସ ଆରମ୍ଭ

# ଭାଗନେଲେ ୧୨ ଜିଲ୍ଲାରୁ ୨୧୮ ପ୍ରତିଯୋଗୀ




ଉଦ୍‌ଘାଟନୀ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

**କଟକ ଅଫିସ,୧।୯**

ଷ୍ଟେଶନବଜାରସ୍ଥିତ ପୂର୍ବତଟ ରେଲୱେ ପ୍ରତିଷ୍ଠାନ କକ୍ଷରେ ଏସ୍‌ଆର୍ ଚେସ ସେଣ୍ଟର ଆନୁକୂଲ୍ୟରେ ୨ୟ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ ଚାମ୍ପିୟନଶିପ ରବିବାରଠାରୁ ଆରମ୍ଭ ହୋଇଛି । ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ୩ଦିନ ଧରି ଚାଲିବ। କଟକ ଜିଲା ଚେସ ସଂଘ ଓ ଅଲ ଓଡ଼ିଶା ଚେସ ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ପ୍ରତିଯୋଗିତାରେ ୧୨ ଜିଲାରୁ ୨୧୮ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୪୯ଜଣ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ରହିଥିବା ବେଳେ ୬୧ଜଣ ବାଳିକା ପ୍ରତିଯୋଗୀ ଅଛନ୍ତି। ପୁରୀର ଜଗଦୀଶ ବାରିକ ହେଉଛନ୍ତି ପ୍ରତିଯୋଗିତାର ଟପସିଡ ଖେଳାଳି। ଭୁବନେଶ୍ୱରର ସ୍ୱପ୍ନିଳ ପ୍ରିୟଦର୍ଶୀ, କଟକର ହର୍ଷିତ ରଞ୍ଜନ ସାହୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସିଡ୍‌ର ମାନ୍ୟତା ପାଇଛନ୍ତି। ରବିବାର ୩ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଜଗଦୀଶ, ଆୟୁଷ ଆର୍ଯ୍ୟନ ମହାପାତ୍ର, ହର୍ଷିତ ରଞ୍ଜନ ସାହୁ, ସାଇସ୍ୱରୂପ ମିଶ୍ର, ବିକାଶ କୁମାର ଲେଙ୍କା, ଶ୍ରୀୟଂଶ ଦାସ, ପ୍ରିୟଂଶ ଦାସ, ଶ୍ରୀୟଂଶ ଦେ, ରତୁପର୍ଣ୍ଣା ତ୍ରିପାଠୀ, ପି.ସାଇରୂପା, ପ୍ରତ୍ୟୁଷ ମହାପାତ୍ରଙ୍କ ସମେତ ୨୪ ପ୍ରତିଯୋଗୀ ୩ ପଏଣ୍ଟ ଲେଖାଏ ହାସଲ କରି ଅଗ୍ରଣୀ ନେଇଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଖ୍ୟାତନାମା ଚେସ ତାରକା ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଅନ୍ତର୍ଜାତୀୟ ଆଥ୍‌ଲେଟ ପାର୍ବତୀ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସେଣ୍ଟରର ଉପଦେଷ୍ଟା ନୀଳମ କାଣ୍ଡୋଇ, କୁଳମଣି ତ୍ରିପାଠୀ ଫାଉଣ୍ଡେଶନର ଅଧ୍ୟକ୍ଷ ସି.ଏ. ରାଜନାରାୟଣ ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚେସ୍ ଖେଳର ପ୍ରଚାର ଓ ପ୍ରସାରରେ ଗୁରୁଦାୟିତ୍ୱ ବହନ କରୁଥିବା ଧରିତ୍ରୀର କ୍ରୀଡ଼ା ପ୍ରତିନିଧି ତପନ କୁମାର ସ୍ୱାଇଁ, ଫଟୋଗ୍ରାଫର ରାଜକିଶୋର ମହାନ୍ତି, ସିଡିଏ ଡିଏଭିର ଶାରୀରିକ ଶିକ୍ଷା ଶିକ୍ଷକ ଡ.ସରୋଜ ସୁନ୍ଦର ବ୍ରହ୍ମାଙ୍କୁ ମାନପତ୍ର, ଉପଢ଼ୌକନ ଦେଇ 'ଏସ୍‌ଆର ଚେସ୍ ସମ୍ମାନ' ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ତାପସ କୁମାର ମହାନ୍ତି ଖେଳ ପରିଚାଳନା କରୁଥିବାବେଳେ ରବୀନ୍ଦ୍ର ଓଝା, ସତ୍ୟଜିତ ପଟ୍ଟନାୟକ, ପ୍ରଶାନ୍ତ ଜେନା, ପ୍ରଦୀପ ଜେନା ପ୍ରମୁଖ ସହଯୋଗ କରଛନ୍ତି।

# ଫେଡରର କ୍ୱାର୍ଟରଫାଇନାଲରେ

**ନ୍ୟୁୟର୍କ, ୯।୧**

**ୟୁଏସ ଓପନ୍**



ରୋଜର ଫେଡରର ୟୁଏସ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ପୁରୁଷ ସିଙ୍ଗଲ୍ସର ଏକ ଚତୁର୍ଥ ରାଉଣ୍ଡ ମ୍ୟାଚରେ ୧୫ତମ ସିଡ୍ ବେଲଜିୟମର ଡେଭିଡ୍ ଗଫିନ୍‌ଙ୍କୁ ୬–୨, ୬–୨, ୬–୦ ସେଟ୍‌ରେ ହରାଇ ଦେଇଛନ୍ତି। ଏଠାରେ ୫ଥର ଚାମ୍ପିୟନ ସୁଇଜରଲାଣ୍ଡର ଫେଡରର କ୍ୱାର୍ଟରଫାଇନାଲରେ ଗ୍ରିଗୋର ଦିମିତ୍ରୋଭ କିମ୍ବା ଆଲେକ୍ସ ଡି' ମିନାଉରଙ୍କୁ ଭେଟିବେ। ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ତଥା ଫ୍ରେଞ୍ଚ ଓପନ୍ ଚାମ୍ପିୟନ ଆଶଲେ ବାର୍ଟି ତାଙ୍କ ମ୍ୟାଚ ହାରିଯାଇଛନ୍ତି। ଚତୁର୍ଥ ରାଉଣ୍ଡରେ ଚାଇନାର ୱାଙ୍ଗ କ୍ୱାଙ୍ଗ୍ ତାଙ୍କୁ ୬–୨, ୬–୪ ସେଟ୍‌ରେ ହରାଇ ଦେଇଛନ୍ତି। ବାର୍ଟି ମ୍ୟାଚରେ ୩୯ ଅପ୍ରତ୍ୟାଶିତ ତ୍ରୁଟି କରିଥିଲେ। ସେ ତାଙ୍କର ସମସ୍ତ ୯ ବ୍ରେକ୍ ପଏଣ୍ଟ କନଭର୍ଟ କରିବାରେ ବିଫଳ ହୋଇଥିଲେ। ୱାଙ୍ଗଙ୍କର ଏହା ହେଉଛି ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲ। ଏହି ପର୍ଯ୍ୟାୟରେ ସେ ୬ଥର ଚାମ୍ପିୟନ ସେରେନା ୱିଲିୟମ୍ସ କିମ୍ବା କ୍ରୋଏସିଆର ପେଟ୍ରା ମାର୍ଟିକଙ୍କୁ ଭେଟିବେ।

# ଲେକ୍‌ରେକ୍‌ଙ୍କୁ ପ୍ରଥମ ଫର୍ମୁଲା ୱାନ ଟାଇଟଲ

**ସ୍ପା–ଫ୍ରାଙ୍କୋରଚାମ୍ପ (ବେଲଜିୟମ), ୧।୯ (ଏଏଫ୍‌ପି)**



ବେଲଜିଆନ ଗ୍ରାଁ ପ୍ରିରେ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ତାଙ୍କ ପ୍ରଥମ ଫର୍ମୁଲା ୱାନ୍ ବିଜୟ ହାସଲ କରିଛନ୍ତି। ସେ ତାଙ୍କର ଏହି ଟାଇଟଲକୁ ଫର୍ମୁଲା ଟୁ ଡ୍ରାଇଭର ଆନ୍ଥୋନୀ ହବର୍ଟଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି, ଯାହାଙ୍କର ଶନିବାର ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଫେରାରି ସହିତ ପ୍ରଥମ ସିଜନ ପୂର୍ବରୁ ୨୧ବର୍ଷୀୟ ଲେକ୍‌ରେକ୍ ଦୁଇଥର ବିଜୟ ନିକଟତର ହୋଇପାରିଥିଲେ। କ୍ଲାସିକ୍ ସ୍ପା ଟ୍ରାକ୍‌ରେ କିନ୍ତୁ ଚାପରେ ଥାଇ ସେ ଶ୍ରେଷ୍ଠ ପ୍ରଦର୍ଶନ କରିପାରିଛନ୍ତି। ରବିବାର ଅନୁଷ୍ଠିତ ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ଲାଗି ମର୍ସିଡିଜର ଲୁଇସ୍ ହାମିଲଟନଙ୍କ ସହିତ ତାଙ୍କର କଡ଼ା ଟକ୍କର ହୋଇଥିଲା। ସେ ହାମିଲଟନଙ୍କଠାରୁ ଏକ ସେକେଣ୍ଡ କମ୍ ସମୟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ଫେରାରିର ସେବାଷ୍ଟିଆନ ଭେଟେଲଙ୍କୁ ପଛରେ ପକାଇ ମର୍ସିଡିଜ ଡ୍ରାଇଭର ଭାଲ୍‌ଟେରୀ ବୋଟାସ ତୃତୀୟ ହୋଇଥିଲେ। ୧୧ତମ ଗ୍ରୀଡରୁ ରେସ୍ ଆରମ୍ଭ କରିଥିବା ୫ମ ସ୍ଥାନ ସ୍ଥାନ ଅଧିକାର କରିବେ ବୋଲି ଏକଦା ମନେ ହେଉଥିଲା। ମାତ୍ର ଫାଇନାଲ ଲାପ୍‌ରେ ତାଙ୍କ ଇଞ୍ଜିନରେ ସମସ୍ୟା ଦେଖାଦେବାରୁ ସେ ପଏଣ୍ଟ ଅର୍ଜନ କରିବାରୁ ବଞ୍ଚିତ ହୋଇଥିଲେ। ରେଡ୍‌ବୁଲ୍‌ରୁ ପ୍ରଥମ ଥର ପ୍ରତିନିଧିତ୍ୱ କରୁଥିବା ଆଲେକ୍‌ଜାଣ୍ଡର ଆଲ୍‌ବନ ୫ମସ୍ଥାନ ଦଖଲ କରିନେଇଥିଲେ। ଟପ୍ ୧୦ର ଅନ୍ୟସ୍ଥାନଗୁଡ଼ିକ ଯଥାକ୍ରମେ ସର୍ଗିଓ ପେରେଜ (ରେସିଂ ପଏଣ୍ଟ), ଡାନିଲ କ୍ୟାଟ୍ (ଟୋରୋ ରୋସୋ), ନିକୋ ହକେନବର୍ଗ (ରେନଲ୍ଟ), ପିଏରେ ଗାସ୍‌ଲି(ଟୋରୋ ରୋସୋ) ଲାନ୍ସ ଷ୍ଟ୍ରୋଲ୍ (ରେସିଂ ପଏଣ୍ଟ) ଅଧିକାର କରିଥିଲେ। ପ୍ରଥମ ଲାପ୍ ରେସ୍‌ରେ ଅନେକ ସଂଘର୍ଷ ଦେଖିବାକୁ ମିଳିଥିଲା। ଭର୍ଷ୍ଟାପେନ, ସେଞ୍ଜ, ଗିଓଭିନାଜି ଏବଂ ନୋରିସଙ୍କୁ ରେସ୍‌ରୁ ଆଉଟ୍ ହେବାକୁ ପଡ଼ିଥିଲା। ରେସ୍ ପୂର୍ବରୁ ହବର୍ଟଙ୍କୁ ସମ୍ମାନ ଜଣାଇ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

# କଟକରେ ଜାତୀୟ ସବ୍‌ଜୁନିୟର ବାସ୍କେଟ୍‌ବଲ ୩ରୁ

**କଟକ ଅଫିସ,୧୯**

ଆସନ୍ତା ୩ରୁ ୯ ତାରିଖ ପର୍ଯ୍ୟନ୍ତ କଟକରେ ୪୬ତମ ଜାତୀୟ ସବ୍‌ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଓ ବାରବାଟୀ ଷ୍ଟାଡିୟମସ୍ଥିତ ବାସ୍କେଟବଲ କମ୍ପ୍ଲେକ୍ସରେ ଚାମ୍ପିୟନଶିପର ମ୍ୟାଚ୍ ଗୁଡ଼ିକ ଖେଳାଯିବ। ଗତ ୨୦୧୩ରେ ଶେଷଥର ପାଇଁ କଟକରେ ଜାତୀୟସ୍ତରୀୟ ବାସ୍କେଟବଲ ଟୁର୍ନାମେଣ୍ଟ ହୋଇଥିଲା। ୧୯୬୪, ୧୯୮୪-୮୫, ୨୦୦୩-୦୪ ମସିହାରେ ସିନିୟର, ୧୯୮୯ରେ ଯୁଥ ଓ ୨୦୧୩ରେ ଜାତୀୟ ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ ଓଡ଼ିଶାରେ ସଫଳତାର ସହ ଆୟୋଜିତ ହୋଇଥିବାବେଳେ ସବ୍‌ଜୁନିୟର ବର୍ଗର ଜାତୀୟ ପ୍ରତିଯୋଗିତା ପ୍ରଥମ ଥର ଲାଗି ହେବ । ବାରବାଟୀ ଷ୍ଟାଡିୟମ ହର୍ସଗେଟ ନିକଟସ୍ଥ ସମ୍ମିଳନୀ କକ୍ଷରେ ରବିବାର ମଧ୍ୟାହ୍ନରେ ରାଜ୍ୟ ବାସ୍କେଟବଲ ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହେବା ସହ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦିଆଯାଇଛି ।

ସାତ ଦିନର ଏହି ପ୍ରତିଯୋଗିତାରେ ୨୬ ରାଜ୍ୟରୁ ୧୦୦୦ ପ୍ରତିଯୋଗୀ, ମ୍ୟାଚ୍ ଅଫିସିଆଲ ଯୋଗଦେବେ । ରାଜ୍ୟ ବାସ୍କେଟବଲ ଆସୋସିଏଶନ ପକ୍ଷରୁ ଖେଳାଳିମାନଙ୍କ ରହଣି, ଖାଦ୍ୟପେୟ ଓ ଯାତାୟାତର ସମସ୍ତ ସୁବିଧା ଯୋଗାଇ ଦିଆଯିବ । ବାରବାଟୀ ଷ୍ଟାଡିୟମ ସମେତ କିଛି ହୋଟେଲରେ ଖେଳାଳିମାନଙ୍କ ରହଣୀ ବ୍ୟବସ୍ଥା କରାଯାଇଛି । ଏ ବାବଦରେ ମୋଟ ୧.୦୫ କୋଟି ଟଙ୍କାର ବଜେଟ କରାଯାଇଛି ବୋଲି ରାଜ୍ୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଯୋଗିତା ପରିଚାଳନା ନିମନ୍ତେ ରାଜ୍ୟ ସଂଘ ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଛି। ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅଭ୍ୟର୍ଥନା କମିଟି ଗଠିତ ହୋଇଥିବା ବେଳେ ଅନେକ ବିଭାଗର କମିଟି ଗଠନ କରାଯାଇଥିବା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଆସନ୍ତା ୩ ତାରିଖ ସନ୍ଧ୍ୟା ୬ଟାରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବ । ଅନ୍ୟପକ୍ଷରେ ପ୍ରତିଯୋଗିତାର ବାଳିକା ବର୍ଗରେ ଓଡ଼ିଶା ଗ୍ରୁପ-ଡିରେ ସ୍ଥାନ ପାଇଛି। ଏହି ଗ୍ରୁପରେ ମଧ୍ୟପ୍ରଦେଶ ଓ ଗୋଆ ରହିଛନ୍ତି । ବାଳକ ବର୍ଗରେ ଓଡ଼ିଶା ଗ୍ରୁପ-ଏଫରେ ସ୍ଥାନ ପାଇଛି । ଏହି ଗ୍ରୁପରେ କେରଳ, ଚଣ୍ଡୀଗଡ଼, ପୁଡୁଚେରୀ ମଧ୍ୟ ରହିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ସଂଘ ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ଜ୍ଞାନରଞ୍ଜନ ପରିଡ଼ା, ଉପସଭାପତି ଅମୀୟ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ମଦନ ରାଓ, ବିନୋଦ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, କାଉନସିଲ ମେମ୍ବର ନିରୋଜ ବନ୍ଧୁ ଯାଦବ, ସତୀଶ ସାହୁ, ସନ୍ତୋଷ କୁମାର ମହାନ୍ତି, ମହେଶ କୁମାର ସାହୁ, କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମକର୍ତ୍ତାଙ୍କ ଗହଣରେ ଜାତୀୟ ସବ୍‌ଜୁନିୟର ବାଳିକା ଓ ବାଳକ ଦଳର ଖେଳାଳିମାନେ ।

- **ଭାଗନେବେ ୨୬ ରାଜ୍ୟରୁ ୧୦୦୦ ପ୍ରତିଯୋଗୀ**
- **ବାଳିକା ବର୍ଗରେ ଗ୍ରୁପ-ଡି ଏବଂ ବାଳକ ବର୍ଗରେ ଗ୍ରୁପ-ଏଫରେ ଓଡ଼ିଶା**

### ରାଜ୍ୟ ବାଳିକା, ବାଳକ ଦଳ ଘୋଷିତ

ଆଗାମୀ ଜାତୀୟ ଚାମ୍ପିୟନଶିପ ନିମନ୍ତେ ୧୨ ଜଣ ଲେଖାଏ ରାଜ୍ୟ ବାଳିକା, ବାଳକ ଦଳ ଘୋଷଣା କରାଯାଇଛି। ଅଶୋକ କୁମାର ନାୟକ ବାଳକ ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଶଶୀକାନ୍ତ ନାୟକ-ସହକାରୀ କୋଚ୍, ସୟଦ ଅକମଲ ଅଲ୍ଲୀ-ମ୍ୟାନେଜର ଭାବେ ସ୍ଥାନ ପାଇଛନ୍ତି। ସେହିପରି ବାଳିକା ଦଳର କୋଚ୍ ରହିଛନ୍ତି ସ୍ମରିତା ସାମନ୍ତରାୟ। ପି.ମନୋଜ କୁମାର-ସହକାରୀ କୋଚ୍, ମଦନ ରାଓ-ମ୍ୟାନେଜର ଭାବେ ଏହି ଦଳରେ ଅଛନ୍ତି ।

**ବାଳକ ଦଳ**
ଟିକେଶ୍ୱର ବୁଦ୍ଧିଆ, ଚର୍ଚ୍ଚିଲ ମୁର୍ମୁ, କେ.ବରିଷ୍ଠ, ପ୍ରଣବ କୁମାର ସ୍ୱାଇଁ, ଉପାସକ ମହାନ୍ତି, ସମ୍ବିତ କୁମାର ନାୟକ, ଶ୍ରେୟାଂଶ ପଣ୍ଡା, ପ୍ରତ୍ୟୁଷ ପ୍ରିୟଦର୍ଶୀ ପ୍ରଧାନ, ସଞ୍ଜୟ ସବର, ଶୁଭମ ସିଂ, କାଇନା ଗୁଣ୍ଡରା ମାଝୀ, ଅନୁପ କୁମାର ଜେନା ।

**ବାଳିକା ଦଳ**
ଲିସା ଆନ୍ଥୋନୀ, ଶ୍ରାବଣୀ ସାମଲ, ସାଇନା ମହାପାତ୍ର, ପଲ୍ଲବୀ ସବର, ପିଙ୍କି ମଲ୍ଲିକ, ଶିଳ୍ପା ସାଲୋନୀ ପଣ୍ଡା, ସ୍ନେହାଶ୍ରୀ ଦାସ, ଚିନ୍ମୟୀ ରଣା, ସରିତା ପ୍ରିୟଦର୍ଶିନୀ ସିଂ, ଲିପ୍ସା ସେଠୀ, ସଞ୍ଜିଲା କୁଜୁର, କାଜଲ ବାରିକ ।

# ସ୍ୱର୍ଣ୍ଣ ସହ ଯଶସ୍ୱିନୀଙ୍କୁ ଅଲିମ୍ପିକ କୋଟା

**ରିଓ ଡି ଜେନେରିଓ,୧୯(ପି.ଟି.)**

ଏଠାରେ ଚାଲିଥିବା ଚତୁର୍ଥ ଆଇଏସ୍‌ଏସ୍‌ଏଫ୍ ରାଇଫଲ/ ପିସ୍ତଲ ବିଶ୍ୱକପ୍‌ରେ ଭାରତର ଯଶସ୍ୱିନୀ ସିଂ ଦେସ୍ୱାଲ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ସେ ପୂରା ଢ଼ଙ୍ଗରେ ଭାରତ ପାଇଁ ନବମ ଅଲିମ୍ପିକ କୋଟା ହାସଲ କରିଛନ୍ତି। ୨୨ ବର୍ଷୀୟା ଏହି ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ ଶନିବାର ୮ ଜଣ ମହିଳା ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ୨୩୬.୭ ପଏଣ୍ଟ ସ୍କୋର କରିଥିଲେ। ପୂର୍ବତନ ଅଲିମ୍ପିକ୍ ଓ ବିଶ୍ୱଚାମ୍ପିୟନ ୟୁକ୍ରେନ୍‌ର ୧ ନମ୍ବର ମହିଳା ଶୁଟର ଓଲେନା କୋଷ୍ଟେଭିଚ୍ ୨୩୪.୮ ପଏଣ୍ଟ ସ୍କୋର କରି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସର୍ବିୟାର ଜସମିନା ମିଲାଭୋନୋଭିକ୍ ୨୧୫.୭ ସ୍କୋର କରି ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

ଫାଇନାଲରେ ଯଶସ୍ୱିନୀ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ତାଙ୍କ ପ୍ରଦର୍ଶନ ଏପରି ପ୍ରଭାବୀ ଥିଲା ଯେ ସେ କୋଷ୍ଟେଭିଚ୍‌ଙ୍କଠାରୁ ଅଧିକ ୧.୯ ପଏଣ୍ଟ ହାସଲ କରିଥିଲେ। ଅର୍ଥଶାସ୍ତ୍ରର ଛାତ୍ରୀ ଯଶସ୍ୱିନୀ କ୍ୱାଲିଫିକେଶନ ରାଉଣ୍ଡରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରି ଓ ଏଗ୍ରିଗେଟ ୫୮୨ ସ୍କୋର କରିଥିଲେ। ଯଶସ୍ୱିନୀଙ୍କୁ ବାଦ୍ ଦେଲେ ୨୦୨୦ ଟୋକିଓ ଅଲିମ୍ପିକ କୋଟା ହାସଲ କରିଥିବା ଅନ୍ୟ ଭାରତୀୟ ଶୁଟରମାନେ ହେଲେ ସଞ୍ଜୀବ ରାଜପୁତ, ଅଞ୍ଜୁମ ମୋଦଗିଲ, ଅପୂର୍ବୀ ଚାଣ୍ଡିଲା, ସୌରଭ ଚତୁର୍ବେଦୀ, ଅଭିଷେକ ବର୍ମା, ଦିବ୍ୟାଂଶ ସିଂ ପାନୱାର, ରାହି ସାର୍ନୋବାତ ଓ ମନୁ ଭାକର। ରିଓରେ ଏଥି ସହିତ ଯଶସ୍ୱିନୀ ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଅଭିଷେକ ବର୍ମା ଓ ଇଲାଭେନିଲ ଭାଲାରିଭାନ ଯଥାକ୍ରମେ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଓ ମହିଳା ୧୦ ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସେହିପରି ପୁରୁଷ ୫୦ ମିଟର ରାଇଫଲ ୩ ପୋଜିସନ୍ସ ଇଭେଣ୍ଟରେ ସଞ୍ଜୀବ ରାଜପୁତ ରୌପ୍ୟ ଓ ପୁରୁଷ ୧୦ ମିଟର ଏୟାର ପିସ୍ତଲରେ ସୌରଭ ଚୌଧୁରୀ ବ୍ରୋଞ୍ଜ୍ ଜିତିଛନ୍ତି।


ଯଶସ୍ୱିନୀ ସିଂ ଦେଶୱାଲ

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ


ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍ : ପଦକ ସହ କୃତୀ ପ୍ରତିଯୋଗୀ ।

**ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୧୯(କ୍ରୀଡ଼ା ପ୍ରତିନିଧି)**

ପଶ୍ଚିମବଙ୍ଗର ଆସାନସୋଲଠାରେ ୪ର୍ଥ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ୩ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ରାଇଫଲ ଆସୋସିଏଶନ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ୧୦ ମିଟର ଏୟାର ରାଇଫଲ ସିନିୟର ବର୍ଗରେ ସୁମିତ କୁମାର ପାଣ୍ଡବ, ୫୦ ମିଟର .୨୨ ରାଇଫଲ ଭେଟେରାନ ବର୍ଗରେ ଭଗବାନ ବେହେରା ଓ ୧୦ ମିଟର ଏୟାର ପିସ୍ତଲ ସିନିୟର ବର୍ଗରେ ଅର୍ଜୁନ ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୦ ମିଟର ଏୟାର ରାଇଫଲ ଜୁନିୟର ବର୍ଗରେ କିରନ କୁମାର ନନ୍ଦ ଓ ୧୦ ମିଟର ଏୟାର ପିସ୍ତଲ ସିନିୟର ବର୍ଗରେ ପରେଶ କୁମାର ଷଡ଼ଙ୍ଗୀ ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶା ରାଇଫଲ ଆସୋସିଏଶନ ପକ୍ଷରୁ ଡ. ହରିପ୍ରସାଦ ପଟ୍ଟନାୟକ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କିସ୍ ଚାମ୍ପିୟନ, ସୈନିକ ସ୍କୁଲ ରନର୍ସଅପ୍

**ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ**

**ଭୁବନେଶ୍ୱର, ୧୯(କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ରବିବାର ଶେଷ ହୋଇଥିବା ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ(କିସ୍) ଚାମ୍ପିୟନ ହୋଇଛି। ଫାଇନାଲରେ କିସ୍ ୨-୦ ଗୋଲରେ ସୈନିକ ସ୍କୁଲକୁ ପରାସ୍ତ କରିଛି।

ମ୍ୟାଚ ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ କିନ୍ତୁ କିସ୍ ଅପେକ୍ଷାକୃତ ପ୍ରଭାବୀ ପ୍ରଦର୍ଶନ କରି ବାଜି ମାରିଥିଲା। ମ୍ୟାଚର ୩୫ତମ ମିନିଟରେ କୁନାରାମ ସୋରେନ ଓ ୪୮ତମ ମିନିଟରେ ହରି ହେମ୍ବ୍ରମ ୨ଟି ଫିଲ୍ଡ ଗୋଲ ଦେଇ କିସ୍‌କୁ ବିଜୟ ମୁକୁଟ ପିନ୍ଧାଇଥିଲେ। ପ୍ରଥମାର୍ଦ୍ଧ ଶେଷ ପରେ ପ୍ରତି ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ଆୟୋଜକ ଆସୋସିଏଶନ ପକ୍ଷରୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ବାଣିଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅନନ୍ତ ନାରାୟଣ ଜେନା ଏବଂ ଅନୁଗୋଳ-ସୁକିନ୍ଦା ରେଲୱେର ପରିଚାଳନା ନିର୍ଦ୍ଦେଶକ ଦିଲୀପ ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗ୍ଲୋବାଲ ଫିଜିଓଥେରାପି ସେଣ୍ଟରର ଫିଜିଓଥେରାପିଷ୍ଟ ଅମିତ କୁମାର ସାହୁ ଓ ପ୍ରସାଦ ସାହୁଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ସଭାପତିତ୍ୱ କରିଥିଲେ ଆୟୋଜକ ଆସୋସିଏଶନ ସଭାପତି ତପନ ମହାନ୍ତି। ସମ୍ପାଦକ ଦିଲୀପ ଦାସ ବିବରଣୀ ପ୍ରଦାନ କରିଥିବାବେଳେ ସଭା ପରିଚାଳନା କରିଥିଲେ ଅମୀୟ ମିଶ୍ର। ମ୍ୟାଚ ପରିଚାଳନା କରିଥିଲେ ରାଜେନ୍ଦ୍ର ବାରିକ, ଦିଗ୍‌ବିଜୟ ଦାସ, କୀର୍ତ୍ତିରଞ୍ଜନ ସ୍ୱାଇଁ ଓ ଲକ୍ଷ୍ମୀପ୍ରସାଦ। ସୁଶାନ୍ତ ମହାନ୍ତି ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରେଷ୍ଠ ଶୃଙ୍ଖଳିତ ଦଳଭାବେ ଆଇଆରସି ଭିଲେଜ ସରକାରୀ ହାଇସ୍କୁଲକୁ ପୁରସ୍କୃତ କରାଯାଇଥିଲା। କିସ୍‌ର ଦୁଲା ବେସ୍ରା ଶ୍ରେଷ୍ଠ ଗୋଲକିପର, କୁନାରାମ ସୋରେନ ଶ୍ରେଷ୍ଠ ଫରୱାର୍ଡ, କ୍ୟାପିଟାଲ ହାଇସ୍କୁଲର ଚନ୍ଦନ ନାୟକ ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି, ବିଜେଇଏମ୍-୧ର ସ୍ମୃତିସୁନ୍ଦର ନାୟକ ଶ୍ରେଷ୍ଠ ମିଡ୍‌ଫିଲ୍ଡର ପୁରସ୍କାର ପାଇଥିଲେ। ଫାଇନାଲରେ କିସ୍ ଦଳର ଯଦିନାଥ ହାଁସଦା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୈନିକ ସ୍କୁଲର ସୂରଜ ସୁନ୍ଦର ଡିଗଲ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। କୃଷ୍ଣଚନ୍ଦ୍ର ରଣା, ବେଣୁଧର ସାମନ୍ତରାୟ ଓ କୃଷ୍ଣଚନ୍ଦ୍ର ମଲିକଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା।


ଅତିଥିଙ୍କଠାରୁ ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି ।

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**

ଶ୍ରୀମାନ୍ ଅଦ୍ୱିକ ପଣ୍ଡା
ସେକ୍ଟର-୧୦, ସି.ଡି.ଏ, କଟକ
ଶ୍ରୀ ଶ୍ରୀ ଗଣପତି ପାପାଙ୍କ ଆଶୀର୍ବାଦରୁ ତୋତେ ଆଜିଭଳି ଶୁଭ ଦିନରେ ପାଇ ତୋର ବାବା, ମାମା, ଜେଜେ, ବୋଉ, ଅଜା, ଆଈ, ମାମୁ, ଓ ଅନ୍ୟାନ୍ୟ ପରିବାରବର୍ଗ ଯେତିକି ଖୁସି ସେତିକି ପରିମାଣରେ ତୋତେ ଆଶୀର୍ବାଦ କରୁଅଛୁ।
ଧ-୧୪୧୯୧

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**

ଶ୍ରେୟାଂଶ ସାର୍ଥକ (ରେୟାନ୍)
ଆଜି ତୋର ପ୍ରଥମ ଜନ୍ମବାର୍ଷିକୀ ଦିବସରେ ବିଘ୍ନବିନାଶକ ଶ୍ରୀଗଣେଶଙ୍କ ନିକଟରେ ପ୍ରାର୍ଥନା କରୁଛୁ କି, ସେ ତୋର ସବୁ ବାଧା ବିଘ୍ନକୁ ଦୂରକରି ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ଜେଜେ, ମାଆ, ଅଜା, ଆଈ, ବାପା, ମାମା, ପୁନମ୍ ଦିଦି ଓ ପରିବାରବର୍ଗ।
ଧ-୧୪୧୦୮

**ପ୍ରଥମ ଜନ୍ମଦିନର ଶୁଭେଚ୍ଛା**

ସାନ୍‌ଭି (ରୀଧି)
ଦିବ୍ୟବିହାର, ଭୁବନେଶ୍ୱର
ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହ ଈଶ୍ୱରଙ୍କୁ ଆମେ ସବୁ ପ୍ରାର୍ଥନା କରୁଛୁ କି ତୋର ଜୀବନର ଚଲାପଥ ସୁଦୀର୍ଘ, କୁସୁମିତ ଓ ମଙ୍ଗଳମୟ ହେଉ।
ଶୁଭେଚ୍ଛା ସହ:
ପିତା- ପପୁ, ମାତା- ଶ୍ୱାତୀ, ଜେଜେ, ଜେଜେ ମା', ଅଜା, ଆଈ, ଦାଦା, ମାମୁ, ମାଈଁ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୬୭୮୦୧

**Birthday Wish**

Suchismita Behera
Unit-7, Suryanagar, BBSR
HAPPY BIRTHDAY
For the first time on your special day, you are apart from us. We all are with you. Enjoy your day to the fullest.
D-14188

# ଇଣ୍ଡିଆ ଗ୍ରୀନ- ରେଡ୍ ଫାଇନାଲ

**ବେଙ୍ଗାଲୁରୁ,୧୯(ପି.ଟି.)**

ଅଲୁରସ୍ଥିତ କର୍ଣ୍ଣାଟକ ଷ୍ଟେଟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ଗ୍ରାଉଣ୍ଡରେ ଇଣ୍ଡିଆ ଗ୍ରୀନ୍ ଓ ଇଣ୍ଡିଆ ରେଡ୍ ମଧ୍ୟରେ ଅନୁଷ୍ଠିତ ୪ ଦିନିଆ ଦୁଲୀପ ଟ୍ରଫି କ୍ରିକେଟ ମ୍ୟାଚ୍ ରବିବାର ଅମୀମାଂସିତ ଭାବେ ଶେଷ ହୋଇଛି। ତେବେ ପ୍ରଥମ ଇନିଂସରେ ମହତ୍ତ୍ୱପୂର୍ଣ୍ଣ ୧ ରନ ଅଗ୍ରଣୀ ହାସଲ କରିଥିବାରୁ ଇଣ୍ଡିଆ ରେଡ୍ ୩ ପଏଣ୍ଟ ଓ ଇଣ୍ଡିଆ ଗ୍ରୀନକୁ ୧ ପଏଣ୍ଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଫଳରେ ଇଣ୍ଡିଆ ରେଡ୍ ୬ ପଏଣ୍ଟ ପାଇ ତାଲିକାର ପ୍ରଥମ ସ୍ଥାନରେ ରହିଛି। କିନ୍ତୁ ଇଣ୍ଡିଆ ବ୍ଲୁ ସହ ସମାନ ୨ ପଏଣ୍ଟ ପାଇଥିଲେ ମଧ୍ୟ ରନ୍‌ରେଟ୍ ଦୃଷ୍ଟିରୁ ଇଣ୍ଡିଆ ଗ୍ରୀନ୍ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୪ରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଇଣ୍ଡିଆ ଗ୍ରୀନ୍ ଫାଇନାଲ ମ୍ୟାଚ୍‌ରେ ଇଣ୍ଡିଆ ରେଡ୍‌କୁ ଭେଟିବ। ପାଞ୍ଚ ଦିବସୀୟ ଫାଇନାଲ ମ୍ୟାଚ୍ ଦିବା-ରାତ୍ର ହେବ।

ପ୍ରଥମ ଇନିଂସରେ ୧୨୬ ରନର ଶତକୀୟ ଇନିଂସ ଖେଳିଥିବା ଇଣ୍ଡିଆ ରେଡ୍‌ର ମହିପାଲ ଲୋମରର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ଇଣ୍ଡିଆ ଗ୍ରୀନ୍ ପ୍ରଥମ ଇନିଂସରେ ୧୩୧.୩ ଓଭରରେ ୪୪୦ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରିୟଙ୍କ ପଞ୍ଚାଲଙ୍କ ନେତୃତ୍ୱାଧୀନ ଇଣ୍ଡିଆ ରେଡ୍ ଲୋମରରଙ୍କ ଶତକ ଏବଂ କରୁଣ ନାୟାର(୯୦) ଓ ଟେଲଏଣ୍ଡର ଆଭେସ ଖାଁ (୬୪)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ପ୍ରଥମ ଇନିଂସରେ ୧୪୫.୩ ଓଭରରେ ୪୪୧ ରନ କରି ଅଲଆଉଟ ହୋଇ ୧ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଣ୍ଡିଆ ଗ୍ରୀନ୍ ରବିବାର ଅନ୍ତିମ ଦିବସ ଖେଳ ଶେଷ ହେବାବେଳକୁ ୫୪ ଓଭରରେ ୩ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଥିଲା। ଫଳରେ ମ୍ୟାଚ୍ ଡ୍ର'ରେ ସମାପ୍ତ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଇଣ୍ଡିଆ ଗ୍ରୀନ୍ ପ୍ରଥମ ଇନିଂସ-** ୪୪୦ରେ ଅଲଆଉଟ।
**ଇଣ୍ଡିଆ ରେଡ ପ୍ରଥମ ଇନିଂସ-** ୪୪୧ ଅଲଆଉଟ। (ଲୋମରର- ୧୨୬, ନାୟାର- ୯୦, ଆଭେସ- ୬୪, ଧର୍ମେନ୍ଦ୍ରସିନ ଜାଡେଜା- ୪/୧୩୫)।
**ଇଣ୍ଡିଆ ଗ୍ରୀନ୍ ଦ୍ୱିତୀୟ ଇନିଂସ-** ୫୪ ଓଭରରେ ୯୮/୩ (ଧ୍ରୁବ ସୋରେ- ୪୪*, ଜୟଦେବ ଉନାଡକଟ- ୧/୮)।

# ଆଶୁତୋଷ ଚାମ୍ପିୟନ

**ଭୁବନେଶ୍ୱର, ୧୯ (କ୍ରୀଡ଼ା ପ୍ରତିନିଧି)**

ଏଠାରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ରେ ଆଶୁତୋଷ ପାଢ଼ୀ ଚାମ୍ପିୟନ ଓ ଆକାଶ ମହାପାତ୍ର ରନର୍ସଅପ୍ ହୋଇଛନ୍ତି। ସଂଘର୍ଷପୂର୍ଣ୍ଣ ଫାଇନାଲରେ ଆଶୁତୋଷ ୫-୪ ଫ୍ରେମ୍‌ରେ ଆକାଶଙ୍କୁ ପରାସ୍ତ କରିଛନ୍ତି। ଏହି ଅବସରରେ ଆଶୁତୋଷ ସର୍ବାଧିକ ୬୭ ପଏଣ୍ଟ ବ୍ରେକ୍ କରିଥିଲେ। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଆଶୁତୋଷ ୫-୧ ଫ୍ରେମ୍‌ରେ ସୁବ୍ରତ ଦାସଙ୍କୁ ଏବଂ ଆକାଶ ୫-୪ରେ ଅନୁଜ ପଣ୍ଡାଙ୍କୁ ପରାସ୍ତ କରିଥିଲେ। ସେହିପରି କ୍ୱାର୍ଟର ଫାଇନାଲରେ ଆକାଶ ମହାପାତ୍ର ୪-୨ରେ ରଣଜୀତ ପତି, ସୁବ୍ରତ ଦାସ ୪-୩ରେ ଜାକିର ଅଲୀ ଖାଁ, ଅନୁଜ ପଣ୍ଡା ୪-୩ରେ ରାକେଶ ରୋଶନ ପ୍ରଧାନ ଏବଂ ଆଶୁତୋଷ ପାଢ଼ୀ ୪-୧ ଫ୍ରେମ୍‌ରେ ଶାରଦା ବେହେରାଙ୍କୁ ପରାସ୍ତ କରିଥିଲେ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ବିପିନ କୁମାର ଦାସ
କରଡ଼ାଗାଡ଼ିଆ, ଅନୁଗୋଳ
ଆବିର୍ଭାବ: ୦୧।୦୪।୧୯୫୮
ତିରୋଧାନ: ୨୩।୦୮।୨୦୧୯
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବିଜୟ କୁମାର ଦାସ ଓ ପରିବାରବର୍ଗ
ଧ-୧୪୧୮୯

**ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତା ଶ୍ରୀମତୀ ବିଳାସ କୁମାରୀ ଦେବୀ
ପୂବାଶାସନ
ପ୍ରାକ୍ତନ ଶିକ୍ଷୟିତ୍ରୀ, ସରଦେଇପୁର ଉ.ପ୍ରା. ସ୍କୁଲ
ଆବିର୍ଭାବ: ୦୬।୦୭।୧୯୪୯
ତିରୋଧାନ: ୦୫।୦୯।୨୦୧୬
(ଗଣେଶ ପୂଜା ଓ ଗୁରୁଦିବସ)
"ସବୁ ଦୁଃଖ ଯାତନାକୁ ନୀରବରେ ସହି ଚାଲିଗଲ ଆରପାରେ କିଛି ହିଁ ନ କହି"
ଶୋକସନ୍ତପ୍ତ:
ସ୍ୱାମୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ
ଧ-୧୪୦୭୫

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨/୨୦୧୯ Bhubaneswar, Monday, September 2/2019

## ସଂକ୍ଷେପରେ

### ଝାରପଡ଼ା ଜେଲରେ କମିଶନରେଟ ପୋଲିସର ପରେଡ

**କଟକ ରୋଡ,୧।୯(ଡି.ଏନ୍.ଏ.):** ଭୁବନେଶ୍ୱର ଝାରପଡ଼ା ସ୍ୱତନ୍ତ୍ର ଜେଲରେ ରବିବାର କମିଶନରେଟ ପୋଲିସ ପକ୍ଷରୁ ଜେଲ ପରେଡ ହୋଇଥିଲା। ଅପରାହ୍ନ ପ୍ରାୟ ୪ଟାରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଡିସିପି ଅନୁପ କୁମାର ସାହୁ, ସମସ୍ତ ଜୋନ ଏସିପି, ଥାନା ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ଥାନା ଅଞ୍ଚଳରୁ ସମ୍ବେଦନଶୀଳ ମାମଲାରେ ଗିରଫ ହୋଇ ଜେଲରେ ଥିବା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କ ଗତିବିଧି ବାବଦରେ କମିଶନର ଷଡଙ୍ଗୀ ଜେଲ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଏଥିସହ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ଚିହ୍ନଟ କରିବା, କେଉଁ ଅପରାଧରେ ସେମାନେ ସାମିଲ ରହିଛନ୍ତି ସେ ନେଇ ମଧ ପଚରାଉଚରା କରାଯାଇଥିଲା। ପ୍ରାୟ ୧ଘଣ୍ଟା ଧରି ଏହି ପରେଡ ଚାଲିଥିଲା। ପ୍ରତ୍ୟେକ ରବିବାର ଜେଲ ପରେଡ ହୋଇଥାଏ। ଏହା ଏକ ନିୟମିତ ପ୍ରକ୍ରିୟା ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

### ମାଲେସିଆ ଜାହାଜରୁ ତେଲ କଢ଼ା ଜାରି ୩ଦିନରେ ବାହାରିଲା ୧୬ହଜାର ଲିଟର

**ବ୍ରହ୍ମଗିରି,୧।୯(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାଜହଂସ ନିକଟରେ ଲାଗିଥିବା ମାଲେସିଆର ଏକ ପଣ୍ୟ ବାହି ଜାହାଜରୁ ରବିବାର ସୁଦ୍ଧା ୧୬ହଜାର ଲିଟର ତେଲ କଢାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଶୁକ୍ରବାର ତଥା ପ୍ରଥମ ଦିନରେ ଉକ୍ତ ଜାହାଜରୁ ୯ହଜାର ଲିଟର ତେଲ ବାହାର କରାଯାଇଥିଲା। ଏବେ ପମ୍ପ ସାହାଯ୍ୟରେ ତେଲ ପରିମାଣ କମ୍ ଆସୁଥିବାରୁ ଜାହାଜରେ ତେଲ କମ୍ ଥିବା ନେଇ ତେଲ କାଢୁଥିବା କର୍ମଚାରୀମାନେ ଆଲୋଚନା କରୁଥିବା ଜଣାପଡିଛି। ଜାହାଜ ଖରାପ ଥିବା ସମୟରେ ବିଭିନ୍ନ ଟିମ୍ ଦ୍ୱାରା ପ୍ରଥମେ ୩୦ହଜାର ଲିଟର ଓ ପରବର୍ତ୍ତୀ ସମୟରେ ୪୦ ହଜାର ଲିଟର ତେଲ ଥିବା ଅନୁମାନ କରିଥିଲେ। ଜାହାଜରେ କେତେ ଲିଟର ତେଲ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ମହିଳାଙ୍କ ଆତ୍ମହତ୍ୟା

**ପାତ୍ରପଡା, ୧।୯ (ଡି.ଏନ.ଏ.):** ତମାଣ୍ଡୋ ଥାନା ଅଞ୍ଚଳରେ ରବିବାର ଜଣେ ମହିଳା ରହୁଥିବା ଘରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିଜୟଲକ୍ଷ୍ମୀ ମହାରଣା(୪୦)। ସେ ସ୍ୱାମୀ ଓ ଝିଅ ସହ ତମାଣ୍ଡୋ ଅଞ୍ଚଳରେ ଭଡା ଘରେ ରହୁଥିଲେ। ରବିବାର ସକାଳେ ବିଜୟଲକ୍ଷ୍ମୀଙ୍କ ସ୍ୱାମୀ ଘରେ ନ ଥିବା ବେଳେ ଝିଅ ବାହାରକୁ ଯାଇଥିଲେ। ଏହି ସମୟରେ ବିଜୟଲକ୍ଷ୍ମୀ ଘରର ଫ୍ୟାନରେ ଓଢ଼ଣୀ ଲଗାଇ ଝୁଲି ପଡିଥିଲେ। କିଛି ସମୟ ପରେ ଝିଅ ଘରକୁ ଆସି ଘଟଣା ସମ୍ପର୍କରେ ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ନଂ. ୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ମୃତ୍ୟୁ

**ଗୋପ,୧।୯(ଡି.ଏନ୍.ଏ.):** ବିଦ୍ୟୁତ୍ ଆଘାତରେ ରବିବାର ସକାଳ ପ୍ରାୟ ୮ଟାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଣାର୍କ ଥାନା ଅଧୀନ ଧନିତ୍ରୀ ଗ୍ରାମର ସୁରେନ୍ଦ୍ର ଦେହୁରୀ(୬୦)। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସୁରେନ୍ଦ୍ରଙ୍କ ଘରେ ଲାଗିଥିବା ହିଟର ଖରାପ ଥିବାରୁ ସେ ତା'କୁ ମରାମତି କରୁଥିଲେ। ଅସାବଧନତା ଯୋଗୁ ଏହି ସମୟରେ ହିଟରରେ ଲାଗିଥିବା ତାର ତାଙ୍କ ବାମ ହାତରେ ଲାଗିଯାଇଥିଲା। ଫଳରେ ଘଟଣାସ୍ଥଳରେ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୋପ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶିବପ୍ରସାଦ ମଙ୍ଗରାଜ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ବେପରୁଆ ଗାଡ଼ିଚାଳକ ଛାନିଆ

- ଟ୍ୱିନ୍ ସିଟିରୁ ୩୧୨ଜଣଙ୍କଠାରୁ ୨.୧୩ ଲକ୍ଷ ଟଙ୍କା ଜରିମାନା ଆଦାୟ
- ଚନ୍ଦ୍ରଶେଖରପୁର ଟ୍ରାଫିକ ଥାନା ଆଗରେ

**ଭୁବନେଶ୍ୱର,(ବ୍ୟୁରୋ)/କଟକ ଅଫିସ୍,୧।୯**

ନୂଆ ମୋଟର ଆଇନ-୨୦୧୯ ଲାଗୁ ହେବା ପରେ ପ୍ରଥମ ଦିନରେ କମିଶନ୍‌ରେଟ ପୋଲିସ ପକ୍ଷରୁ ରବିବାର କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। କଟକ, ଭୁବନେଶ୍ୱର ଟ୍ୱିନ ସିଟିରୁ ୩୧୨ ଜଣ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୨ଲକ୍ଷ ୧୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିମଧ୍ୟରେ ଭୁବନେଶ୍ୱରରୁ ୧ଲକ୍ଷ ୨୪ ହଜାର ଓ କଟକରୁ ୮୯ ହଜାର ଟଙ୍କା ଆଦାୟ କରାଯାଇଛି। ରାଜଧାନୀର ଚନ୍ଦ୍ରଶେଖରପୁର ଟ୍ରାଫିକ୍ ଥାନା ପକ୍ଷରୁ ୬୮ଜଣଙ୍କଠାରୁ ୭୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିମଧ୍ୟରେ ବିନା ହେଲମେଟ୍ ଯୋଗୁ ୩୪ ଜଣ, ସିଟ୍‌ବେଲ୍ଟ ପିନ୍ଧି ନ ଥିବାରୁ ୨ଜଣ, ରଙ୍ଗ୍ ରୁଟ୍‌ରେ ଯିବା ଯୋଗୁ ୧୭ ଜଣ, ଫ୍ୟାନ୍ସି ନମ୍ବର ପ୍ଲେଟ୍



ପାଇଁ ଜଣେ, ବିନା କାଗଜପତ୍ରରେ ଗାଡ଼ିଚାଳନା ପାଇଁ ୪, ବେଆଇନ ପାର୍କିଂ ଯୋଗୁ ୨ ଜଣ, ସ୍ପିଡ୍ ବାଇକ୍ ଚାଳନା ଯୋଗୁ ୨ଜଣ, ଫୁଟପାଥ୍ ଉପରେ ବାଇକ୍ ଚାଳନା ପାଇଁ ୬ଜଣ ରହିଛନ୍ତି। ସେହିପରି ଏଜି ଛକ ଟ୍ରାଫିକ ପୋଲିସ ୪୫ଜଣଙ୍କଠାରୁ ୫୧ ହଜାର ଟଙ୍କା ଆଦାୟ କରିଛି। ସେଥିମଧ୍ୟରେ ବିନା ହେଲମେଟ୍ ଯୋଗୁ ୧୧ ଜଣ, ସିଟ୍‌ବେଲ୍ଟ ପିନ୍ଧି ନ ଥିବାରୁ ୩ଜଣ, ରଙ୍ଗ୍ ରୁଟ୍‌ରେ ଯିବା ପାଇଁ ଜଣେ, ଦ୍ରୁତଗତିରେ ଗାଡ଼ିଚାଳନା ପାଇଁ ୫ଜଣ, ଗାଡ଼ି ଚଳାଇବାବେଳେ ମୋବାଇଲ୍ ଫୋନ୍‌ରେ ଗପିବା ଯୋଗୁ ୨ଜଣ, ଟ୍ରାଫିକ୍ ସିଗ୍ନାଲକୁ ଉଲ୍ଲଂଘନ କରିବା ଲାଗି ୫ଜଣ, ବେଆଇନ ପାର୍କିଂ ପାଇଁ ୧୧ଜଣ, ବିନା ନମ୍ବର ପ୍ଲେଟ୍‌ରେ ଗାଡି ଚଳାଇବା ପାଇଁ ଜଣେ, ବିନା ଡିଏଲ ଯୋଗୁ ୬ଜଣ ଅନ୍ତର୍ଭୁକ୍ତ। କିନ୍ତୁ ମଦ ପିଇ ଗାଡି ଚାଳନାରେ କେହି ଧରାପଡି ନାହାନ୍ତି। ସେହିପରି କଟକରେ ୧୫୧ ଗାଡ଼ିଚାଳକଙ୍କଠାରୁ ଟ୍ରାଫିକ୍ ପୋଲିସ ୮୯ ହଜାର ଟଙ୍କା ଜରିମାନା ଆଦାୟ କରିଛି। ପ୍ରଥମ ଦିନରୁ ଏଭଳି ଯାଞ୍ଚ ଓ ଜରିମାନା ଯୋଗୁ ବେପରୁଆ ଗାଡ଼ି ଚାଳକମାନେ ଛାନିଆ ହେବା ସ୍ୱାଭାବିକ, ଯାହା ଯାଞ୍ଚ ସ୍ଥାନଠାରୁ କିଛି ଦୂରରେ ଲକ୍ଷ୍ୟ କରାଯାଇଥିଲା। ଅନେକେ ଯାଞ୍ଚରୁ ବଞ୍ଚିବା ପାଇଁ ଫେରିଯିବା ସହ ଗଳିରାସ୍ତାରେ ଯାଇଥିଲେ।

## ମଦୁଆ ଖୋଜିଲେଣି ଗଳାବାଟ

ଅଧିକାଂଶ ଦୁର୍ଘଟଣା ମଦ ପିଇ ଗାଡ଼ିଚାଳନା ଯୋଗୁ ହେଉଛି। ତେଣୁ ନୂଆ ନିୟମ ଅନୁଯାୟୀ ମଦ ପିଇ ଗାଡ଼ିଚାଳନା କଲେ ୧୦ ହଜାର ଟଙ୍କା ଜରିମାନା ଦେବାକୁ ହେବ, ଯାହାକୁ ନେଇ ମଦୁଆମାନେ ଚିନ୍ତାରେ। ତେଣୁ ପୋଲିସକୁ ଚକ୍‌ମା ଦେଇ ଖସି ଯିବା ପାଇଁ ମଦୁଆମାନେ ଗଳି ରାସ୍ତା ବାଛିଲେଣି, ଯେଉଁଠିକି ପୋଲିସ ଯାଞ୍ଚ କରିପାରୁ ନ ଥିବ। ରାଜଧାନୀରେ ବିଭିନ୍ନ ସ୍ଥାନକୁ ଯିବାକୁ ହେଲେ ଗଳି ରାସ୍ତା ରହିଛି। ତେଣୁ ଏହି ରାସ୍ତାରେ ମଦୁଆମାନେ ଖସିଯାଉଛନ୍ତି, ଯାହାର ଉଦାହରଣ ଯାଞ୍ଚର ପ୍ରଥମ ଦିନରେ ଦେଖିବାକୁ ମିଳିଛି। କେହି ଜଣେ ହେଲେ ମଦୁଆ ଚାଳକ ଧରାପଡ଼ିନାହାନ୍ତି। ତେଣୁ ଗଳି କନ୍ଦିରେ ଅଚାନକ ଯାଞ୍ଚ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ଚିନ୍ତାରେ ମା'ବାପା

ସରକାରଙ୍କ ନୂଆ ନିୟମ ଏବେ ପରିବାର ଲୋକଙ୍କୁ ଚିନ୍ତାରେ ପକାଇଛି। କାରଣ ଯେଉଁ ପରିବାର ବାପା, ମା' ଓ ପୁଅ ଅଛନ୍ତି, ସେମାନେ କେମିତି ବାହାରକୁ ଯିବେ। ଆଗକୁ ପୂଜା ଆସୁଥିବାରୁ ସେମାନେ କିଭଳି ବୁଲିବାକୁ ଯିବେ। ବାଇକ୍‌ରେ ଦୁଇଜଣରୁ ଅଧିକ ଗଲେ ଏକ ହଜାର ଟଙ୍କା ଫାଇନ ଦେବାକୁ ହେବ। ବାପା ମା' ବୁଲିବାକୁ ଗଲେ ପୁଅକୁ କ'ଣ ଘରେ ଛାଡ଼ିଦେଇ ଯିବେ ? ତେଣୁ ଏହି ନିୟମରେ କୋହଳ ଦରକାର ବୋଲି ଅନେକ ଲୋକ କହିଛନ୍ତି।

## ଚିନ୍ତାରେ ଅଭିଭାବକ

ନାବାଳକ କିମ୍ବା ନାବାଳିକା ଗାଡ଼ି ଚଳାଇ ଧରାପଡିଲେ ତାଙ୍କ ଅଭିଭାବକଙ୍କୁ ଦେବାକୁ ହେବ ୨୫ ହଜାର ଟଙ୍କ ଜରିମାନା। ତାହାସହ ଜେଲ ହେବା ସହ ଗାଡ଼ିର ପଞ୍ଜୀକରଣ ରଦ୍ଦ ହେବ। ତେଣୁ ଏହି ନୂଆ ନିୟମକୁ ନେଇ ଚିନ୍ତାରେ ଅଭିଭାବକ। ସେମାନେ ପିଲାଙ୍କୁ ସ୍କୁଲ ଓ କଲେଜ ଯିବାକୁ ଗାଡ଼ି ଦେଇ ଦେଉଥିଲେ। ଏବେ ତାହା ସମ୍ଭବ ନୁହେଁ।

## କଡ଼ାକଡ଼ି ହେବ ଡବଲ ହେଲମେଟ୍ ଯାଞ୍ଚ

ବାଇକ୍ ଚଳାଉଥିବା ବ୍ୟକ୍ତି ହେଲମେଟ ପିନ୍ଧିବା ସହ ବାଇକ୍ ପଛରେ ବସିଥିବା ବ୍ୟକ୍ତି ମଧ ହେଲମେଟ୍ ପିନ୍ଧିବା ନିୟମ ରହିଛି। ହେଲେ ପୋଲିସ ବାଇକ୍ ଚଲାଉଥିବା ବ୍ୟକ୍ତି ହେଲମେଟ୍ ପିନ୍ଧିବାକୁ ଅଧିକ ଗୁରୁତ୍ୱ ଦେଉଛି। ପଛରେ ବସିଥିବା ବ୍ୟକ୍ତିଙ୍କ ଜୀବନ ମଧ ମୂଲ୍ୟବାନ। ତେଣୁ ଆଗାମୀ ଦିନରେ ବାଇକ୍ ପଛରେ ବସିଥିବା ବ୍ୟକ୍ତି ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ହେବ। ଯେଉଁମାନେ ନ ପିନ୍ଧିବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କଡ଼ାକଡ଼ି ହେବ ବୋଲି ଡିସିପି ଅନୁପ ସାହୁ କହିଛନ୍ତି।

## ଜରିମାନା ଦେଲେ, ସ୍ୱାଗତ କଲେ

**ଭୁବନେଶ୍ୱର,୧।୯(ବ୍ୟୁରୋ)**

ରବିବାରଠାରୁ ଦେଶରେ ଲାଗୁ ହୋଇଛି ନୂଆ ମୋଟର ଯାନ ନିୟମ। ଏହି ଅବସରରେ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କଠାରୁ ୧୦ଗୁଣା ଜରିମାନା ଆଦାୟ କରାଯାଇଛି। ଜରିମାନା ଦେବାକୁ ଲୋକଙ୍କୁ କଷ୍ଟ ହୋଇଛି, ପ୍ରତିକ୍ରିୟା ବି ପ୍ରକାଶ ପାଇଛି। ହେଲେ ମହତ୍ ଉଦ୍ଦେଶ୍ୟ ଥିବାରୁ ନୂଆ ନିୟମକୁ ସ୍ୱାଗତ ମଧ କରାଯାଇଛି।

### ସାଇଲେନ୍ସର ଖୋଲି ଆଉ ଗୋଟେ ଲଗାଇଲେ



ନୂଆ ନିୟମ ବିଷୟରେ ଅବଗତ ଥିଲି। ହେଲମେଟ୍ ପିନ୍ଧିଥିଲି। ହେଲେ ମୋର ବୁଲେଟ ଫଟ୍‌ଫଟ୍ ଶବ୍ଦ ହେଉଥିବାରୁ ଟ୍ରାଫିକ ପୋଲିସ ଧରିଥିଲା। ସେମାନେ ମୋର ଗାଡ଼ିର ସାଇଲେନ୍ସରକୁ ଖୋଲି ଆଉ ଏକ ଲଗାଇବା ସହ ଜରିମାନା ଦେଇଛି। ଏହି ନିୟମ କଡ଼ାକଡ଼ି କରାଗଲେ ଲୋକେ ସଚେତନ ହେବେ।

- ହିମାଂଶୁ ବଳିଆରସିଂ, ବୁଲେଟ୍ ଚାଳକ

### ସ୍ୱାଗତ କରୁଛି, ସଚେତନତା ଦରକାର



ସରକାରଙ୍କ ଏଭଳି ପଦକ୍ଷେପକୁ ମୁଁ ସ୍ୱାଗତ କରୁଛି। ହେଲେ ଏଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ସଚେତନତା ଦରକାର। ପୋଲିସ ବିନା ସଚେତନତାରେ ଧରି ନେଇ ଜରିମାନା କାଟୁଛି, ତାହା ଠିକ୍ ନୁହେଁ। ମୁଁ ଏହି ନିୟମ ବିଷୟରେ ଆଗରୁ ଜାଣିଥିଲି। ହେଲେ ସକାଳୁ ଜରୁରୀ କାମରେ କାର ନେଇ ଘରୁ ବାହାରି ଆସିଥିଲି। କିନ୍ତୁ ବ୍ୟସ୍ତତା ଭିତରେ ସିଟ୍‌ବେଲ୍ଟ ବାନ୍ଧି ନ ଥିଲି। ଫଳରେ ଟ୍ରାଫିକ ପୋଲିସ ଧରିଥିଲା। ଫାଇନ ୧୦୦୦ ଟଙ୍କା ଦେଇଥିଲି।

- ଜୟଦେବ ବେହେରା, କାର ଚାଳକ

### ଏଭଳି ଭୁଲ କରିବେ ନାହିଁ



ମୁଁ ଭୁବନେଶ୍ୱରକୁ ସାଙ୍ଗ ପାଖକୁ ଆସିଛି। ଏହି ନିୟମ ସମ୍ପର୍କରେ ମୁଁ ଜାଣି ନ ଥିଲି। ହେଲେ ସକାଳୁ ସାଙ୍ଗ ମୋତେ କୌଣସି କାମରେ ଏଜି ଛକ ନିକଟକୁ ପଠାଇଥିଲା। ଚେକିଂ ହେଉଥିବା ମୁଁ ଜାଣି ନ ଥିଲି। ବିନା ହେଲମେଣ୍ଟରେ ପଳାଇ ଆସିବାରୁ ମୋତେ ଟ୍ରାଫିକ ପୋଲିସ ଧରିଥିଲେ। ଏଭଳି ନିୟମକୁ ମୁଁ ସ୍ୱାଗତ କରୁଛି। ଏହାଦ୍ୱାରା ଲୋକେ ସଚେତନ ହେବେ। ଥରେ ଫାଇନ୍ ଦେବା ପରେ ଦ୍ୱିତୀୟ ଥର ଏଭଳି ଭୁଲ କରିବେ ନାହିଁ।

- ଗୌରବ କୁମାର, ବାଇକ୍ ଚାଳକ

### ସଡ଼କ ଦୁର୍ଘଟଣା କମିଯିବ



ଏଭଳି ନିୟମକୁ ମୁଁ ପ୍ରଥମେ ସ୍ୱାଗତ କରୁଛି। ଏହା ଆଗାମୀ ଦିନରେ କଡ଼ାକଡ଼ି ଭାବେ ଲାଗୁ କରାଯିବା ଆବଶ୍ୟକ। ଏହାଦ୍ୱାରା ଲୋକେ ସଚେତନ ହେବେ ଆଉ ଟ୍ରାଫିକ ନିୟମକୁ ମାନିବେ। ଫଳରେ ସଡ଼କ ଦୁର୍ଘଟଣା କମିଯିବା ସହ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ମଧ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

- ରିଙ୍କି ସାମଲ, ସ୍କୁଟି ଚାଳକ



ରବିବାର ସନ୍ଧ୍ୟାରେ ଟ୍ରାଫିକ୍ ଜାମ ଯୋଗୁ ରସୁଲଗଡ଼ରୁ ବମିଖାଲ ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ିଗୁଡ଼ିକ ଲମ୍ବାଧାଡ଼ିରେ ଅଟକି ରହିଛି।

## ଚୌଦ୍ୱାର ଫରେଷ୍ଟରଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

**ଥାନା ଦ୍ୱାରସ୍ଥ ହେଲେ ମହିଳା କର୍ମଚାରୀ**

**ଚୌଦ୍ୱାର, ୧।୯(ଡି.ଏନ୍.ଏ.)**

ଚୌଦ୍ୱାର ଫରେଷ୍ଟର ଜ୍ୟୋତିରଞ୍ଜନ ମହାପାତ୍ର କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଦେଉଥିବା ନେଇ ଶନିବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୯୧/୧୯) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ସ୍ୱାମୀ ବନ ବିଭାଗରେ କାମ କରୁଥିଲେ। ହାତୀ ଆକ୍ରମଣରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଥଇଥାନ ଯୋଜନାରେ ବନ ବିଭାଗରେ ତାଙ୍କୁ ୱାଚର ଭାବେ ନିଯୁକ୍ତି ଦିଆଯାଇଥିଲା। ପ୍ରାୟ ୫ବର୍ଷ ହେଲା ସେ କାର୍ଯ୍ୟ କରୁଥିବାବେଳେ ବର୍ତ୍ତମାନର ଫରେଷ୍ଟର ତାଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି। ଏଣୁ ସେ ନିଜକୁ ସୁରକ୍ଷିତ ମଣୁ ନ ଥିବା ଦର୍ଶାଇ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଚୌଦ୍ୱାର ଫରେଷ୍ଟ ସେକ୍ସନର ୧୫ରୁ ଊର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ରବିବାର ସନ୍ଧ୍ୟାରେ ଚୌଦ୍ୱାର ଥାନାରେ ଉକ୍ତ ଫରେଷ୍ଟରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଫରେଷ୍ଟର ଛୋଟଛୋଟ କଥାକୁ ନେଇ କର୍ମଚାରୀମାନଙ୍କୁ ଗାଳିଗୁଲଜ କରୁଛନ୍ତି। ଏହାର ପ୍ରତିବାଦ କଲେ ଚାକିରିରୁ ବହିଷ୍କାର କରିଦେବାକୁ ଧମକ ଦେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ନେଇ ଫରେଷ୍ଟରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ମୋବାଇଲ ଫୋନ୍ ସୁଇଚ ଅଫ୍ ଥିଲା। ତେବେ ଏହି ଘଟଣାର ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ଏସିଏଫ ମନୋରଞ୍ଜନ ସ୍ୱାଇଁ କହିଛନ୍ତି।

## ଦୋକାନରୁ ୫୦ହଜାର ଟଙ୍କା ଚୋରି

**ବାଲିପାଟଣା,୧।୯(ଡି.ଏନ୍.ଏ.)**

ବାଲିପାଟଣା ଛକସ୍ଥିତ ଦିପ୍ତୀ ଔଷଧ ଦୋକାନରୁ ରବିବାର ସକାଳ ପ୍ରାୟ ୮ଟାରେ ୫୦ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଦୋକାନୀ ମାଲିକ ଦିପ୍ତୀ ଶଙ୍କର ପ୍ରହରାଜ ଦୋକାନ ପୂଜା ପରେ କୌଣସି କାମ ପାଇଁ ଦୋକାନ ପଛ ପଟକୁ ଯାଇଥିଲେ। ଏହି ସୁଯୋଗରେ କେହି ଦୁର୍ବୃତ୍ତ ଦୋକାନ କ୍ୟାସ ଡ୍ର ରୁ ୫୦ହଜାର ଟଙ୍କା ନେଇଯାଇଥିଲେ। ପାଖ ଦୋକାନରେ ଥିବା ସିସିଟିଭି କ୍ୟାମେରାରେ ସମସ୍ତ ଘଟଣା କଏଦ ହୋଇଥିଲା। ଜଣେ ଦୁର୍ବୃତ୍ତ ଆସି ଦୋକାନ ଆଗରେ ସାଇକେଲ ରଖି ଭିତରକୁ ଯାଇଥିଲେ। ସଙ୍ଗେ ସଙ୍ଗେ ଦୋକାନରୁ ପୁଣି ବାହାରି ସାଇକେଲ ଯୋଗେ ପଳାଇଥିଲେ। ଏ ସମ୍ପର୍କରେ ଦିପ୍ତୀ ବାଲିପାଟଣା ଥାନାରେ ଅଭିଯୋଗ କରିଥିବା କହିଛନ୍ତି।

## ମୋ'ବସ୍‌ରେ ମାଗଣା ଖବରକାଗଜ

- ଲୋକଙ୍କୁ ଖବରକାଗଜ ବାଣ୍ଟି ଶୁଭାରମ୍ଭ କଲେ ଅରୁଣ ବୋଥ୍ରା
- ଆଗାମୀ ଦିନରେ ମିଳିବ ଦୂରଭାଷ ପାଠାଗାର ସୁବିଧା

**ଭୁବନେଶ୍ୱର, ୧।୯(ବ୍ୟୁରୋ)**

କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଦ୍ୱାରା ପରିଚାଳିତ 'ମୋ ବସ୍' ସେବାରେ ନୂଆ ବ୍ୟବସ୍ଥା ଯୋଡିହୋଇଛି। ବ୍ୟସ୍ତ ଜୀବନଶୈଳୀ ଭିତରେ ଲୋକେ ଖବରକାଗଜ ପଢ଼ିପାରୁନାହାନ୍ତି। ତେବେ ମୋ ବସ୍ ଯାତ୍ରାବେଳେ ଦୈନିକ ଲୋକଙ୍କୁ ମାଗଣା ଖବରକାଗଜ ପଢ଼ିବାର ସୁବିଧା ମିଳିବ। ରବିବାର ପୂର୍ବାହ୍ନରେ କ୍ରୁଟର ପରିଚାଳନା ନିର୍ଦ୍ଦେଶକ ଆଇପିଏସ୍ ଅଧିକାରୀ ଅରୁଣ ବୋଥ୍ରା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ମାଷ୍ଟରକ୍ୟାଣ୍ଟିନସ୍ଥିତ ମୋ ବସ୍ ଟର୍ମିନାଲରେ ନିଜେ ଲୋକଙ୍କୁ ଖବରକାଗଜ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଦୈନିକ ଇଂଲିଶ ଖବରକାଗଜର ବ୍ୟବସ୍ଥା ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଓଡ଼ିଆ ଦୈନିକ ଓ ସାପ୍ତାହିକଗୁଡ଼ିକୁ ଯାତ୍ରୀଙ୍କୁ ଯୋଗାଇ ଦିଆଯିବ ବୋଲି କ୍ରୁଟ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ସୂଚନା ଦେଇ ବୋଥ୍ରା କହିଛନ୍ତି, ଏହି ଅଭିଯାନ ଯାତ୍ରୀଙ୍କୁ ଅଯାଚିତ ସ୍ମାର୍ଟ ଫୋନ ବ୍ୟବହାରରୁ ଦୂରେଇ ରହିବା ପାଇଁ ପ୍ରୋତ୍ସାହିତ କରିବ। କର୍ମମୟ ଜୀବନ ମଧ୍ୟରେ ଜଣେ ବ୍ୟକ୍ତି ପ୍ରତ୍ୟହ ନିଜ ସହିତ ପୁସ୍ତକ ଧରି ବୁଲିବା କିମ୍ବା ଅବସରବେଳେ ଖବରକାଗଜ ପଢ଼ିବା ନିଶ୍ଚିତ ଭାବେ ଏକ ଚିନ୍ତାଯୋଗ୍ୟ ବିଷୟ। ତେଣୁ ଯାତ୍ରା ସମୟରେ ଉପଲବ୍ଧ ଏହି ସେବା ପଢିବା ଅଭ୍ୟାସକୁ ବଳବତ୍ତର କରିବା ନିମନ୍ତେ ସହାୟକ ହେବ। ଆଗାମୀ ଦିନରେ ସମସ୍ତ ମୋ ବସଗୁଡିକରେ ଏହା ଉପଲବ୍ଧ ହେବ। ଏଥିସହ ମୋ ବସ୍‌ଗୁଡିକରେ ଦୂରଭାଷ ପାଠାଗାରର ସୁବିଧା ଯୋଗାଇ ଦେବା ପାଇଁ କ୍ରୁଟ ବିଚାର କରୁଛି ବୋଲି ନିର୍ଦ୍ଦେଶକ ବୋଥ୍ରା କହିଛନ୍ତି। ଯାତ୍ରା ସମୟରେ ପଢିବା ଅଭ୍ୟାସକୁ ପ୍ରୋତ୍ସାହିତ, ପ୍ରଚାରିତ ଏବଂ ବିକଶିତ କରିବା ପାଇଁ କ୍ରୁଟ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଛି। ସକାଳୁ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଏହି ସେବା ବହୁତ ଫଳପ୍ରଦ ହେବ। ଅଧିକରୁ ଅଧିକ ଯାତ୍ରୀଙ୍କୁ ଏହି ସେବା ସହ ଯୋଡିବା ନିମନ୍ତେ ଆମେ ଲକ୍ଷ୍ୟ ରଖିଛୁ ବୋଲି କ୍ରୁଟ୍ ମୁଖପାତ୍ର ଦୀପ୍ତି ମହାପାତ୍ର କହିଛନ୍ତି।

ଉଲ୍ଲେଖଥାଉ କି, ବର୍ତ୍ତମାନ ଦୈତ୍ୟନଗରୀର ୨୦ ରୁଟରେ ଦୈନିକ ୨୦୦ଟି ବସ୍ ଚଳାଚଳ କରୁଛି। ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଥିବା ମୋ ବସ୍‌ରେ ଯାତ୍ରା ସମୟରେ ୭୦ ହଜାର ଯାତ୍ରୀ ଉତ୍କୃଷ୍ଟ ଜ୍ଞାନକୌଶଳ ସହ ମାଗଣା ୱାଇ ଫାଇ ସୁବିଧା ପାଉଛନ୍ତି।



ମୋ' ବସ୍‌ରେ ଯାତ୍ରୀଙ୍କୁ ଖବରକାଗଜ ବାଣ୍ଟୁଛନ୍ତି ଅରୁଣ ବୋଥ୍ରା।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
- କନ୍‌ଫୁସିଅସ୍

# ମହାନଦୀରେ ଲୀନ ହେବ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ

- ରକ୍ଷଣାବେକ୍ଷଣ ଅଭାବ
- ମାଫିଆ କାଟି ନେଉଛନ୍ତି ଗଛ
- ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ
- ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ନରସିଂହପୁର,୧୯(ଡି.ଏନ.ଏ.)

କଟକ ଜିଲା ନରସିଂହପୁର ବ୍ଲକର ପଶ୍ଚିମ ରେଞ୍ଜ ଅନ୍ତର୍ଗତ ମହାନଦୀ ଅବବାହିକା ଅଞ୍ଚଳରେ ରହିଛି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ। ମହାନଦୀପଠାରେ ଥିବା ଏହି ପ୍ରକଳ୍ପର ରକ୍ଷଣାବେକ୍ଷଣ ହେଉନାହିଁ। ଏପରି କି ବିଭାଗୀୟ ଅଧିକାରୀ ଏହି ପ୍ରକଳ୍ପ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଅତଡ଼ା ଧସି ଏହା ମହାନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି। ୨୦୦୦ ମସିହାରେ ମହାନଦୀକୂଳର ବିସ୍ତୀର୍ଣ୍ଣ ପଠାଭାବେ ପରିଚିତ ଡିମିରିଆ, ହଇରାଣପୁର, ନୂଆପାଟଣା, କାଠଖୁଣ୍ଟ ପର୍ଯ୍ୟନ୍ତ ୫ଶହ ହେକ୍ଟର ଜମିରେ ଶ୍ରୀଜଗନ୍ନାଥଙ୍କ ରଥ କାଠ ଲାଗି ପଣସ, ନିମ୍ବ, ବାନ୍ଧଣ ଚାରାରୋପଣ କରାଯାଇଥିଲା। ଜଙ୍ଗଲ ବିଭାଗ ଦ୍ୱାରା ଆୟୋଜିତ ଉତ୍ସବରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେଇ ଚାରାରୋପଣ କରିଥିଲେ। ମହାନଦୀର ଏହି ବୀସ୍ତିର୍ଣ୍ଣ ବୃକ୍ଷ ଶୂନ୍ୟ ଅଞ୍ଚଳରେ ଜଗନ୍ନାଥ ବନ ପ୍ରକଳ୍ପ ମାଧ୍ୟମରେ ସବୁଜ ବନାନୀ ତିଆରି ହେବା ଦ୍ୱାରା ସ୍ଥାନୀୟ ଗ୍ରାମର ମାଳବନ୍ଧ ସୁରକ୍ଷା ଓ ଅଞ୍ଚଳବାସୀ ମହାନଦୀ ବନ୍ୟାରୁ ରକ୍ଷା ପାଇ ପାରିବେ ବୋଲି ଆଶା କରାଯାଇଥିଲା।



ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ।

ଗ୍ରାମବାସୀଙ୍କ ସହଯୋଗରେ ଏହି ପ୍ରକଳ୍ପରେ ବହୁ ସୁନ୍ଦର ଗଛ ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହାର ଉପଯୁକ୍ତ ସୁରକ୍ଷା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ମହାନଦୀ କୂଳରେ ଥିବା ବହୁ ଗଛ ସାମାନ୍ୟ ବର୍ଷା ପବନରେ ଉପୁଡି ପଡୁଛି। ମହାନଦୀର ଅତଡ଼ା ଖାଇ ବହୁ ଗଛ ନଷ୍ଟ ହେଉଛି। କେତେକ ମାଫିଆ ବହୁ ସମୟରେ ଭଲ ଗଛ ଦେଖି କାଟି ନେଉଥିବା ସ୍ଥାନୀୟ ଚାଷୀ ଅଲେଖ ରାଉତ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଜଙ୍ଗଲ ସୃଷ୍ଟି ହୋଇଥିବା ବେଳେ ବଡ଼ ଗଛ ସବୁ ଗାଏବ ହୋଇଯାଉଛି। ସ୍ଥାନୀୟ ଗ୍ରାମବାସୀ ପ୍ରତାପ ବେହେରା କୁହନ୍ତି, ଏହି ପ୍ରକଳ୍ପ ଆମ ମହାନଦୀ କୁଳିଆ ଲୋକଙ୍କ ଲାଗି ବରଦାନ ସଦୃଶ୍ୟ। ମହାନଦୀର ପ୍ରଳୟଙ୍କରୀ ବନ୍ୟା ପ୍ରକୋପରୁ ଏହା ରକ୍ଷାକରେ। ଜଙ୍ଗଲ ଯୋଗୁ ଗାଁ ପ୍ରତି ବିପଦ ଆସେନାହିଁ। ଗ୍ରୀଷ୍ମ ଋତୁରେ ଏହାର ମହିମା ବଢିଯାଏ। ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ସ୍ଥାନୀୟ ଗ୍ରାମବାସୀ ରକ୍ଷା ପାଆନ୍ତି। ଶହଶହ ଲୋକ ଗରମରୁ ରକ୍ଷା ପାଇବା ପାଇଁ ଏଠାରେ ଆସ୍ଥନ ଜମାନ୍ତି। ପୁଣି ଆମ ଅଞ୍ଚଳର ଭାଗ୍ୟ, ମହାପ୍ରଭୁ ଜଗନ୍ନାଥଙ୍କ କାଠ ଏହି ଜଙ୍ଗଲରୁ ଯିବ। ଏହାର ସୁରକ୍ଷା ଆମ ଅଞ୍ଚଳ ବାସୀଙ୍କ ପ୍ରଧାନ କର୍ତ୍ତବ୍ୟ ହେବା ଦରକାର। ପ୍ରକଳ୍ପର ରକ୍ଷଣାବେକ୍ଷଣ ସମ୍ପର୍କରେ ନରସିଂହପୁର ପଶ୍ଚିମାଞ୍ଚଳ ରେଞ୍ଜର ବିଭୂଦତ୍ତ ରାୟଙ୍କୁ ପଚାରିବାରେ ସେ କହିଥିଲେ, ମହାନଦୀ ଅବବାହିକା ଅଞ୍ଚଳରେ ଥିବା ବନ ପ୍ରକଳ୍ପର ସୁରକ୍ଷା ସ୍ଥାନୀୟ ଗ୍ରାମ କମିଟି ପକ୍ଷରୁ କରାଯାଉଥିଲା। ଏଥିଲାଗି ପ୍ରଥମେ ଅର୍ଥ ଅନୁଦାନ ଆସୁଥିଲା। କିନ୍ତୁ ବର୍ତ୍ତମାନ କୌଣସି ଅର୍ଥ ବ୍ୟବସ୍ଥା ନାହିଁ। ସେଥିପାଇଁ ଏହାର ରକ୍ଷଣାବେକ୍ଷଣ ହୋଇ ପାରୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ସୁରକ୍ଷା ଦିଗରେ ଦୃଷ୍ଟିଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ରୋଗୀ ମୃତ୍ୟୁ ନେଇ ଡାକ୍ତରଙ୍କୁ ମାଡ଼ ଅଭିଯୋଗ

ମାହାଙ୍ଗା/ଲଳିତଗିରି,୧୯(ସ୍ୱ.ପ୍ର.)

**କର୍ମଚାରୀଙ୍କୁ ଦୁର୍ବ୍ୟବହାର**

ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରି ରୋଗୀଙ୍କ ସମ୍ପର୍କୀୟ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କୁ ମାଡ଼ ମାରିବା ସହ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏପରି କି ସମ୍ପୃକ୍ତ ଡାକ୍ତରଙ୍କୁ ଅପହରଣ କରି ଜୀବନରୁ ମାରି ଦେବା ଧମକ ଦେଇଛନ୍ତି। ଏନେଇ ଶନିବାର ମାହାଙ୍ଗା ଥାନାରେ ଡାକ୍ତର ଓ କର୍ମଚାରୀ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନ-୧୫୩/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଶୁକ୍ରବାର ଅପରାହ୍ନ ୩ଟା୩୦ରେ ଓଷଙ୍ଗ ଗ୍ରାମର ଯୋଗମାୟା ମହାନ୍ତିଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏହି ସମୟରେ ସେଠାରେ କାର୍ଯ୍ୟରତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମାନସ ରଞ୍ଜନ ମହାନ୍ତି ଯୋଗମାୟାଙ୍କୁ ପରୀକ୍ଷାନିରୀକ୍ଷା କରି ମୃତ ଘୋଷଣା କରିଥିଲେ। ପରେ ଚିକିତ୍ସାରେ ଅବହେଳା ହୋଇଥିବା ଅଭିଯୋଗ କରି ମୃତ ମହିଳାଙ୍କ ସାନ ପୁଅ କୃଷ୍ଣଚନ୍ଦ୍ର, ତାଙ୍କ ସମ୍ପର୍କୀୟ କୁଶ ସ୍ୱାଇଁ ଓ ଭୁଷ ସ୍ୱାଇଁ ଡାକ୍ତରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଦୁର୍ବ୍ୟବହାର କରିବା ସହ ଡାକ୍ତରଙ୍କୁ ଅପହରଣ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣା ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, କର୍ମଚାରୀ ଏବଂ ମୃତକ ପରିବାରଙ୍କ ମଧ୍ୟରେ ବିବାଦ ହେବାରୁ ୯ ଘଣ୍ଟା ମୃତଦେହ ପଡ଼ି ରହିଥିଲା। ବହୁ ବୁଝାଶୁଝା ପରେ ପରିବାର ଲୋକେ ମୃତଦେହ ନେଇଥିଲେ। ଘଟଣା ସମ୍ପର୍କରେ ଥାନା ଆଇଆଇସି ରଞ୍ଜନ ପ୍ରଧାନ କହିଛନ୍ତି, ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଘଟଣା ଉପରେ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ କରାଯିବ ବୋଲି ଡାକ୍ତର ଓ କର୍ମଚାରୀ ଚେତାବନୀ ଦେଇଛନ୍ତି। ଏ ନେଇ ମୃତକ ପରିବାର ସଦସ୍ୟଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସଂକ୍ଷେପରେ

### ଜନସ୍ୱାସ୍ଥ୍ୟ ପାଣି ଟାଙ୍କିରୁ ବାଛୁରି ମୃତଦେହ ଉଦ୍ଧାର

**ଆଠଗଡ଼,୧୯(ସ୍ୱ.ପ୍ର.):** ଆଠଗଡ଼ ବାଣୀକଣ୍ଠନଗର ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିତରଣ ହେଉଥିବା ପାନୀୟ ଜଳ ଟାଙ୍କିରେ ଦୀର୍ଘଦିନ ହେବ ଏକ ବାଛୁରି ମରି ପଡ଼ିଥିଲା। ରବିବାର ସେହି ବାଛୁରିର ମୃତଦେହ ଉଦ୍ଧାର କରାଯାଇଛି। ଏହାପରେ ଟାଙ୍କି ସଫା କରାଯାଇ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି ବୋଲି କନିଷ୍ଠଯନ୍ତ୍ରୀ ପୃଥ୍ୱୀରାଜ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ହେବାରୁ ବିଭାଗ ପକ୍ଷରୁ ସମସ୍ତ ପାଣିଟାଙ୍କି ଯାଞ୍ଚ କରାଯାଇଥିଲା। ହେଲେ ଦୁର୍ଗନ୍ଧର କାରଣ ଜଣାପଡି ନ ଥିଲା। ଅଞ୍ଚଳବାସୀ ପାନୀୟଜଳ ପାଇଁ ହନ୍ତସନ୍ତ ହେବା ସହ ଅନ୍ୟ ଅଞ୍ଚଳରୁ ପାଣି ନେଉଥିଲେ। ଆଠଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପରିସରର ଏକ ପରିତ୍ୟକ୍ତ ପାଣିଟାଙ୍କି ନିକଟରେ ଅତ୍ୟନ୍ତ ଦୁର୍ଗନ୍ଧ ହେବାରୁ ରବିବାର ଟାଙ୍କିରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ପ୍ରଚାରିତ ହୋଇଥିଲା। ଏହାଶୁଣି ସେଠାରେ ବହୁ ଲୋକ ରୁଣ୍ଡ ହୋଇଥିଲେ। ଖବର ପାଇ ପୋଲିସ ଓ ଦମକଳବାହିନୀ କର୍ମଚାରୀ ପହଞ୍ଚି ଟାଙ୍କିରୁ ଜଳ ନିଷ୍କାସନ କରିଥିଲେ। ପରେ ଟାଙ୍କି ମଧ୍ୟରେ ଏକ ବାଛୁରି ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା।

### ଲୁଟ୍ ଘଟଣା: ୩ ଅଭିଯୁକ୍ତ ଗିରଫ

**କଟକ ସଦର,୧୯(ଡି.ଏନ୍.ଏ.):** କିଶୋରନଗର ଥାନା ଅଧୀନ ସୋମପୁର ନିକଟସ୍ଥ ବାରହାପାଟରୁ ଜଣେ ଏଜେଣ୍ଟଙ୍କଠାରୁ ଟଙ୍କା ଲୁଟ୍ କରିବା ଘଟଣାରେ ପୋଲିସ ୩ ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ ଚାଷାଖଣ୍ଡ ଗ୍ରାମର ଗାଡ଼ି ଡ୍ରାଇଭର ପ୍ରଶାନ୍ତ ଭୋଇ, ସେକ୍ ସଲିମ ଓ ସେକ୍ ବଫାୟତୁଲା। ପୋଲିସ ସୂତ୍ରରୁ ପ୍ରକାଶ, ବିସ୍କୁଟ ଓ ସୋରିଷତେଲ ହୋଲ୍‌ସେଲର ତିର୍ତ୍ତୋଲ ଅଞ୍ଚଳର ସନ୍ତୋଷ କୁମାର ମିଶ୍ର କିଶୋରନଗର ଅଞ୍ଚଳରେ ଖୁଚୁରା ବ୍ୟବସାୟୀଙ୍କୁ ଜିନିଷ ଯୋଗାଇଥାନ୍ତି। ଗତ ୨୯ ତାରିଖ ରାତି ୯ଟାରେ ଏକ ଗାଡିରେ ସନ୍ତୋଷଙ୍କ ଏଜେଣ୍ଟ ଓ ଗାଡି ଚାଳକ ପ୍ରଶାନ୍ତ ଖୁଚୁରା ବ୍ୟବସାୟୀଙ୍କଠାରୁ ଟଙ୍କା ଆଦାୟ କରି କିଶୋରନଗର-ସୋମପୁର ରାସ୍ତାରେ ତିର୍ତ୍ତୋଲ ଫେରୁଥିଲେ। ବାରହାପାଟର ଏକ ପୋଲ ନିକଟରେ ପରିସ୍ରା କରିବା ବାହାନାରେ ପ୍ରଶାନ୍ତ ଗାଡି ଅଟକାଇ ଥିଲେ। ପୂର୍ବ ଯୋଜନା ମୁତାବକ ସଲିମ ଓ ବଫାୟତୁଲା ଏକ ବାଇକ୍(ନଂ.ଓଆର୦୫ଏଏସ୍-୨୨୯୭)ରେ ସେଠାରେ ପହଞ୍ଚି ଲୁହାରଡରେ ଗାଡିକୁ ଭାଙ୍ଗିଥିଲେ। ପରେ ସମ୍ପୃକ୍ତ ଏଜେଣ୍ଟଙ୍କୁ ଛୁରି ଦେଖାଇ ଟଙ୍କାବ୍ୟାଗ ନେଇ ପଳାଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା(ନଂ.୯୫/୧୯) ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଟଙ୍କା, ବାଇକ୍, ଛୁରି ଓ ଲୁହାରଡ ଜବତ କରିଥିଲା। ଏହି ଲୁଟ୍‌ର ବ୍ଲୁପ୍ରିଣ୍ଟ ଡ୍ରାଇଭର ପ୍ରଶାନ୍ତଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ବୋଲି ଥାନାଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି।

# ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ତାଲିମ



ପାରାଲିଗାଲ୍ ସ୍ୱେଚ୍ଛାସେବୀ ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ନରସିଂହପୁର,୧୯(ସ୍ୱ.ପ୍ର.)

ନରସିଂହପୁର ପ୍ରଥମ ଶ୍ରେଣୀ ବିଚାରବିଭାଗ ଅଦାଲଦ ଅଧୀନରେ ଥିବା ତାଲୁକ ଆଇନ ସହାୟତା ଓ ସାକ୍ଷରତା କମିଟି ଦ୍ୱାରା ମନୋନୀତ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ଏକ ଦିବସୀୟ ତାଲିମ ପ୍ରଦାନ କରାଯାଇଛି। ଅଦାଲତ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାଜିଷ୍ଟ୍ରେଟ ପ୍ରିତମ କୁମାର ରଥ ଅଧକ୍ଷତା କରି ସ୍ୱେଚ୍ଛାସେବୀଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ବରିଷ୍ଠ ଆଇଜୀବୀ ତ୍ରିଲୋଚନ ମହାପାତ୍ର, ସୂର୍ଯ୍ୟମଣି ପାତ୍ର, ସରକାରୀ ଆଇନଜୀବୀ ହିନ୍ଦୁ ହାଂସଦା, ତାଲୁକ ସେବା କମିଟି ସଂଯୋଜକ ଅଶ୍ୱିନୀ କୁମାର ରଣା ଉପସ୍ଥିତ ରହି ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଦୁର୍ବଳ ଥିବା ବ୍ୟକ୍ତି, ମହିଳା ଓ ଶିଶୁଙ୍କୁ ସ୍ୱେଚ୍ଛାସେବୀଙ୍କ ଦ୍ୱାରା କେଉଁଭଳି ଆଇନଗତ ସହାୟତା ମିଳିପାରିବ ସେ ସମ୍ପର୍କରେ କହିଥିଲେ। ଗଙ୍ଗାଧର ଦାସ, ନୃସିଂହ ସାଗର ଦାସ, ସଞ୍ଜୟ ପଟ୍ଟନାୟକ, ସସ୍ମିତା ମିଶ୍ର ପ୍ରମୁଖ ୧୧ଜଣ ସ୍ୱେଚ୍ଛାସେବୀ ତାଲିମ ଗ୍ରହଣ କରିଥିଲେ।

# ମହାନଦୀରେ ଭାସି ଯୁବକ ନିଖୋଜ

**କଟକ ସଦର,୧୯(ଡି.ଏନ୍.ଏ.):** କିଶୋରନଗର ଥାନା ଅଧୀନ ମହାନଦୀର କାଳିକାପୁର ଘାଟରେ ରବିବାର ସକାଳେ ଶ୍ରୀଧର ନାଥ(୨୪) ଗାଧୋଉଥିବାବେଳେ ପାଣିରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଖବରପାଇ ପୋଲିସ ଓ ସାଲେପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଦିନତମାମ ଖୋଜାଖୋଜି କରିଥିଲେ ମଧ୍ୟ ଶ୍ରୀଧରଙ୍କ ପତ୍ତା ପାଇନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଜିଲା ଚାନ୍ଦୋଳ ଅଞ୍ଚଳର ଶ୍ରୀଧର ଏଠାରେ ବାଉଁଶ କଟାଳି ଭାବେ କାମ କରୁଥିଲେ। ସକାଳେ ସେ ଅନ୍ୟସାଥୀଙ୍କ ସହ ନଦୀକୁ ଯାଇଥିଲେ। ହେଲେ ଗାଧୋଉଥିବାବେଳେ ଅସାବଧାନତା ବଶତଃ ଗୋଡ ଖସିଯିବାରୁ ସେ ପାଣିସ୍ରୋତରେ ଭାସିଯାଇଥିଲେ।

# ୬ ଡାକ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଅବସରପ୍ରାପ୍ତ ଗ୍ରାମୀଣ ଡାକ କର୍ମଚାରୀ।

**ବାଙ୍କୀ, ୧୯ (ବି.ପ୍ର.):** ବାଙ୍କୀ ମହାବିଦ୍ୟାଳୟ ପରିସରରେ ସ୍ଥାନୀୟ ଗ୍ରାମୀଣ ଡାକ କର୍ମଚାରୀ ସଂଘ ପକ୍ଷରୁ ୬ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ରାଜକିଶୋର ମହାପାତ୍ର, ସମ୍ମାନିତ ଅତିଥି ଗ୍ରାମୀଣ ଡାକ କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ସତ୍ୟବ୍ରତ ଜେନା ଯୋଗଦେଇ ଅବସର କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ବାଙ୍କୀ କଲେଜ ଉପଡାକଘର ମେଲ କୋରିଅର ରବୀନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କାର୍ଯ୍ୟରତ କର୍ମଚାରୀଙ୍କ କେତେକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଡିଭିଜନ ସମ୍ପାଦକ କିଶୋର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ରଗଡିରୁ ଅବସର ନେଇଥିବା ଶାଖା ଡାକ କର୍ମଚାରୀ ଧରଣୀଧର ମହାପାତ୍ର, ସତ୍ୟନାରାୟଣ ଦାସ, ସୁଦର୍ଶନ ଦେବତା, ସୁରେନ୍ଦ୍ର ସାହୁ, ସାଧୁଚରଣ ଦାସ, ଗୋପାଳ ଚନ୍ଦ୍ର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିପିନି ବିହାରୀ ସ୍ୱାଇଁ, ଅଶୋକ ସାହୁ, ମିର୍ଦ୍ଧା ଚରଣ ମୁର୍ମୁ, କୃଷ୍ଣଚନ୍ଦ୍ର ସାହୁ, ଅକ୍ଷୟ ମତଗଜସିଂହ, ସୁଦର୍ଶନ ରାଉତ, ପ୍ରଣବ କିଶୋର ସିଂହ ସାମନ୍ତ ଓ ଗୋବିନ୍ଦ ଚରଣ ବେହେରା ପ୍ରମୁଖ ଗ୍ରାମୀଣ ଡାକ କର୍ମଚାରୀ ଉତ୍ସବରେ ଉପସ୍ଥିତ ଥିଲେ। ପ୍ରଣବ କିଶୋର ସିଂହ ସାମନ୍ତ ଧନ୍ୟବାଦ ଦେଇଥିଲେ।

# ଭୋଟର ତାଲିକା ସଂଶୋଧନ ଆରମ୍ଭ

**ବାଙ୍କୀ,୧୯(ବି.ପ୍ର.):** ବାଙ୍କୀ ବ୍ଲକ କାର୍ଯ୍ୟାଳୟରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇଛି। ବିଡିଓ ପ୍ରଭାତ କୁମାର ସାହୁ ଏହି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ବ୍ଲକ ଅନ୍ତର୍ଗତ ୧୦୩ ବୁଥ୍‌ରେ ଅକ୍ଟୋବର ୧୫ ସୁଦ୍ଧା ସଂଶୋଧନ କାର୍ଯ୍ୟ ଶେଷ କରାଯିବ ବୋଲି ବିଡିଓ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତ ଅଧିକାରୀ କୁମର ପ୍ରଧାନ, କିରାଣି ଧଡି ପ୍ରଧାନ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ବିଡିଓ ସାହୁ ଏହି ପରିପ୍ରେକ୍ଷୀରେ ଭୋଟ ସଂଶୋଧନ କାର୍ଯ୍ୟକୁ ସମାହିତ କରିବାରେ ସହଯୋଗ କରୁଥିବା ଅଧିକାରୀଙ୍କୁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଶପଥପାଠ କରାଇଥିଲେ।

# ଉପଜିଲାପାଳଙ୍କ ବୁଥ୍ ପରିଦର୍ଶନ



ଉପଜିଲାପାଳ ବୁଥ୍ ପରିଦର୍ଶନ କରି ଭୋଟର ତାଲିକା ଯାଞ୍ଚ ସମ୍ପର୍କରେ ବୁଝୁଛନ୍ତି।

ବାଙ୍କୀ,୧୯(ବି.ପ୍ର.): ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ରବିବାରଠାରୁ ଆରମ୍ଭ ହୋଇଛି। ଉପଖଣ୍ଡସ୍ତରୀୟ ଏହି କାର୍ଯ୍ୟକୁ ବାଙ୍କୀ ଉପଜିଲାପାଳ ତଥା ଇଲୋକଟ୍ରାଲ୍ ରିଟର୍ନିଂ ଅଫିସର ଅରୁଣ ବିଶ୍ୱାଳ ତାଙ୍କ କାର୍ଯ୍ୟାଳୟରେ ଶୁଭାରମ୍ଭ କରିଛନ୍ତି। ଏଥିସହିତ ବାଙ୍କୀ ଏନଏସି ଅନ୍ତର୍ଗତ ବୁଥ୍ ନଂ-୯୧ ଓ ୯୨କୁ ପରିଦର୍ଶନ କରି ଉପସ୍ଥିତ ବିଏଲଓ ଏବଂ ସୁପରଭାଇଜରଙ୍କୁ କାର୍ଯ୍ୟ ପରିଚାଳନା ପାଇଁ ପରାମର୍ଶ ଦେଇଛନ୍ତି। ସୁପରଭାଇଜର ମାନସ ନନ୍ଦ, ବିଏଲ୍‌ଓ ସଞ୍ଜୟ ପତି, ବିଜୟଲକ୍ଷ୍ମୀ ସାହୁ, ବିଜୟ ରାଜ ପ୍ରମୁଖ ଉପସ୍ଥିତ ରହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସଞ୍ଚାଳନ କରିଥିଲେ। ସହକାରୀ ଜିଲାପାଳ ଅନୁରୂପ ଭାବେ କେନ୍ଦ୍ରରେ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭା

# ଡିଜେମୁକ୍ତ ରୋଶଣି, ନିଶାମୁକ୍ତ ଭସାଣିକୁ ଗୁରୁତ୍ୱ

- କଟକରେ ଚାନ୍ଦିମେଢ଼ ସଂଖ୍ୟା ୨୭ ଛୁଇଁଲା
- ରାସ୍ତା ମରାମତି, ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରସ୍ତାବ

କଟକ ଅଫିସ,୧୯



ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଚଳିତବର୍ଷ ଦୁର୍ଗା ପୂଜା ଓ ଭସାଣି ଉତ୍ସବ ନିମନ୍ତେ ପ୍ରସ୍ତୁତି ସଭା ରବିବାର ଦରଖାପାଟଣା ଦୁର୍ଗାମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଛତ୍ରବଜାର, ଗଙ୍ଗାମନ୍ଦିର ଓ ବିଡ଼ାନାସୀ ପୂଜା କମିଟି ଚାନ୍ଦିମେଢ଼ ତାଲିକାରେ ସାମିଲ ହୋଇଛନ୍ତି। ତେବେ ଏହାକୁ ମିଶାଇ କଟକରେ ଚାନ୍ଦିମେଢ଼ ସଂଖ୍ୟା ୨୭ରେ ପହଞ୍ଚିଛି। ଅକ୍ଟୋବର ୪ ମହାଷଷ୍ଠୀରୁ ଦୁର୍ଗାପୂଜା ଆରମ୍ଭ ହୋଇ ୯ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହି ଦିନଗୁଡ଼ିକରେ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ କିପରି ଭାବେ ସମସ୍ତ କାର୍ଯ୍ୟକ୍ରମ କରାଯିବ ସେ ନେଇ ସଭାରେ ଆଲୋଚନା ହୋଇଥିଲା। ତେବେ ଚଳିତବର୍ଷ ପୂଜା ପାଇଁ ଏକ ନୂତନ ବାର୍ତ୍ତା ଦେଇଛି କଟକ ମହାନଗର ଶାନ୍ତି କମିଟି। ଏହା ହେଲା ଡିଜେମୁକ୍ତ ରୋଶଣି, ନିଶାମୁକ୍ତ ଭସାଣି ଓ ପଲିଥିନମୁକ୍ତ ପୂଜା। ଉକ୍ତ ତିନୋଟି ସର୍ତ୍ତକୁ ଗୁରୁତ୍ୱ ଦିଆଯାଇ ଚଳିତ ପୂଜା ଶେଷ ହେବ ବୋଲି ବୈଠକରେ କୁହାଯାଇଛି।

କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ ୨୦୧୮-୧୯ର ଆୟବ୍ୟୟ ହିସାବ ସହିତ ଚଳିତ ଦୁର୍ଗାପୂଜା ଓ ଭସାଣି ସଂକ୍ରାନ୍ତ ପ୍ରସ୍ତାବ ସଭାରେ ଆଗତ କରିଥିଲେ। ପୂଜା ସମୟରେ ରାତି ୧୨ଟା ପର୍ଯ୍ୟନ୍ତ ମାଇକ ବଜାଇବା ଲାଗି ଅନୁମତି ପ୍ରଦାନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ରାସ୍ତା ମରାମତି ଉପରେ ଗୁରୁତ୍ୱ ଦିଆଯାଇଛି। ଅସମ୍ପୂର୍ଣ୍ଣ କାମକୁ ତୁରନ୍ତ ସାରିବା ସଙ୍ଗେ ସଙ୍ଗେ ନୂତନ କାମ ଆରମ୍ଭ ନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି। ମୂର୍ତ୍ତି ବିସର୍ଜନ ପାଇଁ କାଠଯୋଡ଼ି ପଠାରେ ୪ରୁ ୫ଟି ବଡ଼ ବଡ଼ କୃତ୍ରିମ ପୋଖରୀ ଖୋଳିବାକୁ କଟକ ମହାନଗର ନିଗମ(ସିଏମ୍‌ସି)କୁ ଅନୁରୋଧ କରାଯାଇଛି। ଷଷ୍ଠୀଠାରୁ ଦ୍ୱାଦଶୀ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ପାନୀୟ ଜଳ ଏବଂ ବିଦ୍ୟୁତ୍ ଯୋଗାଇ ଦେବାକୁ ଜିଲା ପ୍ରଶାସନ ନିକଟରେ ପ୍ରସ୍ତାବ ରଖାଯାଇଛି। ମେଢ଼ ଯାତାୟାତ ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛଡାଳ, ଟେଲିଫୋନ ଓ ବିଦ୍ୟୁତ ତାରକୁ ଅପସାରଣ କରିବାକୁ କୁହାଯାଇଛି। ଏହାଛଡ଼ା ରାଜ୍ୟର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ କଟକର ଦୁର୍ଗାପୂଜା ଉତ୍ସବ ପରିଦର୍ଶନରେ ଆସିବାକୁ ନିମନ୍ତ୍ରଣ କରାଯାଇଛି।

ପ୍ରାରମ୍ଭରେ କଳ୍ପତରୁ ବାୟାବାବା ମଠ ମହନ୍ତ ଶ୍ୟାମାନନ୍ଦ ବାବା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ଶାନ୍ତି କମିଟି ଓ ବିଭିନ୍ନ ପୂଜା କମିଟିର ମୃତ୍ୟୁବରଣ କରିଥିବା କର୍ମକର୍ତ୍ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଶଶିଭୂଷଣ ସ୍ୱାଇଁ ସ୍ୱାଗତଭାଷଣ ଦେଇଥିଲେ। ଏହି ସଭାରେ କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ସମୀର ଦେ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ଅଖିଳେଶ୍ୱର ସିଂ, ସିଏମ୍‌ସି କମିଶନର ଅନନ୍ୟା ଦାସ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ବିଜେଡ଼ି କଟକ ନଗର ସଭାପତି ମଧୁସୂଦନ ସାହୁ, ଭାଜପା ନଗର ସଭାପତି ଲକ୍ଷ୍ମୀଧର ପ୍ରଧାନ, ସିପିଆଇ ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି, ସିପିଆଇଏମ୍ ଜିଲା ସମ୍ପାଦକ ବଦ୍ରିନାରାୟଣ ଦାସ, ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ଉପଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ।

# ଆଠଗଡ଼ ଭାଜପା ପକ୍ଷରୁ ଜେଟ୍‌ଲୀଙ୍କୁ ଶ୍ରଦ୍ଧାଞ୍ଜଳି

**ଆଠଗଡ଼,୧୯(ସ୍ୱ.ପ୍ର.):** ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ବିୟୋଗରେ ଅଠଗଡ଼ ଭାଜପା ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ଏନେଇ ଏକ ଶ୍ରଦ୍ଧାଞ୍ଜଳି ସଭା ରବିବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଦଳର ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ରହି ଜେଟଲିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ସମସ୍ତ ନେତା ଓ କର୍ମୀ କାର୍ଯ୍ୟାଳୟ ମଧ୍ୟରେ ପ୍ରତିଷ୍ଠିତ ଜେଟଲିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏଥିସହିତ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସଭାରେ କଟକ ଜିଲା ଭାଜପା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ବରିଷ୍ଠ ନେତା ପ୍ରଫୁଲ୍ଲ ପରିଡା, ଜଗଦାନନ୍ଦ ତ୍ରିପାଠୀ, ବିଜୟ ପରିଡା, ସୁବାସ ସାହୁ, ଅରୁଣ ମହାନ୍ତି, ପ୍ରମୋଦ କୁମାର ରାୟ, ପ୍ରକାଶ କୁମାର ସେଠୀ, ଉମେଶ ଚନ୍ଦ୍ର ସାମଲ, ମହେଶ୍ୱର ଲେଙ୍କା ପ୍ରମୁଖଙ୍କ ସମେତ ବହୁନେତା ଉପସ୍ଥିତ ରହି ଜେଟଲିଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ନୂତନ କୁମାର ରାଉତ ଧନ୍ୟବାଦ ଦେଇଥିଲେ।



ଆଠଗଡ଼ ଭାଜପା କାର୍ଯ୍ୟାଳୟରେ କର୍ମକର୍ତ୍ତା ଅରୁଣ ଜେଟ୍‌ଲୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା। - କନ୍‌ଫୁସିଅସ୍



## ସଂକ୍ଷେପରେ

### ମହାନଦୀରେ ଯୁବକ ନିଖୋଜ

**କଟକ ସଦର,୧୯(ଡି.ଏନ୍.ଏ.):** କିଶୋରନଗର ଥାନା ଅଧୀନ ମହାନଦୀର କାଳିକାପୁର ଘାଟରେ ରବିବାର ସକାଳେ ଶ୍ରୀଧର ନାଥ(୨୪) ଗାଧୋଉଥିବାବେଳେ ପାଣିରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଖବରପାଇ ପୋଲିସ ଓ ସାଲେପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଦିନତମାମ ଖୋଜାଖୋଜି କରିଥିଲେ ମଧ ଶ୍ରୀଧରଙ୍କ ପତ୍ତା ପାଇନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଜିଲା ଚାନ୍ଦୋଳ ଅଞ୍ଚଳର ଶ୍ରୀଧର ଏଠାରେ ବାଉଁଶ କଟାଳି ଭାବେ କାମ କରୁଥିଲେ। ସକାଳେ ସେ ଅନ୍ୟସାଥୀଙ୍କ ସହ ନଦୀକୁ ଯାଇଥିଲେ। ହେଲେ ଗାଧୋଉଥିବାବେଳେ ଅସାବଧାନତା ବଶତଃ ଗୋଡ ଖସିଯିବାରୁ ସେ ପାଣିସ୍ରୋତରେ ଭାସିଯାଇଥିଲେ।

### ଓଟିଏମ୍ ଫାଟକ ସମ୍ମୁଖରେ ସାଧାରଣ ସଭା

**ଚୌଦ୍ୱାର,୧୯ (ଡି.ଏନ୍.ଏ.):** ଚୌଦ୍ୱାରଠାରେ ଥିବା ଓଡ଼ିଶା ଟେକ୍ସଟାଇଲ ମିଲ୍ସ (ଓଟିଏମ୍) ୨୦୦୧ରୁ ବନ୍ଦ ରହିଛି। ଫଳରେ ଏଠାରେ କାର୍ଯ୍ୟ କରୁଥିବା ୨୦୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ସେମାନଙ୍କ ବକେୟା ପ୍ରାପ୍ୟ ପାଇନାହାନ୍ତି। ବକେୟାପ୍ରାପ୍ୟ ପ୍ରଦାନ ଓ ଓଟିଏମ୍‌ର ପୁନରୁଦ୍ଧାର ଦାବିରେ ୨୦୦୫ରୁ ଓଟିଏମ୍ ଗେଟ୍ ସମ୍ମୁଖରେ ଅହୋରାତ୍ର ଧାରଣା ଓ ଆନ୍ଦୋଳନ ଜାରି ରହିଛି। ଓଟିଏମ୍ ବଞ୍ଚାଅ ସଙ୍ଗଠନ ଓ ବିରାଟ ଜନ କଲ୍ୟାଣ ସମିତିର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ଆନ୍ଦୋଳନ ରବିବାର ୧୫ବର୍ଷରେ ପହଞ୍ଚିଛି। ଏହି ଅବସରରେ ଆନ୍ଦୋଳନରତ ଶ୍ରମିକ ଓ କର୍ମଚାରୀମାନେ ଶୋଭାଯାତ୍ରାରେ ଯାଇ ଓଟିଏମ୍ ବଜାରସ୍ଥିତ ଓଟିଏମ୍‌ର ପ୍ରତିଷ୍ଠାତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଓଟିଏମ୍ ଗେଟ ସମ୍ମୁଖରେ ଶ୍ରମିକ ଆନ୍ଦୋଳନର ପ୍ରତୀକ ଲାଲଝଣ୍ଡା ଉତ୍ତୋଳନ କରିଥିଲେ। ଏହାପରେ ଓଟିଏମ୍ ମୁଖ୍ୟ ଫାଟକ ସମ୍ମୁଖରେ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ଶ୍ରମିକ ନେତା ଦୀପକ ବାରିକ, ବିଭୁପ୍ରସାଦ ରଥ, ଦୁଲାଳସେନ୍ ସ୍ୱାଇଁ, ନବ କିଶୋର ଭୂୟାଁ ଉଦ୍‌ବୋଧନ ଦେଇଥିଲେ। ମିଲ୍ ବନ୍ଦ ହେବାଠାରୁ ଏପର୍ଯ୍ୟନ୍ତ ବକେୟା ପ୍ରାପ୍ୟ ପାଇ ନ ଥିବା ଶ୍ରମିକ ଓ କର୍ମଚାରୀମାନେ ନିଜ ପରିବାରକୁ ଧରି ଦୁଃଖକଷ୍ଟରେ ଚଳୁଥିଲେ ମଧ ସେମାନଙ୍କ ଯାତନା କେହି ବୁଝୁ ନ ଥିବା ଅଭିଯୋଗ କରିଥିଲେ। ବକେୟା ପ୍ରାପ୍ୟକୁ ଚାହିଁଚାହିଁ ଇତିମଧ୍ୟରେ ୬୦୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ତେଣୁ ରାଜ୍ୟ ସରକାର ଶ୍ରମିକମାନଙ୍କ ଅବସ୍ଥାକୁ ବିଚାର କରି ତୁରନ୍ତ ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ ସହିତ ଓଟିଏମ୍ ଭିତିଭୂମି ଉପରେ ବିକଳ୍ପ ଶିଳ୍ପ ପ୍ରତିଷ୍ଠା କରିବାକୁ ସେମାନେ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୟ ସାହୁ, କୃଷ୍ଣଚନ୍ଦ୍ର ପରିଡ଼ା, ରବି ସ୍ୱାଇଁ ଓ ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କବିତା ସଂକଳନ ଲୋକାର୍ପିତ

**କଟକ ଅଫିସ, ୧୯-** କଟକ ଶ୍ରୀରାମଚନ୍ଦ୍ର ଭବନଠାରେ କାୟାକଳ୍ପ ପକ୍ଷରୁ କବି ରାଜକିଶୋର ସ୍ୱାଇଁଙ୍କ ରଚିତ କବିତା ସଂକଳନ କବିତା ଶତଦଳ ଶନିବାର ଲୋକାର୍ପିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦିକା ମୀନାକ୍ଷୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଡିଜିପି ଗୋପାଳ ଚନ୍ଦ୍ର ନନ୍ଦ, କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ କୁମାର ଉପାଧ୍ୟାୟ, ଡ. ହୁସେନ ରବିଗାନ୍ଧୀ, ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଭାକର ସ୍ୱାଇଁ କବିତା ଶତଦଳ ଉପରେ ଆଲୋଚନା କରିଥିଲେ। ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗୀତିକବି ଗୌରହରି ଦଳାଇ, ଜିତେନ୍ଦ୍ର କୁମାର ପାତ୍ର, ନାଟ୍ୟଶିଳ୍ପୀ ନିହାରବାଳା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଫୁଲନଖରା,୧୯(ଡି.ଏନ୍.ଏ.):** ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ ଅଧକ୍ଷା ଯଶୋଧାରା ମହାପାତ୍ର ଅଧକ୍ଷତା କରିଥିଲେ। ପ୍ରତିଷ୍ଠାତା ସଭାପତି ସ୍ୱାଧୀନଚେତା ମହାନ୍ତି, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ପରିଚାଳନା କମିଟିର ସଭ୍ୟ ବିପ୍ରଚରଣ ଭୋଳ ଅତିଥିଭାବେ ଯୋଗଦେଇ କହିଥିଲେ, ଛାତ୍ରୀମାନେ ଭଲ ପାଠ ପଢିବା ସହ ନୈତିକ ଶିକ୍ଷା, ଚରିତ୍ର ଗଠନ ଓ ଭଲ ମଣିଷ ହୋଇପାରିଲେ ଜଣେ ସଫଳ ବିଦ୍ୟାର୍ଥୀ ହୋଇପାରିବ। ଅଧାପିକା ଅନସୂୟା ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀ ଚିନ୍ମୟୀ ବେହେରା, ମୋନାଲିସା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା।

## ■ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭା

# ଡିଜେମୁକ୍ତ ରୋଶଣି, ନିଶାମୁକ୍ତ ଭସାଣିକୁ ଗୁରୁତ୍ୱ

**କଟକ ଅଫିସ,୧୯**



ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

■ କଟକରେ ଚାନ୍ଦିମେଢ଼ ସଂଖ୍ୟା ୨୭ ଛୁଇଁଲା

■ ରାସ୍ତା ମରାମତି, ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରସ୍ତାବ

କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଚଳିତବର୍ଷ ଦୁର୍ଗା ପୂଜା ଓ ଭସାଣି ଉତ୍ସବ ନିମନ୍ତେ ପ୍ରସ୍ତୁତି ସଭା ରବିବାର ଦରଖାପାଟଣା ଦୁର୍ଗାମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଛତ୍ରବଜାର, ଗଙ୍ଗାମନ୍ଦିର ଓ ବିଡ଼ାନାସୀ ପୂଜା କମିଟି ଚାନ୍ଦିମେଢ଼ ତାଲିକାରେ ସାମିଲ ହୋଇଛନ୍ତି। ତେବେ ଏହାକୁ ମିଶାଇ କଟକରେ ଚାନ୍ଦିମେଢ଼ ସଂଖ୍ୟା ୨୭ରେ ପହଞ୍ଚିଛି। ଅକ୍ଟୋବର ୪ ମହାଷଷ୍ଠୀରୁ ଦୁର୍ଗାପୂଜା ଆରମ୍ଭ ହୋଇ ୯ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହି ଦିନଗୁଡ଼ିକରେ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ କିପରି ଭାବେ ସମସ୍ତ କାର୍ଯ୍ୟକ୍ରମ କରାଯିବ ସେ ନେଇ ସଭାରେ ଆଲୋଚନା ହୋଇଥିଲା। ତେବେ ଚଳିତବର୍ଷ ପୂଜା ପାଇଁ ଏକ ନୂତନ ବାର୍ତ୍ତା ଦେଇଛି କଟକ ମହାନଗର ଶାନ୍ତି କମିଟି। ଏହା ହେଲା ଡିଜେ ମୁକ୍ତ ରୋଶଣି, ନିଶାମୁକ୍ତ ଭସାଣି ଓ ପଲିଥିନମୁକ୍ତ ପୂଜା। ଉକ୍ତ ତିନୋଟି ସର୍ତ୍ତକୁ ଗୁରୁତ୍ୱ ଦିଆଯାଇ ଚଳିତ ପୂଜା ଶେଷ ହେବ ବୋଲି ବୈଠକରେ କୁହାଯାଇଛି।

କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ ୨୦୧୮-୧୯ ର ଆୟବ୍ୟୟ ହିସାବ ସହିତ ଚଳିତ ଦୁର୍ଗାପୂଜା ଓ ଭସାଣି ସଂକ୍ରାନ୍ତ ପ୍ରସ୍ତାବ ସଭାରେ ଆଗତ କରିଥିଲେ। ପୂଜା ସମୟରେ ରାତି ୧୨ଟା ପର୍ଯ୍ୟନ୍ତ ମାଇକ ବଜାଇବା ଲାଗି ଅନୁମତି ପ୍ରଦାନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ରାସ୍ତା ମରାମତି ଉପରେ ଗୁରୁତ୍ୱ ଦିଆଯାଇଛି। ଅସମ୍ପୂର୍ଣ୍ଣ କାମକୁ ତୁରନ୍ତ ସାରିବା ସଙ୍ଗେ ସଙ୍ଗେ ନୂତନ କାମ ଆରମ୍ଭ ନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି। ମୂର୍ତ୍ତି ବିସର୍ଜନ ପାଇଁ କାଠଯୋଡ଼ି ପଠାରେ ୪ରୁ ୫ଟି ବଡ଼ ବଡ଼ କୃତ୍ରିମ ପୋଖରୀ ଖୋଳିବାକୁ କଟକ ମହାନଗର ନିଗମ(ସିଏମ୍‌ସି)କୁ ଅନୁରୋଧ କରାଯାଇଛି। ଷଷ୍ଠୀଠାରୁ ଦ୍ୱାଦଶୀ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ପାନୀୟ ଜଳ ଏବଂ ବିଦ୍ୟୁତ୍ ଯୋଗାଇ ଦେବାକୁ ଜିଲା ପ୍ରଶାସନ ନିକଟରେ ପ୍ରସ୍ତାବ ରଖାଯାଇଛି। ମେଢ଼ ଯାତାୟାତ ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛଡାଳ, ଟେଲିଫୋନ ଓ ବିଦ୍ୟୁତ ତାରକୁ ଅପସାରଣ କରିବାକୁ କୁହାଯାଇଛି। ଏହାଛଡ଼ା ରାଜ୍ୟର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ କଟକର ଦୁର୍ଗାପୂଜା ଉତ୍ସବ ପରିଦର୍ଶନରେ ଆସିବାକୁ ନିମନ୍ତ୍ରଣ କରାଯାଇଛି।

ପ୍ରାରମ୍ଭରେ କଳ୍ପତରୁ ବାୟାବାବା ମଠ ମହନ୍ତ ଶ୍ୟାମାନନ୍ଦ ବାବା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ଶାନ୍ତି କମିଟି ଓ ବିଭିନ୍ନ ପୂଜା କମିଟିର ମୃତ୍ୟୁବରଣ କରିଥିବା କର୍ମକର୍ତ୍ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଶଶିଭୂଷଣ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ସଭାରେ କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ସମୀର ଦେ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ଅଖିଳେଶ୍ୱର ସିଂ, ସିଏମ୍‌ସି କମିଶନର ଅନନ୍ୟା ଦାସ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ବିଜେଡ଼ି କଟକ ନଗର ସଭାପତି ମଧୁସୂଦନ ସାହୁ, ଭାଜପା ନଗର ସଭାପତି ଲକ୍ଷ୍ମୀଧର ପ୍ରଧାନ, ସିପିଆଇ ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି, ସିପିଆଇଏମ୍ ଜିଲା ସମ୍ପାଦକ ବଦ୍ରିନାରାୟଣ ଦାସ, ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ଉପଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ।

## ନିଶାଦ୍ରବ୍ୟଠାରୁ ଦୂରେଇ ରୁହନ୍ତୁ ଯୁବପିଢ଼ି

**କଟକ ଅଫିସ, ୧୯**

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନଠାରେ ଭାରତୀୟ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସକ ସଂଘର ପୂର୍ବ ଭାରତ ଶାଖା ପକ୍ଷରୁ ଏକ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଡ. ଗୌତମ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ଗୋପାଳ ଚନ୍ଦ୍ର କର ଯୋଗଦେଇ ଯୁବପୀଢି ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ସଂଘ ସମ୍ପାଦକ ଡ. ଓମ୍ ପ୍ରକାଶ ସିଂ କହିଥିଲେ, ବର୍ତ୍ତମାନ ସମାଜରେ ଦେଖାଦେଇଥିବା ମାନସିକ ଅସ୍ଥିରତା ପାଇଁ ମଣିଷ ଦାୟୀ। ସମଗ୍ର ସମାଜରେ ଲୋକମାନେ କେବଳ ଅର୍ଥ ଉପାର୍ଜନ ପାଇଁ ବ୍ୟାକୁଳ। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଶା ନିବାରଣ ସମ୍ପର୍କିତ ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଡା. ତନ୍ମୟିନୀ ଦାସ ସ୍ୱାଗତ ଭାଷଣ ଓ ଡା. ପ୍ରତିଥି ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ଓଡ଼ିଶା ଶାଖା ସଭାପତି ଡା. ସମ୍ରାଟ କର ଧନ୍ୟବାଦ ଦେଇଥିଲେ।

## ଲୁଟ୍ ଘଟଣା: ୩ ଗିରଫ

**କଟକ ସଦର,୧୯(ଡି.ଏନ୍.ଏ.)**

କିଶୋରନଗର ଥାନା ଅଧୀନ ସୋମପୁର ନିକଟସ୍ଥ ବାରହାପାଟରୁ ଜଣେ ଏଜେଣ୍ଟଙ୍କଠାରୁ ଟଙ୍କା ଲୁଟ୍ କରିବା ଘଟଣାରେ ପୋଲିସ ୩ ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଧୀନ ଚାଷୀଖଣ୍ଡ ଗ୍ରାମର ଗାଡ଼ି ଡ୍ରାଇଭର ପ୍ରଶାନ୍ତ ଭୋଇ, ସେକ୍ ସଲିମ ଓ ସେକ୍ ବଫାୟତୁଲା। ପୋଲିସ ସୂତ୍ରରୁ ପ୍ରକାଶ, ବିସ୍କୁଟ ଓ ସୋରିଶତେଲ ହୋଲ୍‌ସେଲର ବିରିଡି ଅଞ୍ଚଳର ସନ୍ତୋଷ କୁମାର ମିଶ୍ର କିଶୋରନଗର ଅଞ୍ଚଳରେ ଖୁଚୁରା ବ୍ୟବସାୟୀଙ୍କୁ ଜିନିଷ ଯୋଗାଇଥାନ୍ତି। ଗତ ୨୯ ତାରିଖ ରାତି ୯ଟାରେ ଏକ ଗାଡିରେ ସନ୍ତୋଷଙ୍କ ଏଜେଣ୍ଟ ଓ ଗାଡି ଚାଳକ ପ୍ରଶାନ୍ତ ଖୁଚୁରା ବ୍ୟବସାୟୀଙ୍କଠାରୁ ଟଙ୍କା ଆଦାୟ କରି କିଶୋରନଗର-ସୋମପୁର ରାସ୍ତାରେ ବିରିଡି ଫେରୁଥିଲେ। ବାରହାପାଟର ଏକ ପୋଲ ନିକଟରେ ପରିସ୍ରା କରିବା ବାହାନାରେ ପ୍ରଶାନ୍ତ ଗାଡି ଅଟକାଇ ଥିଲେ। ପୂର୍ବ ଯୋଜନା ମୁତାବକ ସଲିମ ଓ ବଫାୟତୁଲା ଏକ ବାଇକ୍(ନଂ.ଓଆର୦୫ଏଏସ୍-୨୨୯୭)ରେ ସେଠାରେ ପହଞ୍ଚି ଲୁହାରଡରେ ଗାଡିକୁ ଭାଙ୍ଗିଥିଲେ। ପରେ ସମ୍ପୃକ୍ତ ଏଜେଣ୍ଟଙ୍କୁ ଛୁରି ଦେଖାଇ ଟଙ୍କାବ୍ୟାଗ ନେଇ ପଳାଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା(ନଂ.୯୫/୧୯) ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଟଙ୍କା, ବାଇକ୍, ଛୁରି ଓ ଲୁହାରଡ ଜବତ କରିଥିଲା। ଏହି ଲୁଟ୍‌ର ବ୍ଲୁ ପ୍ରିଣ୍ଟ ଡ୍ରାଇଭର ପ୍ରଶାନ୍ତଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ବୋଲି ଥାନାଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି।

## ମତଦାତା ଯାଞ୍ଚ କାର୍ଯ୍ୟକ୍ରମ

**କଟକ ଅଫିସ, ୧୯**

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରବିବାରଠାରୁ ଆରମ୍ଭ ହୋଇଛି ମତଦାତା ଯାଞ୍ଚ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲିବ। କଟକ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଭବାନୀ ଶଙ୍କର ଚୟନୀ ଏହି କାର୍ଯ୍ୟକ୍ରମକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଭୋଟର ସହାୟତା କେନ୍ଦ୍ରରେ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲାର ପ୍ରତ୍ୟେକ ମତଦାନ କେନ୍ଦ୍ର ତଥା ଜିଲା ମୁଖ୍ୟାଳୟ, ଉପଖଣ୍ଡ ଓ ବ୍ଲକସ୍ତରରେ ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜଣେ ନାଗରିକ ନିଜର ଓ ପରିବାର ସଦସ୍ୟମାନଙ୍କର ଭୋଟର ପରିଚୟପତ୍ରରେ ଥିବା ତଥ୍ୟକୁ ଯାଞ୍ଚ କରି ଏହାର ସଂଶୋଧନ କରିପାରିବ। ଭୋଟର ନିଜ ତଥ୍ୟ ଯାଞ୍ଚ କରିବା ନିମନ୍ତେ www.nvsp.inକୁ ଲଗ୍ ଅନ୍ କରିପାରିବେ କିମ୍ବା ନିଜ ମୋବାଇଲ ଫୋନରେ ଭୋଟର ହେଲ୍‌ପଲାଇନ ଆପ୍ ଇନ୍‌ଷ୍ଟଲ କରି ସମସ୍ତ ତଥ୍ୟକୁ ଯାଞ୍ଚ କରିପାରିବେ। ଏତଦ୍‌ବ୍ୟତୀତ ନିକଟସ୍ଥ ଜନସେବା କେନ୍ଦ୍ରରେ ଏହି ଯାଞ୍ଚ ପାଇଁ ବ୍ୟବସ୍ଥା ରହିଛି ବୋଲି ଜିଲାପାଳ କହିଛନ୍ତି। କଟକ ଜିଲାର ସମସ୍ତ ନାଗରିକ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଡେପୁଟି କଲେକ୍ଟର(ନିର୍ବାଚନ) ରଞ୍ଜିତା ସାହୁ ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ବ୍ୟାଙ୍କ ମିଶ୍ରଣ ଘୋଷଣା ପ୍ରତିବାଦରେ ବିକ୍ଷୋଭ




**କଟକ ଅଫିସ, ୧୯**

କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ମିଶ୍ରଣ କରାଯିବା ନେଇ ଘୋଷଣା ପ୍ରତିବାଦରେ ରବିବାର କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ଆଲ୍ଲାହାବାଦ ବ୍ୟାଙ୍କ ସମ୍ମୁଖରେ ୟୁନାଇଟେଡ୍ ଫୋରମ ଅଫ ବ୍ୟାଙ୍କ ୟୁନିୟନ୍ସ (ୟୁଏଫ୍‌ବିୟୁ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମିଶ୍ରଣ ଦ୍ୱାରା ଦେଶର ବିକାଶ ଅସମ୍ଭବ, ବୃହତ୍ କର୍ପୋରେଟ୍ ସଂସ୍ଥାଗୁଡିକର ଋଣ ଖିଲାପକାରୀଙ୍କୁ ଛାଡିଦେବା ଏବଂ ଭବିଷ୍ୟତରେ ଘରୋଇକରଣ କରିବା ଲକ୍ଷ୍ୟ ନେଇ ଏହା କରାଯାଉଛି ବୋଲି ଅଭିଯୋଗ ହୋଇଛି। ବ୍ୟାଙ୍କ ମିଶ୍ରଣ ହେବା ଫଳରେ ବହୁ ଶାଖା ବନ୍ଦ ହୋଇଯିବ ଏବଂ ବହୁ କର୍ମଚାରୀ ଚାକିରି ହରାଇବାକୁ ପଡିବ। ଏଥିନିମନ୍ତେ ମିଶ୍ରଣ ନୁହେଁ ବରଂ ଜାତୀୟ ବିକାଶ ଓ ଯୋଜନାଗୁଡ଼ିକରେ ବ୍ୟାଙ୍କଗୁଡ଼ିକ ଯେପରି ଅଧିକରୁ ଅଧିକତର ଅଂଶଗ୍ରହଣ କରିପାରିବେ, ସେଥିପାଇଁ ଘରୋଇ ବ୍ୟାଙ୍କଗୁଡ଼ିକୁ ସରକାରୀ କ୍ଷେତ୍ରକୁ ଅଣାଯିବା ଉଚିତ ବୋଲି ୟୁଏଫ୍‌ବିୟୁ ଦାବି କରିଛି। ଏହି ବିକ୍ଷୋଭ ସମାବେଶରେ ଏଆଇବିଇଏର ସଦସ୍ୟ ସୁଭାଷ ଚନ୍ଦ୍ର ବୋଷ ଓ ବିଇଏଫ୍‌ଆଇର ସଦସ୍ୟ ଉପେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିବାବେଳେ ଏଆଇଟିୟୁସି ନେତା କିଶୋର ଜେନା, ବିପିନ ବିହାରୀ ପାଢୀ, ପ୍ରଭାସ ମହାନ୍ତି, ଚିତ୍ତ ଶତପଥୀ, ଦିଲ୍ଲୀପ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତିର ସମ୍ପାଦକ ଶରତ ଚନ୍ଦ୍ର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଦ ଦୋକାନ ହଟେଇବା ପାଇଁ ବୈଠକ

**ନିଆଳି, ୧୯(ଡି.ଏନ୍.ଏ)**

ନିଆଳି ବ୍ଲକ ଅନ୍ତର୍ଗତ ୨୨ ମଉଜାରେ ଥିବା ସରକାରୀ ସ୍ୱୀକୃତି ପ୍ରାପ୍ତ ବିଦେଶୀ ମଦ ଦୋକାନ ହଟେଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ନେଇ ଜଲାରପୁର ପଞ୍ଚାୟତ ଅଧୀନ ଲୁଣିଗାଁ ଗ୍ରାମର ସାଧୁଗୋସାଇଁ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପହଙ୍ଗା ସରପଞ୍ଚ ପ୍ରଭୁ ଚରଣ ନାୟକ ସଭାପତିତ୍ୱ କରିଥିଲେ। ୨୨ ମୌଜାର ଅଠାନ୍ତର ଗ୍ରାମ ନିକଟରେ ଉକ୍ତ ମଦ ଦୋକାନ ଖୋଲିବା ଦିନଠାରୁ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି। ସେଠାକାର ଅଧିକାଂଶ ଲୋକେ ନିଶା ସେବନ କରି ପରିବାରରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏପରି କି ଉକ୍ତ ଅଞ୍ଚଳରେ ଚୋରି, ଡକାୟତି, ରାହାଜାନୀ ଓ ମାରପିଟ୍ ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ନିଶାସକ୍ତ ବ୍ୟକ୍ତିମାନଙ୍କ ଆଡ୍ଡା ଜମୁଥିବାରୁ ସନ୍ଧ୍ୟା ହେଲେ ମହିଳାଙ୍କ ସମେତ ଅନ୍ୟମାନେ ଯାତାୟାତ କରିବାକୁ ନିରାପଦ ମଣୁନାହାନ୍ତି। ନିଶାସକ୍ତ ବ୍ୟକ୍ତିମାନେ ମଦ ପିଇବା ପରେ ବୋତଲ, ପ୍ଲାଷ୍ଟିକ ଗ୍ଲାସ ଓ ପାଣିପାଉଚ ଜରିକୁ ନିକଟସ୍ଥ ଜମିରେ ଫିଙ୍ଗି ଦେଉଥିବାରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ମଦ ଦୋକାନକୁ ଏଠାରୁ ହଟେଇବା ପାଇଁ ରାଜ୍ୟ ଅବକାରୀ ବିଭାଗ ମନ୍ତ୍ରୀ ଓ ସଚିବଙ୍କ ସମେତ କଟକ ଜିଲାପାଳଙ୍କ ନିକଟକୁ ଦାବିପତ୍ର ପଠାଯାଇଛି। ଯଦି ଆଗାମୀ ଏକ ମାସ ମଧ୍ୟରେ ଉକ୍ତ ମଦ ଦୋକାନ ହଟା ନ ଯାଏ ତା' ହେଲେ ୨୨ ମଉଜା ଅଞ୍ଚଳବାସୀଙ୍କ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧି, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ୫୦୦ରୁ ଉର୍ଦ୍ଧ୍ୱ ଯୁବକ ମଦ ଦୋକାନ ହଟେଇବା ପାଇଁ ଶପଥ ନେଇଥିଲେ।



ଗଣେଶ ପୂଜା ଉପଲକ୍ଷେ ରବିବାର ସିଡିଏ ନେତାଜୀ ସେତୁ ନିକଟରେ ବାଲୁକା ଶିଳ୍ପୀ ସିଦ୍ଧାର୍ଥ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ପାଠକଙ୍କ ମନକୁ ଆନ୍ଦୋଳିତ କରେ ଶ୍ରେଷ୍ଠ ଗଳ୍ପ

**କଟକ ଅଫିସ,୧୯**

**ଗପ ଉତ୍ସବ-୨୦୧୯**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାରସ୍ୱତ ଅନୁଷ୍ଠାନ ଗପ ଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସ୍ଥାନୀୟ ଶତାବ୍ଦୀ ଭବନ ଠାରେ ଗପ ଉତ୍ସବ-୨୦୧୯ ରବିବାର ଆୟୋଜିତ ହୋଇଯାଇଛି। ଏହାକୁ ପ୍ରଖ୍ୟାତ ଗାଳ୍ପିକ ଅଚ୍ୟୁତାନନ୍ଦ ପତି ଉଦ୍‌ଘାଟନ କରି କହିଥିଲେ ଯେ, ମଣିଷ ଗପକୁ ସୃଷ୍ଟି କରେ। ହେଲେ ଏହି ଗପ ହିଁ ଅନେକ କଥା ମଣିଷକୁ ଶିଖାଏ। ଯଦି ଗୋଟେ ଗପ ଶେଷ ହେବା ପରେ ମଧ ପାଠକର ମନକୁ ଆନ୍ଦୋଳିତ କରୁଛି। ତା' ମନରେ ଆଉ ଏକ ଗପ ସୃଷ୍ଟି ହେଉଛି ଓ ସେ ଭାବନାରେ ବୁଡିଯାଉଛି ତାହା ହିଁ ହେଉଛି ଶ୍ରେଷ୍ଠ ଗପ।

ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ପରିଷଦ ସଭ୍ୟ ଡ. ବିଜୟାନନ୍ଦ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଗାଳ୍ପିକ ଡ.ଗୌରହରି ଦାସ ମୁଖ୍ୟଅତିଥି ଭାବେ ଯୋଗ ମଣିଷ ଜୀବନ ଓ ଗପ ଭିତରେ ଥିବା ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଜୟନ୍ତୀ ରଥ କହିଥିଲେ, ଏଭଳି କାର୍ଯ୍ୟକ୍ରମ ଓଡ଼ିଆ କଥା ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରିବ। ଡ. ବିଜୟାନନ୍ଦ କହିଥିଲେ, ଓଡ଼ିଆ କଥା ସାହିତ୍ୟର ଗୁରୁତ୍ୱକୁ ବଢାଇବା ପାଇଁ ସାହିତ୍ୟ ଏକାଡେମୀ ନିୟମିତ ଭାବେ ଗଳ୍ପ ସାହିତ୍ୟକୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରୁ। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରକାଶନ ଅଧିକାରୀ ସଞ୍ଜୟ ଛୁଆଳସିଂହ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ଗପଘରର ଆବାହକ ରବିନାରାୟଣ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ଗାଳ୍ପିକ ଡ. ଅରବିନ୍ଦ ରାୟ ଓ ଚିରଶ୍ରୀ ଇନ୍ଦ୍ରସିଂ ଗପ ପାଠ କରିଥିଲାବେଳେ ପ୍ରଫେସର ବିଜୟ କୁମାର ଶତପଥୀ ଓ ଡ. ସଞ୍ଜିତା ମିଶ୍ର ଗପ ସମୀକ୍ଷା କରିଥିଲେ। ତୃତୀୟ ତଥା ଅନ୍ତିମ ଅଧିବେଶନରେ ମିନି ଗପ ପାଠୋତ୍ସବ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିଶିଷ୍ଟ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ଓ ଇଂ. ବିଷ୍ଣୁ ସାହୁ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଗାଳ୍ପିକ ରବି ପଣ୍ଡା, ତରୁଣ କୁମାର ସାହୁ, ମୀନାକ୍ଷୀ ଦେବୀ, ସୁବ୍ରତ ଦାଶ, ଲିଙ୍ଗରାଜ ମହାନ୍ତି, ସୁଶୀଲ ମିଶ୍ର, ଅମିୟ ବେଜ, ଶର୍ମିଷ୍ଠା ମହାପାତ୍ର, ପ୍ରଣୀତାରାଣୀ ବେହେରା, ପ୍ରତିଭା ପ୍ରିୟଦର୍ଶିନୀ, ରବୀନ୍ଦ୍ର ବିଶ୍ୱାଳ ମିନି ଗପ ପାଠ କରିଥିଲେ। ଅଧ୍ୟାପକ କମଳ ମାହୁନ୍ତ, ରାଜେଶ କୁମାର ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାନଦୀରେ ଲୀନ ହେବ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ

**ନରସିଂହପୁର,୧୯(ଡି.ଏନ.ଏ.)**



■ ରକ୍ଷଣାବେକ୍ଷଣ ଅଭାବ

■ ମାଫିଆ କାଟି ନେଉଛନ୍ତି ଗଛ

■ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ

■ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

କଟକ ଜିଲା ନରସିଂହପୁର ବ୍ଲକର ପଶ୍ଚିମ ରେଞ୍ଜ ଅନ୍ତର୍ଗତ ମହାନଦୀ ଅବବାହିକା ଅଞ୍ଚଳରେ ରହିଛି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ। ମହାନଦୀପଠାରେ ଥିବା ଏହି ପ୍ରକଳ୍ପର ରକ୍ଷଣାବେକ୍ଷଣ ହେଉନାହିଁ। ଏପରି କି ବିଭାଗୀୟ ଅଧିକାରୀ ଏହି ପ୍ରକଳ୍ପ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଅତଡ଼ା ଧସି ଏହା ମହାନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି। ୨୦୦୦ ମସିହାରେ ମହାନଦୀକୂଳର ବିସ୍ତୀର୍ଣ୍ଣ ପଠାଭାବେ ପରିଚିତ ଡିମିରିଆ, ହଇରାଣପୁର, ନୂଆପାଟଣା, କାଠଖୁଣ୍ଟ ପର୍ଯ୍ୟନ୍ତ ୫ଶହ ହେକ୍ଟର ଜମିରେ ଶ୍ରୀଜଗନ୍ନାଥଙ୍କ ରଥ କାଠ ଲାଗି ପଣସ, ନିମ୍ବ, ବାନ୍ଧଣ ଚାରାରୋପଣ କରାଯାଇଥିଲା। ଜଙ୍ଗଲ ବିଭାଗ ଦ୍ୱାରା ଆୟୋଜିତ ଉତ୍ସବରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେଇ ଚାରାରୋପଣ କରିଥିଲେ। ମହାନଦୀର ଏହି ବୀସ୍ତିର୍ଣ୍ଣ ବୃକ୍ଷ ଶୂନ୍ୟ ଅଞ୍ଚଳରେ ଜଗନ୍ନାଥ ବନ ପ୍ରକଳ୍ପ ମାଧ୍ୟମରେ ସବୁଜ ବନାନୀ ତିଆରି ହେବା ଦ୍ୱାରା ସ୍ଥାନୀୟ ଗ୍ରାମର ମାଳବନ୍ଧ ସୁରକ୍ଷା ଓ ଅଞ୍ଚଳବାସୀ ମହାନଦୀ ବନ୍ୟାରୁ ରକ୍ଷା ପାଇ ପାରିବେ ବୋଲି ଆଶା କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଏହି ପ୍ରକଳ୍ପରେ ବହୁ ସୁନ୍ଦର ଗଛ ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହାର ଉପଯୁକ୍ତ ସୁରକ୍ଷା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ମହାନଦୀ କୂଳରେ ଥିବା ବହୁ ଗଛ ସାମାନ୍ୟ ବର୍ଷା ପବନରେ ଉପୁଡି ପଡୁଛି। ମହାନଦୀର ଅତଡ଼ା ଖାଇ ବହୁ ଗଛ ନଷ୍ଟ ହେଉଛି। କେତେକ ମାଫିଆ ବହୁ ସମୟରେ ଭଲ ଗଛ ଦେଖି କାଟି ନେଉଥିବା ସ୍ଥାନୀୟ ଚାଷୀ ଅଲେଖ ରାଉତ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଜଙ୍ଗଲ ସୃଷ୍ଟି ହୋଇଥିବା ବେଳେ ବଡ଼ ଗଛ ସବୁ ଗାଏବ ହୋଇଯାଉଛି। ସ୍ଥାନୀୟ ଗ୍ରାମବାସୀ ପ୍ରତାପ ବେହେରା କୁହନ୍ତି, ଏହି ପ୍ରକଳ୍ପ ଆମ ମହାନଦୀ କୁଳିଆ ଲୋକଙ୍କ ଲାଗି ବରଦାନ ସଦୃଶ୍ୟ। ମହାନଦୀର ପ୍ରଳୟଙ୍କରୀ ବନ୍ୟା ପ୍ରକୋପରୁ ଏହା ରକ୍ଷାକରେ। ଜଙ୍ଗଲ ଯୋଗୁ ଗାଁ ପ୍ରତି ବିପଦ ଆସେନାହିଁ। ଗ୍ରୀଷ୍ମ ଋତୁରେ ଏହାର ମହିମା ବଢିଯାଏ। ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ସ୍ଥାନୀୟ ଗ୍ରାମବାସୀ ରକ୍ଷା ପାଆନ୍ତି। ଶହଶହ ଲୋକ ଗରମରୁ ରକ୍ଷା ପାଇବା ପାଇଁ ଏଠାରେ ଆସ୍ଥାନ ଜମାନ୍ତି। ପୁଣି ଆମ ଅଞ୍ଚଳର ଭାଗ୍ୟ, ମହାପ୍ରଭୁ ଜଗନ୍ନାଥଙ୍କ କାଠ ଏହି ଜଙ୍ଗଲରୁ ଯିବ। ଏହାର ସୁରକ୍ଷା ଆମ ଅଞ୍ଚଳ ବାସୀଙ୍କ ପ୍ରଧାନ କର୍ତ୍ତବ୍ୟ ହେବା ଦରକାର। ପ୍ରକଳ୍ପର ରକ୍ଷଣାବେକ୍ଷଣ ସମ୍ପର୍କରେ ନରସିଂହପୁର ପଶ୍ଚିମାଞ୍ଚଳ ରେଞ୍ଜର ବିଭୂଦତ୍ତ ରାୟଙ୍କୁ ପଚାରିବାରେ ସେ କହିଥିଲେ, ମହାନଦୀ ଅବବାହିକା ଅଞ୍ଚଳରେ ଥିବା ବନ ପ୍ରକଳ୍ପର ସୁରକ୍ଷା ସ୍ଥାନୀୟ ଗ୍ରାମ କମିଟି ପକ୍ଷରୁ କରାଯାଉଥିଲା। ଏଥିଲାଗି ପ୍ରଥମେ ଅର୍ଥ ଅନୁଦାନ ଆସୁଥିଲା। କିନ୍ତୁ ବର୍ତ୍ତମାନ କୌଣସି ଅର୍ଥ ବ୍ୟବସ୍ଥା ନାହିଁ। ସେଥିପାଇଁ ଏହାର ରକ୍ଷଣାବେକ୍ଷଣ ହୋଇ ପାରୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ସୁରକ୍ଷା ଦିଗରେ ଦୃଷ୍ଟିଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
- କନ୍‌ଫୁସିଅସ୍



## ସଂକ୍ଷେପରେ

### ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର, ଟଙ୍କା ଚୋରି

**ଖୋର୍ଦ୍ଧା ଅଫିସ,୧।୯:** ଖୋର୍ଦ୍ଧା ଆଦର୍ଶ ଥାନା ଶିଳ୍ପାଞ୍ଚଳ ଫାଣ୍ଡିର ମୁକୁନ୍ଦପ୍ରସାଦ ଝରଟାଙ୍ଗିରେ ଏକ ଚୋରି ହୋଇଛି। ଦୁର୍ବୃତ୍ତମାନେ ଝରକା ଗ୍ରିଲ ତାଡି ଶନିବାର ରାତିରେ କିଶୋର ପଟ୍ଟନାୟକଙ୍କ ଘରୁ ୩୦ ଗ୍ରାମ ସୁନା, ୩୦ ଗ୍ରାମ ରୁପା ଅଳଙ୍କାର ଓ ୩୫ ହଜାର ଟଙ୍କା ଚୋରାଇ ନେଇଛନ୍ତି। ଚୋରି ଯାଇଥିବା ସୁନା, ରୁପାର ଦାମ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। କିଶୋରଙ୍କ ପରିବାରର ସଦସ୍ୟ ନିଜ ଗାଁ ବାଙ୍କୋଇକୁ ରବିବାର ଯାଇଥିବାବେଳେ ଘର ତାଲା ଖୁଲିଥିଲା। ସୋମବାର ପହଞ୍ଚି ଦେଖନ୍ତି ଚୋରି ହୋଇଛି। ଫାଣ୍ଡିରେ ଅଭିଯୋଗ ପରେ ପୋଲିସ ନଂ. ୨୭୪/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ବ୍ଲକସ୍ତରୀୟ ମୋ ଛତୁଆ ବଣ୍ଟନ କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୧।୯ (ଡି.ଏନ.ଏ.)**
କୃଷ୍ଣପ୍ରସାଦରେ ବ୍ଲକସ୍ତରୀୟ ଛତୁଆ ବଣ୍ଟନ କାର୍ଯ୍ୟକ୍ରମ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ରବିବାର ଆରମ୍ଭ ହୋଇଛି। ବ୍ଲକ ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀଙ୍କ ନିର୍ଦ୍ଦେଶକ୍ରମେ ଏହା କରାଯାଇଥିଲା। ପ୍ରତିମାସ ୧ ତାରିଖରେ ସମସ୍ତ ଗର୍ଭବତୀ, ପ୍ରସୂତି ଓ ୭ ମାସରୁ ୩ ବର୍ଷ ବୟସର ଶିଶୁ, ମାଆମାନଙ୍କୁ ଏହି ଛତୁଆ ବଣ୍ଟନ କରାଯିବା ନୂତନ ନିୟମ ହୋଇଛି। ପୂର୍ବରୁ ଅଙ୍ଗନୱାଡି କର୍ମୀମାନେ ନିଜ ଇଚ୍ଛାରେ ବିଭିନ୍ନ ଦିନ ଛତୁଆ ବଣ୍ଟନ କରୁଥିଲେ। ଏଥିରେ ଅନିୟମିତତା ଦେଖାଦେବାରୁ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ନିୟମ କାର୍ଯ୍ୟକାରୀ ହୋଇଛି। ବ୍ଲକରେ ୧୩୪ ଅଙ୍ଗନୱାଡି କେନ୍ଦ୍ରରେ ହିତାଧିକାରୀଙ୍କୁ ମୋ ଛତୁଆ ବଣ୍ଟନ କରାଯାଇଛି।

### ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୧।୯:** ଖୋର୍ଦ୍ଧା ଗୀତା ଭବନ ପରିଷଦରେ ଭୁବନେଶ୍ୱରର ଶ୍ରୀଜଗନ୍ନାଥ ପରିଷଦ ପକ୍ଷରୁ ଖୋର୍ଦ୍ଧା ଜିଲାରେ ଶ୍ରୀଜଗନ୍ନାଥ ଶୀର୍ଷକ ଏକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସଂସ୍କୃତି ବିଭାଗ କମିଶନର ଗୋପୀନାଥ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଦେବେନ୍ଦ୍ରନାଥ ଦାଶ, ଦାଶରଥି ସମାନ୍ତରାୟ, ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଶାଖା ସଭାପତି ଶକ୍ତି ଶଙ୍କର ମିଶ୍ର, ନଗେନ୍ଦ୍ର ନାଥ ଦତ୍ତ, ଅମ୍ବିକା ପ୍ରସାଦ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଖୋର୍ଦ୍ଧା ଜିଲାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଶୀର୍ଷକ ଏକ ପୁସ୍ତକ ରଚନା କରିବାକୁ ଅଧାପକ ଗୁରୁ ପ୍ରସାଦ ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

### 'ଗାଁକୁ ସୁନ୍ଦର ଗଛ' ଅଭିଯାନ

**ନିରାକାରପୁର, ୧।୯(ଡି.ଏନ.ଏ.):**
ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନୂଆଗଡ ସ୍ୱୟଂ ସେବକ ସଂଘ ପକ୍ଷରୁ ରବିବାର ଟାଙ୍ଗୀ ବ୍ଲକ ହରିପୁରଠାରେ 'ଗାଁକୁ ସୁନ୍ଦର ଗଛ' ଅଭିଯାନ ଆରମ୍ଭ ହୋଇଛି। ଆୟୋଜତି ସଭାରେ ପୂର୍ବତନ ବିଧାୟକ ତଥା ପ୍ରେରଣା ଅନୁଷ୍ଠାନର ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନୂଆଗଡ଼ ସ୍ୱୟଂ ସେବକ ସଂଘ ସଭାପତି ସନ୍ତୋଷ କୁମାର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସାମାଜିକ କର୍ମୀ ଆଶିଷ ବରିସଲ, ପ୍ରଦୋଷ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ସହ ଅନୁଷ୍ଠାନର ସଭ୍ୟାସଭ୍ୟମାନେ ହରିପୁର ଓ ରାଉତପଡା ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଚାରା ରୋପଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ମାନସ କୁମାର ଜେନା, ଦେବାଶିଷ ଗଜେନ୍ଦ୍ର, ସନ୍ତୋଷ ମାନସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଦନପୁର ଫୁଟବଲ ଲିଗ୍ ଉଦ୍‌ଘାଟିତ

**ପାତ୍ରପଡା, ୧।୯ (ଡି.ଏନ.ଏ.)**
ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ଏକ ଦିବସୀୟ ମଦନପୁର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଖେଳରେ ମହାବୀର କ୍ଲବ ୨-୧ ଗୋଲରେ ଭୁବନେଶ୍ୱର ମର୍ନିଂ କ୍ଲବକୁ ପରାସ୍ତ କରିଥିଲା। ଖେଳର ୩୦ ଓ ୩୫ ମିନିଟ୍‌ରେ ମହାବୀର କ୍ଲବ ପକ୍ଷରୁ ରଞ୍ଜନ ପ୍ରଧାନ ୨ ଗୋଟିଏ ଗୋଲ ସ୍କୋର କରିଥିଲେ। ଖେଳ ପରିଚାଳନା କରିଥିଲେ ରବିନାରାୟଣ ରଣା, ସୁଶାନ୍ତ ମିଶ୍ର ଓ ମନୋରଞ୍ଜନ ଖୁଣ୍ଟିଆ, ବିଜୟୀ ଦଳର ରଞ୍ଜନ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ପ୍ରଦୀପ କୁମାର ବଲିୟାରସିଂ, ବ୍ରଜବନ୍ଧୁ ଝୁଆଲସିଂହ,ପୁରୁଷୋତ୍ତମ ବେହେରା, ସୁଧାଂଶୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ■ ଦୁଇ ଶିଳ୍ପାଞ୍ଚଳ ବିଗାଡୁଛି ଖୋର୍ଦ୍ଧା ପରିବେଶ

# କାଗଜପତ୍ରରେ ଚାଲିଛି ବୃକ୍ଷରୋପଣ

■ସ୍ଥାନୀୟ ଯୁବକ ପାଉନାହାନ୍ତି ଆତ୍ମନିଯୁକ୍ତି
■ସିଏସ୍ଆର ପାଣ୍ଠି ଖର୍ଚ୍ଚ କରୁ ନାହାନ୍ତି ଶିଳ୍ପ

**ଖୋର୍ଦ୍ଧା ଅଫିସ,୧।୯**

ଖୋର୍ଦ୍ଧା ଓ ଶାରୁଅ ଶିଳ୍ପାଞ୍ଚଳ ବିଗାଡି ଚାଲିଛି ଖୋର୍ଦ୍ଧା ପରିବେଶ। ଉଭୟ ଅଞ୍ଚଳରେ ଶିଳ୍ପ ବଢି ଚାଲିଥିଲେ ହେଁ କାଗଜପତ୍ରରେ ବୃକ୍ଷରୋପଣ ହେଉଥିବା ବେଳେ ପରିବେଶ ପ୍ରଦୂଷିତ ହୋଇଚାଲିଛି। ଅନ୍ୟପକ୍ଷେ ଶିଳ୍ପ ସ୍ଥାନୀୟ ଅଞ୍ଚଳରେ ରୋଗ ବାଣ୍ଟୁଥିବାବେଳେ ସ୍ଥାନୀୟ ଯୁବକ ଓ ଠିକାଦାରଙ୍କୁ ନିଯୁକ୍ତି ମିଳୁନି। ଯେଉଁ କେତେଜଣ ଯୁବକ ଆତ୍ମନିଯୁକ୍ତି ପାଇଛନ୍ତି ସେମାନଙ୍କୁ ଛଟେଇ ପାଇଁ ଚେଷ୍ଟା ଚାଲିଛି। ପୁଣି ଶିଳ୍ପାନୁଷ୍ଠାନର ଚତୁଃପାର୍ଶ୍ୱରେ ସିଏସ୍ଆର ପାଣ୍ଠି ଖର୍ଚ୍ଚ କରିବାର ନିୟମ ଥିବାବେଳେ ଏହାକୁ ମଧ ଅଣଦେଖା କରାଯାଉଛି। କେତେଜଣ ହାତଗଣତି ଶିଳ୍ପ ନିଜ ମର୍ଜିରେ ସ୍ଥାନୀୟ ଅଞ୍ଚଳର କିଛିଟା ପୋଖରୀ ଓ ସ୍କୁଲ ପାଇଁ ଅଳ୍ପ ଟଙ୍କା ଖର୍ଚ୍ଚ କରି ବାହାବା ନେଉଛନ୍ତି। ଏଣୁ ଧୀରେ ଧୀରେ ଶିଳ୍ପ ବିରୋଧରେ ପ୍ରତିବାଦ ବଢୁଛି। ବରୁଣେଇ ପାଦ ଦେଶରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଓ ଶାରୁଅରେ ଗଢ଼ି ଉଠିଛି ଶାରୁଅ ଶିଳ୍ପାଞ୍ଚଳ। ଖୋର୍ଦ୍ଧାରେ ୭୧ ଓ ଶାରୁଅରେ ୧୨ଟି ଶିଳ୍ପ ହୋଇସାରିଲାଣି। ଶିଳ୍ପ ବଢୁଥିବାରୁ ଖୋର୍ଦ୍ଧା ଓ ଶାରୁଅ ଅଞ୍ଚଳରେ ଜଳ ସମସ୍ୟା ପ୍ରତିବର୍ଷ ଦେଖା ଦେଉଛି। ଶିଳ୍ପର ବର୍ଜ୍ୟବସ୍ତୁ ବି ସ୍ଥାନୀୟ ଅଞ୍ଚଳ ପାଇଁ ସମସ୍ୟା ସୃଷ୍ଟି କରୁଛି।

### ରୋକାଯାଇ ପାରୁନି ଦାଦନ

ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଦାଦନ ସମସ୍ୟା ସମାଧାନ କରିବାରେ ପ୍ରଶାସନ ବିଫଳ। ଏଠାରୁ ବର୍ଷତମାମ ରାଜ୍ୟ ଓ ଦେଶ ବାହାରକୁ ଶିଶୁ ଶ୍ରମିକ, ଶ୍ରମିକ କାମ କରିବାକୁ ଯାଉଛନ୍ତି। ୮୦ରୁ ଊର୍ଦ୍ଧ୍ୱ ଶିଳ୍ପ ଥାଇ ସ୍ଥାନୀୟ ଲୋକ ଅନ୍ୟ ରାଜ୍ୟ ଓ ଦେଶରେ କାମ କରିବା କେତେଦୂର ଯୁକ୍ତିଯୁକ୍ତ। ନୂଆକରି ଶିଳ୍ପ ଗଠନ ସମୟରେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କୁ ଆତ୍ମନିଯୁକ୍ତି ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ପରେ ପ୍ରତିଶ୍ରୁତିକୁ ଶୀତଳଭଣ୍ଡାରକୁ ଫୋପାଡି ଦିଆଯାଇଥିଲେ ହେଁ ସରକାର ଓ ପ୍ରଶାସନ ଚୁପ୍ ରହିଛନ୍ତି। ସ୍ଥାନୀୟ ଲୋକପ୍ରତିନିଧି ମଧ ଏ ଦିଗରେ ନୀରବତା ଅବଲମ୍ବନ କରୁଥିବା ଅଭିଯୋଗ ରହିଛି। ଯାହାଦ୍ୱାରା ଦାଦନକୁ ରୋକାଯାଇପାରୁନି।

### ବାହାର ରାଜ୍ୟର ଠିକାଦାରଙ୍କ ରାଜ

ଖୋର୍ଦ୍ଧା ଓ ସାରୁଅ ଶିଳ୍ପାଞ୍ଚଳରେ ବିହାର, ପଶ୍ଚିମବଙ୍ଗ, ଝାଡଖଣ୍ଡ, ଉତ୍ତରପ୍ରଦେଶର ଠିକାଦାରମାନଙ୍କ ରାଜ ଚାଲିଛି। ସ୍ଥାୟୀ ଓ ଅସ୍ଥାୟୀ ଶ୍ରମିକମାନେ ଯେପରି ପ୍ରତିବାଦ ନ କରିବେ, ବିକ୍ଷୋଭ ଏବଂ ଧାରଣା ନ ଦେବେ ସେନେଇ ଠିକାଦାରମାନେ ସବୁବେଳେ ଚେଷ୍ଟାରତ। ଉପରୋକ୍ତ ଠିକାଦାରମାନେ ସ୍ଥାନୀୟ କେତେଜଣ ଖଳ ପ୍ରକୃତିର ଲୋକଙ୍କୁ ହାତବାରିଶି କରି ଗଣ୍ଡଗୋଳ କରୁଛନ୍ତି। ଏହାଦ୍ୱାରା ଶିଳ୍ପାଞ୍ଚଳରେ ବିଭିନ୍ନ ସମୟରେ ଅଶାନ୍ତ ରହୁଛି। ସେହିପରି ବିଭିନ୍ନ କଳକାରଖାନାରେ କାର୍ଯ୍ୟରତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ସୁରକ୍ଷା ସରଞ୍ଜାମ ଠିକ୍ ଭାବେ ପାଉ ନ ଥିବା ଅଭିଯୋଗ ରହିଛି। କେତେକ କ୍ଷେତ୍ରରେ ଠିକାଦାର ମାଧମରେ ସୁରକ୍ଷା ସରଞ୍ଜାମ ଦିଆଯାଉଥିବାରୁ ସେମାନେ ନିମ୍ନମାନର ଜିନିଷ କିଣି ଦେଉଛନ୍ତି। ସୁରକ୍ଷା ସରଞ୍ଜାମ ବ୍ୟବହାର ନ କରି ବିଭିନ୍ନ ସମୟରେ ଶ୍ରମିକମାନେ ମୃତ୍ୟୁ ମୁଖରେ ପଡୁଥିବା ବେଳେ କେତେକ ଅଙ୍ଗ ହରାଉଛନ୍ତି। ସୁରକ୍ଷା ବିଭାଗ ଓ କମ୍ପାନୀ କର୍ତ୍ତୃପକ୍ଷ ଏହାର ଠିକ୍ ଯାଞ୍ଚ କରୁନାହାନ୍ତି। ଏଥିପାଇଁ ବିଭିନ୍ନ ସମୟରେ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ କମ୍ପାନୀ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ହୋଇଛି। ହେଲେ ଏହାକୁ ଭିନ୍ନ ରୂପ ଦିଆଯାଇ ଚାପି ଦିଆଯାଉଛି। ଜିଲା ଶ୍ରମ ବିଭାଗ ପକ୍ଷରୁ ଶ୍ରମିକମାନଙ୍କ ସମସ୍ୟାକୁ ଠିକ୍ ଭାବେ ନିରୀକ୍ଷଣ କରାଯାଉ ନ ଥିବାରୁ ସେମାନେ ଉପକୃତ ହୋଇ ପାରୁନାହାନ୍ତି।




କଲେଜର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥିମାନେ ।

### ବାଲୁଗାଁ ମହାବିଦ୍ୟାଳୟରେ ୩୯ତମ ପ୍ରତିଷ୍ଠା ଦିବସ

**ବାଲୁଗାଁ, ୧।୯ (ଡି.ଏନ.ଏ.)**

ବାଲୁଗାଁ ମହାବିଦ୍ୟାଳୟର ୩୯ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ବିନତି ମଞ୍ଜରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ, ପୂର୍ବତନ ବିଧାୟକ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଗୁଣାତ୍ମକ ଶିକ୍ଷାର ଉପକାରିତା ଉପରେ ଆଲୋକପାତ କରିବା ସହ ଛାତ୍ର ସମାଜ ଶୃଙ୍ଖଳିତ ହୋଇ ବ୍ୟକ୍ତିତ୍ୱର ବିକାଶ ଦିଗରେ ବ୍ରତି ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅଧକ୍ଷା ବାର୍ଷିକ ବିବରଣୀ ପାଠ କରିବା ସହ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଅତିଥିଙ୍କୁ ଅବଗତ କରାଇଥିଲେ। ବିଧାୟକ ଜଗଦ୍ଦେବ ମହାବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ଦୃଢ ପ୍ରତିଶ୍ରୁତି ଦେଇଥିଲେ। ଅଧାପକ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ରଚିତ ଗବେଷଣାତ୍ମକ ପୁସ୍ତକକୁ ଲୋକାର୍ପଣ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଶିକ୍ଷାର୍ଥୀ ମାନପତ୍ର ଏବଂ ଜାତୀୟ ସେବା ଯୋଜନାରେ ରାଜ୍ୟସ୍ତରୀୟ କୃତିତ୍ୱ ହାସଲ କରିଥିବା ସ୍ୱେଚ୍ଛାସେବୀଙ୍କ ସମେତ ଏନ୍‌ସିସି ଅଫିସର ଅକ୍ଷୟ କୁମାର ମିଶ୍ରଙ୍କୁ ପ୍ରଶିକ୍ଷଣର ସଫଳତା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପକ ଡ. କୈଳାସ ଚନ୍ଦ୍ର ମହାରଣା ସ୍ୱାଗତ ଭାଷଣ ସହ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ବିଜୟ କୁମାର ରାଉଳ।

### ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ



କଲେଜ ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥିମାନେ ।

**ଚିଲିକା,୧।୯(ଡି.ଏନ.ଏ.)**

ଚିଲିକା ବ୍ଲକ ଅନ୍ତର୍ଗତ ପଞ୍ଚୁପଲ୍ଲୀ ଭୀମ ବଳବନ୍ତରାୟ ମହାବିଦ୍ୟାଳୟ ସଭାଗୃହରେ ଶନିବାର କଲେଜର ପ୍ରତିଷ୍ଠା ଦିବସ ଅଧକ୍ଷ ଦେବେନ୍ଦ୍ରନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ମହାବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଭୀମ ବଳବନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ । କଲେଜର ସମସ୍ତ ଅଧାପକ, ଅଧାପିକା, ଛାତ୍ରୀଛାତ୍ର, କର୍ମଚାରୀ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଶିକ୍ଷା ବିଭାଗର ଅଧାପକ ସଂଗ୍ରାମ କେଶରୀ ମିଶ୍ର ସଂଯୋଜନା କରିଥିବାବେଳେ ବସନ୍ତ ମଞ୍ଜରୀ ଦାସ ଅତିଥି ପରିଚୟ ଓ ଅଧାପକ ରବି ଶଙ୍କର ହୋତା ଧନ୍ୟବାଦ ଦେଇଥିଲେ।

### ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ
## ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକ

**ଜଟଣୀ,୧।୯(ଡି.ଏନ.ଏ.)**

ତାଙ୍କ ଝିଅକୁ ମାରି ଶ୍ୱଶୁର ଘର ଲୋକେ ଆତ୍ମହତ୍ୟାର ରୂପ ଦେଉଥିବା ବାପା ଜଟଣୀ ଥାନାରେ ଅଭିଯୋଗ କରିଛନ୍ତି। ଜଟଣୀ ପୋଷ୍ଟ ଅଫିସ ଛକ ନିକଟରେ ଶନିବାର ରାତିରେ ଏହା ଘଟିଛି। ପୋଷ୍ଟ ଅଫିସ ନିକଟରେ ରହୁଥିବା ବିରଞ୍ଚି ନାରାୟଣ ସେଠୀଙ୍କ ପୁଅ ସୁବ୍ରତଙ୍କ ସହ ପୁରୀ ଜିଲା ପିପିଲି ଥାନାର କମାସାଗର ପାଟଣା ଅଞ୍ଚଳର କେଳୁ ଚରଣ ସେଠୀଙ୍କ ଝିଅ ସୋନାଲି(୨୪)ଙ୍କ ମଧରେ ଫେବୃୟାରୀ ୨୩ରେ ବିବାହ ହୋଇଥିଲା। ବିବାହ ସମୟରେ ପୁଅ ଘରର ଦାବି ମୁତାବକ ୨ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ବିବାହ ପରେ ଅଧିକ ଏକ ଲକ୍ଷ ଟଙ୍କା ଦାବିକରି ସୋନାଲିଙ୍କୁ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦ ଓ ପରିବାରର ଅନ୍ୟମାନେ ନିର୍ଯାତନା ଦେଇ ଆସୁଥିଲେ। ସେହିମାନେ ତାଙ୍କ ଝିଅକୁ ମାରିଥିବା ସୋନାଲିଙ୍କ ବାପା କେଳୁ ଚରଣ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଥାନାରେ ଅଟକ ଥିବା ସ୍ୱାମୀ ସୁବ୍ରତ କୁହନ୍ତି, ଶନିବାର ସନ୍ଧ୍ୟାରେ କୋଠରି କବାଟ ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଦ ଥିବାରୁ ଖୋଲିବାକୁ ଚେଷ୍ଟା କରି ବିଫଳ ହୋଇଥିଲୁ। ପରେ କବାଟ ଭାଙ୍ଗି ଭିତରେ ପଶିବା ପରେ ତାଙ୍କ ସ୍ତ୍ରୀ ସୋନାଲୀ ଶାଢି ଦ୍ୱାରା ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି। ଖବରପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ତଦନ୍ତ କରି ଫେରି ଆସିଛି। ଥାନାରେ ନଂ. ୩୨୯/୧୯ରେ ମାମଲା ରୁଜୁକରି ସ୍ୱାମୀ ସୁବ୍ରତଙ୍କୁ ଅଟକ ରଖି ପୋଲିସ ତଦନ୍ତ ଚଳାଇଛି।

## ବନ୍ଦ ହୋଇଥିବା ୬ ବିଦ୍ୟାଳୟ ପୁଣି ଖୋଲିଲା

**ବୋଲଗଡ,୧।୯ (ଡି.ଏନ.ଏ.)**



ବିଦ୍ୟାଳୟ ଖୋଲିବା ପରେ ପିଲାମାନେ ବସି ପାଠ ପଢୁଛନ୍ତି ।

କମ ସଂଖ୍ୟକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟଗୁଡିକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଶିକ୍ଷା ବିଭାଗ ପକ୍ଷରୁ ବନ୍ଦ କରି ଦିଆଯାଇ ୧ କିମି ଦୁର ମଧରେ ଥିବା ବିଦ୍ୟାଳୟଗୁଡିକରେ ସାମିଲ କରାଯାଇଥିଲା। ଏହି ନିଷ୍ପତ୍ତି ଅନୁସାରେ ବୋଲଗଡ ବ୍ଲକ ଅଞ୍ଚଳର ୩୩ଟି ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇ ନିକଟସ୍ଥ ବିଦ୍ୟାଳୟଗୁଡିକରେ ଅନ୍ତର୍ଭୁକ୍ତ କରାଯାଇଥିଲା। ମାତ୍ର କେତେକ ବିଦ୍ୟାଳୟର ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଏଥିରେ ଅସନ୍ତୋଷ ପ୍ରକାଶ କରି ବ୍ଲକଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବ୍ଲକ ଅଞ୍ଚଳରେ ୩୩ ମଧରୁ ୬ ବିଦ୍ୟାଳୟ ପୂର୍ବପରି ସେହି ବିଦ୍ୟାଳୟରେ ଖୋଲିବ ବୋଲି ସରକାରୀ ଅନୁମତି ଦିଆଯାଇଥିବାର ବିଇଓ ବିଭୂତି ଭୂଷଣ ମହାପାତ୍ରଙ୍କଠାରୁ ସୂଚନା ମିଳିଛି। ଖୋଲିଥିବା ବିଦ୍ୟାଳୟଗୁଡିକ ହେଲା ବାଙ୍କୋଇ ଦେଶ ପଞ୍ଚାୟତର ବାରବାଟିଆ ପ୍ରାଥମିକ ବିଦ୍ୟାଳୟ, ଡାବରଧୁଆ ପଞ୍ଚାୟତର ବେଲପଦର ପ୍ରାଥମିକବିଦ୍ୟାଳୟ, ଆରିକମା ପଞ୍ଚାୟତର ଶଙ୍କରପୁର ୟୁଜି ଏମ୍‌ଇ ବିଦ୍ୟାଳୟର ପ୍ରଥମଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ, କଡବ ପଞ୍ଚାୟତର ବାଗଲପୁର, ବୋରିଙ୍କ ଏବଂ ଅଭିମାନପୁର ପ୍ରାଥମିକ ବିଦ୍ୟାଳୟଗୁଡିକ ପୂର୍ବପରି କାର୍ଯ୍ୟ କରିବାକୁ ସରକାରୀ ଅନୁମତି ମିଳିଛି। ପ୍ରକାଶ ଥାଉକି। ଏହି ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ର ସଂଖ୍ୟା କମ୍ ରହିଥିବାରୁ ଏଗୁଡିକୁ ବନ୍ଦ କରି ନିକଟସ୍ଥ ବିଦ୍ୟାଳୟ ଗୁଡିକରେ ଅନ୍ତର୍ଭୁକ୍ତ କରାଯାଇଥିଲା।

## ■ କାର୍ଯ୍ୟରେ ଯୋଗ ଦେଲେ ଏସ୍‌ପି
# ସବୁ ଥାନାରେ ଲାଗୁ ହେବ ୫ଟି ମନ୍ତ୍ର

**ଖୋର୍ଦ୍ଧା ଅଫିସ,୧।୯**



ନୂତନ ଏସପି ଅଜୟ ପ୍ରତାପ ସ୍ୱାଇଁ ।

ଖୋର୍ଦ୍ଧା ପୋଲିସ ଜିଲାରେ ରବିବାର ଅଜୟ ପ୍ରତାପ ସ୍ୱାଇଁ ନୂତନ ଏସପି ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ରାଉରକେଲା ଜିଆରପି ଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ଏସ୍‌ପି ଅମୂଲ୍ୟ ଦାସ ଅବସର ନେଲା ପରେ ସ୍ୱାଇଁଙ୍କର ଖୋର୍ଦ୍ଧାକୁ ବଦଳି ହୋଇଥିଲା। କାର୍ଯ୍ୟରେ ଯୋଗ ଦେଲା ପରେ ଧରିତ୍ରୀଙ୍କୁ ଏସ୍‌ପି କହିଛନ୍ତି ମହିଳା ଶିଶୁ ନିର୍ଯାତନାକୁ ପ୍ରାଥମିକତା ଦେବେ। ମହିଳା ଓ ଶିଶୁ ଥାନା, ଫାଣ୍ଡିକୁ ଆସି ଯେପରି ଅବହେଳିତ ଏବଂ ଉପେକ୍ଷିତ ନ ହୋଇ ନ୍ୟାୟ ପାଇବେ ସେଥିପ୍ରତି ବ୍ୟବସ୍ଥା କରିବେ। ଖଣି ମାଫିଆଙ୍କ ବେଆଇନ ଖଣି ଖନନ ଓ ବେଆଇନ ପଥର ଚାଲାଣ କାରବାର ଉପରେ ରୋକ ଲଗାଯିବ। ଦାଗି, ଅପରାଧୀମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ଖୋର୍ଦ୍ଧା ପୋଲିସ ଜିଲାରେ ଥିବା ଦୁଇଟି ଏନ୍‌ଏଚର ୧୦୦ କିମି ମଧରେ ଯେପରି ସଡ଼କ ଦୁର୍ଘଟଣା ଘଟୁଛି ସେଥିରେ ରୋକ ଲଗାଇବାକୁ ପଦକ୍ଷେପ ନିଆଯିବ। ମୁଖ୍ୟମନ୍ତ୍ରୀଙ୍କର ୫ଟି ମନ୍ତ୍ରର ସଫଳ ରୂପାୟନ ପାଇଁ ସବୁ ଥାନାରେ ଏହାକୁ ଲାଗୁ କରାଯିବ। ଜନସାଧାରଣଙ୍କୁ ଉତ୍ତମ ସେବା ସହ ବ୍ୟବହାର ପ୍ରଦର୍ଶନ କରାଯିବ। ସେମାନେ ଯେପରି ଅସନ୍ତୋଷ ବ୍ୟକ୍ତ ନ କରିବେ ସେହି ଅନୁଯାୟୀ ପଦକ୍ଷେପ ନିଆଯିବାକୁ ଥାନା ଓ ଫାଣ୍ଡି ଅଧିକାରୀ, କର୍ମଚାରୀଙ୍କୁ କୁହାଯାଇଛି। କାର୍ଯ୍ୟରେ ଅବହେଳା କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ପ୍ରକାଶଥାଉ କି ଖୋର୍ଦ୍ଧାରେ ନୂଆ ଏସ୍‌ପି କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଖୋର୍ଦ୍ଧା ଆଦର୍ଶ ଥାନାର ଝରଟାଙ୍ଗୀରେ ଚୋରମାନେ ଚୋରି କରି ତାଙ୍କୁ ସ୍ୱାଗତ କରିଛନ୍ତି। ଦେଖାଯାଉ ଚୋରି ଓ ଲୁଟ୍ ବଢୁଥିବା ଖୋର୍ଦ୍ଧା ପୋଲିସ ଜିଲାରେ ଏସ୍‌ପି କିଭଳି ମୁକାବିଲା କରୁଛନ୍ତି।

## ■ ଖୋର୍ଦ୍ଧାରୋଡ଼ ଷ୍ଟେଶନ ନାମ ପରିବର୍ତ୍ତନ
# ଅନ୍ୟାନ୍ୟ ସମସ୍ୟା ଦୂର ପାଇଁ ଭାଜପା ଉଦ୍ୟମ କରିବ

**ଜଟଣୀ,୧।୯(ଡି.ଏନ.ଏ.) :**



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ ।

ଜଟଣୀବାସୀଙ୍କ ଦୀର୍ଘଦିନର ଦାବି ଫ୍ଲାଇ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ, ବିଦ୍ୟୁତ୍ ବିଭ୍ରାଟ, ଟାଉନ୍ ଖାସ୍‌ମହଲ ଓ ୧୨ଟି ମୌଜା ବାସିନ୍ଦା ହରାଇଛନ୍ତି। ସେମାନଙ୍କ ସ୍ଥିତିବାନ୍ ଜମି ଫେରି ପାଇବା ଉପରେ ପ୍ରାଥମିକତା ଦିଆଯାଉଥିବା ରବିବାର ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ବଡ଼ଜେନା କହିଛନ୍ତି। ସେହିପରି ଜଟଣୀରେ ଥିବା ଆଇଆଇଟି, ନାଇଜର, ଫାଟୁଆ ଗବେଷଣା କେନ୍ଦ୍ର ଉଲ୍ଲେଖ କରୁଥିବା ଭୁବନେଶ୍ୱର ପରିବର୍ତ୍ତେ ଜଟଣୀ ନାମ ବ୍ୟବହାର କରିବା ଉପରେ ଉଦ୍ୟମ କରାଯିବ। ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନର ନାମ ପରିବର୍ତ୍ତନ କରାଯାଇ ଜଟଣୀ ରଖିବା ପାଇଁ ଦିଲ୍ଲୀ ଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସାକ୍ଷାତକରି ଦାବି ଉପସ୍ଥାପନ କରାଯିବ ବୋଲି ସେ କହିଥିଲେ। ଏଠାରେ ଥିବା ବିଭିନ୍ନ କେନ୍ଦ୍ର ସରକାରଙ୍କ ସଂସ୍ଥାରେ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଉପରେ ପ୍ରୟାସ କରାଯିବ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା କିପରି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ପାଇ ପାରିବେ ସେଥିପାଇଁ ଗୁରୁତ୍ୱାରୋପ କରାଯାଉଥିବା ବଡଜେନା ସୂଚନା ଦେଇଥିଲେ। କ୍ୟାନ୍‌ସର ରୋଗର ଚିକିତ୍ସା ପାଇଁ ଏଠାରେ ଥିବା ନାଇଜର ପରିସରରେ ଟାଟା ମେମୋରିଆଲ୍‌ର ଏକ ସେଣ୍ଟର ଖୋଲିବା ଓ ୧୬ ନଂ. ଜାତୀୟ ରାଜପଥର ଭୁଆଶୁଣି ମନ୍ଦିର ନିକଟରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ନେଇ ସମ୍ପୃକ୍ତ ବିଭାଗ ନିକଟରେ ପ୍ରସ୍ତାବ ସହ ତାହାକୁ କାର୍ଯ୍ୟକାରୀ କରିବାକୁ ପ୍ରାଧାନ୍ୟ ଦିଆଯିବ ବୋଲି ବିଶ୍ୱରଞ୍ଜନ କହିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ସହଯୋଗରେ ଏହିସବୁ ସମସ୍ୟା ଦୂର ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ। ସମ୍ମିଳନୀରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ରବି ନାରାୟଣ ସ୍ୱାଇଁ, ମ୍ୟୁନିସିପାଲିଟି ପ୍ରତିନିଧି ପ୍ରତାପ ବରାଳ ଉପସ୍ଥିତ ରହି ବିଭିନ୍ନ ସୂଚନା ଦେଇଥିଲେ।

### ଖୁଦୁରୁକୁଣୀ ତଅପୋଇର ଏକ ଐତିହାସିକ ଚରିତ୍ର

**ଖୋର୍ଦ୍ଧା ଅଫିସ,୧।୯:**
ଉପକୂଳବର୍ତ୍ତୀ ପୁରପଲ୍ଲୀରେ ପାଳନ କରାଯାଉଥିବା ଖୁଦୁରୁକୁଣୀ ଓଷାର ତଅପୋଇ ଏକ ଐତିହାସିକ ଚରିତ୍ର। କୁଆଁରୀ ଝିଅମାନେ ମା' ମଙ୍ଗଳାଙ୍କ ପାଖରେ ବୋଲୁଥିବା ଗୋପୀନାଥ ଦାସଙ୍କ ବୀରଚିତ ଖୁଦୁରୁକୁଣୀ ବ୍ରତ ଓଷାର ପୃଷ୍ଠଭୂମିରେ ଜମ୍ବୁଦ୍ୱୀପର ସାଧବ ନୟନବନ୍ତ, ସହଧର୍ମିଣୀ ଶକୁନ୍ତଳା ଓ ୭ ସାଧବ ବୋହୂର କାହାଣୀ ଉପରେ ପର୍ଯ୍ୟବସିତ। ଏହାର ସତ୍ୟାସତ୍ୟ ରହିଥିବା ବକ୍ତାମାନେ ମତ ପୋଷଣ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ ସାମନ୍ତରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମାସିକ ଆଲୋଚନାଚକ୍ରରେ ଖୁଦୁରୁକୁଣୀ ଓଷାର ଐତିହାସିକତା ଉପରେ ଆଲୋଚନା ହୋଇଥିଲା। କବୟିତ୍ରୀ କଳା ପଟ୍ଟନାୟକ ସାରସ୍ୱତ ମଞ୍ଚ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ପି.ଏନ. କଲେଜର ଅଧାପକ ମନୋଜ ପ୍ରଧାନ, ଗୋପାଳକୃଷ୍ଣ ଦାସ, ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ, ଗବେଷକ ସତ୍ୟନାରାୟଣ ସ୍ୱାଇଁ ପ୍ରମୁଖ ବକ୍ତା ରୂପେ ଯୋଗ ଦେଇଥିଲେ। ସେହିଭଳି ଖୁଦୁରୁକୁଣୀ ଉପରେ କବିତା ଆସର ମଧ ଅନୁରୂପ ଭାବେ ଅନୁଷ୍ଠିତ ହୋଇଯାଇଛି।



ଖୁଦୁରୁକୁଣୀକୁ ନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିମାନେ ।

## ■ ଲୁଟେରାଙ୍କ କବଳରେ ବେଗୁନିଆ ଥାନା ଅଞ୍ଚଳ
# ୨ମାସରେ ୪୫ ଲୁଟ୍, ଲୋକେ ଆତଙ୍କିତ

**ବେଗୁନିଆ, ୧।୯ (ଡି.ଏନ.ଏ.)**

ଖୋର୍ଦ୍ଧା ପୋଲିସ ଜିଲା ବେଗୁନିଆ ଥାନା ଅଞ୍ଚଳରେ ଅନ୍ଧାରୀ ମୂଲକର ଗାଁ ଗଣ୍ଡାରେ ଏବେ ଚୋରି ଆତଙ୍କ ଦେଖାଦେଇଛି। ଜନସାଧାରଣଙ୍କ ପ୍ରତି ପୋଲିସର ଯେଉଁ କର୍ତ୍ତବ୍ୟ ମୂଲ୍ୟବୋଧ ରହିଛି ତାହା ସତେ ଯେମିତି ଲୁଟେରାଙ୍କ ହାତକୁ ଚାଲି ଯାଇଥିବା ଆଶଙ୍କା କରାଯାଉଛି। ସନ୍ଧ୍ୟା ହେଲେ ପୋଲିସର ପାଟ୍ରୋଲିଂ ପ୍ରତିବଦଳରେ ଲୁଟେରାମାନଙ୍କର ଆତଙ୍କ ଦେଖାଦେଉଛି। ଯାହାକି ୨ ମାସରେ ୪୫ ଛୋଟବଡ ଲୁଟ୍‌ର ଶିକାର ହୋଇ ପ୍ରାୟ ୩୫ ପରିବାରର ଯାତନାରୁ ସ୍ପଷ୍ଟ ଅନୁମେୟ। ତଥାପି ପୋଲିସ ବିଭାଗର ଚେତା ପଶୁନି। ଅନ୍ୟପକ୍ଷରେ ଲୋକେ ଅଭିଯୋଗ କରି ମଧ କୌଣସି ସୁଫଳ ନ ପାଇବାରୁ ପୋଲିସ ଉପରୁ ଅସ୍ଥା ତୁଟାଇଲେଣି। ଏଣେ ଚୋର ଆତଙ୍କକୁ ନେଇ ଲୋକେ ରାତି ଉଜାଗର ରହୁଥିବା ଦେଖିବାକୁ ମିଳୁଛି।

ବେଗୁନିଆ ଥାନା ଅଞ୍ଚଳରେ ଖଣି ଓ ମଦ ମାଫିଆମାନଙ୍କର ଦୌରାତ୍ମ୍ୟ କିଛିଦିନ ହେଲା ବୃଦ୍ଧି ପାଇଥିଲା। ଏଥିସହ ହତ୍ୟା ବଳାତ୍କାର, ଜାତୀୟ ରାଜପଥରେ ସ୍ପଷ୍ଟ ଦିବା ଲୋକରେ ଲୁଟ୍ ରାଜାଜାନି ଆଦି ବୃଦ୍ଧି ପାଉଥିଲା। ଚାପର ବଶବର୍ତ୍ତୀ ହୋଇ ପୋଲିସ ଏହି ଘଟଣାକୁ ରୋକିବାରେ ଆଂଶିକ ସଫଳ ହୋଇଥିବା ବେଳେ ପୁଣି ୨ ମାସ ହେଲା ପୋଲିସକୁ ଖୋଲା ଚ୍ୟାଲେଞ୍ଜ କଲେଣି ଲୁଟେରା। ଜୁଲାଇରେ ୮ ଗାଁରେ ୧୭ଟି ପରିବାରରୁ ଲକ୍ଷାଧିକ ଟଙ୍କା ସହ ପ୍ରାୟ ୧୦ ଭରି ଓଜନର ସୁନା ଅଳଙ୍କାର ଚୋରି ହୋଇଛି। ସେହିପରି ଅଗଷ୍ଟରେ ଏହା ବୃଦ୍ଧି ପାଇ ୧୩ଟି ଗାଁରେ ୨୮ଟି ପରିବାରଙ୍କ ଘରୁ ଲକ୍ଷାଧିକ ଟଙ୍କା ଚୋରି ହେବା ସହ ୧୦ରୁ ୧୨ ଭରି ସୁନା ଅଳଙ୍କାର, ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ସେଥିମଧରେ କେତେକ ଘଟଣାର ଅଭିଯୋଗ ଥାନାରେ ହୋଇଥିବା ବେଳେ ଆଉ କେତେକ ଅଭିଯୋଗ ଥାନାକୁ ଆସିନାହିଁ। ଲୁଟ୍‌ର ଶିକାର ହୋଇଥିବା ପରିବାରର ନାମ ଏବଂ ଗ୍ରାମର ନାମ ପୋଲିସ ଦେବାକୁ ମନା କରି ଦେଇଛି। ହେଲେ ବେସରକାରୀ ଭାବେ କୋଲୁହାପାଟଣା, ଗୋବିନ୍ଦପୁର, ତଣ୍ଡା, କାଟରା, କେନ୍ଦୁପଲ୍ଲୀ, ମଲିପଦର, ଗେଡିଆପଲି, ମାଣିବନ୍ଧ, ଦଦରାକାଣ୍ଟ, ହଡାବନ୍ଧ, ଚଟୁଆ, ବାଗଲପୁର, ଖଣତି, ଠଣାପଲି। ଅନ୍ୟପକ୍ଷେ ପୋଲିସ ସାହାଯ୍ୟ କରିବ ନାହିଁ ବୋଲି ଆଶଙ୍କା କରି କେତେଜଣ ଲୋକ ନାମ ପ୍ରକାଶ କରି ନ ଥିବା ବେଳେ କେତେଜଣଙ୍କ ନାମ ହସ୍ତଗତ ହୋଇଛି। ଗୋବିନ୍ଦପୁର ବାଇଧର ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ତଣ୍ଡାଳର ଚିତ୍ତରଞ୍ଜନ ସାମନ୍ତରାୟ, ମଦନ ପ୍ରଧାନ, ଲୋକନାଥ ବେହେରା, କୋଲୁହାପାଟଣାର ହେମନ୍ତ ପଣ୍ଡା, ରାମଚନ୍ଦ୍ର ପଣ୍ଡା, ଭୀମସେନ ସାହୁ, ହେମନ୍ତ ପାଣିଗ୍ରାହୀ। ସେହିପରି ବେଗୁନିଆ ପଞ୍ଚାୟତ ସମିତି ପ୍ରାଥମିକ ସ୍କୁଲ ପରିସରରେ ଥିବା ପ୍ରାଥମିକ ଶିକ୍ଷକ ସଂଘ ସଭାଗୃହ କବାଟ ଭାଙ୍ଗି ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର, ମାଣିକବନ୍ଧ ଗ୍ରାମସ୍ଥିତ ମନ୍ଦିର ପରିସରରୁ ପିତ୍ତଳ ସାମଗ୍ରୀ ସହ ବିଭିନ୍ନ ସରଞ୍ଜାମ ଚୋରି ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ ଏକ ଧଳା ରଙ୍ଗର ବୋଲେରୋରେ ପ୍ରାୟ ୮ରୁ ୧୦ ଜଣ ଅଜଣା ଯୁବକ ରାତି ପ୍ରାୟ ୧୦ଟା ପରେ ସ୍ଥାନୀୟ ଗ୍ରାମାଞ୍ଚଳରେ କିଛିଦିନ ବ୍ୟବଧାନରେ ପଇଁତରା ମାରୁଛନ୍ତି। ମାତ୍ର ସକାଳ ହେବା ମାତ୍ରେ ସ୍ଥାନୀୟ ଅଞ୍ଚଳର ଗୋଟିଏ ରାତିରେ ଏକା ସଙ୍ଗରେ ୨ରୁ ୩ଟି ଗ୍ରାମରେ ୪ରୁ ୫ ପରିବାର ଲୋକଙ୍କ ଘରେ ଲୁଟେରା ପଶି କଳାକନା ବୁଲାଇ ଥିବାର ଶୁଣିବାକୁ ମିଳୁଛି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ଅଭିଯୋଗ ମିଳିବା ପରେ ସତ୍ୟତାର ତଦନ୍ତ ଚାଲିଛି। ପାଟ୍ରୋଲିଂ କଡା କଡି କରାଯାଉଛି।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
-କନ୍‌ଫ୍ୟୁସିଅସ୍



## ସଂକ୍ଷେପରେ

### ପଞ୍ଚସଖା ପୀଠ ସଫେଇ, ଚାରା ରୋପଣ



ସାକ୍ଷୀଗୋପାଳ, ୧।୯(ଡି.ଏନ୍.ଏ.): ଭାରତ ବିକାଶ ସତ୍ୟବାଦୀ ଶାଖା ଓ ଉତ୍କଳମଣି ଗୋପବନ୍ଧୁ ସେବା ସଂଗଠନର ପକ୍ଷରୁ ପଞ୍ଚସଖା ସ୍ମୃତି ପୀଠରେ ରବିବାର ସଫେଇ କରାଯାଇଛି। ଅନାବନା ଗଛ ଲତା ସଫା କରିବା ପରେ ସ୍ୱେଚ୍ଛାସେବୀମାନେ ବଉଳ ଓ ତୁଳସୀ ଚାରା ରୋପଣ କରିଛନ୍ତି। ପ୍ରତି ରବିବାର ଭଳି ସ୍ୱଚ୍ଛ ସବୁଜ ଆମ ସତ୍ୟବାଦୀ କାର୍ଯ୍ୟକ୍ରମରେ ପରିଷଦର ଶାଖା ସଭାପତି ସତ୍ୟବାଦୀ ଦାସ, ଅର୍ଥ ସଚିବ ନବଘନ ଶତପଥି, ସଂଗଠନ ସମ୍ପାଦକ ସୁଶାନ୍ତ ରଥ, ଉମାକାନ୍ତ ମିଶ୍ର, ବସନ୍ତ କୁମାର ସ୍ୱାଇଁ, ସୁନୀଲ କୁମାର ବେହେରା, ବିଷ୍ଣୁ ମହାରଣା, ରାଧାନାଥ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଶନିବାର ସ୍ଥାନୀୟ ମାଣିତଳ ସାହିରେ ପୁଷ୍କରିଣୀରୁ ଦଳ ସଫେଇ କରିଥିବା ଗ୍ରାମର ୩୦ ଜଣ ସ୍ୱେଚ୍ଛାସେବୀଙ୍କୁ ଭାରତ ବିକାଶ ପରିଷଦ ଉପହାର ଦେଇ ଉତ୍ସାହିତ କରିଥିଲେ।

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଗାଈ ମୃତ

ବ୍ରହ୍ମଗିରି, ୧।୯(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ନିଆଳପୁର ନିକଟରେ ରବିବାର ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଏକ ଗାଈର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ନିଆଳପୁର ନିକଟରେ ଥିବା ଏହି ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ରବିବାର ଅପରାହ୍ନରେ ଡିହପୁର ଗ୍ରାମର ଭାଗିରଥି ନାୟକଙ୍କ ଏକ ଗାଈ ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ଟ୍ରାନ୍ସଫର୍ମରେ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲା। ଏନେଇ କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

### ଶ୍ରୀକ୍ଷେତ୍ରରେ ବାଲି ତୃତୀୟା

ପୁରୀ ଅଫିସ, ୧।୯: ଭାଦ୍ରବ ଶୁକ୍ଳ ତୃତୀୟା ତିଥିରେ ରବିବାର ଶ୍ରୀକ୍ଷେତ୍ରରେ ବାଲି ତୃତୀୟା (ଗୌରୀ ବ୍ରତ) ପାଳିତ ହୋଇଛି। ବିଭିନ୍ନ ନଦୀ ଓ ପୁଷ୍କରିଣୀ କୂଳରେ ମହିଳା ଏବଂ ଯୁବତୀମାନେ ବାଲୁକାରେ ଶକ୍ତି ସହିତ ଶିବଲିଙ୍ଗ ପ୍ରତିଷ୍ଠା କରି ଉମା ମହେଶ୍ୱରଙ୍କୁ ପୂଜା କରିଛନ୍ତି। ଏହି ବ୍ରତ ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଶ୍ରୀକ୍ଷେତ୍ର ଏବଂ ପାର୍ଶ୍ୱବର୍ତ୍ତୀ ଗାଁମାନଙ୍କରେ ବିବାହିତା ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା ଏବଂ ସନ୍ତାନମାନଙ୍କ ସୁଖ ସମୃଦ୍ଧି ପାଇଁ ଅତ୍ୟନ୍ତ ନିଷ୍ଠାର ସହିତ ଏହି ବ୍ରତ ପାଳନ କରିଥାନ୍ତି। ବ୍ରତଧାରୀଙ୍କ ମଧ୍ୟରୁ କେହି କେହି ସମ୍ପୂର୍ଣ୍ଣ ଉପବାସ କରିଥାନ୍ତି, ଆଉ କେହି ଛେପ ମଧ୍ୟ ଢୋକି ନ ଥାନ୍ତି। ଅବିବାହିତ ଝିଅମାନେ ମଧ୍ୟ ସୁନ୍ଦର ଓ ଗୁଣୀ ସ୍ୱାମୀ ପାଇବା ଲାଗି ଏହି ବ୍ରତ ପାଳନ କରିଥାନ୍ତି। ସନ୍ଧ୍ୟା ସମୟରେ ନଦୀ ଓ ପୁଷ୍କରିଣୀରେ ସ୍ନାନ ସାରି ବାଲୁକାରେ ଶକ୍ତି ସହିତ ଶିବଲିଙ୍ଗ ପ୍ରତିଷ୍ଠା କରି ଉମା ମହେଶ୍ୱରଙ୍କୁ ପୂଜା କରି ସେମାନଙ୍କ ମନସ୍କାମନା ଜଣାଇଥାନ୍ତି।

■ ଗ୍ଲୋରୀଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବ ପ୍ରସ୍ତୁତି ବୈଠକ

# ଯୋଗଦେବେ ୧ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

ପୁରୀ ଅଫିସ, ୧।୯:

ପୁରୀରର ଅଗ୍ରଣୀ ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଚଳିତ ବର୍ଷ ଗ୍ଲୋରିଫେଷ୍ଟ-୨୦୨୦ ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। ଜାନୁୟାରୀ ୬ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ସପ୍ତ ଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯିବ। ଏଥିରେ ଭାରତ ବର୍ଷର ବିଭିନ୍ନ ରାଜ୍ୟର ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରୁ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ବକ୍ତୃତା, କୁଇଜ୍, ସଙ୍ଗୀତ, ବାଦ୍ୟଯନ୍ତ୍ର, ଅନ୍ତାକ୍ଷରୀ, ଓଡ଼ିଶୀ, ଶାସ୍ତ୍ରୀୟ, ଲୋକ ନୃତ୍ୟ, ମୂକ ଓ ହାସ୍ୟ ଅଭିନୟ ଆଦି ୨୦ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ଶେଷ ରଜନୀରେ ଗ୍ଲୋରିଫେଷ୍ଟର ମୁଖ୍ୟ ଆକର୍ଷଣ ଗ୍ଲୋରୀ କୁଇନ୍ ବଛାଯିବ। ରୌପ୍ୟ ଜୟନ୍ତୀର ଉଦ୍‌ଘାଟନୀ ଉତ୍ସବ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ସିଂହଦ୍ୱାର ନିକଟରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଶେଷ ତିନି ଦିନ ଉଦ୍‌ଯାପନୀ ସନ୍ଧ୍ୟା ବେଳାଭୂମିରେ ଆୟୋଜନ ଲାଗି ସ୍ଥିର କରାଯାଇଛି ବୋଲି ଜାତୀୟ ଯୁବ ସମନ୍ୱିତ କେନ୍ଦ୍ରର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି କହିଛନ୍ତି।

ରବିବାର ପୁରୁଣା ଜେଲ ରୋଡ ସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପରିଚାଳନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ କ୍ୟାପଟେନ ପ୍ରଭାକର ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଳ୍ପପତି ତିରୁପତି ପାଣିଗ୍ରାହୀ, ସଙ୍ଗଠନ ସମ୍ପାଦକ ନବକିଶୋର ପ୍ରଧାନ, ଶିକ୍ଷାବିତ୍ ଭଗବାନ ଜୟସିଂ, ଭାଷାବିତ୍ ଶଙ୍କର ପରିଡା, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ, ବରିଷ୍ଠ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ବୁଦ୍ଧିଜୀବୀ ଏ.ଏଲ.ନାଇଡୁ, ସାମାଜିକ କର୍ମୀ ଗୀତାଞ୍ଜଳୀ ପଣ୍ଡା, ସଂସ୍କୃତି ଗବେଷକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଦାମୋଦର ଶତପଥୀ, ବିଦ୍ରୋହ କେଶରୀ ସିଂ, ସଂଗ୍ରାମ କେଶରୀ କାନୁନଗୋ, ହରେକୃଷ୍ଣ ସ୍ୱାଇଁ, ଦେବେନ୍ଦ୍ର ମହାପାତ୍ର, ନାରାୟଣ ପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।




ଅତିଥିମାନେ ଅନୁଷ୍ଠାନର ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି।



ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ରବିବାର ଅନୁଷ୍ଠିତ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶିଳ୍ପୀମାନେ ଚିତ୍ର ଅଙ୍କନ କରୁଛନ୍ତି।

### ବାତ୍ୟା କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ସହାୟତା ପ୍ରଦାନ

## ୧୩୬୯ ଜଣଙ୍କୁ ମିଳିଲା, ଆହୁରି ପାଇବେ ୨୦୦୦

ପୁରୀ ଅଫିସ, ୧।୯:

ବାତ୍ୟାରେ କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ମିଳିଛି ସହାୟତା। ଶନିବାର ଟାଉନ ହଲ୍ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୩୬୯ ଜଣଙ୍କୁ ଏହି ସହାୟତା ରାଶି ମିଳିଥିବାବେଳେ ଆହୁରି ୨୦୦୦ରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଉଠାଦୋକାନୀ ସହାୟତା ପାଇବେ। ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍‌ଲାଇନ ବିଲ୍ଡିଂ ପ୍ଲାନ ମଞ୍ଜୁର, ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ, ପ୍ରତି ୱାର୍ଡରେ ୱାର୍ଡ କାର୍ଯ୍ୟାଳୟର ଉଦ୍‌ଘାଟନ କରିବା ସହ କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ସହାୟତା ରାଶି ପାଇଥିବା ୧୩୬୯ ଉଠାଦୋକାନୀଙ୍କ ମଧ୍ୟରୁ ୯୪୩ ଜଣ ବଡ଼ଦାଣ୍ଡରେ ବ୍ୟବସାୟ କରିଆସୁଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପିନାକୀ ମିଶ୍ର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ବଳଵନ୍ତ ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପୌରସଂସ୍ଥା ଦ୍ୱାରା ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ନବକଳେବର ରୋଡସ୍ଥିତ ଆଖଣ୍ଡଳମଣି ପାର୍କକୁ ପୁରୀବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ଏଥିସହ ପୌରସଂସ୍ଥା ଦ୍ୱାରା ଏକ୍ସପ୍ରେସ୍ ସଫେଇ ସେବାର ଶୁଭାରମ୍ଭ ହୋଇଛି।

# ମେଡିକାଲ ଡ୍ରେନେଜ କାମ ଅନୁଧ୍ୟାନ କଲେ ବିଧାୟକ

ସାକ୍ଷୀଗୋପାଳ, ୧।୯(ଡି.ଏନ୍.ଏ.)

ସାକ୍ଷୀଗୋପାଳ ମେଡିକାଲରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ଚାଲିଥିବା ଡ୍ରେନେଜ କାମ ରବିବାର ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଅନୁଧ୍ୟାନ କରିଛନ୍ତି। ଡାକ୍ତରଖାନାରୁ କାଞ୍ଜିଆ ଖଲାସୀ ନାଳ ପର୍ଯ୍ୟନ୍ତ ଭୂତଳ ଡ୍ରେନେଜ ସିମେଣ୍ଟ କଂକ୍ରିଟ ହୋମପାଇପ ପକାଯାଇ ସଂଯୋଗ କରାଯାଉଛି। ଡାକ୍ତରଖାନାରୁ ଯେପରି ଉଦ୍‌ବୃତ୍ତ ଜଳ ନିଷ୍କାସନ ସୁଗମ ହେବ ଏବଂ ଆବଶ୍ୟକତା ଅନୁଯାୟୀ ଏହାର ମରାମତି କରାଯାଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଓକିଲ ମହାପାତ୍ରଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ବିଧାୟକଙ୍କ ସହିତ ସତ୍ୟବାଦୀ ବ୍ଲକ ଉପାଧ୍ୟକ୍ଷ ବିକ୍ରମ କୁମାର ଜେନା ସାମିଲ ହୋଇଥିଲେ। ସୂଚନା ଯୋଗ୍ୟ ଯେ, ରାଜପଥ ସଂପ୍ରସାରଣ ପରେ ଗତ ୫ ବର୍ଷ ହେଲା ସାମାନ୍ୟ ବର୍ଷାହେଲେ ବର୍ଷାପାଣି ସହିତ ଆବର୍ଜନାରେ ମେଡିକାଲ ପରିସର ଭରପୁର ହୋଇଯାଉଛି। ଫଳରେ ରୋଗୀ ଓ କର୍ମଚାରୀ ମାନେ ହୀନସ୍ତା ହେଉଛନ୍ତି। ୱାର୍ଡ ଭିତରେ ପାଣି ପଶିଯିବାରୁ ଖଟିଆ ଉପରେ ରୋଗୀମାନେ ବସିବାକୁ ବାଧ୍ୟ ହେଉଥିଲେ।



ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଡ୍ରେନେଜ କାର୍ଯ୍ୟ ତଦାରଖ କରୁଛନ୍ତି।

# ଲୋଟସ ରିସର୍ଟ ପକ୍ଷରୁ ଗଣପତି ଟ୍ରି ବଣ୍ଟନ

କୋଣାର୍କ, ୧।୯(ଡି.ଏନ୍.ଏ.):

ରାମଚଣ୍ଡିସ୍ଥିତ ଲୋଟସ ରିସର୍ଟ ପକ୍ଷରୁ ସଚେତନତାର ବାର୍ତ୍ତା ଓ ପରିବେଶ ଉପଯୋଗୀ ପାଇଁ ରଙ୍ଗବିହିନ ମାଟି ଗଣେଶ ମୂର୍ତ୍ତି (ଗଣପତି ଟ୍ରି)ର ଏକ ପ୍ୟାକେଟ ମନ୍ତ୍ରୀ ଇଂ. ତୁଷାରକାନ୍ତି ବେହେରାଙ୍କୁ ପ୍ରଦାନ କରାଯାଇଛି। ଏହା ପରେ ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, କୋଣାର୍କ ସାମ୍ବାଦିକ ସଂଘ,ଧର୍ମରେଖା ଫାଉଣ୍ଡେଶନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଏହି ମୂର୍ତ୍ତିର ପ୍ୟାକେଟକୁ ବଣ୍ଟନ କରାଯିବା ସହ ଏହାର ବ୍ୟବହାର ସମ୍ପର୍କରେ ଅବଗତ କରାଇଥିଲେ। ଏହି ଗଣେଶ ମୂର୍ତ୍ତି କେବଳ ମାଟିରେ ପ୍ରସ୍ତୁତ। ଏଥିରେ କୌଣସି ରାସାୟନିକ ରଙ୍ଗର ପ୍ରଲେପ କରାଯାଇନାହିଁ। ଏହି ଗଣେଶ ମୂର୍ତ୍ତିକୁ ପୂଜା କରି ସାରିବା ପରେ ବିସର୍ଜନ ନ କରି ଫୁଲକୁଣ୍ଡ ଉପରେ ରଖି ପ୍ରତିଦିନ ଥରେ ଆବଶ୍ୟକ ଅନୁଯାୟୀ ପାଣି ଦେବା ପରେ ଏହି ମୂର୍ତ୍ତି ମିଳାଇଯାଇ କୁଣ୍ଡରେ ରହିବ। ପ୍ରାୟ ୬ଦିନ ପରେ ଏହି ଫୁଲକୁଣ୍ଡରେ ଏକ ବୃକ୍ଷ ବାହାରିବ। ବିନା ସୂର୍ଯ୍ୟାଲୋକରେ ଏହି ବୃକ୍ଷକୁ ଘରେ ସଜାଇ ରଖିପାରିବେ। ଏହି ମୂର୍ତ୍ତିରୁ ବାହାରିଥିବା ବୃକ୍ଷ ବାୟୁ ପ୍ରଦୂଷଣ, ଜଳପ୍ରଦୂଷଣକୁ ରୋକିବା ସହ ପରିବେଶକୁ ସନ୍ତୁଳନ କରିବାରେ ସହାୟକ ହେବା ସହିତ ସବୁଜ ବଳୟ ସୃଷ୍ଟି କରିପାରିବ ବୋଲି ଲୋଟସ ରିସର୍ଟର ପରିଚାଳକ ଭାରତ ଭୂଷଣ ବିଶ୍ୱାଳ କହିଛନ୍ତି। ଲୋଟସର ସୁନୀଲ ପ୍ରାଣିଗ୍ରାହୀ, ପ୍ରଭୁଦତ୍ତ ଦାଶ ଓ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ମନ୍ତ୍ରୀଙ୍କୁ ଗଣପତି ଟ୍ରି ପ୍ରଦାନ କରାଯାଉଛି।

# ପିଣ୍ଡିକୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର

ପୁରୀ ଅଫିସ, ୧।୯:

ମେଘନାଦ ପାଚେରିକୁ ଲାଗି ରହିଥିବା ନିର୍ମାଣକୁ ଉଚ୍ଛେଦ କରିବା ବେଳେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ନେଇ ଅଡୁଆରେ ପଡିଥିଲା ଜିଲା ପ୍ରଶାସନ। ସୂଚନା କେନ୍ଦ୍ର ଛାତ ଉପରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଥିବାବେଳେ ଏହାକୁ ସ୍ଥାନାନ୍ତର ଲାଗି ଯୋଜନା କରିଥିଲା ଜିଲା ପ୍ରଶାସନ। ହେଲେ ସ୍ଥାନାନ୍ତରକୁ ବିରୋଧ କରିଥିଲେ ଗୋପବନ୍ଧୁପ୍ରେମୀ। ସେହିଠାରେ ସ୍ଥାପନ ଲାଗି ଦାବି କରିଥିଲେ। ଫଳରେ ସିଂହଦ୍ୱାର ନିକଟ ବଡ଼ଛତା ମଠ ଏବଂ ରାମଦୟା ପରିଷଦ ମଝିରେ ଅସ୍ଥାୟୀ ପିଣ୍ଡିରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଶ୍ରୀମନ୍ଦିରର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ କାମ ଶେଷ ପରେ ମନ୍ଦିର ନିକଟରେ ସ୍ଥାୟୀ ଭାବେ ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ, ରବିବାର ବଡ଼ଛତା ମଠ ଏବଂ ରାମଦୟା ପରିଷଦ ମଝିରେ ତିଆରି ପିଣ୍ଡିକୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରାଯାଇଛି। ଏହି ସ୍ଥାନାନ୍ତର ସମୟରେ ଜିଲାପାଳ ବଳଵନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



ଅସ୍ଥାୟୀ ପିଣ୍ଡିରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି।

# ଅନନ୍ୟା କଳା ମନ୍ଦିରର ବାର୍ଷିକ ଉତ୍ସବ ଘୁଙ୍ଗୁର

ପୁରୀ ଅଫିସ, ୧।୯ :

ଅନନ୍ୟା କଳା ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ସାସ୍କୃତିକ କାର୍ଯ୍ୟକ୍ରମ ଘୁଙ୍ଗୁର ରବିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କଳା ଓ ସଂସ୍କୃତିର ବିକାଶରେ କଳାକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତିକାର ବଦ୍ରି ମିଶ୍ର, ବରିଷ୍ଠ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି, ସନ୍ଥ ଶ୍ରୀନିବାସ ଦାସ ଜୀ ମହାରାଜ, ସନ୍ଥ ଦୟାରାମ ଜୀ ମହାରାଜ, ସନ୍ଥ ରାମହରି ଦାସ, ସନ୍ଥ ଚିନ୍ମୟ ଦାସ ଜୀ ମହାରାଜ, ସନ୍ଥ ପ୍ରେମାନନ୍ଦ ଦାସ ଜୀ ମହାରାଜ, ପ୍ରଦୀପ କୁମାର ସିଂଘଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ନାରାୟଣ ପାଣ୍ଡେ, ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ରୂପଲତା ମହାନ୍ତି, ଖବରଦାତା ପ୍ରଭାତ ପାଣିଗ୍ରାହୀଙ୍କୁ ଘୁଙ୍ଗୁର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ସନ୍ତୋଷ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ, ସମ୍ବଲପୁରୀ ଆଦି ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିଭୋର କରିଥିଲେ। ଉପଦେଷ୍ଟା କାଞ୍ଚନ ଶୁକ୍ଳା, ଓଡ଼ିଶୀ ନୃତ୍ୟଶିଳ୍ପୀ ଯଶୋବନ୍ତ ଜେନା, ସପନ ତରାଇ, ଅଭିମନ୍ୟୁ ପାଇକରାୟ, କୈଳାସ ଚନ୍ଦ୍ର ନାୟକ, ସୁମିତ୍ରା ପ୍ରଧାନ, କ୍ଷୀରୋଦ ଚନ୍ଦ୍ର ତରାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

■ ହଜି ଯାଉଛି ଶୈଶବ

# ବହିବସ୍ତାନି କାନ୍ଧରେ ପରିବାର ବୋଝ

ପୁରୀ ଅଫିସ, ୧।୯:

ଶିଶୁ ଦେଶର ଭବିଷ୍ୟତ। ଶିଶୁ ହସିଲେ ଦେଶ ହସିବ। ହେଲେ ଏବେ ଶିଶୁଙ୍କ କାନ୍ଧରେ ବହିବସ୍ତାନି ବଦଳରେ ପରିବାର ବୋଝ ଲଦି ହୋଇଯାଉଛି। ଫଳରେ ହଜିଯାଉଛି ତାଙ୍କର ହସ, ଲିଭିଯାଉଛି ଆଶା ଓ ଆକାଂକ୍ଷା। ସ୍ୱପ୍ନ ସବୁ ମଉଳି ଯାଉଛି। ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି ସେମାନଙ୍କ ଭବିଷ୍ୟତ। ସେହିପରି ଶିଶୁମାନଙ୍କ ସୁରକ୍ଷା ମଧ୍ୟ ବଡ ପ୍ରସଙ୍ଗ ପାଲଟିଛି। ନିୟମକାନୁନ ଥିଲେ ବି ପୋଲିସ ଓ ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ।

ପୁରୀ ଜିଲାରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶିଶୁ ଚାଲାଣ, ଶିଶୁ ଶ୍ରମିକ ରୋକିବା ଲାଗି ବିଭିନ୍ନ ଆଇନ କାର୍ଯ୍ୟକାରୀ କରାଯାଇଛି। ମାତ୍ର ଏସବୁ କେବଳ କାଗଜପତ୍ରରେ ସୀମିତ ରହିଛି। ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ଲଜ, ନିର୍ମାଣାଧୀନ କୋଠାବାଡ଼ି ଆଦି କାର୍ଯ୍ୟରେ ଶିଶୁମାନେ ଶ୍ରମିକ ଭାବେ ବିପଦସଙ୍କୁଳ ପରିସ୍ଥିତିରେ କାମ କରୁଛନ୍ତି। ଜିଲା ଶ୍ରମ ବିଭାଗ କାଁ ଭାଁ ଚଢାଉ କରି ଚୁପ୍ ବସିପଡୁଛି। ପୁରୀ ଏକ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। ମହାପ୍ରଭୁଙ୍କ ଦର୍ଶନ ସହ ବେଳାଭୂମିର ମଜା ନେବା ଲାଗି ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ତେଣୁ ବହୁ ଶିଶୁ ନିଜ ପେଟପାଟଣା ଲାଗି ପୁରୀକୁ ଚାଲିଆସୁଛନ୍ତି। ଏଠାରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଶିଶୁ ଶ୍ରମିକ ଥିବା ଜଣାପଡ଼ିଛି। ଅନେକ ଶିଶୁ ପୁରୀ ବେଳାଭୂମିରେ ସକାଳ ୭ଟାରୁ ରାତି ୮ଟା ପର୍ଯ୍ୟନ୍ତ ମାଳି, ଶଙ୍ଖ, ଟେରାକୋଟା, ଶାମୁକା ଆଦି ବିକ୍ରି କରୁଥିବା ଦେଖିବାକୁ ମିଳେ। ଏତଦ୍‌ବ୍ୟତୀତ ପୁରୀ ସହର ଓ ଆଖପାଖ ଅଞ୍ଚଳର ଇଟାଭାଟି, ହୋଟେଲ, ଗ୍ୟାରେଜ ଏବଂ ରେଷ୍ଟୁରାଣ୍ଟରେ ବହୁ ଶିଶୁ କାମ କରୁଛନ୍ତି। ସେହିପରି କେତେଜଣ ବାଂଲାଦେଶୀ ପିଲା ପରିବାର ବୋଝ ଯୋଗୁ ଭିକ୍ଷାବୃତ୍ତି କରୁଥିବା ମଧ୍ୟ ନଜରକୁ ଆସିଛି।

ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ସୁବ୍ରତ ଜେନା କହିଛନ୍ତି, ନିୟମିତ ବ୍ୟବଧାନରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ଗତ ବର୍ଷ ୪୩ ଏବଂ ଚଳିତ ବର୍ଷ ୪୫ରୁ ଊର୍ଦ୍ଧ୍ୱ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। କେଉଁଠି ଶିଶୁ ଶ୍ରମିକ କାମ କରୁଥିବା ଅଭିଯୋଗ ଆସିଲେ ସମ୍ପୃକ୍ତ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଜିଲା ଶିଶୁ ଅଧିକାରୀ ମନୋଜ କୁମାର ତ୍ରିପାଠୀ କହିଛନ୍ତି, ଶିଶୁ ଶ୍ରମିକ ରୋକିବା ଲାଗି ଏକ ଟାସ୍କଫୋର୍ସ ଗଠନ ହୋଇଛି। ଜିଲା ଶ୍ରମ ବିଭାଗ ଶିଶୁ ଚାଲାଣ ରୋକିବା ସହ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥାନ୍ତି। ଚାଇଲ୍ଡଲାଇନ ପକ୍ଷରୁ ସେମାନଙ୍କୁ କାଉନସେଲିଂ କରାଯିବା ସହ ସେମାନଙ୍କ ମା', ବାପାଙ୍କ ସହିତ ଆଲୋଚନା କରାଯାଇ ଥଇଥାନ ବ୍ୟବସ୍ଥା କରାଯାଇଥାଏ। ଶିଶୁ ସୁରକ୍ଷା ନେଇ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଜିଲାର ୧୧ଟି ବ୍ଲକ ସମେତ ପଞ୍ଚାୟତସ୍ତରରେ ଶିଶୁ ସୁରକ୍ଷା କମିଟି ଗଠନ କରାଯାଇଛି। ବ୍ଲକ ଅଧ୍ୟକ୍ଷ, ବିଡିଓ, ବିଇଓ, ସିଡିପିଓ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରମୁଖ ବ୍ଲକସ୍ତରୀୟ କମିଟିର ସଦସ୍ୟ ରହିଛନ୍ତି।